
RNI REGD NO: 42041/83
www.sakalaepaper.com
/sakalanews
/sakalanews
www.thesakala.in

# ସକାଳ
THE SAKALA
PRINTED AT BHUBANESWAR ■ JEYPORE ■ SAMBALPUR ■ PANIKOILI

♦VOLUME- 43 ♦ISSUE-220 ♦THURSDAY ♦5 FEBRUARY 2026 ♦PAGE-12 ♦₹ 7.00 | SAMBALPUR | ♦ବର୍ଷ-୪୩ ♦ସଂଖ୍ୟା-୨୨୦ ♦ଗୁରୁବାର ♦୫ ଫେବୃଆରୀ ୨୦୨୬ ♦ପୃଷ୍ଠା-୧୨ ♦ଟ.୭.୦୦

ଅଜୟଙ୍କୁ ଟକ୍କର ଦେବେ ଅକ୍ଷୟ

▶ପୃଷ୍ଠା ୨ ଦେଖନ୍ତୁ...

## ମୋବାଇଲ୍ ଗେମ୍ ନିଶା; ୯ ମହଲାରୁ ଡେଇଁଲେ ୩ ଭଉଣୀ

### ସୁସାଇଡ୍ ନୋଟ୍‌ରେ ଲେଖିଲେ 'ସରି ମମି-ପାପା; ଗେମ୍ ଛାଡ଼ିପାରିବୁ ନାହିଁ'

■ ଗାଜିଆବାଦ୍, ୪।୨ (ଏଜେନ୍ସି): ଉତ୍ତରପ୍ରଦେଶର ଗାଜିଆବାଦ୍‌ରେ ଏକ ଚକିତ କଲା ଭଳି ଘଟଣା ସାମ୍ନାକୁ ଆସିଛି । ମୋବାଇଲ ଗେମ୍ ନିଶା କେତେ ଯେ ଭୟଙ୍କର ହୋଇପାରେ ତାହାର ପ୍ରମାଣ ମିଳିଛି । ମୋବାଇଲ ଗେମ ନଖେଳିବା ଲାଗି ବାପା ତାଗିଦ୍ କରିବାରୁ ତିନି ଭଉଣୀ ୯ମ ମହଲାରୁ ଡେଇଁ ଆତ୍ମହତ୍ୟା କରିଛନ୍ତି । 'ସରି ମମି-ପାପା, ଗେମ୍ ଛାଡ଼ିପାରିବୁ ନାହିଁ' ବୋଲି ସୁଇସାଇଡ୍ ନୋଟ୍ ଛାଡ଼ିଯାଇଛନ୍ତି । ଏହି ଘଟଣା ସମଗ୍ର ଅଞ୍ଚଳକୁ ସ୍ତବ୍ଧ କରିଦେଇଛି । ପୁଲିସ ସୂଚନା ଅନୁଯାୟୀ, ଗତକାଲି ବିଳମ୍ବିତ ରାତି ପ୍ରାୟ ୨ଟାରେ ୩ ଭଉଣୀ କବାଟ ଭିତରୁ ବନ୍ଦ କରି ଏକ ଷ୍ଟୁଲ ସାହାଯ୍ୟରେ ଜଣକ ପରେ ଜଣେ ବାଲକୋନୀରୁ ୮୦ ଫୁଟ୍ ତଳକୁ ଡେଇଁ ପଡ଼ିଥିଲେ । ଏହି ଘଟଣା 'ଭାରତ ସିଟି' ବି-୧ ଟାୱାର ଫ୍ଲାଟ ନଂ ୯୦୭ରେ ଘଟିଛି । ଏମାନଙ୍କ ପିତାଙ୍କ କହିବା



ଅନୁଯାୟୀ, ୩ ଝିଅଙ୍କୁ ଏକ 'ଟାସ୍କ-ବେସଡ୍ କୋରିଆନ ଲଭ୍ ଗେମ୍'ର ପ୍ରବଳ ନିଶା ଥିଲା । ସେମାନେ ସବୁବେଳେ ଏକାଠି ରହୁଥିଲେ, ଏକାଠି ▶ପୃଷ୍ଠା-୭

## ସୌର ଝଡ଼ ଭାରତକୁ ବିପଦରେ ପକାଇଛି

### ପ୍ରବଳ ରେଡିଓ ବ୍ଲାକ୍ ଆଉଟ୍ ନେଇ ଇସ୍ରୋର ଚେତାବନୀ



■ ନୂଆଦିଲ୍ଲୀ, ୪।୨ (ଏଜେନ୍ସି): ସୂର୍ଯ୍ୟ ଏବେ ତାହର ସବୁଠାରୁ ସକ୍ରିୟ ପର୍ଯ୍ୟାୟ ଦେଇ ଗତି କରୁଛି । ନିକଟରେ ସୂର୍ଯ୍ୟ ପୃଷ୍ଠରେ ଅନେକ ବଡ଼ ବିସ୍ଫୋରଣ ଘଟିଛି । ଫଳରେ ମାତ୍ର ଗୋଟିଏ ଦିନରେ ୨୭ଟି ସୌର ଝଡ଼ ହୋଇଛି । ଏହି ଝଡ଼ଗୁଡିକ ମଧ୍ୟରୁ କେତକ ଅତ୍ୟନ୍ତ ଶକ୍ତିଶାଳୀ ଏକ୍ସ କ୍ଲାସ (ସବୁଠାରୁ ଭୟଙ୍କର ଶ୍ରେଣୀ)ର ଅଟନ୍ତି । ଏହି ଝଡ଼କୁ ନେଇ ରେଡ଼ିଓ ବ୍ଲାକ ଆଉଟ ହେବା ନେଇ ଇସ୍ରୋ ଚେତାବନୀ ଦେଇଛି । ଏହାଫଳରେ ପୃଥିବୀ ବାୟୁମଣ୍ଡଳରେ ଚୁମ୍ବକୀୟ ବିକିରଣ ବୃଦ୍ଧି ପାଇବ ଓ ଏହାଦ୍ୱାରା ବହୁ ସମସ୍ୟା ସୃଷ୍ଟି ହେବ । ଜିପିଏସ୍ ଓ ନେଭିଗେସନ୍ ସିଗନାଲରେ ବାଧା ସୃଷ୍ଟି ହୋଇପାରେ । ଫଳରେ ଗୁଗଲ ମ୍ୟାପ୍ ଓ ଅନ୍ୟାନ୍ୟ ନେଭିଗେସନ ସେବା ଭୁଲ ତଥ୍ୟ ଦେବାର ଆଶଙ୍କା ସୃଷ୍ଟି ହୋଇଛି । ମହାକାଶରେ ଥିବା ଉପଗ୍ରହଗୁଡ଼ିକର ସେନ୍ସର ଖରାପ ହୋଇପାରେ । ଯାହା ଫଳରେ ଟେଲିଭିଜନ ଓ ଇଣ୍ଟରନେଟ ଯୋଗାଯୋଗରେ ସମସ୍ୟା ସୃଷ୍ଟି ହୋଇପାରେ । ବିମାନ ଚଳାଚଳରେ ମଧ୍ୟ ସମସ୍ୟା ଦେଖାଦେବ । ସୌର ଝଡ଼ ସମୟରେ ବିମାନଗୁଡିକର ରେଡ଼ିଓ ଯୋଗାଯୋଗ ▶ପୃଷ୍ଠା-୭

### ମହାନଦୀ ଜଳ ବିବାଦ: ଫଳପ୍ରଦ ହେଉନାହିଁ ଛତିଶଗଡ଼ ସହ ଆପୋସ ଆଲୋଚନା !

# କେନ୍ଦ୍ରର ମଧ୍ୟସ୍ଥତା ଲୋଡ଼ିଲେ ରାଜ୍ୟ ସରକାର

■ ଭୁବନେଶ୍ୱର, ୪।୨ (ସମିସ): ରାଜ୍ୟରେ ବିଜେପି ସରକାର ପ୍ରଥମ ଦିନରୁ ମହାନଦୀ ଜଳ ବିବାଦ ମାମଲାର ଆପୋଷ ସମାଧାନ ଉପରେ ଗୁରୁତ୍ୱାରୋପ କରି ଆସୁଛନ୍ତି । ଏ ଦିଗରେ ଦୁଇ ରାଜ୍ୟ ମଧ୍ୟରେ ଆଲୋଚନା ଆଗକୁ ବଢୁଥିବା ବେଳେ ଏଯାଏଁ ସେପରି କୌଣସି ଆଖିଦୃଶିଆ ଅଗ୍ରଗତି ହୋଇ ପାରିନାହିଁ । ଏପରିସ୍ଥଳେ କେନ୍ଦ୍ର ସରକାରଙ୍କର ମଧ୍ୟସ୍ଥତା ଲୋଡ଼ିଛନ୍ତି ସରକାର । ଟ୍ରିବ୍ୟୁନାଲରେ ଏହି ବିଷୟରେ ଚୂଡ଼ାନ୍ତ ହେବା ପୂର୍ବରୁ ଗୋଟିଏ ଟେବୁଲରେ ବସି କିପରି ମାମଲାର ପୂର୍ଣ୍ଣଛେଦ ଟଣାଯିବ, ସେ ନେଇ ଚେଷ୍ଟା କରିବୁ ବୋଲି ରାଜସ୍ୱ ମନ୍ତ୍ରୀ ତଥା ମହାନଦୀ ଜଳ ବିବାଦ ମାମଲାରେ ଗଠିତ ଉଚ୍ଚସ୍ତରୀୟ କମିଟିର ସଦସ୍ୟ ସୁରେଶ ପୂଜାରୀ କହିଛନ୍ତି ।

ଅନ୍ୟପଟେ ମନ୍ତ୍ରୀଙ୍କ ଏହି ବକ୍ତବ୍ୟ ପରେ ବାହାନାବାଜି ନ କରି ଟ୍ରିପଲ୍



ଇଞ୍ଜିନ ସରକାର ତୁରନ୍ତ ମହାନଦୀରେ ଜଳପ୍ରବାହ ସୁନିଶ୍ଚିତ କରନ୍ତୁ ବୋଲି ବିଜେଡି ଆହ୍ୱାନ ଦେଇଛି । ଗଣମାଧ୍ୟମ ପ୍ରତିନିଧିଙ୍କୁ ପ୍ରତିକ୍ରିୟା ଦେଇ ମନ୍ତ୍ରୀ ଶ୍ରୀ ପୂଜାରୀ କହିଛନ୍ତି ଯେ ମହାନଦୀ ଜଳ ବିବାଦ ମାମଲାରେ ଗଠିତ ଟ୍ରିବ୍ୟୁନାଲର କାର୍ଯ୍ୟକାଳ ସର୍ବନିମ୍ନ ୯ ମାସ ବୃଦ୍ଧି ପାଇଁ ଆମେ କେନ୍ଦ୍ର ସରକାରଙ୍କୁ ଚିଠି ଲେଖିଛୁ । ସଂସଦୀୟ ଗଣ୍ଡି ମଧ୍ୟରେ ଆମେ କଥାବାର୍ତ୍ତା କରୁଛୁ । ରାଜ୍ୟ ସରକାର ଗଠନ କରିଥିବା ଉଚ୍ଚସ୍ତରୀୟ କମିଟିର ଅଧ୍ୟକ୍ଷ କନକବର୍ଦ୍ଧନ ସିଂହଦେଓ ଇତିମଧ୍ୟରେ ଛତିଶଗଡ଼ ମୁଖ୍ୟମନ୍ତ୍ରୀଙ୍କ ସହ ଆଲୋଚନା କରିଛନ୍ତି । କେନ୍ଦ୍ର ସରକାରଙ୍କ ସହ ଆମର କଥାବାର୍ତ୍ତା ହୋଇଛି । କେନ୍ଦ୍ର ସରକାର ଏଥିରେ ହସ୍ତକ୍ଷେପ କରିବାକୁ ଆମେ ଅନୁରୋଧ କରିଥିବା ସେ କହିଛନ୍ତି ।

ଅପରପକ୍ଷେ ରାଜ୍ୟ ସରକାରଙ୍କ ବିଳମ୍ବିତ ଆଭିମୁଖ୍ୟକୁ ନେଇ ପ୍ରଶ୍ନ କରିଛନ୍ତି ଜଳ ବିଶେଷଜ୍ଞ । ସେମାନଙ୍କ ଅନୁଯାୟୀ ରାଜ୍ୟରେ ବିଜେପି ସରକାର ଗଠନ ହେବା ପରେ ଆପୋଷ ଆଲୋଚନାରେ ଜଳ ବିବାଦର ସମାଧାନ ହୋଇଯିବ ବୋଲି ଦମ୍ଭୋକ୍ତି ଭରିଲେ । ମାତ୍ର ପ୍ରାରମ୍ଭରୁ କେନ୍ଦ୍ର ସରକାର ଏଥିରେ ହସ୍ତକ୍ଷେପ କରନ୍ତୁ ଏବଂ ଏଥିପାଇଁ ରାଜ୍ୟ ସରକାର ଦାବି କରନ୍ତୁ ବୋଲି ସରକାରଙ୍କୁ ପରାମର୍ଶ ଦିଆଯାଇଥିଲା । ଇତିମଧ୍ୟରେ ୨

**ଟ୍ରିବ୍ୟୁନାଲଙ୍କ ଅବଧି ସର୍ବନିମ୍ନ ୯ ମାସ ବୃଦ୍ଧି କରିବାକୁ କେନ୍ଦ୍ରକୁ ଚିଠି**

**ବାହାନାବାଜି ନ କରି ତୁରନ୍ତ ମହାନଦୀରେ ଜଳପ୍ରବାହ ସୁନିଶ୍ଚିତ କରନ୍ତୁ ଟ୍ରିପଲ୍ ଇଞ୍ଜିନ ସରକାର: ବିଜେଡି**

ବର୍ଷ ଅତିକ୍ରାନ୍ତ କରିବାକୁ ବସିଲାଣି । ଆରମ୍ଭରୁ ରାଜ୍ୟ ସରକାରଙ୍କୁ ଏହି ନିର୍ଣ୍ଣୟ ନେବାର ଥିଲା । ତେବେ ବିଳମ୍ବରେ ହେଲେ ମଧ୍ୟ ସରକାରଙ୍କ ନିଷ୍ପତ୍ତି ସ୍ୱାଗତଯୋଗ ବୋଲି ମହାନଦୀ ବଞ୍ଚାଅ, ଜୀବିକା ବଞ୍ଚାଅ ଆନ୍ଦୋଳନର ଆବାହକ ସୁଦର୍ଶନ ଛୋଟରାୟ କହିଛନ୍ତି । ସେହିପରି ବିଜେଡିର ବରିଷ୍ଠ ବିଧାୟକ ଧ୍ରୁବଚରଣ ସାହୁ କହିଛନ୍ତି ଯେ ଟ୍ରିପଲ ଇଞ୍ଜିନ ସରକାର ଲୋକଙ୍କୁ ଭୂଆଁ ବୁଲାଉଛି । ରାଜ୍ୟ ସରକାର ଆପୋଷ ସମାଧାନ ନେଇ ବାହାନାବାଜି କରୁଛନ୍ତି । କେନ୍ଦ୍ର ସରକାର ଚାହିଁଲେ ଛତିଶଗଡ଼ କଥା ମାନିବ । ତେଣୁ ମହାନଦୀରେ କିପରି ସ୍ୱାଭାବିକ ଭାବେ ଜଳପ୍ରବାହ ହେବ, ସେନେଇ ତୁରନ୍ତ ପଦକ୍ଷେପ ନିଆଯାଉ ବୋଲି ସେ ଦାବି କରିଛନ୍ତି ।

ଅପରପକ୍ଷେ ତଥ୍ୟାଭିଜ୍ଞ ମହଲର ଆଶଙ୍କା ଅନୁଯାୟୀ, ଦୁଇ ▶ପୃଷ୍ଠା-୭

### ମଣିପୁରରୁ ହଟିଲା ରାଷ୍ଟ୍ରପତି ଶାସନ

## ମୁଖ୍ୟମନ୍ତ୍ରୀ ଭାବେ ଶପଥ ନେଲେ ଖେମଚନ୍ଦ

■ ଇମ୍ଫାଲ, ୪।୨ (ଏଜେନ୍ସି): ମଣିପୁରରେ ପୁଣିଥରେ ବିଜେପି ସରକାର ଗଠନ ହୋଇଛି । ୱାଇ ଖେମଚନ୍ଦ ସିଂହ ରାଜ୍ୟର ୧୩ତମ ମୁଖ୍ୟମନ୍ତ୍ରୀ ହୋଇଛନ୍ତି । ବୁଧବାର ସନ୍ଧ୍ୟାରେ ଲୋକଭବନରେ ରାଜ୍ୟପାଳ ଅଜୟ କୁମାର ଭଲ୍ଲା ତାଙ୍କୁ ଶପଥପାଠ କରାଇଛନ୍ତି । ମେଇତି ସମ୍ପ୍ରଦାୟର ଖେମଚାନ୍ଦ ପୂର୍ବତନ ମୁଖ୍ୟମନ୍ତ୍ରୀ ବିରେନ ସିଂହଙ୍କ ଘନିଷ୍ଠ ଭାବେ ଜଣାଶୁଣା । ସେହିପରି ଦୁଇ ଜଣଙ୍କୁ ଉପମୁଖ୍ୟମନ୍ତ୍ରୀ କରାଯାଇଛି । ନାଗା ସମ୍ପ୍ରଦାୟର ଲୋସି ଦିଖୋ ଉପ-ମୁଖ୍ୟମନ୍ତ୍ରୀ ଭାବେ ଶପଥ ଗ୍ରହଣ କରିଛନ୍ତି । ସେ ନାଗା ପିପୁଲ୍ସ ଫ୍ରଣ୍ଟରୁ ବିଧାୟକ ଅଛନ୍ତି । ଏହା ବ୍ୟତୀତ କୁକି ସମ୍ପ୍ରଦାୟରୁ ବିଜେପି ନେତ୍ରୀ ନେମଚା କିପଗେନ ରାଜ୍ୟର ପ୍ରଥମ ମହିଳା ଉପ-ମୁଖ୍ୟମନ୍ତ୍ରୀ ହୋଇଛନ୍ତି । ସେ ଦିଲ୍ଲୀ ସ୍ଥିତ ମଣିପୁର ଭବନରୁ ଭିଡିଓ କନଫରେନ୍ସ ମାଧ୍ୟମରେ ଶପଥ ନେଇଥିଲେ । ଏହା ସହିତ ରାଜ୍ୟରୁ ତତ୍କାଳ ପ୍ରଭାବରେ ରାଷ୍ଟ୍ରପତି ଶାସନକୁ ହଟାଇ ଦିଆ ଯାଇଛି । ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ୩୫୬ ଦିନ ପରେ ଏହାକୁ ହଟାଇ ନେଇଛନ୍ତି । ସ୍ୱରାଷ୍ଟ୍ର ମନ୍ତ୍ରାଳୟ ପକ୍ଷରୁ ଏହି ସୂଚନା ଦିଆଯାଇଛି ।



ନାଗା ସମ୍ପ୍ରଦାୟର ଲୋସି, କୁକିରୁ ନେମଚା ଉପମୁଖ୍ୟମନ୍ତ୍ରୀ

ମଣିପୁରରେ ସଂରକ୍ଷଣକୁ ନେଇ ମେଇତି ଏବଂ କୁକି ସମ୍ପ୍ରଦାୟ ମଧ୍ୟରେ ହୋଇଥିବା ହିଂସା ଯୋଗୁଁ ଗତ ବର୍ଷ ଫେବୃଆରୀ ୯ରେ ବିରେନ ସିଂହ ମୁଖ୍ୟମନ୍ତ୍ରୀ ପଦରୁ ଇସ୍ତଫା ଦେଇଥିଲେ । ଏହାର ଚାରି ଦିନ ପରେ ଫେବୃଆରୀ ୧୩ରେ ରାଜ୍ୟରେ ରାଷ୍ଟ୍ରପତି ଲଗାଇ ଦିଆଯାଇଥିଲା । ଏହା ପୂର୍ବରୁ ମଙ୍ଗଳବାର ଦିଲ୍ଲୀରେ ବିଜେପି ବିଧାୟକ ଦଳର ବୈଠକ ବସିଥିଲା । ଏଥିରେ ୟୁମନାମ ଖେମଚାନ୍ଦଙ୍କୁ ବିଧାୟକ ଦଳ ନେତା ନିର୍ବାଚିତ କରାଯାଇଥିଲା । ବୁଧବାର ▶ପୃଷ୍ଠା-୭

### ସହପାଠିନୀକୁ ଗଣଦୁଷ୍କର୍ମ

## ୬ ନାବାଳକ ଗିରଫ

■ ବଲାଙ୍ଗିର/କଣ୍ଟାବାଞ୍ଜି, ୪।୨ (ସମିସ): ନାବାଳିକା ସହପାଠୀକୁ ଗଣଦୁଷ୍କର୍ମ କରିବା ସହ ଭିଡିଓ ଭାଇରାଲ କରିବା ଭଳି ଏକ ସ୍ପର୍ଶକାତର ଘଟଣାରେ ବଲାଙ୍ଗିର ଜିଲ୍ଲା ତୁରେକେଲା ଥାନା ପୁଲିସ ଆଜି ୬ ନାବାଳକଙ୍କୁ ଗିରଫ କରି ଜୁଭେନାଇଲ ଜଷ୍ଟିସ୍ ବୋର୍ଡରେ ହାଜର କରାଇଛି । ଗତକାଲି ପୁଲିସ ଏମାନଙ୍କୁ ହେପାଜତକୁ ନେଇ ପଚରାଉଚରା କରିଥିଲା । ସେମାନଙ୍କ ସଂପୃକ୍ତି ଥିବା ପ୍ରମାଣ ପାଇବା ପରେ ପୁଲିସ ଆଜି ଏହି କାର୍ଯ୍ୟାନୁଷ୍ଠାନ ନେଇଥିବା ଏସ୍‌ପି ଅଭିଳାଷ ଜି. ସୂଚନା ଦେଇଛନ୍ତି ।

**୪୦ ଦିନ ତଳେ ହୋଇଥିଲା ଗଣଦୁଷ୍କର୍ମ**

**ଧମକଚମକ ଦେଇ ପରିବାରଲୋକଙ୍କୁ ଚୁପ୍ କରାଇଥିଲେ**

ନାବାଳିକାକୁ ଗଣଦୁଷ୍କର୍ମର ଭିଡିଓ ଭାଇରାଲ ହେବା ପରେ ଗତକାଲି ଏହି ଘଟଣା ସାମ୍ନାକୁ ଆସିଥିଲା । ପୁଲିସ ନିଜ ଆଡ଼ୁ ତଦନ୍ତ ଆରମ୍ଭ କରିଥିଲା । ତଦନ୍ତରୁ ଜଣାଯାଇଛି ଯେ ୪୦ ଦିନ ତଳେ (ଡିସେମ୍ବର ୨୫) ଏହି ବର୍ବରକାଣ୍ଡ ଘଟିଥିଲା । ଟ୍ୟୁସନ୍‌ରୁ ଫେରିବା ବେଳେ ଅଭିଯୁକ୍ତ ନାବାଳକମାନେ ତାଙ୍କୁ ଗଣଦୁଷ୍କର୍ମ କରିବା ସହ ତାହାର ଏକ ଭିଡିଓ ଉତ୍ତୋଳନ କରିଥିଲେ । ଖାଲି ସେତିକି ନୁହେଁ, ଏ ସଂପର୍କରେ କାହାରିକୁ ▶ପୃଷ୍ଠା-୭

### ଦୁବେଙ୍କ ମନ୍ତବ୍ୟକୁ ନେଇ ବିସ୍ଫୋରକ ପରିସ୍ଥିତି

## ଲୋକସଭା ଅଚଳ; ପ୍ରଧାନମନ୍ତ୍ରୀଙ୍କ ଉତ୍ତର ବାତିଲ

■ ନୂଆଦିଲ୍ଲୀ, ୪।୨ (ଏଜେନ୍ସି): ତୃତୀୟ ଦିନ ଧରି ଅଚଳ ରହିଥିବା ଲୋକସଭାରେ ଆଜି ଅଭାବନୀୟ ପରିସ୍ଥିତି ଦେଖିବାକୁ ମିଳିଛି । ପୂର୍ବତନ ସେନାଧ୍ୟକ୍ଷ ଜେନେରାଲ ଏମ୍‌ଏମ୍ ନରବାଣେଙ୍କ ଅପ୍ରକାଶିତ ପୁସ୍ତକକୁ ନେଇ ହଟ୍ଟଗୋଳ ଜାରି ରହିଥିବା ବେଳେ ଗାନ୍ଧୀ ପରିବାର ପ୍ରତି ବିଜେପି ସାଂସଦ ନିଶିକାନ୍ତ ଦୁବେଙ୍କ ଆପତ୍ତିଜନକ ମନ୍ତବ୍ୟ ଆଜି ଲୋକସଭାରେ ବିସ୍ଫୋରକ ପରିସ୍ଥିତି ସୃଷ୍ଟି କରିଥିଲା । ହଟ୍ଟଗୋଳ ଯୋଗୁଁ ଗୃହ ଆଜି ବାରମ୍ବାର ମୁଲତବୀ ହେଉଥିବା ବେଳେ ବିରୋଧୀ ଦଳର ମହିଳା ସାଂସଦ ପ୍ରଥମେ ପ୍ରଧାନମନ୍ତ୍ରୀଙ୍କ ଚେୟାରକୁ ଅବରୋଧ କରିବା ସହିତ ଦୁବେଙ୍କ ଆସନ ଆଡ଼କୁ ମାଡ଼ିଯାଇଥିଲେ । ଶାସକ ମେଣ୍ଟର କିଛି ମହିଳା ସାଂସଦ ମଧ୍ୟ ଆଗକୁ ଆସିବାରୁ ସେମାନଙ୍କ ମଧ୍ୟରେ ମୁହାଁମୁହିଁ ପରିସ୍ଥିତି ସୃଷ୍ଟି ହୋଇଥିଲା । ପରିସ୍ଥିତି ନିୟନ୍ତ୍ରଣ ବାହାରକୁ ଯାଉଥିବା ଦେଖି ବାଚସ୍ପତି ଗୃହକୁ ଆଜି ଦିନକ ପାଇଁ ମୁଲତବୀ କରିଦେଇଥିଲେ ।



**ପ୍ରଧାନମନ୍ତ୍ରୀଙ୍କ ଆସନ ଅବରୋଧ କଲେ ବିରୋଧୀ ମହିଳା ସାଂସଦ**

ଫଳରେ ରାଷ୍ଟ୍ରପତିଙ୍କ ଅଭିଭାଷଣ ଉପରେ ଧନ୍ୟବାଦ ପ୍ରସ୍ତାବ ଆଲୋଚନାର ଉତ୍ତର ଦେଇପାରି ନ ଥିଲେ ପ୍ରଧାନମନ୍ତ୍ରୀ । ଗୃହ ମୁଲତବୀ ହେବାପରେ ମଧ୍ୟ ବିରୋଧୀ ଦଳର ମହିଳା ସାଂସଦ ବିଜେପି ନେତା ଦୁବେଙ୍କ ଆଡ଼କୁ ମାଡ଼ିବାରେ ଲାଗିଥିଲେ । ତେବେ କେତେକ ମନ୍ତ୍ରୀ ଓ କଂଗ୍ରେସ ସାଂସଦଙ୍କ ହସ୍ତକ୍ଷେପ ପରେ ପରିସ୍ଥିତି ଶାନ୍ତ ପଡ଼ିଥିଲା ।

ବୁଧବାର ପୂର୍ବାହ୍ନରେ ଲୋକସଭା ଆରମ୍ଭ ହେବାମାତ୍ରେ ହଙ୍ଗାମା ଦେଖିବାକୁ ମିଳିଥିଲା । ଜେନେରାଲ ନରବାଣେଙ୍କ ଅପ୍ରକାଶିତ ପୁସ୍ତକର କିଛି ଅଂଶ ପଢ଼ିବା ଲାଗି ରାହୁଲଙ୍କୁ ଅନୁମତି ଦିଆଯାଉ ବୋଲି ବିରୋଧୀ ସଭ୍ୟ ଦାବି କରିଥିଲେ । ସେମାନେ ହାତରେ ପ୍ଲାକାର୍ଡ ▶ପୃଷ୍ଠା-୭

### ଘନେଇଲା ଖାକି-ଖାକି ବିବାଦ

## ଡିଜିଙ୍କୁ ଚିଠି ଲେଖିଲେ ପିସିସିଏଫ୍

■ ରାଜନଗର/ଭୁବନେଶ୍ୱର, ୪।୨ (ସମିସ): ବନ୍ୟକାଷ୍ଠ ବେପାରୀଙ୍କ ଗିରଫଦାରୀକୁ ବିରୋଧ କରି କେନ୍ଦ୍ରପଡ଼ା ଜିଲ୍ଲା ପଟାମୁଣ୍ଡାଇ ଆଦର୍ଶ ଥାନା ଆଇଆଇସି ବନ୍ଦନା ପାତ୍ର ବନ ବିଭାଗର ରେଞ୍ଜ କାର୍ଯ୍ୟାଳୟରେ ପଶି ଏସିଏଫଙ୍କ ଉପରେ ବର୍ଷିବା ଘଟଣାରେ ପୁଲିସ-ବନ ବିଭାଗ (ଖାକି-ଖାକି) ମଧ୍ୟରେ ବିବାଦ ତୀବ୍ର ହେବାରେ ଲାଗିଛି । ଫରେଷ୍ଟ ଗାର୍ଡଙ୍କଠାରୁ ଆରମ୍ଭ କରି ଓଡିଶା ବନ ସେବା ସଂଘ ଯାଏଁ ସମସ୍ତେ ଏହି ଘଟଣାରେ ଖଡ୍‌ଗହସ୍ତ ହୋଇଛନ୍ତି । ସମ୍ପୃକ୍ତ ଆଇଆଇସି କେଉଁ ଅଧିକାରରେ ଅନ୍ୟ ଜଣେ ଅଧିକାରୀଙ୍କ କାର୍ଯ୍ୟରେ ବାଧା ସୃଷ୍ଟି କଲେ ତାକୁ ନେଇ ପ୍ରଶ୍ନ ଉଠିଛି । ଏମିତି କି ଆଇଆଇସି ଜଣଙ୍କ ଏସ୍‌ଏଫଙ୍କୁ ଚଢ଼ା ଗଳାରେ କଥାବର୍ତ୍ତା କରିଥିବାରୁ ବନ ବିଭାଗର ଅଧିକାରୀମାନେ ଏହାକୁ ଗ୍ରହଣ କରି ପାରୁନାହାନ୍ତି । ତେଣୁ ▶ପୃଷ୍ଠା-୭

**ନିରପେକ୍ଷ ତଦନ୍ତ ସହ କାର୍ଯ୍ୟାନୁଷ୍ଠାନ ଦାବି କଲା ବନ ବିଭାଗ**

**ପୂର୍ବରୁ କେନ୍ଦ୍ରୀୟ ରେଞ୍ଜ ଆଇଜିଙ୍କୁ ଚିଠି ଲେଖିଥିଲା ବିଭାଗ**


SIKSHA 'O' ANUSANDHAN
SAAT-2026
Empowering students for a brighter future
B.TECH PROGRAMMES IN CORE ENGINEERING
■ Civil Engineering
■ Electrical Engineering
■ Mechanical Engineering
APPROVAL & RECOGNITIONS
■ Approved by UGC and AICTE
■ Re-accredited by NAAC with A++ Grade
■ Granted with Category-1 Graded Autonomy by UGC
■ NBA Accredited Programmes
NIRF INDIA RANKINGS 2025
■ 15th Best in University Category
■ 22nd Best in Engineering Category
INTERNATIONAL RANKINGS 2026
■ Ranked in QS World Rankings 2026
■ Ranked in Times World Rankings 2026
To apply for admission through SAAT, Please visit: www.soa.ac.in


### ଆମେରିକା ସହ 'ଜିରୋ ଟାରିଫ୍' ଚୁକ୍ତି

# ଚାଷୀ ଓ କୃଷିଶିଳ୍ପ ପ୍ରତି ବିପଦ

■ ନୂଆଦିଲ୍ଲୀ, ୪।୨ (ଏଜେନ୍ସି): ବହୁ ଦିନର ପ୍ରତୀକ୍ଷା ପରେ ଘୋଷଣା ହୋଇଛି ଭାରତ-ଆମେରିକା ବାଣିଜ୍ୟ ଚୁକ୍ତି । ହେଲେ ଏହି ଘୋଷଣାର ଅନେକ ଗୁରୁତ୍ୱପୂର୍ଣ୍ଣ ଦିଗକୁ ନେଇ ଏ ଯାଏ ସ୍ୱଷ୍ଟତା ଆସିନାହିଁ । ତଥାପି ଭାରତ ସରକାର ଏହାକୁ ଏକ ବଡ଼ ସଫଳତା ବୋଲି କହୁଛନ୍ତି । ଏହି ଚୁକ୍ତିକୁ ନେଇ ଏବେ ସାରା ଦେଶରେ ଚର୍ଚ୍ଚା ଜାରି ରହିଛି । ବଜାର ବିଶେଷଜ୍ଞଙ୍କ ମତରେ ଏହି ଚୁକ୍ତିକୁ ଏକ ରଣନୈତିକ ସହଭାଗିତା ଏବଂ କୃଷିଶିଳ୍ପର ସାର୍ବଭୌମତ୍ୱ ସହ ବୁଝାମଣା ଭାବେ ଦେଖାଯାଉଛି । ବିରୋଧୀ ଦଳଗୁଡିକ ଏହି ବାଣିଜ୍ୟ ଚୁକ୍ତିରେ ଦେଶର କୃଷି ଏବଂ ଦୁଗ୍ଧ କ୍ଷେତ୍ରର ସ୍ୱାର୍ଥକୁ ଉପେକ୍ଷା କରାଯାଇଥିବା କହୁଛନ୍ତି । ତେବେ ଏହାର ଜବାବରେ କେନ୍ଦ୍ର ବାଣିଜ୍ୟ ଏବଂ ଶିଳ୍ପ ମନ୍ତ୍ରୀ ପୀୟୁଷ ଗୋୟଲ ବୁଧବାର ସଂସଦରେ ଭାରତ ଏହାର କୃଷି ଏବଂ ଦୁଗ୍ଧ କ୍ଷେତ୍ରର ସ୍ୱାର୍ଥ ସହିତ କୌଣସି ସାଲିସ କରିନାହିଁ ବୋଲି କହିଛନ୍ତି । ଗୋୟଲ କହିଛନ୍ତି ଆଲୋଚନାର ଶେଷ ପର୍ଯ୍ୟାୟରେ ବାଣିଜ୍ୟ



ଚୁକ୍ତିର ବିବରଣୀ ଚୂଡ଼ାନ୍ତ କରାଯାଉଛି । ଖୁବ୍ ଶୀଘ୍ର ଭାରତ ଏବଂ ଆମେରିକାର ଏକ ମିଳିତ ବିବୃତ୍ତି ଜାରି ହେବ ।

ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ୍ ଚଳିତମାସ ୨ରେ ତାଙ୍କର ଟ୍ରୁଥ୍ ସୋସିଆଲରେ ଭାରତ-ଆମେରିକା ବାଣିଜ୍ୟ ଚୁକ୍ତି ସମ୍ପର୍କରେ ଘୋଷଣା କରିଥିଲେ । ଚୁକ୍ତି ଅନୁଯାୟୀ, ଆମେରିକା ଭାରତ ଉପରେ ଲାଗୁ କରିଥିବା ୫୦% ଟାରିଫ୍‌କୁ ୧୮%କୁ ହ୍ରାସ କରିବ । ଅପରପକ୍ଷେ ଭାରତ ଆମେରିକା ଉତ୍ପାଦ ଉପରେ ଲାଗୁ କରୁଥିବା ଟାରିଫ୍ ଏବଂ ଅଣ-ଟାରିଫ୍ ପ୍ରତିବନ୍ଧକଗୁଡିକୁ ଶୂନ କରିବା କ୍ଷେତ୍ରରେ ପଦକ୍ଷେପ ଗ୍ରହଣ କରିବ । ଅର୍ଥନୀତିଜ୍ଞଙ୍କ ମତରେ ଏହି ଚୁକ୍ତି ଭାରତର କୃଷି ଏବଂ ସ୍ଥାନୀୟ ଶିଳ୍ପ ଉପରେ ଆମେରିକାର ଚାପକୁ ନେଇ ଚିନ୍ତା ସୃଷ୍ଟି କରୁଥିବା କୁହାଯାଉଛି ।

**ଚିନ୍ତା ବଢ଼ାଇଛି ଆମେରିକାର କୃଷି ସଚିବଙ୍କ ବିବୃତି**

**୫୦୦ ବିଲିୟନ ଡଲାରର ସାମଗ୍ରୀ କ୍ରୟ ବୋଝ ଅର୍ଥନୀତି ପାଇଁ ବଡ଼ ଆହ୍ୱାନ**

ହେଲେ କେତେକ ଏହାକୁ ଭୂ-ରାଜନୈତିକ ଲାଭ ଏବଂ ପ୍ରଯୁକ୍ତିବିଦ୍ୟା ସହଭାଗୀତା ପାଇଁ ମଧ୍ୟ ଆବଶ୍ୟକ ବୋଲି କହୁଛନ୍ତି । ଚୁକ୍ତିରେ ଭାରତର ସାର୍ବଭୌମ କ୍ଷେତ୍ରର ସୁରକ୍ଷାକୁ ନେଇ ପ୍ରଶ୍ନ ଉଠିଛି । ବଜାର ବିଶେଷଜ୍ଞଙ୍କ ମତରେ ଏହି ଚୁକ୍ତି ଅନୁଯାୟୀ ଭାରତୀୟ ବଜାରକୁ ଆମେରିକୀୟ ଉତ୍ପାଦ (ଯେପରିକି କୃଷି ଏବଂ ଦୁଗ୍ଧ) ପାଇଁ ଖୋଲିବା ସ୍ଥାନୀୟ ଚାଷୀ ଏବଂ କୃଷି ଶିଳ୍ପର ସ୍ୱାର୍ଥକୁ ବିପଦରେ ପକାଇପାରେ । ଏହାକୁ 'ବାଧ୍ୟତା'ର ଫଳାଫଳ ଭାବରେ ମଧ୍ୟ ଦେଖାଯାଉଛି, କାରଣ ଆମେରିକାର ଚାପ ସାମ୍ନାରେ ଘରୋଇ ନୀତିରେ ସାଲିସ୍ କରାଯାଇଥିବା କୁହାଯାଉଛି । ଏହି ଚୁକ୍ତିରେ ଭାରତ ପାଇଁ ଆଉ ଏକ ବଡ଼ ଆର୍ଥିକ ବିପଦ ହେଉଛି, ଆମେରିକାରୁ ଶୁଳ୍କ ରିହାତି ଆଶା ମଧ୍ୟରେ ଭାରତୀୟ ଶିଳ୍ପ ଉପରେ ▶ପୃଷ୍ଠା-୭

**ଆଜିର ଦିନରେ**

- ୧୭୮୩- ଇଟାଲୀରେ ଭୂମିକମ୍ପ ଯୋଗୁ ୩୦,୦୦୦ ଲୋକଙ୍କ ପ୍ରାଣହାନି ।
- ୧୯୦୦ – ଆମେରିକା ଓ ବ୍ରିଟେନ ମଧ୍ୟରେ ପାନାମା କେନାଲ ଚୁକ୍ତି ସ୍ୱାକ୍ଷର ।
- ୧୯୩୭ – ପ୍ରଥମ ଥର ଚାର୍ଲି ଚାପ୍‌ଲିନଙ୍କ ଅଭିନୀତ କଥାଚିତ୍ର (ସବାକ୍ ଚଳଚ୍ଚିତ୍ର) ମୁକ୍ତିଲାଭ କରିଥିଲା ।
- ୧୯୭୧- ଆପୋଲୋ ୧୪ ଚନ୍ଦ୍ରପୃଷ୍ଠରେ ଅବତରଣ କଲା ।
- ୧୯୯୬- ଇଂଲଣ୍ଡରେ ପ୍ରଥମ ଥର ଜିଏମ୍ ଟମାଟରରେ ତିଆରି ପ୍ୟୁରି ବିକ୍ରି ଆରମ୍ଭ ହେଲା ।
- ୨୦୦୭- ସୁନୀତା ୱିଲିୟମ୍ସର ମହାକାଶରେ ଅଧିକ ସମୟ ବିତାଇଥିବା ମହିଳା ହେଲେ ।

# ସତ ହେଲା ଖବରକାଗଜ ଭବିଷ୍ୟବାଣୀ!


Mansfield News-Journal    Thursday, April 18, 1963

ou'll Be Able To Carry
Phone In Pocket In Future

ome day, Mansfielders carry their telephones in r pockets.
on't expect it to be avail- tomorrow, though. rederick Huntsman, tele- ne company commercial nager, says, "This tele- ne is far in the future — mercially."

ight now, it's a laboratory elopment and it's work- allowing the carrier to nd answer calls wher- may be.
ther telephones of the fu- includes a kitchen loud aking telephone, and a vis- image telephone.
e kitchen instrument can used as a regular tele- e, a loudspeaking phone e housewife happens to be preparing a meal, or as intercom station for the e.
e visual image telephone s the parties to converse way of a microphone and speaker while a minia- television camera trans- the image. The "TV e" also will have a writ- gnature transmission sys- and a conversation tape

HOW ABOUT THIS? — Mrs. Jean Conrad, commerc representative of Mansfield Telephone Co.

ଲୋକମାନେ ନିଜର ଭବିଷ୍ୟତ ବିଷୟରେ ଜାଣିବାକୁ ଅନେକ ସମୟରେ ଜ୍ୟୋତିଷବିତ୍‌ଙ୍କ ପରାମର୍ଶ ନେଇଥାନ୍ତି । ସେମାନଙ୍କର କିଛି ଭବିଷ୍ୟବାଣୀ ମଧ୍ୟ ସତ ହୋଇଥାଏ । ଏହି କ୍ରମରେ ୬୩ ବର୍ଷ ତଳର ଏକ ପୁରୁଣା ଖବରକାଗଜର ଭବିଷ୍ୟବାଣୀ ଏବେ ସାମାଜିକ ଗଣମାଧ୍ୟମରେ ଚର୍ଚ୍ଚା ସାଉଁଟୁଛି । ୧୮ ଏପ୍ରିଲ, ୧୯୬୩ ମସିହାରେ ମାସ୍‌ଫିଲ୍ଡ ନ୍ୟୁଜ୍ ଜର୍ଣ୍ଣାଲରେ ଏକ ଖବର ପ୍ରକାଶ ପାଇଥିଲା । ଭବିଷ୍ୟତରେ ଲୋକେ ଫୋନ୍‌କୁ ପକେଟ୍‌ରେ ରଖି ବୁଲି ପାରିବେ ବୋଲି ସେତେବେଳେ ଖବର ପ୍ରକାଶିତ ହୋଇଥିଲା । ଏଥିସହ ଜଣେ ମହିଳା ମୋବାଇଲ୍ ଫୋନ୍ ପରି ଏକ ଛୋଟ ଡିଭାଇସ୍ ଧରିବାର ଫଟୋ ସେୟାର କରାଯାଇଥିଲା । ଉକ୍ତ ରିପୋର୍ଟରେ ଏହା ବି କୁହାଯାଇଥିଲା ଯେ, ଏହି ଫୋନ୍ ଲ୍ୟାବ୍‌ରେ ବିକଶିତ ହେଉଛି । ଏହାର ବ୍ୟବସାୟୀକରଣ ପାଇଁ ଆହୁରି ବହୁତ ସମୟ ଲାଗିବ । ସେତେବେଳେ ଅଧିକାଂଶଙ୍କ ଘରେ କେବଳ ଲ୍ୟାଣ୍ଡଫୋନ୍ ଥିବାରୁ ଏହି ଖବରକୁ ଲୋକେ ବିଶ୍ୱାସ କରି ପାରି ନ ଥିଲେ । ତେଣୁ ଅନେକ ଏହି ଖବରକୁ ମଜାକ୍ ଭାବିଥିଲେ । ଆଜି କିନ୍ତୁ ପ୍ରତ୍ୟେକ ବ୍ୟକ୍ତିଙ୍କ ପାଖେ ସ୍ମାର୍ଟଫୋନ୍ । ଯେଉଁଥିରେ କଲ୍, ମେସେଜ୍, ଇଣ୍ଟରନେଟ୍, କ୍ୟାମେରା ସବୁକିଛି ରହିଛି । ସମସ୍ତେ ପକେଟ୍‌ରେ ମୋବାଇଲ ନେଇ ବୁଲୁଛନ୍ତି । ତେବେ ଏହି ପେପର୍ କ୍ଲିପିଂ ଭାଇରାଲ ହେବା ପରେ ଲୋକେ ଏଥିରେ ଭିନ୍ନ ଭିନ୍ନ ପ୍ରତିକ୍ରିୟା ଦେଇଛନ୍ତି । କେହି କେହି ଏହାକୁ ସଠିକ୍ ଭବିଷ୍ୟବାଣୀ କହୁଥିବାବେଳେ କେହିକେହି ଏହା ଏଆଇ ଦ୍ୱାରା ପ୍ରସ୍ତୁତ କରାଯାଇଥିବା କହୁଛନ୍ତି ।


# କଳାଅଣ୍ଡା ଖାଇଲେ ବଢ଼େ ଆୟୁଷ !



ଜାପାନରେ ଏପରି ଏକ ସ୍ଥାନ ରହିଛି, ଯେଉଁଠି ଲୋକେ କଳା ଅଣ୍ଡା ଖାଇବାକୁ ଲମ୍ବା ଲାଇନ୍ ଲଗାଇଥାନ୍ତି । ଏହି ଅଣ୍ଡା ଖାଉଥିବା ବ୍ୟକ୍ତିର ଆୟୁ ୭ ବର୍ଷ ବଢ଼ିଯାଏ ବୋଲି ସ୍ଥାନୀୟ ଲୋକକଥାରେ କୁହାଯାଇଛି । ଜାପାନର ଓବାକୁଦାନି ଘାଟିରେ ଏହା ମିଳିଥାଏ । ଓବାକୁଦାନି ଘାଟି ଆଗ୍ନେୟଗିରି ଅଞ୍ଚଳରେ ଅବସ୍ଥିତ । ୩୦୦୦ ବର୍ଷ ପୂର୍ବେ ଏକ ଆଗ୍ନେୟଗିରି ବିସ୍ଫୋରଣରୁ ଏହି ଘାଟିର ସୃଷ୍ଟି ହୋଇଥିଲା । ଘାଟିକୁ ଆସୁଥିବା ଲୋକେ ଏକ ଭିନ୍ନ ଦୁନିଆର ଅନୁଭୂତି ସାଉଁଟିଥାନ୍ତି । ଘାଟିରେ ଭୂପୃଷ୍ଠରୁ ଅବିରତ ଗରମ ବାଷ୍ପ ବାହାରିବା ସହ ଏଠାକର ପବନରେ ଗନ୍ଧକ ବା ସଲଫର୍‌ର ଗନ୍ଧ ଆସିଥାଏ । ଏହାର ଆଖାପାଖରେ ଥିବା ଝରଣାଗୁଡ଼ିକରୁ ଉଷ୍ମଜଳ ବାହାରୁଥାଏ । ତେବେ ଏଠାରେ ଲୋକେ ଦୀର୍ଘାୟୁ ହେବା ପାଇଁ ଯେଉଁ ଅଣ୍ଡା ଖାଆନ୍ତି ସ୍ଥାନୀୟ ଭାଷାରେ ତାହାକୁ 'କୁରୋ ତମାଗୋ' କୁହାଯାଏ । ଏହି ଅଣ୍ଡା କୌଣସି ବିଶେଷ ପ୍ରଜାତିର କୁକୁଡ଼ାଠାରୁ ମିଳି ନ ଥାଏ । ଏହା ସାଧାରଣ କୁକୁଡ଼ାର ଅଣ୍ଡା ହୋଇଥାଏ । ଏହାକୁ ଘାଟିରେ ପ୍ରାକୃତିକ ଭାବେ ବାହାରୁଥିବା ଗରମ ଜଳରେ ସିଝା ଯାଇଥାଏ । ଏହି ପାଣିରେ ସଲଫର୍ ଓ ଆଇରନ୍ ପର୍ଯ୍ୟାପ୍ତ ମାତ୍ରାରେ ଥିବାରୁ ଏହା ସଂସ୍ପର୍ଶରେ ଆସି ଅଣ୍ଡାର ଚୋପା ପୂରାପୂରି କଳା ହୋଇଯାଇଥାଏ । ଅଣ୍ଡା ଭିତରର ଧଳା ଅଂଶ ଓ କେଶରରେ କିନ୍ତୁ କୌଣସି ପରିବର୍ତ୍ତନ ହୋଇ ନ ଥାଏ । ଜାପାନୀ ଲୋକକଥା ଅନୁସାରେ, ଗରମ ଝରଣାର ପାଣି ଶରୀରକୁ ଶୁଦ୍ଧ କରିଥାଏ ଓ ଏହା ଦୀର୍ଘାୟୁ ହେବାର କାରଣ ପାଲଟିଥାଏ । 'କଳା ଅଣ୍ଡା ଖାଅ, ସାତ ବର୍ଷ ଆୟୁଷ ବଢ଼ାଅ' ଧୀରେଧୀରେ ଏଠାକାର ଲୋକଙ୍କର ବିଶ୍ୱାସ ପାଲଟିଗଲା । ତେବେ ଜଣେ ଏଭଳି ଦୁଇଟି ଅଣ୍ଡା ଖାଇଲେ ଏହାର ପ୍ରଭାବ କମିଯାଏ ବୋଲି କୁହାଯାଏ । ଏହି ଅଣ୍ଡା ଖାଇଲେ ଯେ, ଜଣେ ଦୀର୍ଘାୟୁ ହେବେ ବୋଲି ସେନେଇ କୌଣସି ଠୋସ୍ ବୈଜ୍ଞାନିକ ପ୍ରମାଣ ନାହିଁ । ତେବେ ଏହି ଅଣ୍ଡାର ସ୍ୱତନ୍ତ୍ରତା କେବଳ ଲୋକକଥା ସହିତ ଜଡ଼ିତ ଅଛି । ଅବଶ୍ୟ ଏହି ଅଣ୍ଡାଗୁଡ଼ିକ ସଂପୂର୍ଣ୍ଣ ଭାବେ ସୁରକ୍ଷିତ । ଏଥିରେ କୌଣସି ବିଷାକ୍ତ ତତ୍ତ୍ୱ ନ ଥାଏ । ବର୍ତ୍ତମାନ ସମୟରେ ଲୋକେ ଏହାକୁ ଦୀର୍ଘାୟୁ ହେବା ଉଦ୍ଦେଶ୍ୟରେ ନୁହେଁ, ବରଂ ଲୋକକଥାକୁ ସମ୍ମାନ ଦେଇ ଖାଉଛନ୍ତି ।

# 'ଗୋଲମାଲ୍ ୫' ଅଜୟଙ୍କୁ ଟକ୍କର ଦେବେ ଅକ୍ଷୟ





'ଗୋଲମାଲ' ଫ୍ରାଞ୍ଚାଇଜ୍ ବଲିଉଡ୍‌ର ଏକ ସଫଳ ଫ୍ରାଞ୍ଚାଇଜ୍ ଭାବେ ଜଣାଯାଏ । ଏବେ ଏହି ଫ୍ରାଞ୍ଚାଇଜ୍‌ର ପଞ୍ଚମ ଫିଲ୍ମକୁ ଦର୍ଶକେ ଅପେକ୍ଷା କରିଛନ୍ତି । ଇତିମଧ୍ୟରେ 'ଗୋଲମାଲ ୫'କୁ ନେଇ ଏକ ଖବର ଆସିଛି, ଯାହା ଦର୍ଶକଙ୍କୁ ଚକିତ କରିଛି । ଏଥିରେ ଅଭିନେତା ଅକ୍ଷୟ କୁମାର ଖଳନାୟକ ଭାବେ ଦେଖାଯିବେ । ତେବେ ପ୍ରଥମ ଥର ପାଇଁ 'ଗୋଲମାଲ୍' ସିରିଜ୍‌ରେ ଜଣେ ଏତେ ବଡ଼ କଳାକାର ଖଳନାୟକ ଭାବେ ଦେଖାଯିବେ । ନିର୍ଦ୍ଦେଶକ ରୋହିତ୍ ସେଟ୍ଟୀ ଏଥିରେ କମେଡି ସହ ଫାଣ୍ଟାସିର ସ୍ପର୍ଶ ଦେବାକୁ ଚାହୁଁଥିବା ଜଣାପଡ଼ିଛି । ତେବେ ଅକ୍ଷୟଙ୍କୁ ଏହି ସିରିଜ୍‌ରେ ସାମିଲ୍ କରିବା ରୋହିତ୍‌ଙ୍କର ମାଷ୍ଟରଷ୍ଟ୍ରୋକ୍ ହୋଇପାରେ ବୋଲି ଚର୍ଚ୍ଚା ହେଉଛି । ପରଦା ଉପରେ ଅଜୟ ଦେବଗନଙ୍କୁ ଅକ୍ଷୟ ଟକ୍କର ଦେଉଥିବାର ଜାଣି ଦର୍ଶକଙ୍କର ମଧ୍ୟ ଫିଲ୍ମକୁ ନେଇ ଉତ୍ସାହ ଦ୍ୱିଗୁଣିତ ହୋଇଯାଇଛି । ଏଥିରେ ଅକ୍ଷୟ, ଅଜୟଙ୍କ ସହ ଅରଶଦ ୱର୍ଶି, ତୁଷାର କପୁର, କୁନାଲ ଖେମୁ, ଶ୍ରେୟସ୍ ତଲପଡ଼େ ପ୍ରମୁଖ ଦେଖାଯିବେ । ଏଥର ଶରମନ୍ ଯୋଶୀଙ୍କୁ ମଧ୍ୟ ରୋହିତ୍ ଫିଲ୍ମକୁ ଫେରାଇ ଆଣିବା ପାଇଁ ଚେଷ୍ଟା ଚଳାଇଥିବା କୁହାଯାଉଛି । ତେବେ କରିନା କପୁର ଏଥିରେ କାମ କରିବେ କି ନାହିଁ ତାହା ଏଯାବତ୍ ସ୍ପଷ୍ଟ ହୋଇନାହିଁ । ଏହା ଆସନ୍ତାବର୍ଷ ରିଲିଜ୍ ହୋଇପାରେ ।


# ଗୁପ୍‌ଚୁପ୍ ଜ୍ୟାକେଟ୍



ଆଜିକାଲି ସାମାଜିକ ଗଣମାଧ୍ୟମରେ ବହୁତ କିଛି ଅଜବ ଜିନିଷ ଭାଇରାଲ ହେଉଛି । ଏଥିରେ ବିଚିତ୍ର ଫେଶନ ମଧ୍ୟ ସାମିଲ ଅଛି । ଏହି କ୍ରମରେ ଏବେ ଏକ ଜ୍ୟାକେଟ୍ ସଭିଙ୍କ ଦୃଷ୍ଟିଆକର୍ଷଣ କରିଛି । ଜ୍ୟାକେଟ୍‌ରେ କୌଣସି ସୁନା କିମ୍ବା ହୀରା ଲାଗି ନାହିଁ, ହେଲେ ଏହା ଉପରେ ଥରେ ଦୃଷ୍ଟିପଡ଼ିଲେ ନଜର ହଟିବ ନାହିଁ । ନୀତେଶ ଡଟ୍ ଏକ୍ସପେରିମେଣ୍ଟ ନାମକ ଏକ ପେଜ୍ ଜ୍ୟାକେଟ୍‌ର ଏକ ଭିଡିଓକୁ ଇନଷ୍ଟାଗ୍ରାମ୍‌ରେ ସେୟାର୍ କରିବା ପରେ ଏହା ସମସ୍ତଙ୍କ ନଜରକୁ ଆସିଛି । ଜ୍ୟାକେଟ୍‌ଟି ଦେଖିବାକୁ ସାଧାରଣ ଜ୍ୟାକେଟ୍‌ଠାରୁ ସମ୍ପୂର୍ଣ୍ଣ ଭିନ୍ନ । ଜୟପୁରସ୍ଥିତ ହାୱା ମହଲ ବାହାରେ ଜଣେ ଯୁବକ ଏହି ଜ୍ୟାକେଟ୍‌ଟିକୁ ପିନ୍ଧି ଠିଆ ହୋଇଛନ୍ତି । ତେବେ ଜ୍ୟାକେଟ୍‌ର ଗୋଟିଏ ଭାଗରେ ଗୁପ୍‌ଚୁପ୍ ଥିବା ବେଳେ ଅନ୍ୟ ଏକ ପାର୍ଶ୍ୱରେ ପୁଦିନାଯୁକ୍ତ ଖଟା ପାଣି ଅଛି । ଗୁପ୍‌ଚୁପ୍ ଷ୍ଟଲଟିକୁ ଯୁବକ ଜଣକ ଜ୍ୟାକେଟ୍‌ରେ ଧାରଣ କରିଥିବା ଭଳି ଲାଗୁଛି । ଲୋକେ ଏହା ଉପରେ ଭିନ୍ନ ଭିନ୍ନ ପ୍ରତିକ୍ରିୟା ବି ଦେଇଛନ୍ତି । ଏପରିକି ଏହାକୁ ଷ୍ଟ୍ରିଟ୍ ଫୁଡ୍ ଏବଂ ଫେଶନର ଅଜବ ମିଶ୍ରଣ ବୋଲି ଲୋକେ ମତ ଦେଇଛନ୍ତି ।

# ରବିବାର କାମ କଲେ ଗଣିବେ ଦଣ୍ଡ

ଛୁଟିଦିନମାନେ ସମସ୍ତଙ୍କ ମନରେ ଆସେ ରବିବାର । କାରଣ ବିଶ୍ୱର ଅଧିକାଂଶ ଲୋକଙ୍କ ପାଇଁ ସପ୍ତାହରେ ଗୋଟିଏ ଛୁଟି ଦିନ ଥାଏ ଏବଂ ତାହା ହେଉଛି ରବିବାର । ଜଣେ ବ୍ୟକ୍ତି ପୁରା ସପ୍ତାହ ରବିବାର ପାଇଁ ଅପେକ୍ଷା କରିଥାଏ । ଏହି ଦିନ ଅଫିସ୍‌ଠାରୁ ଆରମ୍ଭ କରି ସ୍କୁଲ ପର୍ଯ୍ୟନ୍ତ ସବୁକିଛି ଛୁଟି ଥାଏ । ବିଶ୍ୱର ଅଧିକାଂଶ ସ୍ଥାନରେ ରବିବାରକୁ ସପ୍ତାହନ୍ତ ଏବଂ ବିଶ୍ରାମ ଦିନ ଭାବେ ପାଳନ କରାଯାଏ । ଆଉ କେତେକ ସ୍ଥାନରେ ଏହି ଦିନ ବି କାମ ହୋଇଥାଏ । ହେଲେ ଏପରି ଏକ ଦେଶ ଅଛି ଯେଉଁଠାରେ ରବିବାର କାମ କରିବା ବେଆଇନ । ଏହି ଦେଶ ହେଉଛି ଟୋଙ୍ଗା । ପ୍ରଶାନ୍ତ ମହାସାଗରରେ ଅବସ୍ଥିତ ଏହି ଛୋଟ ଦ୍ୱୀପ ରାଷ୍ଟ୍ରର ସାମ୍ବିଧାନିକ ଆଇନ ରବିବାରକୁ ସମ୍ପୂର୍ଣ୍ଣ ବିଶ୍ରାମର ଦିନ ବୋଲି ବିବେଚନା କରେ । ଏହି ନିୟମ ଉଲ୍ଲଂଘନ କରୁଥିବା ଯେକୌଣସି ବ୍ୟକ୍ତି ଆଇନଗତ କାର୍ଯ୍ୟାନୁଷ୍ଠାନର ସମ୍ମୁଖୀନ ହୋଇପାରନ୍ତି । ଟୋଙ୍ଗା ବିଶ୍ୱର ଏକମାତ୍ର ଦେଶ ଯାହା ଆଇନଗତ ଭାବରେ ରବିବାର ଛୁଟି ପାଳନ କରିବାକୁ ବାଧ୍ୟତାମୂଳକ କରିଥାଏ । ଏହି ନିୟମ କେବଳ ସରକାରୀ ନୀତି ଉପରେ ଆଧାରିତ ନୁହେଁ ବରଂ ଏଠାକାର ସମ୍ବିଧାନରେ ମଧ୍ୟ ଏବିଷୟରେ ଉଲ୍ଲେଖ ଅଛି । ଟୋଙ୍ଗା ସମ୍ବିଧାନର ଧାରା-୬ ଅନୁଯାୟୀ, କୌଣସି ଲୋକ ରବିବାର ଦିନ ବାଣିଜ୍ୟ, ବ୍ୟବସାୟ କିମ୍ବା ବୃତ୍ତିଗତ କାର୍ଯ୍ୟକଳାପରେ ନିୟୋଜିତ ହୋଇପାରିବେ ନାହିଁ । କାରଣ ଏଠାକାର ସମ୍ବିଧାନ ଏହାକୁ ଏକ ପବିତ୍ର ଦିନ ବୋଲି ଭାବିଥାଏ । ଏଭଳି ନିୟମ ଟୋଙ୍ଗାରେ ଖ୍ରୀଷ୍ଟ ଧର୍ମ ପରମ୍ପରାକୁ ସମ୍ମାନ ଦେଇ କରାଯାଇଛି । ଏହିଦିନ ଏଠାକାର ଲୋକେ ଚର୍ଚ୍ଚ ଯିବା ସହ ପରିବାର ସହ ସମୟ ଅତିବାହିତ କରିଥାନ୍ତି । ଟୋଙ୍ଗାରେ ଦୋକାନ, ବଜାର ଠୁ ଆରମ୍ଭ କରି ସପିଂ ମଲ୍ ରବିବାର ବନ୍ଦ ରହିଥାଏ । ରବିବାର ଦିନ ସମସ୍ତ ବାଣିଜ୍ୟିକ କାର୍ଯ୍ୟକଳାପ, ଶାରୀରିକ ଶ୍ରମ ଏବଂ ବୃତ୍ତିଗତ କାର୍ଯ୍ୟ ନିଷେଧ । ବଜାର ବନ୍ଦ ରହିବା ସହ ନିର୍ମାଣ କାର୍ଯ୍ୟ ଏବଂ ରାସ୍ତା କଡ଼ରେ ଛୋଟ ବିକ୍ରେତାମାନଙ୍କୁ ମଧ୍ୟ କାମ କରିବାକୁ ଅନୁମତି ନାହିଁ । ରବିବାର ଦିନ ଏଠାରେ ଏକାସାଙ୍ଗେ ଖେଳିବା, ମାଛ ଧରିବା, ବ୍ୟାୟାମ କରିବା, ଜୋର୍‌ରେ ଗୀତ ଶୁଣିବା ବି ମନା । କେବଳ ସେତିକି ନୁହେଁ, ବିମାନବନ୍ଦର ଏବଂ ବନ୍ଦରଗୁଡ଼ିକ ମଧ୍ୟ ବନ୍ଦ ରହେ । ଟୋଙ୍ଗାରେ ରବିବାର ଆଇନ ଉଲ୍ଲଂଘନ କରିବା ଏକ ଅପରାଧ । ଏହି ଦିନ କାମ କରୁଥିବା ଯେକୌଣସି ବ୍ୟକ୍ତିଙ୍କୁ ଭାରି ଜରିମାନା କିମ୍ବା ଜେଲ୍ ଦଣ୍ଡ ମଧ୍ୟ ହୋଇପାରେ । ଆଇନ ପ୍ରବର୍ତ୍ତନ ଅଧିକାରୀମାନେ ସକ୍ରିୟ ଭାବରେ ଏହାର ପାଳନ ଉପରେ ନଜର ରଖନ୍ତି । ଏହା ବ୍ୟତୀତ, ରବିବାର ଦିନ ଏଠାରେ ହୋଇଥିବା ଯେକୌଣସି ଚୁକ୍ତି, ଚୁକ୍ତିନାମା କିମ୍ବା ବ୍ୟବସାୟିକ କାରବାର ଅବୈଧ ହୋଇଥାଏ । ତେବେ ଏହିଦିନ ହସ୍ପିଟାଲ, ପୁଲିସ୍ ଏବଂ ଜରୁରିକାଳୀନ ସେବା ପାଇଁ ଅନୁମତି ଦିଆଯାଇଛି । ଟୋଙ୍ଗାବାସୀ ଏହାକୁ କେବଳ ଏକ ଆଇନ୍ ନୁହେଁ ବରଂ ସଂସ୍କୃତି ପରମ୍ପରା ସହ ଯୋଡ଼ି ଦେଖନ୍ତି ।



# ଜୀବନ ନେଲା ଦାଢ଼ି ସଉକ

ଆଜିକାଲି ଯୁବଗୋଷ୍ଠୀ ଦାଢ଼ି ରଖିବା ପାଇଁ ପସନ୍ଦ କରୁଛନ୍ତି । ହେଲେ ଏମିତି ଅନେକ ଅଛନ୍ତି ଯେଉଁମାନଙ୍କର ସ୍ୱାଭାବିକ ଭାବେ ନିଶ ଦାଢ଼ି ଉଠେ ନାହିଁ । ସେମାନେ ଦାଢ଼ି ବଢ଼ାଇବା ପାଇଁ ବିଭିନ୍ନ ପ୍ରକାର କ୍ରିମ୍ କିମ୍ବା ତେଲ ବ୍ୟବହାର କରିବା ସହ ସର୍ଜରୀ କରିବାକୁ ପଛାନ୍ତି ନାହିଁ । ଯାହାକି ସ୍ୱାସ୍ଥ୍ୟ ପାଇଁ ବେଳେବେଳେ ବିପଜ୍ଜନକ ସାବ୍ୟସ୍ତ ହୋଇଥାଏ । ନିକଟରେ ଫ୍ରାନ୍ସର ଜଣେ ୨୪ ବର୍ଷୀୟ ଯୁବକଙ୍କୁ ଦାଢ଼ି ପ୍ରତିରୋପଣ କରିବା ମହଙ୍ଗା ସାବ୍ୟସ୍ତ ହୋଇଛି । ମାଥ୍ୟୁ ୱିଗିୟର ଲାତୁର ନାମକ ଏହି ଯୁବକ ଜଣକର ସ୍ୱାଭାବିକ ଭାବେ ଦାଢ଼ି ଉଠୁ ନ ଥିଲା । ଏଥିପାଇଁ ସେ କମ୍ ଆକର୍ଷକ ଦେଖାଯାଉଛନ୍ତି ବୋଲି ଭାବୁଥିଲେ । ଏହାପରେ ସେ ଅନ୍‌ଲାଇନ୍ ସର୍ଚ୍ଚ କରି ଇସ୍ତାନବୁଲର ଏକ କ୍ଲିନିକ୍‌ରେ ଦାଢ଼ି ପ୍ରତିରୋପଣ କରିବାକୁ ମନ ବଳାଇଥିଲେ । କାରଣ ଏଠାରେ ଦାଢ଼ି ପ୍ରତିରୋପଣ ଫ୍ରାନ୍ସ ଅପେକ୍ଷା ଅପେକ୍ଷାକୃତ ତାଙ୍କୁ ଶସ୍ତା ମନେ ହେଲା । ଏଥିପାଇଁ ସେ ମାର୍ଚ୍ଚ, ୨୦୨୫ରେ ତୁର୍କୀ ଯାଇଥିଲେ । ଏହି ସର୍ଜରୀ ପାଇଁ ମାଥ୍ୟୁଙ୍କୁ ଭାରତୀୟ ମୁଦ୍ରାରେ ୧.୧୩ ଲକ୍ଷ ଖର୍ଚ୍ଚ କରିବାକୁ ପଡ଼ିଥିଲା । ସର୍ଜରୀରେ ତାଙ୍କ ମୁଣ୍ଡରୁ ୪୦୦୦ ଗ୍ରାଫ୍ଟ ବା କେଶ ମୂଳ ବାହାର କରି ତାକୁ ଚେହେରାରେ ଲଗାଯାଇଥାନ୍ତା । ହେଲେ କ୍ଲିନିକ୍‌ରେ ଅଭିଜ୍ଞ ଡାକ୍ତର ନ ଥିବାରୁ ଜଣେ ରିଅଲ ଇଷ୍ଟେଟ୍ ଏଜେଣ୍ଟ ଏହି କାମ କରିଥିଲେ । ଫଳରେ ତାଙ୍କ ଶରୀରରେ ସଂକ୍ରମଣ ଦେଖାଯିବା ସହ ତାଙ୍କର ଯନ୍ତ୍ରଣା ବୃଦ୍ଧି ପାଇଥିଲା । ମାଥ୍ୟୁ ଯେତେବେଳେ ଫ୍ରାନ୍ସକୁ ଲେଉଟିଥିଲେ ତାଙ୍କ ସ୍ୱାସ୍ଥ୍ୟାବସ୍ଥା ଆହୁରି ଖରାପ ହେବାକୁ ଲାଗିଲା । ସର୍ଜରୀର ତିନିମାସ ପରେ ସେ ଯନ୍ତ୍ରଣା ସହି ନ ପାରି ଆତ୍ମହତ୍ୟା କରିଦେଲେ । ମାଥ୍ୟୁଙ୍କ ବାପା ଜ୍ୟାକ୍ସ ତାଙ୍କ ପୁଅର ମୃତ୍ୟୁ କ୍ଲିନିକ୍‌ରେ ଥିବା ନକଲି ଡାକ୍ତର ଯୋଗୁଁ ହୋଇଥିବା ଅଭିଯୋଗ କରିଥିଲେ । ଏବେ ଏହି ଘଟଣା ତୁର୍କୀର ମେଡିକାଲ ଟୁରିଜିମ୍ ଉପରେ ପ୍ରଶ୍ନବାଚୀ ସୃଷ୍ଟି କରିଛି ।



## ଆଜିର ରାଶିଫଳ

**ମେଷ:** ଆଜି ଦିନଟି ଆପଣଙ୍କ ପାଇଁ ବହୁତ ଭଲ । ଭାବିଚିନ୍ତି କାମ ପୂରା କରିବେ । ବନ୍ଧୁଙ୍କ ସହଯୋଗ ମିଳିବ । ଆଇନଜୀବୀଙ୍କୁ ଶୁଭଫଳ ମିଳିବ । ନୂଆ କାମ ଆରମ୍ଭ କରିବାକୁ ଇଚ୍ଛା କରିବେ । ଅର୍ଥପ୍ରାପ୍ତି ଯୋଗ ଅଛି ।

**ବୃଷ:** ଆର୍ଥିକ ଦୃଷ୍ଟିରୁ ଦିନଟି ଭଲ । ଅଫିସ୍ କାମ ସୁଚାରୁରୂପେ ତୁଲାଇବେ । ଜୀବନସାଥୀଙ୍କ ସହ ସମ୍ପର୍କ ଘନିଷ୍ଠ ହେବ । ମହିଳାମାନେ ଘର କାର୍ଯ୍ୟରେ ବ୍ୟସ୍ତ ରହିବେ । ଧାର୍ମିକ କାର୍ଯ୍ୟରେ ଯୋଗଦାନ ଦେବେ ।

**ମିଥୁନ:** ଅଫିସ୍‌ରେ ନୂଆ ଦାୟିତ୍ୱ ମିଳିବ । ଘର ପାଇଁ ନୂଆ ଜିନିଷ କିଣିବେ । ବ୍ୟବସାୟରେ ଲାଭ ହେବ । ମାର୍କେଟିଂ ସହ ଜଡ଼ିତ ଲୋକଙ୍କୁ ସଫଳତା ମିଳିବ । ନବବିବାହିତା ଦମ୍ପତି ଦୂର ସ୍ଥାନକୁ ବୁଲିବାକୁ ଯିବେ ।

**କର୍କଟ:** ଦିନଟି ମିଶ୍ରଫଳ ପ୍ରଦାନ କରିବ । ବାପାମାଆଙ୍କ ସ୍ୱାସ୍ଥ୍ୟରେ ଉନ୍ନତି ପରିଲକ୍ଷିତ ହେବ । ବିରୋଧୀ କାମରେ ବାଧା ଦେବେ । ପ୍ରେମ ସମ୍ପର୍କରେ ପ୍ରଗାଢ଼ତା ଆସିବ । ପୁରୁଣା ନିବେଶରୁ ଲାଭ ମିଳିପାରେ ।

**ସିଂହ:** ଭାଇଭଉଣୀଙ୍କ ସାହାଯ୍ୟ ମିଳିବ । ଆତ୍ମବିଶ୍ୱାସ ବୃଦ୍ଧି ପାଇବ । ସମୟ ପୂର୍ବରୁ କାମ ପୂରା କରିବେ । ପରିବାରରେ ସୁଖ ସମୃଦ୍ଧି ବୃଦ୍ଧି ହେବ । ଜୀବନସାଥୀଙ୍କ ସହ ସୁନ୍ଦର ସମୟ ଅତିବାହିତ କରିବେ ।

**କନ୍ୟା:** କୌଣସି କାର୍ଯ୍ୟକୁ ପୂରା କରିବାରେ ପଡ଼ୋଶୀ ସହାୟତା କରିବେ । ଆଧ୍ୟାତ୍ମିକ ପ୍ରତି ରୁଚି ବଢ଼ିବ । ଦାମ୍ପତ୍ୟ ଜୀବନରେ ଖୁସି ବଜାୟ ରହିବ । ଆଇଟି କର୍ମଚାରୀଙ୍କ ପାଇଁ ଦିନଟି ଭଲ ।

**ତୁଳା:** ଆର୍ଥିକ ସ୍ଥିତି ମଜଭୁତ ହେବ । ପାରିବାରିକ ସମସ୍ୟା ଦେଖା ଦେବ । ଯାନବାହନ ଚାଳନା ସମୟରେ ସାବଧାନତା ଅବଲମ୍ବନ କରନ୍ତୁ । ବିଦ୍ୟାର୍ଥୀ ବିଦେଶ ଯାତ୍ରା କରିପାରନ୍ତି ।

**ବିଛା:** ସମାଜସେବା ଲାଗି ସମ୍ମାନିତ ହେବେ । ଅଫିସ୍‌ରେ ସହକର୍ମୀଙ୍କ ସହଯୋଗ ମିଳିବ । ପ୍ରେମିକ ପ୍ରେମିକାଙ୍କ ସମ୍ବନ୍ଧ ମଜଭୁତ ହେବ । କଳା ଓ ସାହିତ୍ୟ ପ୍ରତି ରୁଚି ବଢ଼ିବ ।

**ଧନୁ:** ବ୍ୟବସାୟରେ ଉନ୍ନତି ଘଟିବ । ଜୀବନସାଥୀଙ୍କଠାରୁ ଉପହାର ମିଳିବ । ମନ ପ୍ରସନ୍ନ ରହିବ । ଅଫିସ୍‌ରେ ବରିଷ୍ଠ ଅଧିକାରୀ ସମ୍ମାନିତ କରିବେ । ଭବିଷ୍ୟତ ପାଇଁ ନୂଆ ଯୋଜନା କରିବେ ।

**ମକର:** କାମ ବୋଝ ଅଧିକ ରହିବ । କୋର୍ଟ କଚେରୀ ମାମଲାରେ ସଫଳତା ମିଳିବ । ମାନ ସମ୍ମାନ ବଢ଼ିବ । ପରିବାରକୁ ନେଇ କୌଣସି ବଡ଼ ନିଷ୍ପତ୍ତି ନେବେ । ଉଧାର ଟଙ୍କା ଫେରି ପାଇବେ ।

**କୁମ୍ଭ:** ଶୁଭ ଖବର ମିଳିବ । ଘରକୁ ଅତିଥିଙ୍କ ଆଗମନ ହେବ । ବ୍ୟବସାୟକୁ ନେଇ ଦୂର ସ୍ଥାନକୁ ଯାତ୍ରା କରିବେ । ଆର୍ଥିକ ସ୍ଥିତିରେ ଉନ୍ନତି ଆସିବ । ମହିଳା ବନ୍ଧୁଙ୍କ ସହଯୋଗ ମିଳିବ ।

**ମୀନ:** ସ୍ୱଭାବରେ ପରିବର୍ତ୍ତନ ଆଣିବେ । ସ୍ୱାସ୍ଥ୍ୟରେ ଉନ୍ନତି ପରିଲକ୍ଷିତ ହେବ । ଛାତ୍ରଛାତ୍ରୀମାନେ ଖେଳକୁଦ ଓ ମନୋରଞ୍ଜନରେ ସମୟ ଅତିବାହିତ କରିବେ । ଆତ୍ମବିଶ୍ୱାସ ବୃଦ୍ଧି ପାଇବ ।

# ଡିଏସ୍‌ପିଙ୍କୁ ଗୁଳି କରି ଉଡ଼ାଇଦେବାକୁ ଧମକ

**ଭିଜିଲାନ୍ସ ମାମଲାରେ ଜବତ ତାଲିକା ବଦଳାଇବାକୁ ଅବସରପ୍ରାପ୍ତ ପୁଲିସ ଅଧିକାରୀଙ୍କ ଚାପ**

ଜଗତସିଂହପୁର, ୪।୨ (ସମିସ): ଜଗତସିଂହପୁର ଭିଜିଲାନ୍ସ ଡିଏସ୍‌ପି ଅନୁପମା ସାହୁଙ୍କୁ ଗୁଳି ମାରି ହତ୍ୟା କରିବାକୁ ଧମକ ଦେଇଛନ୍ତି ସଦର ଥାନା ସିପି ମକୁନ୍ଦପୁରରେ ରହୁଥିବା ଅବସରପ୍ରାପ୍ତ ପୁଲିସ ଅଧିକାରୀ ରବୀନ୍ଦ୍ରନାଥ ସେନାପତି। ଗତକାଲି ଅପରାହ୍ନରେ ଶ୍ରୀ ସେନାପତି ତାଙ୍କ ପତ୍ନୀ ଏବଂ ପୁଅଝିଅଙ୍କ ସହିତ ଜଗତସିଂହପୁର ଭିଜିଲାନ୍ସ କାର୍ଯ୍ୟାଳୟରେ ପହଞ୍ଚିଥିଲେ। ସେଠାରେ କାର୍ଯ୍ୟରତ ଡିଏସ୍‌ପି ଅନୁପମା ସାହୁଙ୍କୁ ତାଙ୍କ ନାମରେ ଥିବା କଟକ ଭିଜିଲାନ୍ସ କେଶ ନମ୍ବର ୩୨/୨୦ରେ ଜବତ ହୋଇଥିବା ଲକର ଜିନିଷ ତାଲିକା ବଦଳାଇବାକୁ ଧମକ ଦେଇଥିଲେ। ୭ ଦିନ ଭିତରେ ତାଙ୍କ ସପକ୍ଷରେ ଜବତ ତାଲିକା ନ ବଦଳାଇଲେ ଗୁଳି କରି ଉଡ଼ାଇଦେବାକୁ ଶ୍ରୀ ସେନାପତି ଧମକ ଦେଇଥିବା ଡିଏସପି ଶ୍ରୀମତୀ ସାହୁ ଜଗତସିଂହପୁର ଥାନାରେ ଅଭିଯୋଗ କରିଛନ୍ତି। ସେହିପରି ଶ୍ରୀ ସେନାପତିଙ୍କ ପତ୍ନୀ ମଧ୍ୟ ଅଶାଳୀନ ବ୍ୟବହାର ପ୍ରଦର୍ଶନ ସହିତ ତାଙ୍କ କଥା ନ ଶୁଣିଲେ ଭିଜିଲାନ୍ସ କାର୍ଯ୍ୟାଳୟ ସମ୍ମୁଖରେ ପେଟ୍ରୋଲ ଢାଳି ହୋଇ ଆତ୍ମହତ୍ୟା କରିବେ ବୋଲି ଧମକ ଦେଇଥିବା ଉକ୍ତ ଏତଲାରେ ଉଲ୍ଲେଖ ରହିଛି। ଶ୍ରୀ ସେନାପତିଙ୍କ ପୁଅ ଓ ଝିଅ ମଧ୍ୟ ଡିଏସ୍‌ପିଙ୍କୁ ଗାଳିଗୁଲଜ କରିବା ସହିତ ଚାକିରି ଖାଇଦେବେ ବୋଲି କହିଥିବା ଶ୍ରୀମତୀ ସାହୁ ତାଙ୍କ ଏତଲାରେ ଉଲ୍ଲେଖ କରିଛନ୍ତି। ଅଭିଯୋଗ ପାଇବା ପରେ ପୁଲିସ ଏକ ମାମଲା ରୁଜୁ କରିବା ସହିତ ଅଭିଯୁକ୍ତ ରବୀନ୍ଦ୍ରନାଥ ସେନାପତିଙ୍କୁ ଥାନାକୁ ଡକାଇ ପଚରାଉଚରା କରିଛି। ଘଟଣା ସମ୍ପର୍କରେ ତଦନ୍ତ ଜାରି ରଖିଥିବା ଆଇଆଇସି ସରୋଜ ସାମଲ ସୂଚନା ଦେଇଛନ୍ତି। ଏଠାରେ ସୂଚନାଯୋଗ୍ୟ ଯେ ଗତ ୨୦୨୦ ମସିହାରେ ଶ୍ରୀ ସେନାପତିଙ୍କ ନାମରେ କଟକରେ ହୋଇଥିବା ଭିଜିଲାନ୍ସ ମାମଲା ତତ୍କାଳୀନ ଭିଜିଲାନ୍ସ ଇନ୍ସପେକ୍ଟର ଅନୁପମା ସାହୁଙ୍କ ଦ୍ୱାରା ତଦନ୍ତ କରାଯାଇଥିଲା।

# ଶ୍ୱେତଗଙ୍ଗାରେ ପିଣ୍ଡଦାନ କଲେ ରାଷ୍ଟ୍ରପତି



ପୁରୀ, ୪।୨ (ସମିସ): ଦୁଇଦିନିଆ ପୁରୀ ଗସ୍ତ ଶେଷ କରି ଫେରିଯାଇଛନ୍ତି ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ। ଏହି ଗସ୍ତ ଅବସରରେ ରାଷ୍ଟ୍ରପତି ଶ୍ରୀକ୍ଷେତ୍ରର ପଞ୍ଚତୀର୍ଥ ମଧ୍ୟରୁ ଅନ୍ୟତମ ଶ୍ୱେତଗଙ୍ଗା ତୀର୍ଥରେ ପିତୃପୁରୁଷଙ୍କୁ ପିଣ୍ଡଦାନ ଦେବା ସହ ଗର୍ଭଗୃହକୁ ଯାଇ ରତ୍ନସିଂହାସନ ନିକଟରୁ ଚତୁର୍ଦ୍ଧା ବିଗ୍ରହଙ୍କୁ ଦର୍ଶନ ଏବଂ ପୂଜାର୍ଚ୍ଚନା କରିଛନ୍ତି। ମାନବ ଜାତିର କଲ୍ୟାଣ ପାଇଁ ବିଶ୍ୱନିୟନ୍ତାଙ୍କୁ ପ୍ରାର୍ଥନା କରିଛନ୍ତି ରାଷ୍ଟ୍ରପତି। ପ୍ରାୟ ୩୫ମିନିଟ୍ ଶ୍ରୀମନ୍ଦିରରେ ବିତାଇଛନ୍ତି ଭାରତର ପ୍ରଥମ ନାଗରିକ। ହେଲେ ତାଙ୍କର ପୁରୀ ଗସ୍ତକୁ ନେଇ ବେଶ୍ ଚର୍ଚ୍ଚାରେ ଥିଲେ ରାଷ୍ଟ୍ରପତି। ବିଶ୍ୱର ବୃହତ୍ତମ ଗଣତାନ୍ତ୍ରିକ ରାଷ୍ଟ୍ରର ସର୍ବୋଚ୍ଚ ପଦରେ ଅଧିଷ୍ଠିତ ହୋଇଥିଲେ ହେଁ ଜଣେ ସାଧାରଣ ଭକ୍ତ ଭଳି ଆଚରଣ ଦେଖାଇଥିଲେ। ଦର୍ଶନ ସାରିବା ପରେ ବଡ଼ଦାଣ୍ଡରେ ଚାଲିଚାଲି ଯାଇ ପିଲାଙ୍କୁ ଚକୋଲେଟ୍ ବାଣ୍ଟିବା ରାଷ୍ଟ୍ରପତିଙ୍କ ପୁରୀ ଗସ୍ତକୁ ବେଶ୍ ସ୍ମରଣୀୟ କରିଛି।

ବୁଧବାର ସକାଳେ ରାଷ୍ଟ୍ରପତିଙ୍କ କାର୍‌କେଡ୍ ପୁରୀ ଲୋକଭବନରୁ ବାହାରି ବଡ଼ଦାଣ୍ଡ ଦେଇ କାକୁଡ଼ିଖାଇ ଛକରେ ପହଞ୍ଚିଥିଲା। ସେଠାରୁ ରାଷ୍ଟ୍ରପତି ଶ୍ୱେତଗଙ୍ଗା ତୀର୍ଥକୁ ଯାଇଥିଲେ। ସେଠାରେ ପୂଜାର୍ଚ୍ଚନା ଓ ପିଣ୍ଡଦାନ ପରେ ଏମାର ମଠ ଚକଡ଼ା ଦେଇ ସକାଳ ୭ଟା ୪୦ରେ ସିଂହଦ୍ୱାର ନିକଟରେ ପହଞ୍ଚିଥିଲେ। ସେଠାରେ ଗଜପତି ମହାରାଜା ଦିବ୍ୟସିଂହଦେବ, ରାଜ୍ୟପାଳ ଡ. ହରିବାବୁ କମ୍ଭମ୍‌ପାଟି, ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ, ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ା, ବିଧାୟକ ସୁନୀଲ କୁମାର ମହାନ୍ତି, ବିଧାୟକ ଆଶ୍ରିତ ପଟ୍ଟନାୟକ, ବିଧାୟକ ଓମ୍ ପ୍ରକାଶ ମିଶ୍ର, ବିଧାୟିକା ଉପାସନା ମହାପାତ୍ର, ଶ୍ରୀମନ୍ଦିର ମୁଖ୍ୟ ପ୍ରଶାସକ ଡ. ଅରବିନ୍ଦ ପାଢ଼ୀ, ପୁଲିସ ଆଇଜି ଅରୁଣ ସାହୁ, ଜିଲ୍ଲାପାଳ ଦିବ୍ୟଜ୍ୟୋତି ପରିଡ଼ା, ଏସ୍‌ପି ପ୍ରତୀକ୍ ସିଂଙ୍କ ସମେତ ଅଧିକୃତ ସେବାୟତ ପ୍ରମୁଖ ରାଷ୍ଟ୍ରପତିଙ୍କୁ ସ୍ୱାଗତ କରିଥିଲେ। ସକାଳ ୭ଟା ୫୦ରେ ରାଷ୍ଟ୍ରପତି ଶ୍ରୀମନ୍ଦିରକୁ ପ୍ରବେଶ କରିଥିଲେ। ଭିତରକାଠ ପାର୍ଶ୍ୱରେ ଥିବା ଧୁକୁଡ଼ି ଦ୍ୱାର ଓ କଳାହାଟ ଦ୍ୱାର ଦେଇ ଗର୍ଭଗୃହକୁ ପ୍ରବେଶ କରିଥିଲେ। ରାଷ୍ଟ୍ରପତିଙ୍କ ସାଥୀରେ ଅଧିକୃତ ବ୍ୟକ୍ତି ହିଁ ଯାଇଥିଲେ। ରତ୍ନସିଂହାସନରେ ଚତୁର୍ଦ୍ଧାବିଗ୍ରହଙ୍କୁ ମୁଣ୍ଡିଆ ମାରିବା ସହ ଦର୍ଶନ ଏବଂ

**ମହାପ୍ରଭୁଙ୍କୁ ଦର୍ଶନ କରି ଆଶିଷ ନେଲେ**

ପୂଜାର୍ଚ୍ଚନା ସାରି ବେଶ୍ ଭାବବିହ୍ୱଳ ହୋଇପଡ଼ିଥିଲେ। ରାଷ୍ଟ୍ରପତି ଶ୍ରୀଜୀଉମାନଙ୍କୁ ଦର୍ଶନ ସମୟରେ ଛତିଶା ନିଯୋଗ ନାୟକ ଜନାର୍ଦ୍ଦନ ପାଟଯୋଶୀ ମହାପାତ୍ର, ପରିଚାଳନା କମିଟି ସଦସ୍ୟ ଡ. ସିଦ୍ଧେଶ୍ୱର ମହାପାତ୍ର, ମଧୁସୂଦନ ସିଂହାରୀ, ରାମନାରାୟଣ ଗୋଚ୍ଛିକାର, କୃଷ୍ଣଚନ୍ଦ୍ର ସାମନ୍ତରା, ଜଗନ୍ନାଥ ପୂଜାପଣ୍ଡା ପ୍ରମୁଖ ଉପସ୍ଥିତ ଥିଲେ। ରାଷ୍ଟ୍ରପତି ଶ୍ରୀମନ୍ଦିରରୁ ପ୍ରତ୍ୟାବର୍ତ୍ତନ କରିବା ସମୟରେ କିଛି ବାଟ ପାଦରେ ଚାଲିଚାଲି ବଡ଼ଦାଣ୍ଡର ଉଭୟପାର୍ଶ୍ୱରେ ଠିଆ ହୋଇଥିବା ଶ୍ରଦ୍ଧାଳୁଙ୍କୁ ହାତ ହଲାଇ ଅଭିବାଦନ ଗ୍ରହଣ କରିଥିଲେ।

## କୋରାପୁଟ୍ କଫି ପାଇଁ ମାର୍କଫେଡ୍ ସହ ଏନସିଇଏଲ୍‌ର ଚୁକ୍ତି

# ୟୁରୋପ ଓ ଆମେରିକାକୁ ବର୍ଷକୁ ୧୦୦ ମେଟ୍ରିକ୍ ଟନ୍ କଫି ରପ୍ତାନୀ

କୋରାପୁଟ,୪।୨(ସମିସ): ମାର୍କଫେଡ୍ ଜରିଆରେ କୋରାପୁଟ କଫି କିଣିବା ପାଇଁ ଜାତୀୟ ସମବାୟ ସଂସ୍ଥା (ଏନ୍‌ସିଇଏଲ) ସହ ଚୁକ୍ତି ହୋଇଛି। ରାଜ୍ୟପାଳଙ୍କ ବାସଭବନରେ ଏହି ଚୁକ୍ତି ସ୍ୱାକ୍ଷରିତ ହୋଇଛି। ପ୍ରାଥମିକ ପର୍ଯ୍ୟାୟରେ ଏନ୍‌ସିଇଏଲ୍ ବାର୍ଷିକ ୧୦୦ ମେଟ୍ରିକ ଟନ୍ କଫି କିଣି ୟୁରୋପ ଓ ଆମେରିକାକୁ ରପ୍ତାନି କରିବ ବୋଲି ଚୂଡ଼ାନ୍ତ ହୋଇଛି। ୨୦୩୬ସୁଦ୍ଧା ୨୦ହଜାର ମେଟ୍ରିକ୍ ଟନ୍ କଫି ଉତ୍ପାଦନ ପାଇଁ ଲକ୍ଷ୍ୟ ରଖାଯାଇଛି। ଆଜି କଫିବୋର୍ଡଠାରେ ଏକ ଚିନ୍ତନ ଶିବିରି ଆରମ୍ଭ ହୋଇଛି। ଏସଏଲଓ ଉପେନ୍ଦ୍ର ସାହାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଶିବିରରେ କଫି ଉତ୍ପାଦକ ସଙ୍ଘ ସଭାପତି ଈଶ୍ୱର ପାଣିଗ୍ରାହୀ, ଉପସଭାପତି ସୁଜୟ ପ୍ରଧାନଙ୍କ ସମେତ କୋରାପୁଟ ଚାଷୀ ସଂଘର କର୍ମକର୍ତ୍ତା ଓ କୋରାପୁଟ କଫି ବୋର୍ଡର କର୍ମକର୍ତ୍ତାମାନେ ଆଲୋଚନା କରିଥିଲେ। ବିଶ୍ୱସ୍ତରରେ କୋରାପୁଟ କଫିର ଚାହିଦା ବଢ଼ିବାରେ ଲାଗିଛି। ବେଙ୍ଗାଲୁରୁ ଓ ଦୁବାଇ ଅନ୍ତର୍ଜାତୀୟ ସମ୍ମିଳନୀରେ ଦେଶର ଅନ୍ୟତମ ଶ୍ରେଷ୍ଠ କଫିର ସ୍ୱୀକୃତି ମିଳିବା ପରେ କୋରାପୁଟମୁହାଁ ହୋଇଛନ୍ତି ଜାତୀୟ ଓ ଅନ୍ତର୍ଜାତୀୟ



ଟ୍ରେଡର୍। ତେଣୁ, ମାର୍କଫେଡ୍ ଜରିଆରେ କୋରାପୁଟ କଫି କିଣିବା ପାଇଁ ଏନ୍‌ସିଇଏଲ ଏହି ଚୁକ୍ତି କରିଥିବା ଜଣାଯାଇଛି।

ଉଲ୍ଲେଖଯୋଗ୍ୟ, ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ 'ମନ କି ବାତ'ରେ କୋରାପୁଟ କଫିର ପ୍ରଶଂସା କରିଥିଲେ। ଏହାର ସ୍ୱାଦ ଅନନ୍ୟ ଓ ନିଆରା ବୋଲି କହିଥିଲେ। ନୂଆଦିଲ୍ଲୀରେ ଗଣତନ୍ତ୍ର ଦିବସ ପରେଡରେ କୋରାପୁଟ କଫି ଲୋଗୋ ପ୍ରମୁଖ ଭାବରେ ପ୍ରଦର୍ଶିତ ହୋଇଥିଲା। କେନ୍ଦ୍ର ଓ ରାଜ୍ୟ ମିଳିତ ଉଦ୍ୟମରେ କୋରାପୁଟ କଫିକୁ ବିଦେଶ ରପ୍ତାନୀ ପାଇଁ ପ୍ରୟାସ ଆରମ୍ଭ କରିଛି ମାର୍କଫେଡ୍।

**୨୦୩୬ ସୁଦ୍ଧା ୨୦ ହଜାର ମେଟ୍ରିକ ଟନ୍ ଟାର୍ଗେଟ**

ଆଗକୁ କୋରାପୁଟ କଫି ଅଧିକରୁ ଅଧିକ ଚାଷ ହେବ ଓ ଛାୟା ବୃକ୍ଷରୋପଣ ସହ ନର୍ସରୀ ବୃଦ୍ଧି କରାଯିବ ବୋଲି କୋରାପୁଟ ଜିଲ୍ଲାପାଳ ମନୋଜ ସତ୍ୟବାନ ମହାଜନ କହିଛନ୍ତି। ଏବର୍ଷ ୬୦ ମେଟ୍ରିକ ଟନ୍ ମିଳିଛି। ଆଗକୁ ୧୦୦ ମେଟ୍ରିକ ଟନ୍ ଆଦାୟ କରାଯିବାର ଲକ୍ଷ୍ୟ ସହ ଜିଆଇ ଟ୍ୟାଗ ପାଇଁ ଚେଷ୍ଟା କରାଯିବାର ଲକ୍ଷ୍ୟ ରହିଛି ବୋଲି ସେ କହିଛନ୍ତି।

## ଆଦିବାସୀଙ୍କ ବିକାଶକୁ ସାସଂଦ ମାନସଙ୍କ ପ୍ରଶ୍ନ

# ୧୧ଟି ଯୋଜନାରେ ରାଜ୍ୟକୁ ପାଣ୍ଠି ଦେଉଛି କେନ୍ଦ୍ର

ଭୁବନେଶ୍ୱର,୪।୨(ସମିସ): ଓଡ଼ିଶାରେ କେତେ ଜନଜାତି ଅଛନ୍ତି? ସେମାନଙ୍କ ଶିକ୍ଷା, ସ୍ୱାସ୍ଥ୍ୟ, ଜୀବିକା, ସାମାଜିକ ଓ ଆର୍ଥିକ ବିକାଶ ପାଇଁ ଗତ ୩ ବର୍ଷରେ କେତେ ଟଙ୍କା କେନ୍ଦ୍ରୀୟ ଅନୁଦାନ ମିଳିଛି? ଆଜି କେନ୍ଦ୍ର ଆଦିବାସୀ ବ୍ୟାପାର ମନ୍ତ୍ରୀଙ୍କୁ ରାଜ୍ୟସଭାରେ ସାଂସଦ ମାନସ ରଞ୍ଜନ ମଙ୍ଗରାଜ ପ୍ରଶ୍ନ କରି ଏହାର ଉତ୍ତର ଜାଣିବାକୁ ଆଗ୍ରହ ପ୍ରକାଶ କରିଥିଲେ।

ଏହାର ଉତ୍ତରରେ କେନ୍ଦ୍ର ଆଦିବାସୀ ବ୍ୟାପାର ମନ୍ତ୍ରୀ ଜୁଏଲ୍ ଓରାମ କହିଛନ୍ତି, ୨୦୧୧ ଜନଗଣନା ଅନୁଯାୟୀ ଓଡ଼ିଶାରେ ମୋଟ ୯୫ ଲକ୍ଷ ୯୦ ହଜାର ୭୫୬ଜଣ ଆଦିବାସୀ ଅଛନ୍ତି। ସେମାନଙ୍କ ସର୍ବାଙ୍ଗୀନ ବିକାଶ ପାଇଁ କେନ୍ଦ୍ର ସରକାର ୧୧ଟି ପ୍ରମୁଖ ଯୋଜନାରେ ରାଜ୍ୟକୁ ଆର୍ଥିକ ପାଣ୍ଠି ପ୍ରଦାନ କରୁଛନ୍ତି। ଏଥିରେ ପ୍ରମୁଖ ଯୋଜନା ଭାବେ ଧରତି ଆବା ଗ୍ରାମ ଉତ୍କର୍ଷ ଅଭିଯାନ, ପ୍ରଧାନମନ୍ତ୍ରୀ ଜନଜାତି ଆଦିବାସୀ ନ୍ୟାୟ ମହା ଅଭିଯାନ, ପ୍ରଧାନମନ୍ତ୍ରୀ ଜନଜାତୀୟ ବିକାଶ ମିଶନ, ଏକଲବ୍ୟ ମଡେଲ ରେସିଡେନସିଆଲ ସ୍କୁଲ, ସମ୍ବିଧାନର ୨୭୫ଧାରା ଅନୁଯାୟୀ ଗ୍ରାଣ୍ଟ, ଏସସିଏ ଟୁ ଟିଏସଏସ, ଜନଜାତିଙ୍କ କଲ୍ୟାଣ ପାଇଁ କାମ



କରୁଥିବା ସ୍ୱେଚ୍ଛାସେବୀ ଅନୁଷ୍ଠାନ, ପ୍ରି-ମାଟ୍ରିକ ସ୍କଲାରସିପ୍ ଟୁ ଏସ୍‌ଟି ଷ୍ଟୁଡେଣ୍ଟସ, ପୋଷ୍ଟ ମାଟ୍ରିକ ସ୍କଲାରସିପ୍ ଟୁ ଏସ୍‌ଟି ଷ୍ଟୁଡେଣ୍ଟସ, ଜନଜାତି ବିକାଶ ଯୋଜନା, ଏନଏସଟିଏଫଡିସି, ସପୋର୍ଟ ଟୁ ଟିଆରଆଇ ଭଳି ଯୋଜନାରେ ଜନଜାତିଙ୍କ ବିକାଶ ପାଇଁ କେନ୍ଦ୍ର ସରକାର ଅନୁଦାନ ଦେଇଆସୁଛନ୍ତି। ଏସବୁ ଯୋଜନାରେ ଗତ ୩ ବର୍ଷରେ ଓଡ଼ିଶାକୁ ୨ ହଜାର ୭୮୭ କୋଟି ୩ ଲକ୍ଷ ଟଙ୍କା ମିଳିଛି।

ସାଂସଦ ଶ୍ରୀ ମଙ୍ଗରାଜ ଗତ ତିନୋଟି ଆର୍ଥିକ ବର୍ଷ ମଧ୍ୟରେ ଆଦିବାସୀ ଉପ-ଯୋଜନା ପାଇଁ ସ୍ୱତନ୍ତ୍ର କେନ୍ଦ୍ରୀୟ ସହାୟତା, ଧାରା ୨୭୫ (୧) ଅନୁଦାନ ଏବଂ ଅନ୍ୟାନ୍ୟ ଯୋଜନା ଅଧୀନରେ ରାଜ୍ୟକୁ ଜାରି କରାଯାଇଥିବା ପ୍ରମୁଖ ଅନୁଦାନର ବିବରଣୀ ଜଣାଇବାକୁ ଦାବି କରିଥିଲେ। ଏହାସହିତ ଓଡ଼ିଶାରେ ଆଦିବାସୀ ସମ୍ପ୍ରଦାୟର ଶିକ୍ଷା, ସ୍ୱାସ୍ଥ୍ୟ, ଜୀବିକା ଏବଂ ସାମାଜିକ-ଅର୍ଥନୈତିକ ସ୍ଥିତିରେ ଉନ୍ନତି ଆଣିବା ପାଇଁ କେନ୍ଦ୍ର ସରକାରଙ୍କ ଦ୍ୱାରା ନିଆଯାଇଥିବା ପଦକ୍ଷେପଗୁଡ଼ିକ ସମ୍ପର୍କରେ ପ୍ରଶ୍ନ କରିଥିଲେ।

# ଦୁର୍ଦ୍ଧାନ୍ତ ମାଓବାଦୀ ଶୁକ୍ରାମ୍‌ର ଆତ୍ମସମର୍ପଣ

ମାଲକାନଗିରି, ୪।୨ (ସମିସ): ମାଓଦମନ ଅଭିଯାନରେ ପୁଣି ମାଲକାନଗିରି ପୁଲିସକୁ ସଫଳତା ମିଳିଛି। ଛତିଶଗଡ଼ ନକ୍ସଲ ସଂଗଠନର ଦୁର୍ଦ୍ଧାନ୍ତ ମାଓବାଦୀ ଶୁକ୍ରାମ ଆଜି ମାଲକାନଗିରି ଏସ୍‌ପିଙ୍କ ସମ୍ମୁଖରେ ଆତ୍ମସମର୍ପଣ କରିଛି।



ପୁଲିସ ତା' ନିକଟରୁ ଗୋଟିଏ ଅତ୍ୟାଧୁନିକ ଏସଏଲଆର ବନ୍ଧୁକ, ୧୨ଟି ଗୁଳି, ଦୁଇଟି ଲ୍ୟାଣ୍ଡମାଇନ୍, କୋଡେକ୍ସ ତାର ସହ ଅନ୍ୟାନ୍ୟ ମାଓ ସାମଗ୍ରୀ ଜବତ କରିଛି। ଶୁକ୍ରାମ ଛତିଶଗଡ଼ ସୁକୁମା ଜିଲ୍ଲା ସମେତ ମାଲକାନଗିରି ଜିଲ୍ଲାର ମାଥିଲି ଥାନା ଅନ୍ତର୍ଗତ ଦଲଦଲି ଅଞ୍ଚଳର ଅନେକ ହିଂସାକାଣ୍ଡରେ ଜଡ଼ିତ। କାଙ୍ଗେରଘାଟି ଏରିଆ କମିଟି ମେମ୍ବର ଶୁକ୍ରାମଙ୍କ ମୁଣ୍ଡ ଉପରେ ୨୧ଲକ୍ଷ ଟଙ୍କାର ପୁରସ୍କାର ରାଶି ରହିଥିଲା। ତାକୁ ସରକାରୀ ନିୟମ ଅନୁଯାୟୀ ଥଇଥାନ କରାଯିବ ବୋଲି ମାଲକାନଗିରି ମାଲକାନଗିରି ଏସପି ବିନୋଦ ପାଟିଲ କହିଛନ୍ତି।

**ଧାନ କିଣା ଅବ୍ୟବସ୍ଥା ଜାରି**

# ୧୦ରେ କୃଷିମନ୍ତ୍ରୀ ଓ ଯୋଗାଣ ମନ୍ତ୍ରୀଙ୍କ କୁଶପୁତ୍ତଳିକା ଦାହ

ଭୁବନେଶ୍ୱର,୪।୨(ସମିସ): ସାରା ରାଜ୍ୟରେ ମଣ୍ଡି ଅବବ୍ୟସ୍ଥା ବିରୋଧରେ କୃଷକମାନଙ୍କର କ୍ରୋଧ ଓ ଅସନ୍ତୋଷ ବଢ଼ି ବଢ଼ି ଚାଲିଛି। ସରକାର ସବୁବେଳେ ସମସ୍ୟା ପ୍ରଶମିତ ହେଲା ବୋଲି ମିଛ କହି ଚାଲିଛନ୍ତି। ହେଲେ ଏବେବି କୃଷକ ରାସ୍ତା ଉପରେ ଧାନବସ୍ତା ରଖି ପ୍ରତିବାଦ କରୁଛି ଓ ଆନ୍ଦୋଳନ ଥମିବାର ନା ଧରୁନି। ତେଣୁ ରାଜ୍ୟର ଚାଷୀଙ୍କ ସ୍ୱାର୍ଥକୁ ଦୃଷ୍ଟିରେ ରଖି ଆସନ୍ତା ୧୦ ତାରିଖରେ କୃଷିମନ୍ତ୍ରୀ ଓ ଯୋଗାଣ ମନ୍ତ୍ରୀଙ୍କ କୁଶପୁତ୍ତଳିକା ଦାହ କରାଯିବ ବୋଲି ରାଜ୍ୟ କିଷାନ କଂଗ୍ରେସ କହିଛି।




ଧାନ ମଣ୍ଡିରେ ସମସ୍ୟା ଯୋଗୁଁ ପ୍ରତିଦିନ ରାଜ୍ୟର ବିଭିନ୍ନ ସ୍ଥାନରେ ଦଳମତ ନିର୍ବିଶେଷରେ ଚାଷୀ ମେଳି ବାନ୍ଧୁଛନ୍ତି ଏବଂ ଧାନ କିଣାବିକାରେ ହେରଫେର ଓ କଟ୍‌ନୀଛଟ୍‌ନୀ ବିରୋଧରେ ପ୍ରତିବାଦ କରୁଛନ୍ତି। ଏଥିପାଇଁ କିଷାନ କଂଗ୍ରେସ ପ୍ରତିବାଦ ଓ ପ୍ରତିରୋଧ କରିଚାଲିଛି। ବିଭିନ୍ନ ଜିଲ୍ଲା ଓ ବ୍ଲକମାନଙ୍କରେ ପ୍ରତିବାଦ ପଦଯାତ୍ରା ସହିତ ବିକ୍ଷୋଭ, ଘେରଉ ଓ ଧାରଣାମାନ ସଂଗଠିତ କରି ଚାଲିଛି। କିନ୍ତୁ ବର୍ତ୍ତମାନ ପରିସ୍ଥିତି ଅସମ୍ଭାଳ ହୋଇଛି। ଏଭଳି ଯନ୍ତ୍ରଣାରୁ ମୁକ୍ତି ପାଇବା ପାଇଁ କିଷାନ କଂଗ୍ରେସ ଚାଷୀମାନଙ୍କୁ ଆସନ୍ତା ଦିନରେ ଐକ୍ୟବଦ୍ଧ ହୋଇ ସଂଗ୍ରାମ ପାଇଁ ରାସ୍ତାକୁ ଓହ୍ଲାଇବାକୁ ଆହ୍ୱାନ ଦେଇଛି।

କିଷାନ କଂଗ୍ରେସ କହିଛି, ନିଆଁରେ ଘିଅ ଢାଳିବା ଭଳି ଉଭୟ କୃଷିମନ୍ତ୍ରୀ ଓ ଯୋଗାଣ ମନ୍ତ୍ରୀଙ୍କ ବିଭିନ୍ନ ଜାଗାରେ ବିଭିନ୍ନ ବିବୃତି ସମସ୍ୟାକୁ ଆହୁରି ତୀବ୍ର କରିଛି। କୃଷି ମନ୍ତ୍ରୀଙ୍କ ନୌଟଙ୍କୀ ମନ୍ତବ୍ୟ ଓ ଧାନ କ୍ରୟର ସୀମା ନିର୍ଦ୍ଧାରଣ କୃଷକ ମୁଣ୍ଡରେ ବଜ୍ରାଘାତ କରିବା ଭଳି ହୋଇଛି। ତେଣୁ ଗତ ୨ ତାରିଖରେ କଂଗ୍ରେସ ଭବନରେ ଅନୁଷ୍ଠିତ ପ୍ରଦେଶ କିଷାନ କଂଗ୍ରେସର ଜିଲ୍ଲା ଅଧ୍ୟକ୍ଷମାନଙ୍କ ବୈଠକରେ ରାଜ୍ୟର ସବୁ ଗାଁ, ପଞ୍ଚାୟତ, ବ୍ଲକ ଓ ଜିଲ୍ଲା ସଦର ମହକୁମାରେ ଚାଷୀମାନଙ୍କୁ ମେଳି କରି ଆସନ୍ତା ଫେବୃଆରୀ ୧୦ ତାରିଖରେ କୃଷକବିରୋଧୀ କୃଷି ମନ୍ତ୍ରୀ ଏବଂ ଯୋଗାଣ ମନ୍ତ୍ରୀଙ୍କର କୁଶପୁତ୍ତଳିକା ଜାଳିବାକୁ ନିଷ୍ପତ୍ତି ହୋଇଛି ବୋଲି ସଂଗଠନ କହିଛି।

# ଉତ୍ତରପ୍ରଦେଶରୁ ଗଞ୍ଜେଇ ମାଫିଆ ଗିରଫ

ବଲାଙ୍ଗିର, ୪।୨ (ସମିସ): ବଲାଙ୍ଗିର ଜିଲ୍ଲା ଲୋଇସିଂହା ଥାନା ସାଲେଭଟା-ମୁର୍ଷୁଣ୍ଡି ରାସ୍ତାରୁ ଗଞ୍ଜେଇ ଜବତ ଘଟଣାରେ ମୁଖ୍ୟ ଅଭିଯକ୍ତ ଧରାପଡ଼ିଛି। ଅଭିଯୁକ୍ତଜଣଙ୍କ ହେଲା, ଉତ୍ତରପ୍ରଦେଶ ରାଜ୍ୟର ଆଜମଗଡ଼ ଜିଲ୍ଲା ଫୁଲପୁର ଥାନା ହାଥନୌରାଖୁଦ୍‌ର୍‌ର ଅଭିଷେକ ଯାଦବ(୨୨)। ଲୋଇସିଂହା ପୁଲିସ ତାକୁ ଉତ୍ତରପ୍ରଦେଶରୁ ଗିରଫ କରିଛି। ଗତ ଅଗଷ୍ଟ ୨୩ ତାରିଖରେ, କାର୍‌ରେ ଗଞ୍ଜେଇ ଚାଲାଣ ହେଉଥିବା ବିଶ୍ୱସ୍ତ ସୂତ୍ରରୁ ଖବର ପାଇ ଲୋଇସିଂହା ପୁଲିସ ତରଭା



ନିକଟସ୍ଥ ଜାତୀୟ ରାଜପଥରେ ଡେରା ପକାଇଥିଲା। ତତ୍କାଳୀନ ଲୋଇସିଂହା ଥାନାଧିକାରୀ ଯାଜ୍ଞସେନୀ ନାୟକଙ୍କ ନେତୃତ୍ୱରେ ୨ଟି ଟିମ୍ କାର୍‌କୁ ପିଛା କରି ମୁର୍ଷୁଣ୍ଡି ରାସ୍ତାରେ କାବୁ କରିଥିଲା। କାର୍‌ରୁ ୨କୁଇଣ୍ଟାଲ ୧୪କେଜି ଗଞ୍ଜେଇ ଜବତ ହୋଇଥିଲା। ଏନେଇ ପୁଲିସ ଏକ ମାମଲା ରୁଜୁ କରି ଗୁଲେଖ ହରିପାଲକୁ ଗିରଫ କରିଥିଲା। କିନ୍ତୁ ମୁଖ୍ୟ ଅଭିଯକ୍ତକୁ ଧରିବା ପାଇଁ ପୁଲିସର ତଦନ୍ତ ଜାରି ରହିଥିଲା। ଏସ୍‌ଆଇ ଶ୍ରୀନିବାସ ବିଶ୍ୱାଳଙ୍କ ନେତୃତ୍ୱରେ ମଦନ ସାହୁଙ୍କ ସମେତ ଏକ ପୁଲିସ ଟିମ୍ ଉତ୍ତରପ୍ରଦେଶ ଯାଇ ଅଭିଯୁକ୍ତକୁ ଗିରଫ କରିଥିବା ଥାନା ଅଧିକାରୀ ସିପୋରା ସରାୟ ଲୁଗୁନ ସୂଚନା ଦେଇଛନ୍ତି।

# ବନାଗ୍ନି ନିୟନ୍ତ୍ରଣ ପାଇଁ ଅଣ୍ଟା ଭିଡ଼ିଲା ବନ ବିଭାଗ

ଭୁବନେଶ୍ୱର,୪।୨(ସମିସ): ଗତ ୨୦୨୩ ମସିହାରେ ବନାଗ୍ନି ଦୃଷ୍ଟିରୁ ଓଡ଼ିଶା ସାରା ଦେଶରେ ସବୁଠୁ ସମ୍ବେଦନଶୀଳ ସ୍ଥିତିରେ ରହିଥିଲା। ସେହିବର୍ଷ ରାଜ୍ୟରେ ବନାଗ୍ନି ଯୋଗୁଁ ୯୫୫୦.୮୬ ହେକ୍ଟରୁ ଅଧିକା ବନାଞ୍ଚଳ କ୍ଷତିଗ୍ରସ୍ତ ହୋଇଥିଲା। ମୋଟ୍ ୩୬ ହଜାର ୭୧୩ ଟି ସ୍ଥାନରେ ୨୦୨୩ରେ ନିଆଁ ଲାଗିବା ସହ ରାଜ୍ୟ ସରକାରଙ୍କ ପାଇଁ ବନାଗ୍ନି ଏକ ବଡ଼ ସମସ୍ୟା ଭାବେ ଉଭା ହୋଇଥିଲା। ସେହି ବର୍ଷଠାରୁ ଖରା ଦିନ ଆସିବା ମାତ୍ରେ ରାଜ୍ୟରେ ବନାଗ୍ନି



- ୨୦୦ ଏନଡିଆରଏଫ ଯବାନଙ୍କୁ ତାଲିମ
- ଏଆଇ କ୍ୟାମେରା ସହ ଡ୍ରୋନ୍ ବ୍ୟବହାରକୁ ଗୁରୁତ୍ୱ
- ୨୦,୪୬୧ କିଲୋମିଟର ଦୈର୍ଘ୍ୟ ଫାୟାର ଲାଇନ୍
- ଗତ ବର୍ଷ ବନାଗ୍ନି ଯୋଗୁଁ ହୋଇଥିଲା ୪୬୦୯.୩୫ ହେକ୍ଟର ଜଙ୍ଗଲ ପ୍ରଭାବିତ

ମୁକାବିଲା ପ୍ରତି ରାଜ୍ୟ ସରକାର ତତ୍ପର ହୋଇ ଉଠୁଛନ୍ତି। ଅତ୍ୟାଧୁନିକ ଜ୍ଞାନକୌଶଳ ସହ ଗୋଷ୍ଠୀ ସହଭାଗିତାକୁ ଆଧାର କରି ଯଦିଓ ଓଡ଼ିଶା ବନାଗ୍ନି ମୁକାବିଲା କ୍ଷେତ୍ରରେ ଅନେକାଂଶରେ ସଫଳ ହୋଇଛି, ମାତ୍ର ଏହା ଏବେ ବି ରାଜ୍ୟ ସରକାରଙ୍କ ପାଇଁ ଆହ୍ୱାନ ହୋଇ ରହୁଛି। ଗତବର୍ଷ ରାଜ୍ୟରେ ୨୯ହଜାର ୭୦୯ଟି ବନାଗ୍ନି ସ୍ଥଳ ଚିହ୍ନଟ ସହ ଏହାଦ୍ୱାରା ୪୬୦୯.୩୫ ହେକ୍ଟର ଜଙ୍ଗଲ ପ୍ରଭାବିତ ହୋଇଥିଲା। ସମାନ ଭାବେ ୨୦୨୪ରେ ୪୦୬୭.୦୫ ହେକ୍ଟର ଜଙ୍ଗଲ ବନାଗ୍ନି ଯୋଗୁଁ କ୍ଷତିଗ୍ରସ୍ତ ହୋଇଥିଲା।

ଚଳିତ ବର୍ଷ କିପରି ବନାଗ୍ନିର ମୁକାବିଲା କରାଯାଇପାରିବ, ତାକୁ ନେଇ ରାଜ୍ୟ ବନ ବିଭାଗ ଅଣ୍ଟା ଭିଡ଼ିଛି। ନିକଟରେ ନୂତନ ଭାବେ ଦାୟିତ୍ୱ ଗ୍ରହଣ କରିଥିବା ପ୍ରଧାନ ମୁଖ୍ୟ ବନ ସଂରକ୍ଷକ ଓ ବନ ବାହିନୀ ମୁଖ୍ୟ (ପିସିସିଏଫ୍) ଡଃ କେ. ମୁରୁଗେସନ ବିଭାଗ ସ୍ତରରେ ବନାଗ୍ନି ସମ୍ପର୍କରେ ଏକ ଗୁରୁତ୍ୱପୂର୍ଣ୍ଣ ସମୀକ୍ଷା ବୈଠକ କରିଛନ୍ତି। ବୈଠକରେ ବୁଧବାର ପିସିସିଏଫ୍ ଏକ ସମ୍ବାଦିକ ସମ୍ମିଳନୀ କରି କହିଛନ୍ତି, ଶୁଷ୍କ ପାଗ ଏବଂ ଜଙ୍ଗଲରେ ସଞ୍ଚିତ ଶୁଖିଲା ପତ୍ର ସାଙ୍ଗକୁ ମାନବଜନିତ ଅବହେଳା ଯୋଗୁଁ ଏହି ଅଘଟଣମାନ ଘଟିଥାଏ। ତଥାପି, ଉପଗ୍ରହ ଆଧାରିତ ସତର୍କ ସୂଚନା ଏବଂ ବନ କର୍ମଚାରୀଙ୍କ ତ୍ୱରିତ କାର୍ଯ୍ୟାନୁଷ୍ଠାନ ଯୋଗୁଁ ଗତବର୍ଷ ପ୍ରାୟ ୯୯.୭ ପ୍ରତିଶତ ଘଟଣାକୁ ନିୟନ୍ତ୍ରଣ କରାଯାଇ କ୍ଷତିର ପରିମାଣକୁ ସର୍ବନିମ୍ନ କରାଯାଇଥିଲା। ଏହି ସଫଳତାକୁ ଆଧାର କରି ଚଳିତ ବର୍ଷ ରାଜ୍ୟର ସମସ୍ତ ଜିଲ୍ଲା ପାଇଁ ସ୍ୱତନ୍ତ୍ର କାର୍ଯ୍ୟ ଯୋଜନା ପ୍ରସ୍ତୁତ କରାଯାଇଛି।

ଏବର୍ଷ ଜଙ୍ଗଲ ମଧ୍ୟରେ ନିଆଁର ବ୍ୟାପ୍ତିକୁ ରୋକିବା ପାଇଁ ପ୍ରାୟ ୨୦,୪୬୧ କିଲୋମିଟର ଦୈର୍ଘ୍ୟର ଅଗ୍ନିରୋଧକ ରେଖା (ଫାୟାର ଲାଇନ୍) ସୃଷ୍ଟି କରାଯାଇଛି। ପ୍ରାରମ୍ଭିକସ୍ତରରେ ନିଆଁକୁ ଚିହ୍ନଟ କରିବା ପାଇଁ କୃତ୍ରିମ ବୁଦ୍ଧିମତ୍ତା(ଏଆଇ) ସଂଚାଳିତ କ୍ୟାମେରା ଏବଂ ଡ୍ରୋନ୍ ବ୍ୟବହାର କରାଯାଉଛି। ଏଥିସହ ବିଭିନ୍ନ ରେଞ୍ଜ ଏବଂ ବିଟ୍‌ସ୍ତରରେ ୩୩୪ଟି ସ୍ୱତନ୍ତ୍ର ସୁରକ୍ଷା ଦଳ ମୁତୟନ ହୋଇଛନ୍ତି। ସେମାନଙ୍କୁ ୫,୦୦୦ରୁ ଅଧିକ ଲିଫ୍ ବ୍ଲୋୟର୍ ଓ ଅନ୍ୟାନ୍ୟ ଅଗ୍ନି ନିର୍ବାପକ ସାମଗ୍ରୀ ଯୋଗାଇ ଦିଆଯାଇଛି। କର୍ମଚାରୀଙ୍କ ଦକ୍ଷତା ବୃଦ୍ଧି ପାଇଁ ୬୩୧ରୁ ଅଧିକ ପ୍ରଶିକ୍ଷଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହେଉଥିବା ବେଳେ ପ୍ରାୟ ୨୦୦ଜଣ ଏନ୍‌ଡିଆର୍‌ଏଫ୍କ ର୍ମଚାରୀଙ୍କୁ ମଧ୍ୟ ବନାଗ୍ନି ପ୍ରତିରୋଧ ପାଇଁ ସ୍ୱତନ୍ତ୍ର ତାଲିମ ପ୍ରଦାନ କରାଯାଇଛି। ଏହାସହ ବନ ବିଭାଗ ପକ୍ଷରୁ ସ୍ଥାନୀୟ ସମୁଦାୟ ଏବଂ ଜଙ୍ଗଲ ପାର୍ଶ୍ୱବର୍ତ୍ତୀ ଅଞ୍ଚଳରେ ରହୁଥିବା ଲୋକମାନଙ୍କୁ ସହଯୋଗ ପାଇଁ ନିବେଦନ କରାଯାଇଛି। ବନ ସୁରକ୍ଷା ସମିତି ଏବଂ ଇକୋ-ଡିଭେଲପମେଣ୍ଟ କମିଟି ମାଧ୍ୟମରେ ପ୍ରାୟ ୩୩୭ଟି ଗ୍ରାମରେ ସଚେତନତା ସୃଷ୍ଟି କରାଯାଉଛି ବୋଲି ବନ ବିଭାଗ ପକ୍ଷରୁ ସୂଚନା ଦିଆଯାଇଛି।

## କୈଳାଶ ସାହୁ ହତ୍ୟାକାଣ୍ଡର ପର୍ଦ୍ଦାଫାସ୍

# ବାପାକୁ ମାରି ନାଟକ ରଚିଥିଲା

ବିଷମ କଟକ, ୪।୨ (ସମିସ): ସୁଧ ବ୍ୟବସାୟରୁ ନିବୃତ୍ତ ନହେବାରୁ ବାପାକୁ ମାରିଦେଲା। ମୃଦୁ ପାନୀୟରେ ବାଥରୁମ୍ ସଫା ଏସିଡ୍ ମିଶାଇ ବାପାକୁ ପିଆଇବା ପରେ ପନିକିରେ ଗଳା କାଟିଦେଲା। ପରେ ପ୍ରମାଣ ନଷ୍ଟ କରିବା ସହ ତା' ଉପରେ ଯେପରି ପୁଲିସର ସନ୍ଦେହ ନ ହେବ, ସେଥିପାଇଁ ସମସ୍ତ ବନ୍ଦୋବସ୍ତ କରିଦେଇଥିଲା। ଏପରିକି, ପୁଲିସ ଓ ସାହିପଡ଼ିଶାଙ୍କ ଆଗରେ ବି ନାଟକ ରଚିଥିଲା। ରାୟଗଡ଼ା ଜିଲ୍ଲା ବିଷମକଟକ ସଦର ଥାନା ବ୍ରାହ୍ମଣସାହିର କୈଳାସ ଚନ୍ଦ୍ର ସାହୁ ହତ୍ୟାକାଣ୍ଡର ପର୍ଦ୍ଦାଫାସ୍ କରିବା ସହ ପୁଲିସ ଏଭଳି ଚାଞ୍ଚଲ୍ୟକର ତଥ୍ୟ ଦେଇଛି। ସାନପୁଅ ଶ୍ୟାମସୁନ୍ଦର ହିଁ କୈଳାସଙ୍କୁ ହତ୍ୟା କରିଛି ବୋଲି ପୁଲିସ କହିଛି। ଏହି ଘଟଣାରେ ପୁଲିସ ଅଭିଯୁକ୍ତ ଶ୍ୟାମ ସୁନ୍ଦରକୁ ଗିରଫ କରି କୋର୍ଟଚାଲାଣ କରିଛି।

ପୁଲିସ ସୂଚନାନୁଯାୟୀ, କୈଳାସ ସୁଧ ବ୍ୟବସାୟ କରନ୍ତି। ପ୍ରଚୁର ଅର୍ଥ ଏହି ଏହି ବ୍ୟବସାୟରେ ଲଗାଇଥିଲେ। କିନ୍ତୁ ସାନପୁଅ ଶ୍ୟାମସୁନ୍ଦର ଏହାକୁ ବିରୋଧ କରି ଆସୁଥିଲା। ସୁଧ କାରବାର ବନ୍ଦ କରିବାକୁ ବି ତାଗିଦ୍ କରିଥିଲା। ଏହାକୁ ନେଇ ବାପା-ପୁଅ ମଧ୍ୟରେ ଦୀର୍ଘ ଦିନ ହେଲା କଳହ ଲାଗି ରହିଥିଲା। ଦୁହିଁଙ୍କ ଭିତରେ ବିବାଦ ଏତେ ବଢ଼ିଯାଇଥିଲା ଯେ ବାପାକୁ ହତ୍ୟା କରିବା ପାଇଁ ଶ୍ୟାମସୁନ୍ଦର ଯୋଜନା

**ସୁଧ ବ୍ୟବସାୟ ହେଲା କାଳ**



କରିଥିଲା। ଗତ ଶୁକ୍ରବାର ଅପରାହ୍ଣ ସାଢ଼େ ୪ଟାରେ କୈଳାସ ଘରେ ଏକୁଟିଆ ଥିବା ଦେଖି ଶ୍ୟାମସୁନ୍ଦର ତାଙ୍କୁ ମୃଦୁ ପାନୀୟରେ ବାଥରୁମ୍ ସଫା କରିବା ଏସିଡ୍ ମିଶାଇ ପିଇବାକୁ ଦେଇଥିଲା। ସଙ୍ଗେସଙ୍ଗେ କୈଳାସଙ୍କ ଅବସ୍ଥା ବିଗିଡ଼ି ଯାଇଥିଲା। ସେ ବାରମ୍ବାର ବାନ୍ତି କରିଥିଲେ। ଏହି ମୌକାରେ ପୁଅ ଏକ ଧାରୁଆ ପନିକିରେ ତାଙ୍କ ମୁଣ୍ଡକୁ ଚୋଟ ପକାଇବା ସହ ଗଳାକୁ କାଟି ଦେଇଥିଲା। ପ୍ରଚୁର ରକ୍ତସ୍ରାବ ଯୋଗୁଁ ଘଟଣାସ୍ଥଳରେ କୈଳାସଙ୍କ ମୃତ୍ୟୁ ହୋଇଯାଇଥିଲା। ପରେ ସେ ଶବକୁ ନିଜେ ରହୁଥିବା ଉପରମହଲା ଘରକୁ ଟେକି ନେଇଥିଲା। ସନ୍ଧ୍ୟା ପ୍ରାୟ ସାଢ଼େ ୬ଟାରେ ଚିତ୍କାର କରି ସାହିପଡ଼ିଶାଙ୍କୁ ଡାକ ପକାଇଥିଲା। କେହି ଦୁର୍ବୃତ୍ତ ବାପାଙ୍କୁ ହତ୍ୟା କରିଛି ବୋଲି ମିଛ ନାଟକ କରିଥିଲା। ହତ୍ୟାକାଣ୍ଡର ୬ ଦିନ ପରେ ପୁଲିସ୍ ତଦନ୍ତ କରି ହତ୍ୟାକାରୀ ସାନ ପୁଅ ଶ୍ୟାମସୁନ୍ଦରକୁ ଗିରଫ କରି କୋର୍ଟଚାଲାଣ କରିଛି। ଏଥିରେ ଅନ୍ୟମାନଙ୍କ ସମ୍ପୃକ୍ତି ଅଛି କି ନାହିଁ ତଦନ୍ତ ଚାଲିଥିବା ବିଷମ କଟକ ଥାନା ଅଧିକାରୀ ସୂର୍ଯ୍ୟଚନ୍ଦ୍ର ପାଢ଼ୀ ସୂଚନା ଦେଇଛନ୍ତି।

## ସିନାପାଲି-ଖଡ଼ିଆଳ ରାସ୍ତା କାମରେ ଅବ୍ୟବସ୍ଥା

# ଧୂଳି ଗୁଣ୍ଡରେ ସାଧାରଣଲୋକ ଅତିଷ୍ଠ

ସିନାପାଲି, ୪।୨(ସମିସ)

ନୂଆପଡ଼ା ଜିଲ୍ଲା ସିନାପାଲି ଠାରୁ ଖଡ଼ିଆଳ ପର୍ଯ୍ୟନ୍ତ ଚାଲୁଥିବା ରାସ୍ତା ନିର୍ମାଣ କାମରେ ଅବ୍ୟବସ୍ଥାକୁ ନେଇ ସ୍ଥାନୀୟ ଲୋକମାନଙ୍କ ମଧ୍ୟରେ ତୀବ୍ର ଅସନ୍ତୋଷ ପ୍ରକାଶ ପାଉଛି। ଲୋକଙ୍କ ସୁବିଧା ପାଇଁ ଆରମ୍ଭ ହୋଇଥିବା ରାସ୍ତାରେ ଧୂଳିଉଡି ସାଧାରଣ ଲୋକ ନାହିଁ ନ ଥିବା ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ରାସ୍ତା ଖୋଳା ଯାଉଥିବା ବଳେ ପୂର୍ବ ସତର୍କତା ସୂଚନା, ସାଇନବୋର୍ଡ କିମ୍ବା ସୁରକ୍ଷା ଚିହ୍ନ ନଥିବାରୁ ଯାତ୍ରୀ ଓ ଚାଳକମାନେ ଭାରି ଅସୁବିଧାରେ ପଡୁଛନ୍ତି।ଫଳରେ ଛୋଟବଡ଼ ଦୁର୍ଘଟଣା ଘଟୁଥିବା ବେଳେ କିଛି ଦିନ ପୂର୍ବରୁ ଧାନ ବୋଝେଇ ଟ୍ରକ ଓଲଟି ପଡ଼ିଥିବା ଘଟଣା ସାମ୍ନାକୁ ଆସିଛି।ଖୋଳାଯାଇଥିବା ରାସ୍ତାରେ ଧାର୍ଯ୍ୟ ଅନୁଯାୟୀ ମେଟାଲ ପୋତାଯାଉନଥିବା ଓ ପାଣି ଛିଞ୍ଚା ଯାଉନଥିବାରୁ ଧୂଳିଗୁଣ୍ଡରେ ଲୋକେ



ଅତିଷ୍ଠ ହୋଇ ଅନେକ ସମସ୍ୟା ସୃଷ୍ଟି ହେଉଛି। ସିନାପାଲିରୁ ଖଡ଼ିଆଳ ପର୍ଯ୍ୟନ୍ତ ଯାତାୟାତ କରୁଥିବା ଲୋକମାନେ ଧୂଳିଧୂଷର ହୋଇ ଘରକୁ ଫେରୁଥିବାବେଳେ ସ୍ୱାସ୍ଥ୍ୟ ଜନିତ ଝୁମ୍ପ ମଧ୍ୟ ବଢ଼ିଛି।ରାସ୍ତା କାମରେ ନିୟୋଜିତ ମେଟାଲ, ମାଟି ଓ ଅନ୍ୟାନ୍ୟ ସାମଗ୍ରୀ ବୋଝେଇ ଟ୍ରକ୍ ଓ ଟ୍ରାକ୍ଟରମାନେ ବେପାରୁଆ ଭାବେ ଚଳାଚଳ କରୁଥିବାରୁ ଦୁର୍ଘଟଣାର ଆଶଙ୍କା ଆହୁରି ବଢ଼ିଛି। ଅନେକ ସ୍ଥାନରେ ରାସ୍ତା ଉପରେ ମେଟାଲ ଉଠିପଡ଼ି ଯାନବାହନ ଚଳାଚଳକୁ ବାଧା ସୃଷ୍ଟି କରୁଛି।ସ୍ଥାନୀୟ ବାସିନ୍ଦାମାନେ ରାସ୍ତା ନିର୍ମାଣ କାମର ଗୁଣବତ୍ତା ନେଇ ମଧ୍ୟ ଗଭୀର ଚିନ୍ତା ପ୍ରକାଶ କରୁଛନ୍ତି।ନିମ୍ନମାନର କାମ ହେଲେ ରାସ୍ତା ଶୀଘ୍ର ଖରାପ ହେବାର ଆଶଙ୍କା ରହିଛି ବୋଲି ସେମାନେ କହିଛନ୍ତି। ଏହିପରି ପରିସ୍ଥିତିରେ ପ୍ରଶାସନ ପକ୍ଷରୁ କାମର ଗୁଣବତ୍ତା ଉପରେ ନଜର ରଖିବାକୁ ଦାବି ହେଉଛି।ସେହିପରି ରାସ୍ତା କଡ଼ରେ ଥିବା ଗଣ୍ଡାବାହାଲି, ଡୁଆଝର ଓ ବରଗାଁ ଆଦି ଗ୍ରାମରେ ଜବରଦଖଲ ଉଚ୍ଛେଦ ହେଉନଥିବାକୁ ନେଇ ପ୍ରଶ୍ନ ଉଠୁଛି। କାହାର ଚାପରେ ପ୍ରଶାସନ ଚୁପ ରହିଛି କି ବୋଲି ଲୋକମାନେ ଚର୍ଚ୍ଚା କରୁଛନ୍ତି। ଗଣ୍ଡାବାହାଲି ଓ ଡୁଆଝରର ଅଣଓସାରିଆ ପୋଲକୁ ଓସାରିଆ କରିବାକୁ ମଧ୍ୟ ସ୍ଥାନୀୟଲୋକଙ୍କ ଦାବି ରହିଛି।ରାସ୍ତା ନିର୍ମାଣକାମ ଚାଲିଥିବାବେଳେ ଅନ୍ୟପଟେ ସୁରକ୍ଷା, ସ୍ୱାସ୍ଥ୍ୟ ଓ ଯାତାୟାତ ବ୍ୟବସ୍ଥା ପ୍ରତି ଅବହେଳା ଚିନ୍ତାଜନକ ପରିସ୍ଥିତି ସୃଷ୍ଟି କରିଛି ବୋଲି ବୁଦ୍ଧିଜୀବୀ ମହଲରେ ମତ ପ୍ରକାଶ ପାଇଛି। ସ୍ଥାନୀୟଲୋକ ରାସ୍ତାର ସ୍ଥାୟୀତ୍ୱ ନେଇ ପ୍ରଶ୍ନ ଉଠାଇଥିବା ବେଳେ ଧାର୍ଯ୍ୟ ସମୟ ଅବଧି ଭିତରେ କାମ ସମ୍ପୂର୍ଣ୍ଣ ହେବ ନା ନାହିଁ ତାକୁ ନେଇ ସ୍ଥାନୀୟ ଲୋକ ଆଶଙ୍କା ପ୍ରକଟ କରିଛନ୍ତି। ଏଥିପ୍ରତି ପ୍ରଶାସନ ଗୁରୁତ୍ୱ ଦେଇ ରାସ୍ତା ନିର୍ମାଣ କରିବାକୁ ଦାବି କରିଛନ୍ତି।

## ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ବିଶ୍ୱ କର୍କଟ ଦିବସ

**ନୂଆପଡ଼ା, ୪।୨(ସମିସ):** ଜିଲ୍ଲା ମୁଖ୍ୟ ଚିକିତ୍ସାଳୟ ପରିସରରେ ବିଶ୍ୱ କର୍କଟ ଦିବସ ପାଳିତ ହୋଇଯାଇଛି। ପୂର୍ବାହ୍ନରେ ସଚେତନତା ଶୋଭାଯାତ୍ରାର ଶୁଭାରମ୍ଭ ହୋଇଥିଲା। ପ୍ରଥମେ ଜିଲ୍ଲା ମୁଖ୍ୟ ଚିକିତ୍ସା ଓ ଜନସ୍ୱାସ୍ଥ୍ୟ ଅଧିକାରୀ ଡାକ୍ତର ଧନେଶ୍ୱର ସେଠୀ ଶୋଭାଯାତ୍ରାରେ ଅଂଶଗ୍ରହଣ କରିଥିବା ସମସ୍ତ ଛାତ୍ରଛାତ୍ରୀ, ସ୍ୱାସ୍ଥ୍ୟ ବିଭାଗର ବିଭିନ୍ନ କର୍ମଚାରୀ ଓ ଜନସାଧାରଣଙ୍କୁ ସବୁଜ ପତାକା ଦେଖାଇ ଶୋଭାଯାତ୍ରାକୁ ଆରମ୍ଭ କରିଥିଲେ। ଦ୍ୱିତୀୟ ପର୍ଯ୍ୟାୟରେ ନୂଆପଡ଼ା ଜିଲ୍ଲା ମୁଖ୍ୟ ଚିକିତ୍ସାଳୟର




ସମ୍ମିଳନୀ କକ୍ଷରେ ସଚେତନତାମୂଳକ କର୍ମଶାଳା ଅନୁଷ୍ଠିତ ହୋଇଥିଲା। କର୍ମଶାଳାରେ ଜିଲ୍ଲା ଜନସ୍ୱାସ୍ଥ୍ୟ ଅଧିକାରୀ ଡାକ୍ତର ଦ୍ୱାରିକାନାଥ ଶତପଥୀ, ଜିଲ୍ଲା ମୁଖ୍ୟ ଚିକିତ୍ସାଳୟ ଅଧିକ୍ଷକ ଡାକ୍ତର ଲଳିତ ମୋହନ ବିଶି, ଅତିରିକ୍ତ ଜିଲ୍ଲା ଜନସ୍ୱାସ୍ଥ୍ୟ ଅଧିକାରୀ (ଭେକ୍ଟର ବାହିତ ରୋଗ) ଡାକ୍ତର ଗୁରୁ ପ୍ରସାଦ ଜେନା, ଅତିରିକ୍ତ ଜିଲ୍ଲା ଜନସ୍ୱାସ୍ଥ୍ୟ ଅଧିକାରୀ (ରୋଗ ନିୟନ୍ତ୍ରଣ) ଡାକ୍ତର ମଞ୍ଜୁରାଣୀ ସିଂହ, ଅତିରିକ୍ତ ଜିଲ୍ଲା ଜନସ୍ୱାସ୍ଥ୍ୟ ଅଧିକାରୀ (ଯକ୍ଷ୍ମା) ଡାକ୍ତର ଦିଲ୍ଲୀପ କୁମାର ଦାସ, ଜିଲ୍ଲା ସଂକ୍ରାମକ ରୋଗ ବିଶେଷଜ୍ଞ ଡାକ୍ତର ଜଗତବନ୍ଧୁ ମହାପାତ୍ର, ଭାରପ୍ରାପ୍ତ ଅତିରିକ୍ତ ଜିଲ୍ଲା ଜନସ୍ୱାସ୍ଥ୍ୟ ଯୋଗାଯୋଗ ଅଧିକାରୀ ଚନ୍ଦ୍ରଭାନ ଚନ୍ଦ୍ରକାର, ଅଣ ସଂକ୍ରାମକ ରୋଗ ପରିଚାଳକ ଶରତ ନାୟକ, ଅଣସଂକ୍ରାମକ ରୋଗ ସହାୟକ ଶରତ ବେଜୋ, ପ୍ରକଳ୍ପ ସହାୟକ ସୁଧୀର ମେହେର ଏବଂ ସୁଶିଳା ଦେବୀ ନର୍ସିଂ କଲେଜ, ଗୋପୀନାଥ ନର୍ସିଂ କଲେଜ ଓ ଜଗନ୍ନାଥ ନର୍ସିଂ କଲେଜର ଶିକ୍ଷକବୃନ୍ଦ ଓ ଛାତ୍ରଛାତ୍ରୀ ଉପସ୍ଥିତ ଥିଲେ। କର୍କଟ ରୋଗ ଉପରେ ସଚେତନତା ପାଇଁ ଛାତ୍ରଛାତ୍ରୀଙ୍କ ମଧ୍ୟରେ ଆୟୋଜନ କରାଯାଇଥିବା ପ୍ରବନ୍ଧ ପ୍ରତିଯୋଗିତାରେ ପ୍ରଥମ, ଦ୍ୱିତୀୟ ଓ ତୃତୀୟ ସ୍ଥାନ ଅଧିକାର କରିଥିବା ଛାତ୍ରଛାତ୍ରୀଙ୍କୁ ପୁରସ୍କୃତ କରାଯାଇଥିଲା। କାର୍ଯ୍ୟକ୍ରମକୁ ଜିଲ୍ଲା ସ୍ୱାସ୍ଥ୍ୟ ସମିତିର ଜିଲ୍ଲା ଅଣ ସଂକ୍ରାମକ ରୋଗ ବିଭାଗ ପରିଚାଳନା କରିଥିଲେ।

## ଡୁଟା ହାଇସ୍କୁଲର ବାର୍ଷିକ ଉତ୍ସବ

**ମ. ରାମପୁର, ୪।୨(ସମିସ):** କଳାହାଣ୍ଡି ଜିଲ୍ଲା ମ.ରାମପୁର ବ୍ଲକ ସାଲେପାଲି ପଞ୍ଚାୟତ ଡୁଟା ସରକାରୀ ଉନ୍ନୀତ ଉଚ୍ଚ ବିଦ୍ୟାଳୟର ବାର୍ଷିକ ଉତ୍ସବ ଅନୁଷ୍ଠିତ ହୋଇଯାଇଛି।ବିଦ୍ୟାଳୟର ପ୍ରଧାନଶିକ୍ଷକ ଅରୁଣ କୁମାର ସାହୁଙ୍କ ଅଧ୍ୟକ୍ଷତାରେ ମୁଖ୍ୟଅତିଥି କଳାହାଣ୍ଡି ଜିଲ୍ଲାପରିଷଦ ଅଧ୍ୟକ୍ଷ ପୁଷ୍ପେନ୍ଦ୍ର କୁମାର ସିଂହଦେଓ, ସମ୍ମାନିତ ଅତିଥି ଗୋଷ୍ଠି ଉନ୍ନୟନ ଅଧିକାରୀ ଶରତ ଚନ୍ଦ୍ର ସେଠି, ମହାଶକ୍ତି ଫାଉଣ୍ଡେସନ ସଂଯୋଜିକା ଭାଗ୍ୟଶ୍ରୀ ରାଉତ, ମୁଖ୍ୟ ବକ୍ତା ଅତିରିକ୍ତ ଗୋଷ୍ଠି ଶିକ୍ଷା ଅଧିକାରୀ ଜୟସେନ ନିଆଲ, ସାଲେପାଲି ପଞ୍ଚାୟତ ନାଏବ ସରପଞ୍ଚ ଲୟ ଭୋଇ, ଉନ୍ନୀତ ଉଚ୍ଚ ବିଦ୍ୟାଳୟକୁ ଜମିଦାତା ପରମାନନ୍ଦ ସାହୁ ଓ ଜଗୁ ସାହୁ, ବିଦ୍ୟାଳୟ ହିତାକାଂକ୍ଷୀ ମୁରଲୀ ସାହୁ, ବିଦ୍ୟାଳୟ ପରିଚାଳନା କମିଟି ସଭାପତି ଭୂପିନ୍ଦ୍ର ମାଝୀ, ମୁଡିଙ୍ଗ ଆଞ୍ଚଳିକ ସାଧନ କେନ୍ଦ୍ର ସଂଯୋଜକ ଅନିଲ ପଧାନ, ଦୁଟା ଗ୍ରାମର ୱାର୍ଡମେମ୍ବର ଭରତ ଚନ୍ଦ୍ର ସାହୁ, ବିପିନ ସାହୁ, କମ୍ବୁ ସାହୁ ଯୋଗ ଦେଇ ଛାତ୍ରଛାତ୍ରୀଙ୍କ ଉଜ୍ଜ୍ୱଳ ଭବିଷ୍ୟତ ତଥା ବିଦ୍ୟାଳୟର ଉନ୍ନତି ଦିଗରେ ବକ୍ତବ୍ୟ ପ୍ରଦାନ କରିଥିଲେ। ଅଶୋକ କୁମାର ପାଣିଗ୍ରାହୀଙ୍କ ଦ୍ୱାରା ଆରମ୍ଭ ହୋଇ ବିଦ୍ୟାଳୟର ବାର୍ଷିକ ବିବରଣୀ ପଠନ ପ୍ରଧାନଶିକ୍ଷକ ଅରୁଣ କୁମାର ସାହୁ ପାଠ କରିଥିଲେ। ପୁରସ୍କାର ବିତରଣ କାର୍ଯ୍ୟକ୍ରମରେ ବିଦ୍ୟାଳୟର ଶିକ୍ଷକ ଟଙ୍କଧର ରଣା, ରାମଚନ୍ଦ୍ର ସେଠି, ସୁନୀଲ ପଧାନ, ଚକ୍ରଧର ମାଝୀ, ତିଳ ଭୋଇ, ଶଙ୍କର ସାହୁ, କିଷାନ ସୁନା ସହ ବିଦ୍ୟାଳୟ ପରିଚାଳନା କମିଟି ସଦସ୍ୟ ଗଣ ଓ ଡୋଲମଣୀ ସାହୁ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ। ଏହି ଅବସରରେ ବିଭିନ୍ନ ପ୍ରତିଯୋଗିତାରେ କୃତୀ ଛାତ୍ରଛାତ୍ରୀଙ୍କୁ ପୁରସ୍କୃତ କରାଯାଇଥିଲା। ପରେ ଛାତ୍ରଛାତ୍ରୀଙ୍କ ଦ୍ୱାରା ସଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ ହୋଇଥିଲା।

## କେନାଲରୁ ଅଜଣା ମୃତଦେହ ଉଦ୍ଧାର

**କୋକସରା, ୪।୨(ସମିସ):** କୋକସରା ଥାନା ମାଝିଗୁଡା ପଞ୍ଚାୟତ କାଦୋପଡ଼ା ନିକଟ ଇନ୍ଦ୍ରାବତୀ ଉଠାଜଳସେଚନ କେନାଲରୁ ଜଣେ ଅଚିହ୍ନା ବୃଦ୍ଧଙ୍କ ମୃତଦେହ ଅଗ୍ନିଶମ ବିଭାଗ ସହାୟତାରେ କୋକସରା ପୁଲିସ ଉଦ୍ଧାର କରିଛି। ଉଦ୍ଧାର ହୋଇଥିବା ବୃଦ୍ଧଙ୍କ ଆନୁମାନିକ ବୟସ ୬୦ହେବ। ବୁଧବାର ସକାଳୁ କାଡୋପଡ଼ା ଗ୍ରାମର କିଛି ଲୋକ ମୃତଦେହ କେନାଲ ପାଣିରେ ଭାସୁଥିବା ଦେଖିବାକୁ ପାଇ କୋକସରା ଥାନା ପୁଲିସକୁ ଖବର ଦେଇଥିଲେ। କୋକସରା ଥାନା ଅଧିକାରୀ ସୁଜ୍ଞାନ କୁମାର ବାରିକ ପହଞ୍ଚି କୋକସରା ଅଗ୍ନିଶମ ବିଭାଗର ଓଆଇସି ପ୍ରଶାନ୍ତ ବାଘଙ୍କ ନେତୃତ୍ୱରେ ଅଗ୍ନିଶମ ବିଭାଗର କର୍ମଚାରୀ ଶବକୁ ଉଦ୍ଧାର କରିଥିଲେ। ପ୍ରାଥମିକ ତଦନ୍ତ ପରେ ପୁଲିସ କୋକସରା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ଶବ ବ୍ୟବଚ୍ଛେଦ ପାଇଁ ପଠାଇ ଦେଇଥିଲେ। ଦିର୍ଘ ସମୟ ଧରି ଉଦ୍ଧାର ହୋଇଥିବା ମୃତ ବ୍ୟକ୍ତିଙ୍କ କୌଣସି ପରିଚୟ ନ ମିଳିବାରୁ ମାଜିଷ୍ଟ୍ରେଟ ଦାୟିତ୍ୱରେ କୋକସରା ଅତିରିକ୍ତ ତହସିଲଦାର ମୋହନ୍ ଚରଣ ଜେନାଙ୍କ ଉପସ୍ଥିତିରେ ଶବ ବ୍ୟବଚ୍ଛେଦ କରାଯାଇଛି। କୋକସରା ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରରେ ଶବ ରଖିବା ପାଇଁ ଫ୍ରିଜର ବ୍ୟବସ୍ଥା ନ ଥିବାରୁ ଧର୍ମଗଡ଼ ଉପଖଣ୍ଡ ସ୍ୱାସ୍ଥ୍ୟ କେନ୍ଦ୍ରକୁ ପଠାଇ ଦିଆଯାଇଛି। ସେଠାରେ ୭୨ ଘଣ୍ଟା ପର୍ଯ୍ୟନ୍ତ ସବକୁ ଫ୍ରିଜରେ ରଖାଯିବା ନେଇ ସୂଚନା ରହିଛି। କୋକସରା ଥାନାରେ ଅପମୃତ୍ୟ ମାମଲା ରୁଜୁ ହୋଇ ତଦନ୍ତ ଚଲିଥିବା ଥାନା ପକ୍ଷରୁ ସୂଚନା ଦିଆଯାଇଛି।

## କାଉଗୁଡ଼ା ପିଏମଶ୍ରୀ ଉଚ୍ଚ ବିଦ୍ୟାଳୟର ବାର୍ଷିକ ଉତ୍ସବ

**ଲାଞ୍ଜିଗଡ଼, ୪।୨(ସମିସ):** ଲାଞ୍ଜିଗଡ଼ ବ୍ଲକ କାଉଗୁଡାସ୍ଥିତ ପିଏମଶ୍ରୀ ଉଚ୍ଚ ବିଦ୍ୟାଳୟର ବାର୍ଷିକ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ମୁଖ୍ୟଅତିଥି ଭାବେ ଲାଞ୍ଜିଗଡ଼ ବ୍ଲକ ଅଧ୍ୟକ୍ଷା କମଳା ପାତ୍ର ଯୋଗ ଦେଇଥିବାବେଳେ ମୁଖ୍ୟବକ୍ତା ଭାବେ ଲାଞ୍ଜିଗଡ଼ ଗୋଷ୍ଠୀ ଶିକ୍ଷାଧିକାରୀ




ରଶ୍ମିଆ ମେହେର ଯୋଗ ଦେଇଥିଲେ। ସମ୍ମାନିତ ଅତିଥି ଭାବେ ପୂର୍ବତନ ଜିଲ୍ଲା ପରିଷଦ ସଦସ୍ୟ ଟଙ୍କଧର ମାଝୀ, ଅବସରପ୍ରାପ୍ତ ପ୍ରଧାନଶିକ୍ଷକ ସୁରେଶ ଚନ୍ଦ୍ର ସାହୁ, ସମାଜସେବୀ ହରିଶଙ୍କର ପାତ୍ର ପ୍ରମୁଖ ମଞ୍ଚାସୀନ ଥିଲେ। ବିଦ୍ୟାଳୟର ପ୍ରଧାନଶିକ୍ଷୟିତ୍ରୀ ସୁପ୍ରଭା ଦୋରାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ପ୍ରଥମ ଅଧିବେଶନରେ ଖେଳଶିକ୍ଷକ ଲମ୍ବୋଦର ସାହୁ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ପ୍ରଥମେ ଗଜାନନ ଶ୍ରୀ ଗଣେଶଙ୍କ ଫୋଟରେ ପୂଜାର୍ଚ୍ଚନା ପରେ ପ୍ରଧାନଶିକ୍ଷୟିତ୍ରୀ ଶ୍ରୀମତୀ ଦୋରା ବାର୍ଷିକ ବିବରଣୀ ପଠନ କରିଥିଲେ। ଦ୍ୱିତୀୟ ଅଧିବେଶନରେ ମୁଖ୍ୟ ଅତିଥି ଭାବେ ପିଏଆଇଟିଡିଏ ପ୍ରଦ୍ୟୁମ୍ନ କୁମାର ଦାଶ ଯୋଗ ଦେଇଥିବା ବେଳେ ସମ୍ମାନିତ ଅତିଥି ଭାବେ ଜିଲ୍ଲା ମଙ୍ଗଳ ଅଧିକାରୀ ଅନ୍ତର୍ଯ୍ୟାମୀ କହଁର, କେକେଡିଏ ସ୍ୱତନ୍ତ୍ର ଅଧିକାରୀ ଶରତ ଚନ୍ଦ୍ର ସାହୁ ପ୍ରମୁଖ ଯୋଗ ଦେଇଥିଲେ। ପ୍ରଧାନଶିକ୍ଷୟିତ୍ରୀ ଶ୍ରୀମତୀ ଦୋରା ଅଧ୍ୟକ୍ଷତା କରିଥିଲେ। ଏହି ଅବସରରେ ବିଭିନ୍ନ କ୍ଷେତ୍ରରେ କୃତୀତ୍ୱ ଅର୍ଜନ କରିଥିବା ଛାତ୍ରଛାତ୍ରୀଙ୍କୁ ଅତିଥିମାନେ ପୁରସ୍କୃତ କରିଥିଲେ। ଶେଷରେ ଛାତ୍ରଛାତ୍ରୀଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷିତ ହୋଇଥିଲା। ସାଂସ୍କୃତିକ କାର୍ଯ୍ୟକ୍ରମକୁ ବିଦ୍ୟାଳୟର ଦଶମ ଶ୍ରେଣୀ ଛାତ୍ରୀ ଶିଖା ମାଝୀ, ଛାତ୍ର ଦିଗାମ୍ବର ହରିଜନ, ନବ କିଶୋର ମାଝୀ ପରିଚାଳନା କରିଥିଲେ। ବିଦ୍ୟାଳୟର ଶିକ୍ଷକ ସତ୍ୟବାଦୀ ନାଏକ, ନରେଶ ସାହୁ, ହିମାଞ୍ଚଳ ପୂଜାରୀ, ଜଗନ୍ନାଥ ନାୟକ, ସନ୍ଦୀପ ମିଶ୍ର, କୋକିଳ ଶବର, ପ୍ରଶାନ୍ତ ପ୍ରଧାନ, ଅରୁଣ ପଣ୍ଡା, ଆଲୋକ ମହାକୁଡ଼, ଅଞ୍ଜଳି ସାହୁ, ନମିତା ମାଝୀ, ପଦ୍ମିନୀ ସାହୁ, ସବିତା ଜଗତ, ରଶ୍ମିତା ସାହୁ, ପୁଷ୍ପାଞ୍ଜଳି ପଣ୍ଡା ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନାରେ କରିଥିଲେ। ସେହିପରି ବିଦ୍ୟାଳୟର କର୍ମଚାରୀ ମମତା ନାଏକ, ସଂକୀର୍ତ୍ତନ ଶବର, କ୍ଷୀରାବ୍ଧି ଯୁଆଡ଼, ସମାଜ ଶବର, ସୁନା ମାଝୀ, ସୁଦର୍ଶନ ପାତ୍ର, ଚମ୍ପା ମାଝୀ, ଗୋପୀମଣି ଶବର କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ।

## ବାଲି ବୋଝେଇ ୨ ଟ୍ରାକ୍ଟର ଜବତ

**କେସିଙ୍ଗା, ୪।୨(ସମିସ):** କଳାହାଣ୍ଡି ଜିଲ୍ଲା କେସିଙ୍ଗା ଅଞ୍ଚଳରେ ଓଡି୦୮ଓ ୫୮୩୦ ଓ ଓଡି୦୮ଏସ -୧୨୪୨ ନମ୍ବର ବିଶିଷ୍ଟ ଦୁଇଟି ବେଆଇନ ବାଲି ବୋଝେଇ ଟ୍ରାକ୍ଟରକୁ ଜବତ କରି କେସିଙ୍ଗା ଥାନାରେ ଜିମା ଦେଇଛନ୍ତି ଜିଲ୍ଲା ଖଣି ବିଭାଗର ଅଧିକାରୀ। ବିଭାଗୀୟ ଅଧିକାରୀ ସୌମ୍ୟରଞ୍ଜନ ମେହେର, ପ୍ରିୟବ୍ରତ ବେହେରା, ପ୍ରଶାନ୍ତ କାର୍ଗୀ, ସରୋଜ ସାହୁ, ତନୁଜ ବାଲୁଆଙ୍କ ସମେତ ଅନ୍ୟ ଅଧିକାରୀ ବେଆଇନ ବାଲି ଚୋରା ଚାଲାଣ ଧରପଗଡ଼ରେ ସାମିଲ ହୋଇଥିଲେ।

## କୁମାରଗୁଡ଼ାରେ ବୁଢ଼ାରଜା ମହୋତ୍ସବ ଆରମ୍ଭ



**ଲାଞ୍ଜିଗଡ଼, ୪।୨(ସମିସ):** କଳାହାଣ୍ଡି ଜିଲ୍ଲା ଲାଞ୍ଜିଗଡ଼ ବ୍ଲକ ଲାଖବାହାଲି ପଞ୍ଚାୟତସ୍ଥିତ କୁମାରଗୁଡ଼ାରେ ବୁଢ଼ାରଜାଙ୍କ ମହୋତ୍ସବ ପାଇଁ ଭବ୍ୟ କଳସ ଯାତ୍ରା ଅନୁଷ୍ଠିତ ହୋଇଯାଇଛି।ମହୋତ୍ସବ ଫେବୃଆରୀ ୪ ତାରିଖ ଠାରୁ ଫେବୃଆରୀ ୧୦ ତାରିଖ ପର୍ଯ୍ୟନ୍ତ ୭ ଦିନଧରି ଅନୁଷିତ ହେବ। ପ୍ରଥମ ଦିନରେ ବୁଢ଼ାରଜାଙ୍କ ଭବ୍ୟ କଳସ ଶୋଭାଯାତ୍ରାରେ ଆଖପାଖ ଅଞ୍ଚଳର ଶତାଧିକ ମହିଳା ଭବ୍ୟ କଳସ ଯାତ୍ରାରେ ସାମିଲ ହୋଇଥିଲେ। ବୁଢାରଜା ପୂଜା କମିଟି ସଭାପତି ରାମଚନ୍ଦ୍ର ମାଝୀଙ୍କ ତତ୍ତ୍ୱାବଧାନରେ ଅନୁଷ୍ଠିତ ଉତ୍ସବ ୭ ଦିନ ଧରି ଅନୁଷ୍ଠିତ ହେଉଥିବା ବେଳେ ପ୍ରତ୍ୟେକ ଦିନ ରାତିରେ ଲୋକଙ୍କ ମନୋରଞ୍ଜନ ପାଇଁ ଅରକେଷ୍ଟ୍ରା, ମେଲୋଡି, ରେକର୍ଡ ଡ୍ୟାନ୍ସ, ଗୀତିନାଟ୍ୟ ସମେତ ଓଡ଼ିଶାର ବଛା ବଛା କଳାକାର ଏହି ସଂସ୍କୃତିକ କାର୍ଯ୍ୟକ୍ରମରେ ଯୋଗଦେଇ ଲୋକଙ୍କ ମନୋରଞ୍ଜନ କରିବେ ବୋଲି ପୂଜା କମିଟି ପକ୍ଷରୁ ସୂଚନା ମିଳିଛି।ପୂଜକ ରତ୍ନ ମାଝୀ ପୂଜାର୍ଚ୍ଚନା କାର୍ଯ୍ୟନିର୍ବାହ କରୁଥିବା ବେଳେ ପୂଜା କମିଟିର ଉପସଭାପତି ହରିଶ ସାହୁ, ସମ୍ପାଦକ ଈଶ୍ୱର ବାଗ, ସହ ସମ୍ପାଦକ ସୁମନ୍ତ ନାଏକ, ମ୍ୟାନେଜର ରାଜେଶ ନାଏକ, କୋଷାଧକ୍ଷ ବିସ୍ମ ମାଝୀ, ଡିଜାଇନର ଧନିଆଁ ନାଏକ, ରମେଶ ନାଏକଙ୍କ ସମେତ କମିଟିର ସମସ୍ତ ସଦସ୍ୟ ଓ ଗ୍ରାମବାସୀ ସହଯୋଗ କରୁଛନ୍ତି।

## ଉଦ୍ୟମିତା ପ୍ରୋତ୍ସାହନ କାର୍ଯ୍ୟକ୍ରମ

**ଜୁନାଗଡ଼, ୪।୨(ସମିସ):** ଜୁନାଗଡ଼ ବ୍ଲକ ସଭା ଗୃହରେ ଓଡ଼ିଶା ସରକାରଙ୍କ ଉଦ୍ୟମିତା ପ୍ରୋତ୍ସାହନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି।କାର୍ଯ୍ୟକ୍ରମ କଳାହାଣ୍ଡି ଜିଲ୍ଲା ଶିଳ୍ପକେନ୍ଦ୍ର ଏବଂଶିଳ୍ପ ନିର୍ଦ୍ଦେଶାଳୟ କଟକର ମିଳିତ ଅନୁକୂଲ୍ୟରେ ଜୁନାଗଡ଼ ବ୍ଲକ କାର୍ଯ୍ୟାଳୟ ସଭାଗୃହରେ ଅନୁଷ୍ଠିତ ହୋଇଯାଇଛି। କାର୍ଯ୍ୟକ୍ରମକୁ ଜୁନାଗଡ଼ ବଣିକ ସଂଘ ଓ ପ୍ରଫେସର ଭୁବନେଶ୍ୱର ବେହେରା ମେମୋରିଆଲ ୟୁଥ ଅର୍ଗାନାଇଜାସନର ସହଯୋଗରେ ଉଦ୍ୟମିତଓ ପ୍ରୋତ୍ସାହନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। କାର୍ଯ୍ୟକ୍ରମକୁ ପଞ୍ଚାୟତ ସମିତି ଅଧ୍ୟକ୍ଷା ସବିତା ମେହେର ମୁଖ୍ୟଅତିଥି ଭାବେ ଉଦ୍‌ଘାଟନ କରିଥିଲେ।ସମ୍ମାନିତ ଅତିଥି ଭାବେ ବିଡିଓ ଦେବାଶିଷ କର, ଏବିଡ଼ିଓ ବେଦାନ୍ତ ମଝି, ବିଏସଏସଓ ତୁଷାର ରଞ୍ଜନ ସାହୁ, ଜୁନାଗଡ଼, ବଣିକ ସଂଘ ସଭାପତି ମୁକେଶ ଅଗ୍ରୱାଲ, ବଣିକ ସଂଘ ସମ୍ପାଦକ ପ୍ରଭାତ ଦାଶ, ଯୁବ ସଂଗଠନ ସଭାପତି ବିରଜା ପ୍ରସାଦ ପଣ୍ଡା ପ୍ରମୁଖ ଯୋଗଦାନ କରିଥିଲେ।ମୁଖ୍ୟ ବକ୍ତା ଭାବେ ଜିଲ୍ଲା ଶିଳ୍ପକେନ୍ଦ୍ରର ଦୀପକ ଅଗ୍ରୱାଲ ସାଧାରଣ ପରିଚାଳକ ଉପସ୍ଥିତ ରହି ସରକାରଙ୍କ ଲଘୁ, କ୍ଷୁଦ୍ର ଓ ମଧ୍ୟମ ଶିଳ୍ପ ସମ୍ବନ୍ଧୀୟ ଜଣ ହିତକାରୀ ଯୋଜନା ସମ୍ପର୍କରେ ବିସ୍ତୃତ ବିବରଣୀ ପ୍ରଦାନ କରିଥିଲେ। ମାନସ ମିଶ୍ର, ଦୀପା ଟିମ ମୁଖ୍ୟ କାର୍ଯ୍ୟକ୍ରମର ଲକ୍ଷ୍ୟ ଓ ଉଦ୍ଦେଶ୍ୟ ଜ୍ଞାପନ କରିବା ସହ ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ। ଶିଳ୍ପ ବିକାଶ ଅଧିକାରୀ ଦେବସ୍ମିତା ସାହୁଙ୍କ ତତ୍ତ୍ୱାବଧାନରେ କାର୍ଯ୍ୟକ୍ରମ ପରିଚାଳିତ ହୋଇଥିଲା। ଯୁବ ସଂଗଠକ ଅବିନାଶ ମୁଣ୍ଡ ସଂଯୋଜନା କରିଥିଲେ। କାର୍ଯ୍ୟକ୍ରମରେ ୮୦ରୁ ଊର୍ଦ୍ଧ୍ୱ ଉଦ୍ୟୋଗୀ ଅଂଶଗ୍ରହଣ କରିଥିଲେ। ବଣିକ ସଂଘ ଗଣମାଧ୍ୟମ ପ୍ରତିନିଧି, ପଞ୍ଚାୟତ ଉନ୍ନୟନ ଅଧିକାରୀ, ଲକ୍ଷ୍ମୀଧର ପ୍ରଧାନ ସକ୍ରିୟଭାବେ ଯୋଗଦାନ କରିଥିଲେ। ଶେଷରେ ଯେବାନନ୍ଦ ପ୍ରଧାନ ଏଆଇଓ ଧନ୍ୟବାଦ ଅର୍ପଣ କରିଥିଲେ।



## ଯସ୍ମିନ୍ ମେହେରଙ୍କ ପୁସ୍ତକ ଉନ୍ମୋଚିତ

**ଗୋଲାମୁଣ୍ଡା, ୪।୨ (ସମିସ):** ଉତ୍ତରପ୍ରଦେଶର ବାରଣାସୀଠାରେ ଆୟୋଜିତ ବନାରସ ସାହିତ୍ୟ ମହୋତ୍ସବରେ ଚତୁର୍ଥ ସଂସ୍କରଣରେ ଓଡ଼ିଶାର ଜଣେ ଉଦୀୟମାନ ପ୍ରତିଭା ନିଜର ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରିଛନ୍ତି। କଳାହାଣ୍ଡି ଜିଲ୍ଲା ଗୋଲାମୁଣ୍ଡାର କୃତୀ ସନ୍ତାନ ଯସ୍ମିନ୍ ମେହେରଙ୍କ ଦ୍ୱାରା ଲିଖିତ ପୁସ୍ତକ 'ଦି ମିଡ ୱେଇପସ କ୍ରଡଲେ ୱାଜ ଏମ୍ପଟି'ମହୋତ୍ସବରେ ଉନ୍ମୋଚିତ ହୋଇଯାଇଛି। ଅତି ଅଳ୍ପ ବୟସରୁ ଲେଖାଲେଖି ପ୍ରତି ରୁଚି ରଖିଥିବା ଯସ୍ମିନ୍ ମେହେରଙ୍କର ଏହା ଚତୁର୍ଥ ପୁସ୍ତକ। ଉପସ୍ଥିତ ଅତିଥିମାନେ ଯସ୍ମିନ୍‌ଙ୍କ ସୃଜନଶୀଳତା ଓ ସାହିତ୍ୟ ପ୍ରତି ନିଷ୍ଠାକୁ ଉଚ୍ଚ ପ୍ରଶଂସା କରିଥିଲେ। ନିଜର ଅନୁଭୂତିରେ ଯସ୍ମିନ୍ କହିଛନ୍ତି। ସଫଳତା ପାଇଁ ଓଡ଼ିଶାର ବିଭିନ୍ନ ମହଲରୁ ଶୁଭେଚ୍ଛାର ସୁଅ ଛୁଟିଛି। ନିଜର ଜନ୍ମମାଟି କଳାହାଣ୍ଡି ଜିଲ୍ଲା ଗୋଲାମୁଣ୍ଡା ବ୍ଲକ ଲିମସେର ହେଇଥିବା ବେଳେ ବର୍ତ୍ତମାନ ଭୁବନେଶ୍ୱରରେ ରହି ଅଧ୍ୟୟନ କରୁଛନ୍ତି। ଯସ୍ମିନ୍‌ଙ୍କ ସଫଳତା ଆଗାମୀ ପିଢ଼ିର ଲେଖକ ଓ ଲେଖିକାଙ୍କ ପାଇଁ ବଡ଼ ପ୍ରେରଣା ସାଜିବ ବୋଲି ବୁଦ୍ଧିଜୀବୀଙ୍କ ମହଲରେ ଚର୍ଚ୍ଚା ହେଉଛି।

## ମା' ମାଉଳି କ୍ରିକେଟ : ଡଙ୍ଗରୀଗୁଡା ଚାମ୍ପିଅନ

**କୋକସରା, ୪।୨ (ସମିସ):** କୋକସରା ବ୍ଲକ ଡାଲଗୁମା ପଞ୍ଚାୟତ ଲଟାପଡ଼ାଠାରେ ଚାଲିଥିବା ମା'ମାଉଳି ନକ୍ ଆଉଟ୍ କ୍ରିକେଟ ଟୁର୍ଣ୍ଣାମେଣ୍ଟର ଫାଇନାଲ ବୁଧବାର ଅନୁଷ୍ଠିତ ହୋଇଛି। ଫାଇନାଲ ଖେଳରେ ସନ୍ଧିମୁଣ୍ଡା କୁ ହରାଇ ଡ଼ଙ୍ଗରୀଗୁଡା ଦଳ ବିଜେତା ହୋଇ ଟୁର୍ଣ୍ଣାମେଣ୍ଟର ଚାମ୍ପିଅନ ହୋଇଛି। ପ୍ରଥମେ ଡଙ୍ଗରୀଗୁଡା ବ୍ୟାଟିଙ୍ଗ କରି ନିର୍ଦ୍ଧାରିତ ୧୨ ଓଭରରେ ୨୮୨ ରନ ସଂଗ୍ରହ କରିଥିଲା। ଜବାବରେ ପ୍ରତିପକ୍ଷ ଦଳ ୭ ଉକେଟ ହରାଇ ୧୧୫ ସଂଗ୍ରହ କରି ପରାଜୟ ହୋଇଥିଲା। ଫାଇନାଲ ଖେଳର ପୁରସ୍କାର ବିତରଣ ଉତ୍ସବରେ ମୁଖ୍ୟ ଅତିଥି ଭାବେ ମେଟେର ମଣ୍ଡଳ ସଭାପତି ଧର୍ମବ୍ରତ ପଣ୍ଡା, ସମ୍ମାନିତ ଅତିଥି ଭାବେ ଘନଶ୍ୟାମ ନାଏକ, ନୃପରାଜ ରୋତି, ଯୁବରାଜ ରୋତି, ଲଛମନ ରୋତି, ପର୍ଶୁରାମ ରୋତି, ମକର ଭାଟି ପ୍ରମୁଖ ଯୋଗଦେଇଥିଲେ। ଅତିଥିଙ୍କ ଦ୍ୱାରା ଉଭୟ ବିଜେତା ଏବଂ



ଉପବିଜେତା ଦଳକୁ ଟ୍ରଫି ସହ ପୁରୁଷ୍କାର ପ୍ରଦାନ କରାଯାଇଥିଲା। ଅମ୍ପିୟାର ଭାବରେ ପପୁ ପଟ୍ଟନାୟକ ଏବଂ ଲକି ଖେଳ ପରିଚାଳନା କରିଥିଲେ। ଖଗେଶ୍ୱର ରୋତି ସ୍କୋରବୋର୍ଡ ଦାଇତ୍ୱ କରିଥିବାବେଳେ ଖେଳର ଧାରାବିବରଣୀ ପୁଷ୍କରାଜ ପାଣିଗ୍ରାହୀ, ହୃଷିକେଶ ଦୁର୍ଗା ଓ ପ୍ରଦୀପ ଯାଦବ ପ୍ରଦାନ କରିଥିଲେକ୍ଷ ପରିଚାଳନା କମିଟିର ତରୁଣ ରୋତି, ଉମେଶ ରୋତି, ମେଘନାଥ ରୋତି, ରୁମେଶ ରୋତି, ଖଗେଶ୍ୱର ରୋତି, ହୃଷିକେଶ ରୋତି ପ୍ରମୁଖ ସହଯୋଗ କରିଥିଲେ।

## ଫୁଲେନ ସାର୍କିଲ ଟୁର୍ଣ୍ଣାମେଣ୍ଟ: ଲାଞ୍ଜି ଚାମ୍ପିଅନ



**ଗୋଲାମୁଣ୍ଡା, ୪।୨ (ସମିସ):** କଳାହାଣ୍ଡି ଜିଲ୍ଲା ଗୋଲାମୁଣ୍ଡା ବ୍ଲକ ନୂଆଗାଁ ପଞ୍ଚାୟତ ଯୁବାପଦର ଡ୍ୟାମ ପଡ଼ିଆରେ ଚାଲିଥିବା ମା'ଶ୍ରୀଫୁଲେନ ସାର୍କିଲ କ୍ରିକେଟ ଟୁର୍ଣ୍ଣାମେଣ୍ଟ ଉଦ୍‌ଯାପିତ ହୋଇଯାଇଛି। ଫାଇନାଲ ମ୍ୟାଚ୍ ବରାମୁଣ୍ଡ ଓ ଲାଞ୍ଜି ମଧ୍ୟରେ ହୋଇଥିଲା। ଲାଞ୍ଜି ଦଳ ପ୍ରଥମେ ବ୍ୟାଟିଂ କରି ୮ ଓଭରରେ ୧୨୪ ରନ ସଂଗ୍ରହ କରିଥିବା ବେଳେ ବରାମୁଣ୍ଡ ଦଳ ନିର୍ଦ୍ଧାରିତ ୮ ଓଭରରେ ୪ ଉଇକେଟ ହରାଇ ୮୦ ରନ୍ ସଂଗ୍ରହ କରିଥିଲା। ଫାଇନାଲ ମ୍ୟାଚ୍‌ରେ ଲାଞ୍ଜି ଦଳ ୪୪ ରନରେ ବିଜୟ ହୋଇଥିଲେ। ମୁଖ୍ୟଅତିଥି ଭାବେ ନୂଆଗାଁ ପଞ୍ଚାୟତ ସରପଞ୍ଚ ଦୁଷ୍ମନ୍ତ କୁମାର ଭୋଇ ଯୋଗଦେଇ ଥିବା ବେଳେ ବରିଷ୍ଠ ଅତିଥି ଭାବରେ ପୂର୍ବତନ ସରପଞ୍ଚ ଶ୍ୟାମସୁନ୍ଦର ଛତ୍ରିଆ, ସମ୍ବାଦିକ ବିଶିକେଶନ ଜ୍ୟୋତିଷ, ଶିକ୍ଷକ ରମେଶ ବନ୍ଦୀଛୋଡ, ପ୍ରଦୀପ ସାହୁ, ଭିପି ହଂସ, କୁରୁକ୍ଷେତ୍ର ବନ୍ଦୀଛୋଡ, ଶଶୀଧର ମଙ୍ଗରାଜ, ରମେଶ ନାଏକ, ମଧୁସୂଦନ ବାଗ, ରୋମାଞ୍ଚଳ ବାଗ, ଭୁବନେ ବେମାଲ, ଜଗନ୍ନାଥ କାଣ୍ଡ, ବୈଷ୍ଣବ ବାଗ, କୈଳାସ ଚନ୍ଦ୍ର ବନ୍ଦୀଛୋଡ, ପ୍ରଶାନ୍ତ ପ୍ରଧାନ, କିସାନ ଚନ୍ଦନ, ବିରଞ୍ଚି ବାଗ ଓ କୁବେର ହରିଜନ ପ୍ରମୁଖ ଯୋଗ ଦେଇଥିଲେ। ଶେଷରେ ବିଜୟ ଲାଞ୍ଜି ଦଳ ଓ ପରାଜୟ ବରାମୁଣ୍ଡ ଦଳକୁ ସମ୍ମାନିତ ଅତିଥି ଓ ବରିଷ୍ଠ ଅତିଥି ଟ୍ରଫି ପ୍ରଦାନ କରି ଉଭୟ ଖେଳାଳିଙ୍କୁ ଉତ୍ସାହିତ କରିଥିଲେ। ଅମ୍ପାୟାର ଭାବରେ କୁନାଲ ନାଏକ ଓ ମଣ୍ଟୁ ଚଲାନ ଖେଳ ପରିଚାଳନା କରିଥିବା ବେଳେ ବିରଞ୍ଚି ବାଗ ଓ ମୁକେଶ ପ୍ରଧାନ ଖେଳର ଧାରା ବିବରଣୀ ପ୍ରଦାନ କରିଥିଲେ। ଯୁବାପଦର କ୍ରିକେଟ କ୍ଲବର ସମସ୍ତ ସଦସ୍ୟ ସହଯୋଗ କରିଥିଲେ।

# ଦୂଷିତ ପାଣିରେ ପଦାଡୁଙ୍ଗାବାସୀଙ୍କ ଜୀବନ

ଥୁଆମୂଳରାମପୁର, ୪।୨(ସମିସ)

କଳାହାଣ୍ଡି ଜିଲ୍ଲା ଥୁଆମୂଳ ରାମପୁର ବ୍ଲକ ମାଲିଗାଁ ପଞ୍ଚାୟତ ପଦାଡୁଙ୍ଗା ଗାଁରେ ପାନୀୟଜଳ ସମସ୍ୟା ଲାଗି ରହିଛି।ପ୍ରାୟ ୩୦ ଆଦିବାସୀ ପରିବାର ବସବାସ କରୁଥିବା ଗାଁର ଉପର ପଡ଼ାରେ ସମସ୍ୟା ଦେଖିବାକୁ ମିଳିଛି। ଗୋଟିଏ ହାତଖୋଳା ଚିଂ ଚୁଆଁ ହିଁ ଏମାନଙ୍କ ତୃଷା ମେଣ୍ଟାଉଛି। ଏହି ଚିଂ ଚୁଆଁରେ ଫାଟ ଗୁଡିକ ସୃଷ୍ଟି ହୋଇଥିବାରୁ ବାହାରର ଦୂଷିତ ନର୍ଦ୍ଦମା ପାଣି ପଶି ପାଣିକୁ ବିଷାକ୍ତ କରୁଥିବା ଭଳି ସ୍ଥିତି ହୋଇଛି। ସକାଳୁ କୂଅ ମୂଳରେ ପାଣି ପାଇଁ ଗହଳି ଲାଗିଥାଏ। ଏପରିକି ବେଳେ ବେଳେ ମହିଳାଙ୍କ



ଭିତରେ ପାଟିତୁଣ୍ଡ ଝଗଡ଼ା ହେଉଥିବାର ଦୃଶ୍ୟ ଅତ୍ୟନ୍ତ ଦୟନୀୟ। ଏସବୁ ସମସ୍ୟାକୁ ଦୃଷ୍ଟିରେ ରଖି ଗାଁର ଏକ ବିଲ ଜମିର ପାଣି ବ୍ୟବହାର କରିବାକୁ ବାଧ୍ୟ ହେଉଛନ୍ତି ୩୦ ପରିବାର। ଯାହା ଫଳରେ ବିଭିନ୍ନ ରୋଗର ଶିକାର ହେଉଥିବା ଅଭିଯୋଗ ଆଣିଛନ୍ତି ପଡ଼ାବାସୀ।ଗାଁର ଅତି ନିକଟରେ ରହିଛି ଇନ୍ଦ୍ରାବତୀ ଜଳଭଣ୍ଡାର। ହେଲେ ପାନୀୟ ଜଳ ଭାବେ ବ୍ୟବହାର ଯୋଗ୍ୟ ମନେ କରୁନାହାନ୍ତି ଗ୍ରାମବାସୀ। ପଞ୍ଚାୟତ, ବ୍ଲକ ଏବଂ ଜଳ ଯୋଗାଣ ବିଭାଗ ଏଥିପ୍ରତି ଦୃଷ୍ଟି ଦେଇ ଗ୍ରୀଷ୍ମ ଆଗମନ ପୂର୍ବରୁ ପଦାଡୁଙ୍ଗା ଗାଁରେ ବିଶୁଦ୍ଧ ପାନୀୟ ଜଳ ଯୋଗାଣ ବ୍ୟବସ୍ଥା ପାଇଁ ସାଧାରଣରେ ଦାବି ହେଉଛି।

# ଏପ୍ରିଲରୁ ଜାନୁଆରୀ ମଧ୍ୟରେ ସେଲ୍‌ର ନୂଆ ରେକର୍ଡ

ରାଉରକେଲା, ୪।୨(ସମିସ): ଦେଶର ସର୍ବବୃହତ ମହାରତ୍ନ ଇସ୍ପାତ ନିର୍ମାତା ଇସ୍ପାତ ପ୍ରାଧିକରଣ ଲିମିଟେଡ୍ (ସେଲ୍) ୨୦୨୫-୨୬ ଆର୍ଥିକ ବର୍ଷର ଏପ୍ରିଲରୁ ଜାନୁଆରୀ ଅବଧିରେ ମୋଟ ବିକ୍ରୟରେ ୧୬ ପ୍ରତିଶତ ବୃଦ୍ଧି କରି ୧୬.୬ ନିୟୁତ ଟନ୍ (ଏମଟି) ହାସଲ



କରି ନୂଆ ରେକର୍ଡ ସ୍ଥାପନ କରିଛି। ଯାହା ଗତ ବର୍ଷର ସମାନ ଅବଧିରେ ୧୪.୩ ନିୟୁତ ଟନର ରେକର୍ଡକୁ ଅତିକ୍ରମ କରିଛି। ଏହା କମ୍ପାନୀ ଦ୍ୱାରା ରେକର୍ଡ କରାଯାଇଥିବା ସର୍ବକାଳୀନ ସର୍ବାଧିକ କ୍ରମାଗତ ବିକ୍ରୟ ଅଟେ। ସେଲ୍ ୨୦୨୬ ଜାନୁଆରୀ ମାସରେ ଏହାର ସର୍ବୋତ୍ତମ ବିକ୍ରୟ ୧.୮୪ ନିୟୁତ ଟନ ପଞ୍ଜୀକୃତ କରିଛି, ଯାହା ପୂର୍ବ ବର୍ଷର ସମାନ ମାସରେ ୧.୬୮ ନିୟୁତ ଟନ ଥିଲା। ଯାହା ୧୦ ପ୍ରତିଶତରୁ ଅଧିକ ବୃଦ୍ଧିକୁ ପ୍ରତିଫଳିତ କରୁଛି। ଏହାର ଫଳ ସ୍ୱରୂପ ୦.୨୫ର ଇନଭେଣ୍ଟରୀ ହ୍ରାସ ସହ ଋଣ ନେବାରେ ଯଥେଷ୍ଟ ହ୍ରାସ ଘଟିଛି। ଏହି ସମୟ ମଧ୍ୟରେ ରେକର୍ଡ ଭଙ୍ଗ ପ୍ରଦର୍ଶନ ବିକ୍ରୟ, ଚାଲାଣ, ଅର୍ଥ ଆଦାୟ ଏବଂ ଗ୍ରାହକଙ୍କୁ ଡୋର ଟୁ ଡୋର ବିତରଣ ସମେତ ବିଭିନ୍ନ ପରିମାପକତା ଦ୍ୱାରା ବ୍ୟାପ୍ତ। କମ୍ପାନୀ ପ୍ଲାଣ୍ଟଗୁଡ଼ିକରୁ ରେକର୍ଡ ଚାଲାଣ, ଡୋର ଟୁ ଡୋର ବିତରଣର ପରିମାଣ ବୃଦ୍ଧି ଏବଂ ଗୋଦାମ ବିକ୍ରୟ ବୃଦ୍ଧି ହାସଲ କରିଛି, ଯାହା ଗ୍ରାହକ-କୈନ୍ଦ୍ରିକ ଏବଂ ଲଜିଷ୍ଟିକ୍ସ ଦକ୍ଷତା ଉପରେ ଏହାର ଦୃଢ଼ ଧ୍ୟାନକୁ ସ୍ପଷ୍ଟ କରିବା ସହ ବଜାର ପ୍ରବେଶକୁ ଗଭୀର କରୁଛି। ଏହି ସଫଳତାଗୁଡ଼ିକ ମାର୍କେଟିଂ ଭର୍ଟିକାଲର ପଦକ୍ଷେପ ଦ୍ୱାରା ପରିଚାଳିତ ଗ୍ରାହକ-କୈନ୍ଦ୍ରିକ ରଣନୀତି ସହିତ କାର୍ଯ୍ୟକ୍ଷମ ଉତ୍କର୍ଷତାକୁ ମିଶ୍ରଣ କରିବାରେ ସେଲ୍‌ର କ୍ଷମତାକୁ ପ୍ରଦର୍ଶନ କରିଥାଏ। ପୂର୍ବ ରେକର୍ଡଗୁଡ଼ିକୁ ନିରନ୍ତର ଅତିକ୍ରମ କରିବା ଏବଂ ବ୍ୟବସାୟ ଯୋଜନା ଲକ୍ଷ୍ୟ ପୂରଣ କରି, ସେଲ୍ ଭାରତର ଅଭିବୃଦ୍ଧିର କାହାଣୀରେ ଏକ ବିଶ୍ୱସ୍ତ ଅଂଶୀଦାର ଭାବରେ ନିଜର ସ୍ଥିତିକୁ ସୁଦୃଢ଼ କରିଚାଲିଛି।

## ରାଉରକେଲା ପୁଲିସର ଅପରେସନ ଅନୁସନ୍ଧାନ

# ୧୦ ଦିନରେ ୬୭ ମହିଳା, ୬ ଶିଶୁ ଉଦ୍ଧାର

ରାଉରକେଲା, ୪।୨(ସମିସ)





ରାଉରକେଲା ଏସ୍‌ପି ନିତେଶ ୱାଧୱାନୀଙ୍କ ପ୍ରତ୍ୟେକ୍ଷ ତତ୍ତ୍ୱାବଧାନରେ ମାନବ ଚାଲାଣ ଓ ନିଖୋଜ ବ୍ୟକ୍ତିଙ୍କ ବିରୋଧ ଅଭିଯାନରେ ଏକ ପ୍ରମୁଖ ମାଇଲଖୁଣ୍ଟ ହାସଲ କରି ରାଉରକେଲା ପୁଲିସ ଅପରେସନ୍ ଅନୁସନ୍ଧାନ -୨ ଅଧୀନରେ ୬୭ ଜଣ ମହିଳା ଓ ୬ ଜଣ ଶିଶୁଙ୍କୁ ଉଦ୍ଧାର କରିଛି। ଜାନୁଆରୀ ୨୧ରୁ ୩୦ ତାରିଖ ଯାଏଁ କରାଯାଇଥିବା ଏହି ସ୍ୱତନ୍ତ୍ର ପ୍ରବର୍ତ୍ତନ ଅଭିଯାନରେ ଅନେକ ସମ୍ବେଦନଶୀଳ ମାମଲା ସଫଳତାର ସହ ସମାଧାନ କରାଯାଇଥିବା ପୁଲିସ କହିଛି। ପୁଲିସ ପକ୍ଷରୁ ମିଳିଥିବା ସୂଚନା ମୁତାବକ, ଉଦ୍ଧାର ଶିଶୁମାନଙ୍କ ମଧ୍ୟରେ ୫ ଜଣ ନାବାଳିକା ଓ ଜଣେ ନାବାଳକ ଅଛନ୍ତି। ସେମାନଙ୍କୁ ରାଉରକେଲା ପୁଲିସ ଅଧୀନରେ ଥିବା ବିଭିନ୍ନ ସ୍ଥାନରେ ଅସୁରକ୍ଷିତ ଅବସ୍ଥାରେ ଉଦ୍ଧାର କରାଯାଇଥିଲା। ନିଖୋଜ ରିପୋର୍ଟ ଏବଂ ସୁଚିନ୍ତିତ କ୍ଷେତ୍ର ଅଭିଯାନ ଆଧାରରେ ଅନେକ ସ୍ୱତନ୍ତ୍ର ପୁଲିସ ଦଳ ଗଠନ କରାଯାଇଥିଲା। ଯାହା ସଫଳତାର ସହ ସମସ୍ତ ମହିଳା ଓ ଶିଶୁଙ୍କୁ ଉଦ୍ଧାର କରିଥିଲା। ଉପଯୁକ୍ତ ଯାଞ୍ଚ ଏବଂ ଆଇନଗତ ଔପଚାରିକତା ସମାପ୍ତ ହେବା ପରେ ସେମାନଙ୍କୁ ସୁରକ୍ଷିତ ଭାବରେ ସେମାନଙ୍କ ପରିବାର ସହିତ ପୁନଃମିଳନ କରାଯାଇଥିଲା। ଅପରେସନ୍ ଅନୁସନ୍ଧାନ-୨ ବିଶେଷ ଭାବରେ ମାନବ ଚାଲାଣ ରୋକିବା, ନିଖୋଜ ବ୍ୟକ୍ତିଙ୍କୁ ଚିହ୍ନଟ କରିବା ଏବଂ ମହିଳାମାନଙ୍କୁ ଚିହ୍ନଟ କରିବା ପାଇଁ ଡିଜାଇନ୍ କରାଯାଇଥିଲା ବୋଲି ପୁଲିସ ପକ୍ଷରୁ କୁହାଯାଇଛି।

# ୧୨ରେ ସିପିଆଇଏମ୍‌ର ଧର୍ମଘଟ

ରାଉରକେଲା, ୪।୨(ସମିସ): ଭାରତର କମ୍ୟୁନିଷ୍ଟ ପାର୍ଟି (ସିପିଆଇ) ରାଉରକେଲା ଆଞ୍ଚଳିକ କମିଟି ପକ୍ଷରୁ ଆସନ୍ତା ୧୨ ତାରିଖରେ ସାଧାରଣ ଧର୍ମଘଟ ହେବ। ଏଥିରେ ସାମିଲ ହେବା ପାଇଁ ସୁନ୍ଦରଗଡ଼ ଜିଲ୍ଲା ଓ ରାଉରକେଲାର ସମସ୍ତ ଶ୍ରମିକ, କୃଷକ, ଗ୍ରାମୀଣ ଶ୍ରମିକ, କ୍ଷେତ ମଜଦୁର, ଯୁବକଯୁବତୀ, ମହିଳା, ଛାତ୍ର ଏବଂ ସମାଜର ସମସ୍ତ ବର୍ଗଙ୍କୁ ଆହ୍ୱାନ କରାଯାଇଛି। କେନ୍ଦ୍ରୀୟ ଟ୍ରେଡ୍ ୟୁନିଅନମାନଙ୍କର ମିଳିତ ମଞ୍ଚ, ସଂଯୁକ୍ତ କୃଷକ ମୋର୍ଚ୍ଚା, କ୍ଷେତ ମଜଦୁର ୟୁନିଅନମାନଙ୍କର ମିଳିତ ମଞ୍ଚ ଏବଂ ସ୍ୱାଧୀନ ଫେଡେରେସନ ସମୂହ ଦ୍ୱାରା ଆହୂତ ସାଧାରଣ ଧର୍ମଘଟ ବିଜେପି ନେତୃତ୍ୱାଧୀନ କେନ୍ଦ୍ର ସରକାରଙ୍କ ଶ୍ରମିକ ବିରୋଧୀ, କୃଷକ ବିରୋଧୀ ଏବଂ କର୍ପୋରେଟ୍ ସପକ୍ଷବାଦୀ ନୀତି ବିରୁଦ୍ଧରେ ଡକରା ଦିଆଯାଇଛି। ଶ୍ରମ ସୁରକ୍ଷାକୁ ଆହୁରି ଦୁର୍ବଳ କରିବା ପାଇଁ ଚାଲିଥିବା ଶ୍ରମିକ ବିରୋଧୀ ନିୟମ ଓ ନୀତି ଗୁଡ଼ିକୁ ସିପିଆଇଏମ୍ ରାଉରକେଲା ଆଞ୍ଚଳିକ କମିଟି ଦୃଢ଼ ଭାବେ ନିନ୍ଦା କରୁଛି। ବିଜେପି ସରକାରଙ୍କ ଜନ ବିରୋଧୀ ନୀତିକୁ ବିରୋଧ କରୁଥିବା ସମସ୍ତ ବିରୋଧୀ ଦଳ ଏବଂ ଗଣତାନ୍ତ୍ରିକ ଶକ୍ତି ଏହି ଧର୍ମଘଟରେ ସାମିଲ ହେବା ପାଇଁ ସମ୍ପାଦକ ରାଜକିଶୋର ପ୍ରଧାନ, ସମ୍ପାଦକ ମଣ୍ଡଳୀ ସଦସ୍ୟ ବି ପି ମହାପାତ୍ର, ବସନ୍ତ ନାୟକ, ତାଜମୁନ ନେହାର, ଅଜୟ ଶର୍ମା, ଭାଗିରଥି ଟୁଡୁ, ବିଶ୍?ଜିତ ମାଝୀ, ଯଯାତି କେଶରୀ ସାହୁ, ଚନ୍ଦ୍ରଭାନୁ ଦାସ, ଚନ୍ଦ୍ରଭାନୁ ଦାସ, ଆଞ୍ଚଳିକ କମିଟି ସଦସ୍ୟ ଏନ୍‌ଏନ୍ ପାଣିଗ୍ରାହୀ, ସୁରେନ୍ଦ୍ର ମହାନ୍ତି, ପ୍ରଦୀପ ସେଠୀ, ପ୍ରଭାତ ମହାନ୍ତି, ଦିବାକର ମହାରଣା, ଅରୁଣ ମହାରଣା, ଅରିନ୍ଦମ ଦତ୍ତ, ଅନାଦି ସାହୁ, ଅଜିତ୍ ଏକ୍କା, ସୁଧାଂଶୁ ଜେନା, ସମ୍ବିତ ସ୍ୱାଇଁ ପ୍ରମୁଖ ନିବେଦନ କରିଛନ୍ତି।

## କୋଇଡାରେ 'ଝରଣା ମହୋତ୍ସବ'

# ନାଟକ 'ଲୁହରେ ଲୁହରେ ରାତି ପାହିଲା' ମଞ୍ଚସ୍ଥ



କୋଇଡା,୪।୨(ସମିସ): କୋଇଡାରେ ଝରଣା ମହୋତ୍ସବ-୨୦୨୬ ଉଦ୍‌ଘାଟିତ ହୋଇଯାଇଛି। ତିନି ଦିନ ଧରି ଚାଲିଥିବା ଏହି ମହୋତ୍ସବର ଉଦ୍‌ଘାଟନୀ ଉତ୍ସବର ପୂର୍ବାହ୍ନରେ ମୁଖ୍ୟଅତିଥି ଭାବେ ବଣାଇଁ ବିଧାୟକ ଲକ୍ଷ୍ମଣ ମୁଣ୍ଡା ଯୋଗ ଦେଇ ଐତିହ୍ୟ, ଭାଷା, ସଂସ୍କୃତି, ପରମ୍ପରାକୁ ବଜାୟ ରଖିବାରେ କୋଇଡାରେ ଝରଣା ମହୋତ୍ସବ ସହାୟକ ହୋଇଆସିଛି ବୋଲି କହିଥିଲେ। ଏହି ଅବସରରେ ପୂର୍ବତନ ବିଧାୟକ ଜନାର୍ଦ୍ଦନ ଦେହୁରୀ, ପୂର୍ବତନ ବିଧାୟକ ଭୀମସେନ ଚୌଧୁରୀ, ତହସିଲଦାର ନିର୍ମଳ ବିଶ୍ୱାଳ, ବିଡିଓ ସମରେନ୍ଦ୍ର କୁମାର ସାରା, କୋଇଡା ଥାନା ଅଧିକାରୀ ରାଜେନ୍ଦ୍ର ସ୍ୱାଇଁଙ୍କ ସମେତ ଅନ୍ୟମାନେ ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ। ଉତ୍ସବ ଆରମ୍ଭରେ ସ୍ୱର୍ଗତ ବେଣୁଧର ନାଏକଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରାଯାଇ ଶ୍ରଦ୍ଧାଞ୍ଜଳି ଅର୍ପଣ କରାଯାଇଥିଲା। ସଂଘର ଉପଦେଷ୍ଟା ତଥା ଅବସରପ୍ରାପ୍ତ ପ୍ରଧାନ ଶିକ୍ଷକ ବିଦ୍ୟାଧର ମାହୁନ୍ତ ବିବରଣୀ ପାଠ କରିଥିଲେ। ସଂଧାରେ ଅନ୍ୟମାନଙ୍କ ମଧ୍ୟରେ ବିଶିଷ୍ଟ ସମାଜସେବୀ କୁଶ ଆପଟ ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ। ୟୁଟ୍ୟୁବ୍ କଳାକାର କାକା ନାଇଡୁ ଓ କାକୀ ମନୋରଞ୍ଜନ କରିଥିବା ବେଳେ ପରେ କଣ୍ଠଶିଳ୍ପୀ ସୌରଭ ନାୟକ ନିଜ ଭଜନ ମାଧ୍ୟମରେ ଦର୍ଶକଙ୍କୁ ମନ୍ତ୍ରମୁଗ୍ଧ କରିଥିଲେ। ସେହିପରି ଝରଣା ମହୋତ୍ସବର ଦ୍ୱିତୀୟ ଦିନ ଓଡିଶା ସିନେ ମହାନାୟକ ତଥା ଦିଗପହଣ୍ଡି ବିଧାୟକ ସିଦ୍ଧାନ୍ତ ମହାପାତ୍ର, ରାଉରକେଲା ବିଧାୟକ ସାରଦା ପ୍ରସାଦ ନାୟକ, ଜିଲ୍ଲା ସମବାୟ ବ୍ୟାଙ୍କ ଅଧ୍ୟକ୍ଷ ପ୍ରଦ୍ୟୁମ୍ନ ତ୍ରିପାଠୀ, ଜିଲ୍ଲା କାର୍ଯ୍ୟ ନିର୍ବାହୀ ପ୍ରକଳ୍ପ ନିର୍ଦ୍ଦେଶକ ସୁରଞ୍ଜନ ସାହୁ ପ୍ରମୁଖ ଯୋଗ ଦେଇଥିଲେ। ଓଡିଆ ସିନେ ସୁପରଷ୍ଟାର ସିଦ୍ଧାନ୍ତ ମହାପାତ୍ର ନିଜର ଚଳଚ୍ଚିତ୍ରର ଡାଇଲକ୍ ଓ ଗୀତ ଗାଇ ସମସ୍ତଙ୍କ ମନ ଜିଣିଥିଲେ।

ଏହି ଅବସରରେ ସାମାଜିକ ନାଟକ 'ଲୁହରେ ଲୁହରେ ରାତି ପାହିଲା' ପରିବେଷିତ ହୋଇଥିଲା। କୋଇଡା ଅଞ୍ଚଳର ବହୁ କଳାକାର, ସମାଜସେବୀ, ଛାତ୍ରଛାତ୍ରୀ, ବ୍ୟକ୍ତି ବିଶେଷଙ୍କୁ ଝରଣା ସମ୍ମାନରେ ସମ୍ମାନିତ କରାଯାଇଥିଲା। ମହୋତ୍ସବର ଉଦଯାପନୀ ସନ୍ଧ୍ୟାରେ ରୁକୁ ସୁନା ଓ ଓଡିଶାର ବିଶିଷ୍ଟ କଳାକାରଙ୍କ କଳା ପରିବେଷଣ ଦର୍ଶକମାନଙ୍କୁ ମନ୍ତ୍ରମୁଗ୍ଧ କରିଥିଲା। ଶେଷରେ ସଂଘ ସଭାପତି ସଞ୍ଜୀବ ମହାପାତ୍ର ଧନ୍ୟବାଦ ଅର୍ପଣ କରିଥିଲେ।

# ବନ୍ଦ ଘରୁ ଯୁବକଙ୍କ ମୃତଦେହ ଉଦ୍ଧାର; କାରଣ ଅସ୍ପଷ୍ଟ

ବଣାଇଁ,୪।୨(ସମିସ): ବଣାଇଁ ସହର ଚର୍ଚ୍ଚ ଛକ ସେଣ୍ଟ ଯୋଶେଫ ସ୍କୁଲ ନିକଟସ୍ଥ ଏକ ବନ୍ଦ ଘରୁ ଜଣେ ଯୁବକଙ୍କ ମୃତଦେହ ଉଦ୍ଧାର ହୋଇଛି। ସନ୍ଧ୍ୟାରେ ପୁଲିସ ଓ ମାଜିଷ୍ଟ୍ରେଟଙ୍କ ଉପସ୍ଥିତିରେ ମୃତଦେହକୁ ଉଦ୍ଧାର କରାଯାଇଥିବା ବେଳେ ମୃତ୍ୟୁର କାରଣ ଅସ୍ପଷ୍ଟ ରହିଛି। ମୃତକ ବଣାଇଁ ଥାନା ଅନ୍ତର୍ଗତ ଗିଲି ବନେଇକଲା ଗ୍ରାମର ଯତୀନ ମଣିହିରା (୨୫) ବୋଲି ଜଣାପଡ଼ିଛି। ସୂଚନାନୁଯାୟୀ, ଯତୀନ ଗତ ଖରା ଛୁଟିରୁ ବଣାଇଁ ସେଣ୍ଟ ଯୋଶେଫ ସ୍କୁଲ ନିକଟରେ ଥିବା ବିଜୟା ଦାସଙ୍କ ଘରେ ଭଡ଼ାରେ ରହୁଥିଲେ। ବାପା ଲୋକନାଥ ମଣିହିରା ଡଲେଇଶରା ସ୍କୁଲରେ ଶିକ୍ଷକ ଥିବା ବେଳେ ଛୁଟିଦିନରେ ମଝିରେ ମଝିରେ ପୁଅ ପାଖକୁ ଆସୁଥିଲେ। ଗତକାଲି ରାତିରେ ହୋଟେଲରୁ ଖାଇବା ନେଇ ଯତୀନ ଘରକୁ ଯାଇଥିଲେ। ଖାଇସାରି ଘରେ ଶୋଇଥିଲେ। ଆଜି ସକାଳୁ ସନ୍ଧ୍ୟା ପର୍ଯ୍ୟନ୍ତ ସେ ଘରୁ ବାହାରକୁ ବାହାରି ନଥିବା ବେଳେ ସାଙ୍ଗମାନେ ଫୋନ୍ କରିଥିଲେ ମଧ୍ୟ ସେ ଉଠାଇ ନଥିଲେ। ଫଳରେ ସନ୍ଧ୍ୟାରେ କିଛି ସାଙ୍ଗ ଘରକୁ ଆସି ତାଙ୍କୁ ଡାକିଥିଲେ ମଧ୍ୟ ସେ ଉଠାଇ ନଥିଲେ। ଭିତରୁ କବାଟ ବନ୍ଦ ରହିଥିଲା। ସ୍ଥାନୀୟ ଲୋକେ ପୁଲିସକୁ ଖବର ଦେଇଥିଲେ। ପୁଲିସ ଘଟଣାସ୍ଥଳରେ ପହଞ୍ଚି ପରିବାର ଲୋକଙ୍କୁ ଖବର ଦେବା



ସହ ମାଜିଷ୍ଟ୍ରେଟଙ୍କ ଉପସ୍ଥିତିରେ ଘରର କବାଟ ଖୋଲିଥିଲେ। କବାଟ ଖୋଲିବା ପରେ ଜତୀନଙ୍କ ମୃତଦେହ ଉଦ୍ଧାର ହୋଇଥିଲା। ପୁଲିସ ଶବ ଜବତ କରି ବ୍ୟବଚ୍ଛେଦ ନିମନ୍ତେ ପଠାଇବା ସହ ଏକ ମାମଲା ରୁଜୁ କରି ଘଟଣାର ତଦନ୍ତ କରୁଥିବା ଜଣାପଡିଛି।

# ମଧୁବାବୁଙ୍କ ଶ୍ରାଦ୍ଧ ବାର୍ଷିକୀ

ରାଉରକେଲା,୪।୨(ସମିସ): ସ୍ଥାନୀୟ ସେକ୍ଟର-୭ ସ୍ଥିତ ପ୍ରଗତି ଉତ୍କଳ ସଂଘ ପକ୍ଷରୁ ମଧୁ ବାବୁଙ୍କ ୯୩ତମ ଶ୍ରାଦ୍ଧ ବାର୍ଷିକୀ ପାଳିତ




ହୋଇଯାଇଛି। ଏହି ଅବସରରେ ପ୍ରଗତି ଉତ୍କଳ ସଂଘର ବରିଷ୍ଠ କର୍ମକର୍ତ୍ତା ସକାଳେ ମଧୁସୂଦନ ମାର୍ଗ ସ୍ଥିତ ମଧୁବାବୁଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରିଥିଲେ। ପରେ ଇସ୍ପାତ ଜେନେରାଲ ହସ୍ପିଟାଲ୍‌ର ବ୍ଲଡ ବ୍ୟାଙ୍କଠାରେ ଏକ ରକ୍ତଦାନ ଶିବିର ଆୟୋଜନ କରାଯାଇଥିଲା। ଆଇଜିଏଚର ନିର୍ଦ୍ଦେଶକ ଡ. ଜୟନ୍ତ କୁମାର ଆଚାର୍ଯ୍ୟ ଏହାକୁ ଉଦ୍‌ଘାଟନ କରି ରକ୍ତଦାନ କରିବା ପାଇଁ ଉତ୍ସାହିତ କରିଥିଲେ। ଶିବିରରେ ୨୦ ଜଣ ବ୍ୟକ୍ତି ରକ୍ତଦାନ କରିଥିଲେ। ପ୍ରଗତି ଉତ୍କଳ ସଂଘର ସଭାପତି ପ୍ରତାପ କୁମାର ସ୍ୱାଇଁ, ସାଧାରଣ ସମ୍ପାଦକ ରାଧାମୋହନ ନାୟକ, ଘନଶ୍ୟାମ ଧଳ, ଅଶୋକ କୁମାର ପଟ୍ଟନାୟକ, ପ୍ରଦୀପ କୁମାର ପଟ୍ଟନାୟକ, ପ୍ରସନ୍ନ କୁମାର ମହାନ୍ତି, ଇନ୍ଦ୍ରମଣି ମହାପାତ୍ର, ଧରଣୀ ଧର ସାମଲ, ଆର୍ତ୍ତତ୍ରାଣ ମହାପାତ୍ର, ସ୍ମିତା ମିଶ୍ର, ବରୁଣ ନାହାକ, ଶାନ୍ତନୁ କୁମାର ମହାନ୍ତି, ନାରାୟଣ ଚନ୍ଦ୍ର ମହାନ୍ତ ଓ ସତ୍ୟନାରାୟଣ ଦାଶ ପ୍ରମୁଖ ସହଯୋଗ କରିଥିଲେ।

# ପିଏମ୍‌ଶ୍ରୀ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ବାର୍ଷିକ ଉତ୍ସବ




ଲହୁଣୀପଡ଼ା,୪।୨(ସମିସ): ଗୋପନା ଅନୁସୂଚିତ ଜାତି ଓ ଜନଜାତି ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ବାର୍ଷିକ ଉତ୍ସବ ବୁଧବାର ଅନୁଷ୍ଠିତ ହୋଇଯାଇଛି। ବିଦ୍ୟାଳୟର ପ୍ରଧାନ ଶିକ୍ଷକ କର୍ଣ୍ଣ ମାଝୀଙ୍କ ଅଧ୍ୟକ୍ଷତାରେ ଆୟୋଜିତ ଏହି ଉତ୍ସବରେ ମୁଖ୍ୟ ଅତିଥି ଭାବେ ବଣାଇଁ ବିଧାୟକ ଲକ୍ଷ୍ମଣ ମୁଣ୍ଡା ଯୋଗ ଦେଇଥିଲେ। ସମ୍ମାନୀତ ଅତିଥି ଭାବେ ଆଦିବାସୀ ଉର୍ନ୍ନୟନ ସଂସ୍ଥା ପ୍ରକଳ୍ପ ଅଧିକାରୀ ସ୍ୱଦିପ ଟପ୍ପୋ, ଅତିରିକ୍ତ ଜିଲ୍ଲା ମଙ୍ଗଳ ଅଧିକାରୀ ବିବେକାନନ୍ଦ ମାହାନ୍ତି, ବଣାଇଁ ଆଦିବାସୀ ଉନ୍ନୟନ ସଂସ୍ଥା ଅତିରିକ୍ତ ଜନମଙ୍ଗଳ ଅଧିକାରୀ ବାବୁଲାଲ ମାଝୀ ଯୋଗ ଦେଇଥିଲେ। ମୁଖ୍ୟବକ୍ତା ଭାବେ ଜିଲା ମଙ୍ଗଳ ଅଧିକାରୀ ଭାଗିରଥି ପଟେଲ ଯୋଗ ଦେଇଥିଲେ। ବିଦ୍ୟାଳୟର ଶିକ୍ଷକ ପବିତ୍ର ଦାସ ଅତିଥି ପରିଚୟ ପ୍ରଦାନ କରିଥିବା ବେଳେ ଶିକ୍ଷକ କାର୍ତ୍ତିକେଶ୍ୱର ସାହୁ ମଞ୍ଚ ପରିଚାଳନା କରିଥିଲେ। ଛାତ୍ରଛାତ୍ରୀମାନଙ୍କୁ ଉତ୍ତମ ଶିକ୍ଷା ଯୋଗାଇବାରେ ଶିକ୍ଷକ ଏବଂ ଅଭିଭାବକ ଭୂମିକା ବେଶ ଗୁରୁତ୍ୱପୂର୍ଣ୍ଣ ରହିଥିବା ଅତିଥିମାନେ କହିଥିଲେ। କୃତି ଛାତ୍ରଛାତ୍ରୀମାନଙ୍କୁ ପୁରସ୍କାର ବିତରଣ କରାଯାଇଥିଲା। ସଭା ଶେଷରେ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ଭାରପ୍ରାପ୍ତ ଅଧ୍ୟକ୍ଷ ଯୋଗିନ୍ଦ୍ର ରାଉତ ଧନ୍ୟବାଦ ଅର୍ପଣ କରିଥିଲେ। ପରେ ଛାତ୍ରଛାତ୍ରୀଙ୍କ ଦ୍ୱାରା 'ବୃଦ୍ଧା ଶ୍ରମ' ନାଟକ ମଞ୍ଚସ୍ଥ ହୋଇଥିଲା। ପରେ ପରେ ରଙ୍ଗାରଙ୍ଗ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷିତ ହୋଇଥିଲା। ଛାତ୍ରୀଙ୍କ ଆଦିବାସୀ ଗୀତରେ ମିଳିତ ଗ୍ରୁପ ନୃତ୍ୟ ପରିବେଷଣ ଅତ୍ୟନ୍ତ ମନ୍ତ୍ରମୁଗ୍ଧକର ଥିଲା। ଗୋପନା ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ଅଧ୍ୟାପକ ଗଣେଶ୍ୱର ମାଝୀ, ଅଧ୍ୟାପିକା ଅନିତା ସେଠି, ନଳିନୀ ମାହାନ୍ତ, ମଧୁସ୍ମିତା ବାରିକ, ଶିକ୍ଷକ କିଶୋର କୁମାର ସରେନ, ଲାଲୁ ମାହାନ୍ତ, ଶିକ୍ଷୟିତ୍ରୀ ନମିତା ରାଣୀ କର, ମଞ୍ଜୁଲତା କର, କୁନୀଲତା ମାଝୀ, ଏଏନଏମ ସୁଚିସ୍ମିତା ଜେନାଙ୍କ ସହ ବିଦ୍ୟାଳୟ ସମସ୍ତ କର୍ମଚାରୀ ସହଯୋଗ କରିଥିଲେ।

## ରାଉରକେଲା ପୁସ୍ତକ ମହୋତ୍ସବ ଉଦ୍‌ଘାଟିତ

# 'ପୁସ୍ତକକୁ ନିଜର ଶ୍ରେଷ୍ଠ ବନ୍ଧୁ ମନେ କରନ୍ତୁ ଯୁବପିଢ଼ି'

ରାଉରକେଲା, ୪।୨(ସମିସ)


ରାଉରକେଲା ଇସ୍ପାତ କାରଖାନା (ଆରଏସପି) ଏବଂ ଭଞ୍ଜ ସାଂସ୍କୃତିକ ନ୍ୟାସ ସହଭାଗିତାରେ ମଙ୍ଗଳବାର ସେକ୍ଟର-୫ ସ୍ଥିତ ଭଞ୍ଜ ଭବନରେ ମେଗା ପୁସ୍ତକ ମହୋତ୍ସବ ଉଦ୍‌ଘାଟିତ ହୋଇଯାଇଛି। ଆରଏସପିର ଭାରପ୍ରାପ୍ତ ନିର୍ଦ୍ଦେଶକ ଆଲୋକ ବର୍ମା ପ୍ରଦୀପ ପ୍ରଜ୍ୱଳନ ପୂର୍ବକ ଫିତା କାଟି ଏହାକୁ ଉଦ୍‌ଘାଟନ କରିଥିଲେ। ଏହି ଅବସରରେ ଦୀପିକା ମହିଳା ସଂଘତି ଅଧ୍ୟକ୍ଷା ନମ୍ରତା ବର୍ମା, ମାନବ ସମ୍ବଳ ବିଭାଗର ନିର୍ବାହୀ ନିର୍ଦ୍ଦେଶକ ତରୁଣ ମିଶ୍ର, ଏମ୍‌ଡି-ସିଏମଡିର ନିର୍ବାହୀ ନିର୍ବାହୀ ନିର୍ଦ୍ଦେଶକ ବିକେ ଗିରି, କାର୍ଯ୍ୟ ବିଭାଗର ନିର୍ବାହୀ ନିର୍ଦ୍ଦେଶକ ବିଶ୍ୱରଞ୍ଜନ ପଲାଇ, ସାମଗ୍ରୀ ପରିଚାଳନା ବିଭାଗର ନିର୍ବାହୀ ନିର୍ଦ୍ଦେଶକ ଅନିଲ କୁମାର, ଖଣି ବିଭାଗର ନିର୍ବାହୀ ନିର୍ଦ୍ଦେଶକ ଏମ୍‌ପି. ସିଂହ, ପ୍ରକଳ୍ପ ବିଭାଗର ନିର୍ବାହୀ ନିର୍ଦ୍ଦେଶକ ସୁଦୀପ ପାଲ ଚୌଧୁରୀ, ମହିଳା ସଂଘତିର ସମସ୍ତ ଉପାଧ୍ୟକ୍ଷା ପ୍ରଭାତୀ ମିଶ୍ର, ଶ୍ରୀମତୀ ସ୍ମିତା ଗିରି, ଡକ୍ଟର ପ୍ରତିଜ୍ଞା ପଲାଇ, ରୀତା ରାଣୀ, ବନ୍ଦନା ସିଂହ, ନବନୀତା ପାଲ ଚୌଧୁରୀଙ୍କ ସମେତ ବିତ୍ତ ଏବଂ ଲେଖା ବିଭାଗର ସିଜିଏମ ରାଜେଶ




ଦାସଗୁପ୍ତା, ଚିକିତ୍ସା ଏବଂ ସେବା ବିଭାଗର ସିଏମଓ ଇନଚାର୍ଜ ଡ. ଜୟନ୍ତ ଆଚାର୍ଯ୍ୟ ପ୍ରମୁଖ ଉପସ୍ଥିତ ଥିଲେ। ଏହି ଅବସରରେ ଡିଆଇସି ଶ୍ରୀ ବର୍ମା, ଆଜିର ପିଢ଼ି ପୁସ୍ତକ ସହିତ ଅଧିକ ସମୟ ବିତାଇବା ଏବଂ ସେଗୁଡ଼ିକୁ ନିଜର ଶ୍ରେଷ୍ଠ ବନ୍ଧୁ ମନେ କରିବା ଉଚିତ। ଓଡ଼ିଆ ଭାଷା ସଂସ୍କୃତର ନିକଟତମ ଏବଂ ମଧ୍ୟଯୁଗୀୟ ଓଡ଼ିଆ ସାହିତ୍ୟ ଯେଭଳି ବିକଶିତ ହୋଇଛି, ଏହାକୁ ପ୍ରୋତ୍ସାହିତ କରିବା ଏବଂ ଲୋକମାନଙ୍କୁ ଓଡ଼ିଆରେ ପଢ଼ିବା ଏବଂ ଲେଖିବା ପାଇଁ ଉତ୍ସାହିତ କରିବା ଏବେ ଆମର ଦାୟିତ୍ୱ ବୋଲି ସେ କହିଥିଲେ। ଆରଏସପି ଜନ ସମ୍ପର୍କ ବିଭାଗର ଡେପୁଟି ମ୍ୟାନେଜର ଶଶାଙ୍କ ଶେଖର ପଟ୍ଟନାୟକ ଉଦ୍‌ଘାଟନୀ ଉତ୍ସବକୁ ପରିଚାଳନା କରିଥିବା ବେଳେ ଭଞ୍ଜ ସାଂସ୍କୃତିକ ଟ୍ରଷ୍ଟର ଟ୍ରଷ୍ଟିମାନେ ସଂଯୋଜନା କରିଥିଲେ। ଏହି ମହୋତ୍ସବରେ ପ୍ରାୟ ୧୧୪ଟି ଷ୍ଟଲ୍ ରହିଛି। ଭୁବନେଶ୍ୱର ଏବଂ କଟକର ପ୍ରତିଷ୍ଠିତ ପ୍ରକାଶନ ସଂସ୍ଥା ବ୍ୟତୀତ ଦିଲ୍ଲୀ, ମୁମ୍ବାଇ, କୋଲକାତା, ରାୟପୁର, ପୁନେ ପ୍ରମୁଖ ସହରରୁ ପ୍ରକାଶକମାନେ ଏଥିରେ ଅଂଶଗ୍ରହଣ କରିଛନ୍ତି। ଏକ ଥିମ୍ ଆଧାରିତ ସେଲ୍ଫି ପଏଣ୍ଟ ଦର୍ଶକଙ୍କ ମଧ୍ୟରେ ବିଶେଷ ଆଗ୍ରହ ସୃଷ୍ଟି କରୁଛି। ଏହି ପୁରସ୍ତକ ମହୋତ୍ସବ ପ୍ରତିଦିନ ଅପରାହ୍ନ ୨ଟାରୁ ରାତ୍ର ୯ଟା ପର୍ଯ୍ୟନ୍ତ ଖୋଲା ରହିଥିବା ବେଳେ କେବଳ ରବିବାର ଦିନ ୧୦ଟାରୁ ରାତ୍ର ୯ଟା ପର୍ଯ୍ୟନ୍ତ ଖୋଲା ରହିବ ବୋଲି ସୂଚନା ମିଳିଛି। ପ୍ରତ୍ୟେକ ସନ୍ଧ୍ୟାରେ ପୁସ୍ତକ ଉନ୍ମୋଚନ, ସାହିତ୍ୟିକ କର୍ମଶାଳା, କବିତା ପାଠୋତ୍ସବ, ଲେଖକମାନଙ୍କ ସହିତ ମତବିନିମୟ ଅଧିବେଶନ ଅନୁଷ୍ଠିତ ହେବ। ପ୍ରତି ସନ୍ଧ୍ୟାରେ ସ୍ପଟ୍ କୁଇଜ୍ ପ୍ରତିଯୋଗିତା ଆୟୋଜନ କରାଯାଇ ବିଜେତାଙ୍କୁ ପୁରସ୍କୃତ କରାଯିବାର ଯୋଜନା ରହିଛି।

# ବରିଷ୍ଠ ଫୁଟବଲ୍ କୋଚ୍ ଅଶୋକ ପରିଜାଙ୍କ ପରଲୋକ

ରାଉରକେଲା,୪।୨(ସମିସ): ବର୍ଷିଆନ ଫୁଟବଲ୍ ଖେଳାଳି ତଥା କୋଚ୍ ଅଶୋକ ପରିଜାଙ୍କ ପରଲୋକ ହୋଇଯାଇଛି। ଆଜି ଭୋର ୪ଟା ୧୫ ମିନିଟ୍ ସମୟରେ କଟକ ବଡ଼ ଡାକ୍ତରଖାନାରେ ଚିକିତ୍ସିତ ଅବସ୍ଥାରେ ତାଙ୍କର ପରଲୋକ ହୋଇଯାଇଛି ମୃତ୍ୟୁ ବେଳକୁ ତାଙ୍କୁ ୭୫ବର୍ଷ ବୟସ ହୋଇଥିଲା। ସେ ଜଣେ ଭଲ ଫୁଟବଲ ଖେଳାଳି ଭାବେ ସୁନାମ ଅର୍ଜନ



କରିବା ସହ ଫୁଟବଲର ମର୍ଯ୍ୟାଦା ଜନକ ସନ୍ତୋଷ ଟ୍ରଫି ଖେଳିଥିଲେ। ସେ ୧୯୮୮ ମସିହାରେ କଲିକତାକୁ ଯାଇଥିବା ଓଡ଼ିଶା ଟିମ୍‌ର କୋଚ୍ ନିଯୁକ୍ତ ହୋଇଥିଲେ। ରାଉରକେଲା ଇସ୍ପାତ କାରଖାନାରେ ଚାକିରି କାଳରେ ୧୨ ବର୍ଷରୁ ଊର୍ଦ୍ଧ୍ୱ ସମୟ ଆନ୍ତଃ ଇସ୍ପାତ କାରଖାନା ଚାମ୍ପିଅନ୍‌ରେ ରାଉରକେଲା ଇସ୍ପାତ କାରଖାନା ତରଫରୁ ପ୍ରତିନିଧିତ୍ୱ କରିଥିଲେ। ସେ କଳିଙ୍ଗ ସ୍ପୋର୍ଟସ କ୍ଲବ୍ ଓ ଇସ୍ପାତ ସ୍ପୋର୍ଟିଂ କ୍ଲବ୍‌ର ସଦସ୍ୟମାନଙ୍କୁ କୋଚିଂ ଦେଇ ଅନେକ ଜାତୀୟ ଓ ରାଜ୍ୟସ୍ତରର ଖେଳାଳି ସୃଷ୍ଟି କରିଥିଲେ। ତାଙ୍କର ମୃତ୍ୟୁରେ ବିଭିନ୍ନ କ୍ରୀଡ଼ା ସଂଗଠନ, କ୍ରୀଡା ପ୍ରେମୀ ବିଶେଷ କରି ଫୁଟବଲ ପ୍ରେମୀଙ୍କ ମଧ୍ୟରେ ଶୋକର ଛାୟା ଖେଳିଯାଇଛି। ଚନ୍ଦ୍ରଶେଖର କ୍ରୀଡା ସଂଗଠନର ଅଧ୍ୟକ୍ଷ ତଥା ରାଉରକେଲା ବିଧାୟକ ସାରଦା ପ୍ରସାଦ ନାୟକ, ସାଧାରଣ ସମ୍ପାଦକ ଦେବଦତ୍ତ ଜେନା ଗଭୀର ଶୋକ ପ୍ରକାଶ କରିଛନ୍ତି। ତାଙ୍କର ଅମର ଆତ୍ମାର ସଦଗତି କାମନା କରି ଚନ୍ଦ୍ରଶେଖର କ୍ରୀଡା ସଂଗଠନ, କଳିଙ୍ଗ ସ୍ପୋର୍ଟସ ଫେଡେରେସନ, ରେଲୱେ କଲୋନୀ ସ୍ପୋର୍ଟସ କ୍ଲବ୍, ଗ୍ରାସରୁଟ୍ ଫୁଟବଲ୍ ଟ୍ରେନିଂ ସେଣ୍ଟରର ସମସ୍ତ ସଦସ୍ୟ ପ୍ରାର୍ଥନା କରିଥିଲେ। ତାଙ୍କର ବିୟୋଗରେ ବରିଷ୍ଠ ଫୁଟବଲ ଖେଳାଳି ଡ. ସୁଶାନ୍ତ କୁମାର ଦତ୍ତରାୟ, ଆନ୍ତର୍ଜାତିକ ଫୁଟବଲ ଖେଳାଳି ଭାରତୀ ମିଶ୍ର, ବୈଦ୍ୟନାଥ ମିଶ୍ର, ବେସିଲ ତିର୍କୀ, ସଞ୍ଜୟ ବେବୁଟା, ବିଭୁତି ମାହାନ୍ତି, ଭାସ୍କର ନନ୍ଦ, ମୋହନ ରାଓ ଏବଂ ସୁଶାନ୍ତ କୁମାର ମାହାନ୍ତି ଶୋକ ବ୍ୟକ୍ତ କରିଛନ୍ତି।

# ସମ୍ପାଦକୀୟ



ମାତୃଭାଷାରେ ହିଁ ବିଜ୍ଞାନ ଶିକ୍ଷା ଦେବା ଜରୁରୀ। ଅନ୍ୟଥା ବିଜ୍ଞାନ ଏପରି ଏକ କାର୍ଯ୍ୟକ୍ରମ ହୋଇଯିବ, ଯେଉଁଥିରେ ସମାଜର ସବୁଲୋକ ଅଂଶଗ୍ରହଣ କରିପାରିବେ ନାହିଁ।
- ସି.ଭି.ରମଣ

ସକାଳ
THE SAKALA

## ତଥାପି ତ୍ରୁଟିନି

ଭାରତ–ଆମେରିକା ବାଣିଜ୍ୟ ଚୁକ୍ତିନାମା ଚୂଡ଼ାନ୍ତ ହୋଇଛି। ଦୀର୍ଘପ୍ରତୀକ୍ଷାର ଅନ୍ତ ଘଟିଛି। ସବୁଥର ଭଳି ଏଥର ମଧ୍ୟ ଆମେରିକାର ରାଷ୍ଟ୍ରପତି ଏହି ସୂଚନା ଦେଇଛନ୍ତି। ଭାରତୀୟ ରପ୍ତାନି ସାମଗ୍ରୀ ଉପରେ ଲାଗୁ ହୋଇଥିବା ୨୫% ଶୁଳ୍କରୁ ୭% ହ୍ରାସ ଘଟି ୧୮% ରେ ସୀମିତ ରହିଛି। ତେବେ ରୁଷରୁ ଭାରତ ଶସ୍ତା ତୈଳ ଆମଦାନୀ କରୁଥିବାରୁ ଯେଉଁ ୨୫ % ଅତିରିକ୍ତ ଶୁଳ୍କ ଲାଗୁ ହୋଇଥିଲା ତାହା ଅପରିବର୍ତ୍ତିତ ରହିଛି। ଏହି ଅତିରିକ୍ତ ଟାରିଫ ପ୍ରତ୍ୟାହାର ସକାଶେ ଆମେରିକା ପକ୍ଷରୁ ଯେଉଁ ସର୍ତ୍ତ ଉପସ୍ଥାପନ କରାଯାଇଛି ତାହାକୁ ମାନିନେବା ବ୍ୟତୀତ ଅନ୍ୟ କୌଣସି ବିକଳ୍ପ ଭାରତ ନିକଟରେ ଥିଲା ଭଳି ମନେ ହେଉନି। ରୁଷ ବଦଳରେ ଆମେରିକା ଓ ଭେନେଜୁଏଲାରୁ ଭାରତ ତୈଳ ଆମଦାନୀ କରିବ ବୋଲି ଟ୍ରମ୍ପ ଘୋଷଣା କରିଛନ୍ତି। ତାଙ୍କ ଘୋଷଣାରେ ଯଦି ସତ୍ୟତା ଥାଏ ତେବେ ଏ ବାବଦରେ ଭାରତ ସରକାରଙ୍କୁ କେତେ ଅତିରିକ୍ତ ଖର୍ଚ୍ଚ ଭାର ବହନ କରିବାକୁ ପଡ଼ିବ ତାହା ଭିନ୍ନ କଥା। ଏହି ତଥାକଥିତ ବୁଝାମଣାର ସବିଶେଷ ତଥ୍ୟ ସମ୍ପର୍କରେ ଭାରତର ନିରବତା ଉପରେ ବିଭିନ୍ନ ମହଲରେ ସନ୍ଦେହ ଉପୁଜିବା ସ୍ୱାଭାବିକ।

ଭାରତ – ଆମେରିକା ମଧ୍ୟରେ ବାଣିଜ୍ୟ କାରବାର ୧୩୦ ବିଲିୟନ ଡଲାରରେ ସୀମିତ ଥିବା ବେଳେ ତାହା ଏହି ପରିବର୍ତ୍ତିତ ପରିସ୍ଥିତିରେ ୫୦୦ ବିଲିୟନ ଡଲାର ଅତିକ୍ରମ କରିବ ବୋଲି ମଧ୍ୟ ଟ୍ରମ୍ପ ସୂଚନା ଦେଇଛନ୍ତି। ଏଥିରୁ ସ୍ପଷ୍ଟ ଯେ ଭାରତକୁ ଆମେରିକାର ରପ୍ତାନି ବାଣିଜ୍ୟ ଅଧାଅଧି ଭାବେ ବୃଦ୍ଧି ପାଇବ। ସେଥିରେ ରହିବ କୃଷି ଉତ୍ପାଦ, ପ୍ରଯୁକ୍ତି ବିଦ୍ୟା, କୋଇଲା ଓ ଶକ୍ତି ଇତ୍ୟାଦି। ସର୍ବୋପରି ଅତ୍ୟାଧୁନିକ ପ୍ରତିରକ୍ଷା ସାମଗ୍ରୀର ମଧ୍ୟ ସ୍ୱତନ୍ତ୍ର ଗୁରୁତ୍ୱ ରହିଛି। ଆମ ପ୍ରତିରକ୍ଷା ବଜେଟର ବର୍ଦ୍ଧିତ ବରାଦରୁ ଏହା ସ୍ପଷ୍ଟ ମନେହୁଏ। ଫେବୃଆରୀ ୨ ତାରିଖରେ ଟ୍ରମ୍ପ ଓ ମୋଦୀଙ୍କ ମଧ୍ୟରେ ହୋଇଥିବା ଉଷ୍ମ ଶବ୍ଦ ବିନିମୟରେ ବୁଝାମଣାର ଇଙ୍ଗିତ ମିଳିଥିଲା। କିନ୍ତୁ ଏହି ନିଷ୍ପତ୍ତି ପାଇଁ ଏତେ ଦୀର୍ଘ ପ୍ରତୀକ୍ଷା ଏବଂ ପର୍ଯ୍ୟାୟ ପରେ ପର୍ଯ୍ୟାୟ ଆଲୋଚନା ନିଷ୍ଫଳ ହେବା ପଛରେ କ'ଣ କାରଣ ଥିଲା? ଏହି ପ୍ରଶ୍ନ ଓ ପ୍ରସଙ୍ଗକୁ ପର୍ଯ୍ୟାଲୋଚନା କଲାବେଳେ କେଉଁଠି କେମିତି ମନେ ହୁଏ ଆମ ସରକାର ନିଜ ସର୍ତ୍ତରୁ ଓହରି ଯାଇ ନାହାନ୍ତି ତ? ବିଶେଷକରି କୃଷି ଉତ୍ପାଦ ଓ ଦୁଗ୍ଧ ଜାତ ଦ୍ରବ୍ୟ ପାଇଁ ଭାରତୀୟ ବଜାର ଉନ୍ମୁକ୍ତ କରିବାକୁ ଆମେରିକା ପକ୍ଷରୁ ପଡୁଥିବା ଚାପର ଶେଷରେ ଜିତାପଟ ହୋଇନି ତ? ଏହି ସନ୍ଦେହ ଅନେକାଂଶରେ ସ୍ପଷ୍ଟ ହୋଇଛି ଆମେରିକାର କୃଷି ସଚିବ ବ୍ରୁକ୍ ରୋଲିନ୍ସଙ୍କ ଟ୍ୱିଟରରୁ। ସେ ଆଶାନ୍ୱିତ ହୋଇପଡ଼ିଛନ୍ତି ଆମେରିକାର କୃଷିଜାତ ଭାରତୀୟ ବଜାରରୁ ବେଶ ଆର୍ଥିକ ଫାଇଦା ହାସଲ କରିବ। ତେଣୁ ଆଗାମୀ ଦିନରେ ଭାରତୀୟ ଚାଷୀ, ଦୁଗ୍ଧ ଉତ୍ପାଦନକାରୀ ଓ ମତ୍ସ୍ୟଜୀବୀ ତୀବ୍ର ପ୍ରତିଯୋଗିତାର ସମ୍ମୁଖୀନ ହେବାର ଆଶଙ୍କା ସୃଷ୍ଟି ହୋଇଛି। ସରକାର ଯେ ଏହି ପ୍ରତିକୂଳ ପରିସ୍ଥିତିରେ କିଭଳି ସମ୍ମୁଖୀନ ହେବେ ତାହା ଭିନ୍ନ କଥା।

ଏହି ଦ୍ୱିପାକ୍ଷିକ ବୁଝାମଣାର ସମସ୍ତ ତଥ୍ୟ ଆମ ସରକାରଙ୍କ ପକ୍ଷରୁ ଉପସ୍ଥାପନ କରାଯିବା ପରେ ହିଁ ଅସଲ ଗୁମର ଜଣାପଡ଼ିବ। ବ୍ରିଟେନ ସମେତ ସମସ୍ତ ୟୁରୋପୀୟ ରାଷ୍ଟ୍ରଙ୍କ ସହ ମୁକ୍ତ ବାଣିଜ୍ୟ ରାଜିନାମାରେ ଉପନୀତ ହେବା ପରେ ଭାରତକୁ ଆମେରିକା ସହ ସାଲିସ କରିବାର ଆବଶ୍ୟକତା କ'ଣ ଥିଲା ତାହା ମଧ୍ୟ ବିଚାର୍ଯ୍ୟ। ସବୁଠାରୁ ବଡ଼ କଥା ହେଲା ଟାରିଫ ବିନିମୟରେ ଏତେ ବାଛବିଚାର ରହିଲେ ତାହା ମଧ୍ୟ ଅନ୍ୟମାନଙ୍କୁ ପ୍ରଭାବିତ କରିପାରେ।

## ସିଇସିଙ୍କ ଉତ୍ତରଦାୟିତ୍ୱ

ନିର୍ବାଚନ ଆୟୋଗ ଏକ ସାଂବିଧାନିକ ସଂସ୍ଥା। ଦେଶରେ ଅବାଧ ଓ ନିରପେକ୍ଷ ନିର୍ବାଚନ ପରିଚାଳନା କରିବା ସହ ଦଳମତ ନିର୍ବିଶେଷରେ ସବୁ ପ୍ରତିଦ୍ୱନ୍ଦ୍ୱୀଙ୍କୁ ସମାନ ସୁବିଧା ସୁଯୋଗ ପ୍ରଦାନ ପ୍ରତି ମୁଖ୍ୟ ନିର୍ବାଚନ ଆୟୋଗ(ସିଇସି) ପ୍ରତିଶ୍ରୁତିବଦ୍ଧ। ନିର୍ବାଚନରେ ପରିଲକ୍ଷିତ ତ୍ରୁଟିବିଚ୍ୟୁତିକୁ ସୁଧାରିବା ସହ ଆଚରଣବିଧି ଉଲ୍ଲଙ୍ଘନ କ୍ଷେତ୍ରରେ ବାଛବିଚାର ନ ରଖି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ଏହି ସଂସ୍ଥାର ଦାୟିତ୍ୱ। ଏଭଳି ଏକ ଗୁରୁଦାୟିତ୍ୱ ବହନ କରୁଥିବା ଆୟୋଗ ଯେ ଆଦୌ ଉତ୍ତରଦାୟୀ ନୁହନ୍ତି ଏବଂ ଭୁଲ-ଠିକ୍ ନିର୍ବିଶେଷରେ ତାଙ୍କର ସିଦ୍ଧାନ୍ତ ଯେ ଚୂଡ଼ାନ୍ତ ଏକଥା କୁହାଯାଇ ନ ପାରେ। ୨୦୨୪ ସାଧାରଣ ନିର୍ବାଚନ ହେଉ କିମ୍ବା ପରବର୍ତ୍ତୀ ପର୍ଯ୍ୟାୟରେ ଅନୁଷ୍ଠିତ ବିଧାନସଭା ନିର୍ବାଚନରେ ନିୟମ ଉଲ୍ଲଙ୍ଘନ ଓ ବାଛବିଚାରମୂଳକ ପଦକ୍ଷେପ କ୍ଷେତ୍ରରେ ବିଭିନ୍ନ ଦଳ ପକ୍ଷରୁ କରାଯାଇଥିବା ଆପତ୍ତି ପ୍ରତି ଅବଜ୍ଞା ପ୍ରଦର୍ଶନ କରି ରୋକ୍ ଠୋକ୍ ନାସ୍ତିବାଣୀ ଶୁଣାଇବା ଏକ ଧରାବନ୍ଧା ନିୟମରେ ପରିଣତ ହୋଇଛି। ମୁଖ୍ୟ ନିର୍ବାଚନ ଆୟୋଗ ନିଜର ଉତ୍ତରଦାୟିତ୍ୱକୁ ଏଡ଼ାଇ ଯିବା ଆଦୌ ସମୀଚୀନ ନୁହେଁ।

ଓଡ଼ିଶାରେ ସାଧାରଣ ନିର୍ବାଚନ ପରେ ପରେ ମତଦାନ ସାବ୍ୟସ୍ତ ମାଧ୍ୟମରେ ମିଳିଥିବା ଭୋଟଠାରୁ ଅଧିକ ଭୋଟ ଗଣତି ହୋଇଥିବା ସଂପର୍କରେ ସବିଶେଷ ତଥ୍ୟ ଗଣମାଧ୍ୟମରେ ପ୍ରକାଶ ପାଇଥିଲା। କେତେକ ସ୍ଥାନରେ ଗଣତି ହୋଇଥିବା ଏହି ଅତିରିକ୍ତ ଭୋଟ ନିର୍ବାଚନ ଫଳକୁ ମଧ୍ୟ ପ୍ରଭାବିତ କରିଥିବାର ଅଭିଯୋଗ ହୋଇଥିଲା। ନିର୍ବାଚନ ପରିଚାଳନା ଦାୟିତ୍ୱରେ ଥିବା ଅଧିକାରୀଙ୍କ ବିନା ସହଯୋଗରେ ଏଭଳି ଏକ ତାରତମ୍ୟ ଆଦୌ ସମ୍ଭବ ନୁହେଁ। ଏଭଳି ଏକ ଗୁରୁତର ଅଭିଯୋଗ ଯାଞ୍ଚ ପରିସରକୁ ଆସିବା ଉଚିତ। ତେଣୁ ଫର୍ମ ୧୭ ସି ସହ ଗଣତି ହୋଇଥିବା ଭୋଟକୁ ମିଳାଇବାର ଆବଶ୍ୟକତା ରହିଛି। ମୁଖ୍ୟ ନିର୍ବାଚନ ଆୟୋଗ ଅଭିଯୋଗ କରିଥିବା ଦଳକୁ ୧୭ ସି ଫର୍ମର କପି ପ୍ରଦାନରେ ମଧ୍ୟ କୌଣସି ନିୟମଗତ ପ୍ରତିବନ୍ଧକ ନାହିଁ। ବିଭିନ୍ନ ୨୮ ଟି ଆସନରେ ନିର୍ବାଚନୀ ମାମଲା ଚାଲିଥିବାରୁ ଏହା ଦେବା ସମ୍ଭବ ନୁହେଁ କହିବାର ଯଥାର୍ଥତା ଥିଲା ଭଳି ମନେ ହୁଏନାହିଁ। କାରଣ ମୂଳ ଦଲିଲ ତ ଆୟୋଗଙ୍କ ନିକଟରେ ରହିବ। ଆବଶ୍ୟକ ମାମଲା କ୍ଷେତ୍ରରେ ତାହାର ଉପଯୋଗ କରାଯାଇପାରିବ। ୨୮ ଆସନକୁ ବାଦ ଦେଇ ଅବଶିଷ୍ଟ ଆସନ କ୍ଷେତ୍ରରେ ମଧ୍ୟ ୧୭ ସି ଫର୍ମ ଦେବାକୁ ମୁଖ୍ୟ ନିର୍ବାଚନ ଆୟୁକ୍ତ ଅରାଜି ହେବା କେତେଦୂର ସମୀଚୀନ ତାହା ମଧ୍ୟ ବିଚାର୍ଯ୍ୟ। ଏଥିରୁ ସ୍ପଷ୍ଟ ଯେ ଅସଲ ହେରଫେରକୁ ଯାଞ୍ଚ ପରିସରକୁ ଆଣିବା ପାଇଁ ସେ ଚାହାନ୍ତି ନାହିଁ। ଏହା ଯେ ଆଗକୁ ଏ ପ୍ରକାର ଦାଓପେଞ୍ଚକୁ ପ୍ରୋତ୍ସାହନ ଦେବ ତାହା ଆନ୍ତତଃ ମୁଖ୍ୟ ଆୟୁକ୍ତଙ୍କ ହୃଦବୋଧ ହେବା ଉଚିତ। ସେ ଏକଥା ମଧ୍ୟ କହିବାକୁ ପଛାଇ ନାହାନ୍ତି ଯେ କଣ୍ଟ୍ରୋଲ୍ ୟୁନିଟରେ ଥିବା ଭୋଟ ସଂଖ୍ୟା ଓ ୧୭ – ସି ଫର୍ମରେ ଉଲ୍ଲେଖ ଥିବା ଭୋଟସଂଖ୍ୟାର ତାଳମେଳ ଖାଏ ନାହିଁ। ଏଭଳି ବିଚିତ୍ର ତଥ୍ୟ ମାଧ୍ୟମରେ ଏପ୍ରକାର ଅସାମଞ୍ଜସ୍ୟ ତଥା ତାରତମ୍ୟକୁ ସେ ଏକପ୍ରକାର ଏଡ଼ାଇ ଯାଇଛନ୍ତି। ତେଣୁ ଆଗାମୀ ଦିନରେ ଏହି ଅଭିଯୋଗର ଯେ ଯାଞ୍ଚ ହେବ ସେଥିରୁ କିଛି ସୁଫଳ ମିଳିବ ସେ ଆଶା କରିବା ବୃଥା।

ଗଣତାନ୍ତ୍ରିକ ବ୍ୟବସ୍ଥାରେ ଯେକୌଣସି ସଂସ୍ଥା ଯେତେ ବଡ଼ ଦାୟିତ୍ୱରେ ଥାଉ ନା କାହିଁକି ସେ ଉତ୍ତରଦାୟିତ୍ୱରୁ ଊର୍ଦ୍ଧ୍ୱରେ ନୁହେଁ। ସେହିଭଳି ଅଭିଯୋଗ କରିଥିବା ଦଳ ଯେତେ ଛୋଟ ହୋଇଥାଉ ତାହା ପଛରେ ମଧ୍ୟ କିଛି ଜନସମର୍ଥନ ରହିଛି। ତେଣୁ ଆୟୋଗ ତାଙ୍କ ଉତ୍ତରଦାୟିତ୍ୱ ନିର୍ବାହ କରିବାରୁ ପଛଘୁଞ୍ଚା ଦେବା ଉଚିତ ନୁହେଁ।

## ଜାତି ଭିତରେ ଜାତିଭେଦ

ଡକ୍ଟର ଅବଶ ପରିଡ଼ା

ପାରମ୍ପରିକ ଜାତିପ୍ରଥାର ବ୍ୟାଖ୍ୟା ଅନୁଯାୟୀ ଏକା ଜାତିର ସଦସ୍ୟମାନେ ସମାନ ପରିଚୟ, ଆନୁଷ୍ଠାନିକ ସମ୍ପର୍କ ଏବଂ ସାମାଜିକ ଦାୟିତ୍ୱ ଆଧାରରେ ପରସ୍ପରକୁ ସହଯୋଗ କରନ୍ତି। କିନ୍ତୁ ଜାତିପ୍ରଥାର ବିବର୍ତ୍ତନ, ବିଭାଜନ ଓ ବିଘଟନ ଦ୍ୱାରା ଜଣାପଡ଼ିଛି ଯେ ସଜାତୀୟ ବା ନିଜ ଜାତି ମଧ୍ୟରେ ସହଯୋଗ ଏବଂ ଅନ୍ତଃ-ଜାତି ସମ୍ପର୍କ ଏତେ ସହଜ ନୁହେଁ କି ସ୍ୱୟଂଚାଳିତ ମଧ୍ୟ ନୁହେଁ। ଜାତିର ଆକାର, ସ୍ଥାନିକ ବଣ୍ଟନ, ସାମାଜିକ-ଆର୍ଥିକ ସ୍ଥିତି, ଶିକ୍ଷା, ଆଭ୍ୟନ୍ତରୀଣ ଉପବିଭାଜନ ବା ଉପଜାତି ଭଳି ବହୁବିଧ କାରଣ ଦ୍ୱାରା ଏହା ସଂରଚିତ।

ସମାନ ଜାତି ମଧ୍ୟରେ ହେଉଥିବା ବିବର୍ତ୍ତିତ ସମ୍ପର୍କ ପାଇଁ ସେହି ଜାତିର ଆକାର ଓ ପ୍ରସାର ହେଉଛି ଏକ ଗୁରୁତ୍ୱପୂର୍ଣ୍ଣ କାରଣ। ଆକାରରେ କ୍ଷୁଦ୍ର ଜାତି କିମ୍ବା ଉପଜାତି, ପ୍ରାୟତଃ ଏକ ସୀମିତ ଭୌଗୋଳିକ ଅଞ୍ଚଳରେ କେନ୍ଦ୍ରିତ। ତେଣୁ ସେମାନଙ୍କ ମଧ୍ୟରେ ନିରନ୍ତର ସାମାଜିକ ସମ୍ପର୍କ ପ୍ରାୟତଃ ବଜାୟ ରୁହେ। ଉଦାହରଣ ସ୍ୱରୂପ, ଓଡ଼ିଶାର ଉପକୂଳବର୍ତ୍ତୀ ଅଞ୍ଚଳ ପୁରୀ ଓ ଗଞ୍ଜାମର 'ମୁଣ୍ଡପୋତା', କେନ୍ଦ୍ରାପଡ଼ା ରାଜକନିକା ଅଞ୍ଚଳର 'ଘୁଷୁରିଆ' ଏବଂ ପଶ୍ଚିମ ଓଡ଼ିଶାରେ 'କେଳା'ଙ୍କ କିଛି ଉପଜାତି ନିଜ ମଧ୍ୟରେ ଗୋଷ୍ଠୀ ଘନିଷ୍ଠତା ଓ ନିରନ୍ତର ସମ୍ପର୍କ ରଖିଛନ୍ତି। ବିପରୀତ ଭାବେ ଆକାରରେ ବଡ଼ ଜାତି ଓ ଉପଜାତି ଯଥା ଖଣ୍ଡାୟତ, ଚଷା, କରଣ ଓ ଗୋପାଳ / ଗୌଡ଼ ସେମାନଙ୍କର ସମସ୍ତ ସଦସ୍ୟଙ୍କ ସହିତ ସମ୍ପର୍କ ବଜାୟ ରଖିପାରିବା ଅସମ୍ଭବ। ତେଣୁ ଏହି ପରିପ୍ରେକ୍ଷୀରେ ସମାଜବିଜ୍ଞାନୀମାନେ ଏକ 'ପ୍ରଭାବଶାଳୀ ଜାତି' ବିଷୟରେ କୁହନ୍ତି। ଯାହାର ଅର୍ଥ ହେଉଛି ଯେକୌଣସି ଜାତିର ଏକ ସୀମିତ ଅଂଶ, ଯାହା ସହିତ ଜଣେ ବ୍ୟକ୍ତି ନିୟମିତ, ଅର୍ଥପୂର୍ଣ୍ଣ ସାମାଜିକ ସମ୍ପର୍କ ବଜାୟ ରଖିବାକୁ ପସନ୍ଦ କରେ। ଏମ୍. ଏନ୍. ଶ୍ରୀନିବାସଙ୍କ ସହିତ ଅନ୍ୟ କିଛି ପରବର୍ତ୍ତୀ ଅଧ୍ୟୟନରେ ଉଲ୍ଲେଖ ଅଛି ଯେ ଅଧିକାଂଶ ଲୋକଙ୍କ ପାଇଁ ଜାତି ଏକ ବିଶାଳ ଗୋଷ୍ଠୀ ଭାବରେ ନୁହେଁ, ବରଂ ସମ୍ପର୍କୀୟ ଓ ପରିଚିତ ପରିବାରର ଏକ ସୀମିତ ବୃତ୍ତ ଭଳି କାମ କରୁଛି।

ସଂଖ୍ୟା ଓ ଆକାର ବ୍ୟତୀତ ଅନ୍ତଃଜାତି ସମ୍ପର୍କ ପାଇଁ ଆର୍ଥିକ ଓ ଶିକ୍ଷାଗତ ପାର୍ଥକ୍ୟ ମଧ୍ୟ ଦାୟୀ। ଉତ୍ତର ପ୍ରଦେଶରେ ହୋଇଥିବା ଏକ ଅନୁସନ୍ଧାନର ଫଳାଫଳ ଅନୁଯାୟୀ ଏକ ଜାତି ମଧ୍ୟରେ ଅସମାନତାର ଆଲୋଚନା ଆନ୍ତଃଜାତିଗତ ଅସମାନତାର ଆଲୋଚନା ଅପେକ୍ଷା ଅଧିକ ଗୁରୁତ୍ୱପୂର୍ଣ୍ଣ। ଅନ୍ୟ ଏକ ସାମାଜିକ ସର୍ଭେ ବିଶ୍ଳେଷଣ ସୂଚିତ କରିଛି ଯେ କିଛି ରାଜ୍ୟର ସମ୍ପତ୍ତି ଓ ଶିକ୍ଷା କ୍ଷେତ୍ରର ମୋଟ ଅସମାନତାର ୮୦% ରୁ ୯୦% ପାଇଁ ଜାତି ମଧ୍ୟରେ ଅସମାନତା ହିଁ ଦାୟୀ। ସେହିପରି ଗ୍ରାମୀଣ ଓ ଛୋଟ ସହରରେ ହୋଇଥିବା ଅନ୍ୟ କିଛି ସର୍ଭେର ମତାମତ ଅନୁଯାୟୀ ଜାତି ମଧ୍ୟରେ ଶ୍ରେଣୀର ଚେତନା କ୍ରମଶଃ ଆନୁଷ୍ଠାନିକ ସମାନତାକୁ ବାତିଲ୍ କରିସାରିଛି। ଏକ ଉପ-ଜାତିର ଶିକ୍ଷିତ ଓ ବେତନଭୋଗୀ ସଦସ୍ୟମାନେ ପ୍ରାୟତଃ ସେହି ସମାନ ଉପ-ଜାତିର ଗରିବ, କମ୍ ଶିକ୍ଷିତ ସଦସ୍ୟଙ୍କଠାରୁ ସାମାଜିକ ଦୂରତା ରଖିବାକୁ ପସନ୍ଦ କରନ୍ତି। ଏପରିକି ନିକଟରେ ରହୁଥିଲେ ମଧ୍ୟ ବିବାହ ଚୟନ ଓ ସାମାଜିକ ଗସ୍ତ ଭଳି ସାଧାରଣ ସାମାଜିକ ଅଭ୍ୟାସ ସମ୍ପୂର୍ଣ୍ଣ ଜାତିରେଖା ପରିବର୍ତ୍ତେ ଶ୍ରେଣୀରେଖାକୁ ଅନୁସରଣ କରୁଛି।

ଏହି ପରିପ୍ରେକ୍ଷୀରେ ବୋର୍ଡିୟୁଙ୍କ 'ସାମାଜିକ ପୁଞ୍ଜି'ର ଧାରଣା ଅତ୍ୟନ୍ତ ପ୍ରଯୁଜ୍ୟ। ଚୁମ୍ବକରେ ଏହାର ଅର୍ଥ ହେଉଛି ଯେ ଆଧୁନିକ ସମାଜରେ ବ୍ୟକ୍ତିବିଶେଷ ଏପରି ସମ୍ପର୍କରେ ବିନିଯୋଗ କରିବାକୁ ପସନ୍ଦ କରନ୍ତି, ଯାହା ବ୍ୟକ୍ତିର ସାମାଜିକ ସ୍ଥିତି, ଗତିଶୀଳତା ଓ ପ୍ରତୀକାତ୍ମକ ମୂଲ୍ୟକୁ ବୃଦ୍ଧି କରେ। ଯେହେତୁ ସାମାଜିକ ଲାଭ ସୀମିତ, ତେଣୁ ସମାନ ଜାତି ମଧ୍ୟରେ ଥିବା ଧନୀ ଓ ଶିକ୍ଷିତମାନେ ଗରିବ ଓ ଅପାଠୁଆ ସଦସ୍ୟମାନଙ୍କ ସହିତ ସମ୍ପର୍କକୁ ନିୟନ୍ତ୍ରିତ ରଖିବାକୁ ପସନ୍ଦ କରୁଛନ୍ତି। ମ୍ୟାକ୍ସ ୱେବରଙ୍କ 'ସାମାଜିକ ଗୋଷ୍ଠୀର ସ୍ଥିତି' ଧାରଣା କୁହେ ଯେ ଯେତେବେଳେ ଆଭ୍ୟନ୍ତରୀଣ ସ୍ଥିତିରେ ପାର୍ଥକ୍ୟ ସ୍ପଷ୍ଟ ହୋଇଯାଏ ସେତେବେଳେ ଜାତି ଏକତା ମଧ୍ୟ ଅତ୍ୟନ୍ତ ଦୁର୍ବଳ ହୋଇଯାଏ। ସହରରେ ଜାତି ସଂଗଠନଗୁଡ଼ିକ ମୁଖ୍ୟତଃ ପ୍ରତୀକାତ୍ମକ କିମ୍ବା କେବଳ ଏକ ସାଂଗଠନିକ ୟୁନିଟ୍ ଭାବରେ ବିଦ୍ୟମାନ, ଯାହା ପାରସ୍ପରିକ ସମର୍ଥନର ପ୍ରଣାଳୀ ଭାବରେ ନୁହେଁ, ବରଂ ସମ୍ପର୍କ, ସଂଯୋଗ, ରାଜନୈତିକ ଲକ୍ଷ୍ୟ କିମ୍ବା ଉତ୍ସବ ପାଳନ ମଧ୍ୟରେ ସୀମିତ ରହିଯାଇଛି। ମୁମ୍ବାଇର ଜାତି ସଂଗଠନଗୁଡ଼ିକ ଉପରେ ଏକ ଗବେଷଣା ଅନୁଯାୟୀ ସଂଗଠନଗୁଡ଼ିକ ଉତ୍ସବ ଆୟୋଜନ କରିବା, ସାଂସ୍କୃତିକ ପରମ୍ପରା ଓ ଆନ୍ତଃ-ଜାତି ବିବାଦ ମଧ୍ୟସ୍ଥତା କରିବା ଭଳି ଅନେକ କାର୍ଯ୍ୟ ବହୁତ ମାତ୍ରାରେ କରିଥିଲେ। କିନ୍ତୁ ଚାକିରି ସୁପାରିସ ଓ ଅନ୍ୟାନ୍ୟ ବ୍ୟକ୍ତିଗତ ବିକାଶ ପାଇଁ କମ୍ ଚିନ୍ତିତ ଥିଲେ।

ସମାଜବିଜ୍ଞାନୀଙ୍କ ମତରେ ଜାତି ଏକ ସମନ୍ୱିତ ସାମାଜିକ ସମ୍ପ୍ରଦାୟ ଅପେକ୍ଷା ଏକ ପ୍ରାସଙ୍ଗିକ ପରିଚୟ ଭାବରେ ଅଧିକ ସ୍ଥାୟୀ ହୋଇସାରିଲାଣି। ଜାତି ଭିତରେ ସହଯୋଗ ଆଉ ସାର୍ବଜନୀନ ନୁହେଁ; ବରଂ ନିକଟତା, ଶିକ୍ଷା, ସାମାଜିକ-ଆର୍ଥିକ ସ୍ଥିତି ଓ ଲାଭ-କ୍ଷତି ଦ୍ୱାରା ଏବେ ଆକୃତିପ୍ରାପ୍ତ। 'ସମୁଦାୟ ଜାତି' ନୁହେଁ ବରଂ 'ପ୍ରଭାବଶାଳୀ ଜାତି' ବା 'ଇଫେକ୍ଟିଭ କାଷ୍ଟ' ହେଉଛି ଜାତିର ଜୀବନ୍ତ ବାସ୍ତବତା। ଯାହା ଏକ ସଂକୀର୍ଣ୍ଣ ସାମାଜିକ ଓ ସ୍ଥାନିକ ସୀମା ମଧ୍ୟରେ କାର୍ଯ୍ୟ କରୁଛି।

ସମାଜବିଜ୍ଞାନୀ ଶ୍ରୀନିବାସ ତାଙ୍କ ପୁସ୍ତକ 'ଦି ଡୋମିନାଣ୍ଟ କାଷ୍ଟ ଇନ୍ ରାମପୁରା' ରେ ଉଲ୍ଲେଖ କରିଛନ୍ତି ଯେ ଜାତି ମଧ୍ୟରେ ବୈବାହିକ ସମ୍ପର୍କ ଅନ୍ତଃବିବାହ ପରି ସରଳ ନୁହେଁ। ବିବାହ ସମ୍ପର୍କ ପାଇଁ କିଛି ଜାତିକୁ 'ହାଇପରଗାମି ବା ଅନୁଲୋମା' ଉଦ୍ଦେଶ୍ୟରେ ଆନୁଷ୍ଠାନିକ ଭାବରେ ବିଭିନ୍ନ ଉପଗୋଷ୍ଠୀରେ ବିଭକ୍ତ କରାଯାଇଛି। ଏହାର ଅର୍ଥ ହେଉଛି ଗୋଟିଏ ଉପଜାତିରେ ଥିବା ଜଣେ ସଦସ୍ୟ ନିମ୍ନ ପଦବୀ ଏବଂ ପ୍ରତିଷ୍ଠା ସହିତ ଥିବା ଏକ ନିର୍ଦ୍ଦିଷ୍ଟ ଉପଜାତିରୁ ଝିଅକୁ ବିବାହ ପାଇଁ ଗ୍ରହଣ କରିପାରିବେ। କିନ୍ତୁ ସେମାନେ ସେହି ଉପଜାତିରେ ନିଜ ଝିଅକୁ ବିବାହ ଦେବେ ନାହିଁ। ଉଦାହରଣ ସ୍ୱରୂପ ଓଡ଼ିଶାର ସଂଖ୍ୟା ଦୃଷ୍ଟିରେ ଏକ ପ୍ରଭାବଶାଳୀ ଜାତି ହେଉଛି ଖଣ୍ଡାୟତ ଜାତି। ଏହାର ଅନେକ ଉପବର୍ଗ ବା ଉପଜାତି ଅଛନ୍ତି। ଯଥା- ଶ୍ରେଷ୍ଠ ଖଣ୍ଡାୟତ, ସାମନ୍ତ ଖଣ୍ଡାୟତ, ଦଳପତି, ଭୂପତି, ପାଇକ, ଚଷା ପାଇକ ଓ ଚଷା ଇତ୍ୟାଦି। ଖଣ୍ଡାୟତ ଉପର ବର୍ଗରେ ଥିବା ଉପଜାତି ଯେପରିକି ଶ୍ରେଷ୍ଠ ଖଣ୍ଡାୟତ କିମ୍ବା ଜମିଦାର ଏବଂ ନିମ୍ନରେ ଥିବା ଚଷା ଗୋଷ୍ଠୀ ମଧ୍ୟରେ ବିବାହ ବିରଳ। ସେହିପରି ଓଡ଼ିଶାର ଦାନୁଆ ବ୍ରାହ୍ମଣମାନେ ପ୍ରାୟତଃ ହଳୁଆ ବ୍ରାହ୍ମଣଙ୍କ ସହିତ ବିବାହ ସମ୍ପର୍କକୁ ଏଡ଼ାଇ ଦିଅନ୍ତି। ଉତ୍ତର ପ୍ରଦେଶର କନ୍ୟାକୁବ୍ଜ ବ୍ରାହ୍ମଣମାନେ ୪୬ଟି ଉପବିଭାଗରେ ସେମାନଙ୍କର ଜାତିକୁ ସ୍ଥିର କରିଛନ୍ତି। ପ୍ରତ୍ୟେକଟି ଉପଜାତି ବଂଶାବଳୀ, ଗୋତ୍ର, ବାସସ୍ଥାନ ଇତ୍ୟାଦି କିଛି ନିର୍ଦ୍ଦିଷ୍ଟ ଗୁଣ ଦ୍ୱାରା ବୈଶିଷ୍ଟ୍ୟଯୁକ୍ତ। କନ୍ୟାକୁବ୍ଜ ବ୍ରାହ୍ମଣମାନଙ୍କରେ ବୈବାହିକ ସମ୍ପର୍କ ମଧ୍ୟ ଉପବିଭାଗର ପଦାନୁକ୍ରମିକ ସ୍ଥାନାଙ୍କ ଉପରେ ନିର୍ଭର କରେ।

ସାମାଜିକ ପବିତ୍ରତା, ରାଜନୈତିକ ପ୍ରାଧାନ୍ୟ ଏବଂ ଆର୍ଥିକ ସମ୍ବଳ ପାଇଁ ପ୍ରତିଯୋଗିତା ମାଧ୍ୟମରେ ଓଡ଼ିଶାରେ ଉପଜାତିଙ୍କ ମଧ୍ୟରେ ପ୍ରତିଦ୍ୱନ୍ଦ୍ୱିତା ପ୍ରକାଶିତ ହେଉଛି। ଅବଶ୍ୟ ଉତ୍ତର ଭାରତର ରାଜ୍ୟଙ୍କ ପରି ନୁହେଁ, ଯେଉଁଠାରେ 'ଜାତି ଯୁଦ୍ଧ' ଖୋଲାଖୋଲି ଭାବରେ ଦୃଶ୍ୟମାନ। ଓଡ଼ିଶାର ନିଜ ଜାତି ମଧ୍ୟରେ ଗତିଶୀଳତା ପ୍ରାୟତଃ ସୂକ୍ଷ୍ମ, କିନ୍ତୁ କଠୋର। ଉଦାହରଣ ସ୍ୱରୂପ ଓଡ଼ିଶାରେ ଅନୁସୂଚିତ ଜାତି ସମ୍ପ୍ରଦାୟ ଏକଜାତି ନୁହେଁ। ୯୩ଟି ଭିନ୍ନ ସମ୍ପ୍ରଦାୟ ପ୍ରାୟତଃ 'ଜାତି ଭିତରେ ଜାତି' ଭଳି ଏକ ପଦାନୁକ୍ରମ ସୃଷ୍ଟି କରିଛନ୍ତି। ଧୋବା ଓ କୈବର୍ତ୍ତ ପରି ଅନୁସୂଚିତ ଜାତିର ଉପଜାତିମାନେ ନିଜକୁ ଉଚ୍ଚ ମନେ କରି ଗଣ୍ଡ କିମ୍ବା ଘାସି ପରି ଉପଗୋଷ୍ଠୀଙ୍କୁ ନିମ୍ନ ଉପଜାତି ମଣୁଛନ୍ତି ବୋଲି ଅଭିଯୋଗ ହୁଏ।

ଅନ୍ୟଜାତିରେ ମଧ୍ୟ ଆଭ୍ୟନ୍ତରୀଣ ପଦାନୁକ୍ରମ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରେ। ବ୍ରାହ୍ମଣ-କରଣ ଆଧିପତ୍ୟର ଦୀର୍ଘକାଳୀନ ରାଜନୈତିକ ପ୍ରାଧାନ୍ୟ ହେତୁ ଉତ୍ତର ପ୍ରଦେଶ କିମ୍ବା ବିହାର ତୁଳନାରେ ଆମ ରାଜ୍ୟରେ ଉପଜାତି ମେଣ୍ଟ ଐତିହାସିକ ଭାବରେ କମ୍ ସ୍ପଷ୍ଟ। ତଥାପି ସାମ୍ପ୍ରତିକ ବର୍ଷଗୁଡ଼ିକରେ 'ପରିଚୟ ବା ଆଇଡେଣ୍ଟି ଇଞ୍ଜିନିୟରିଂ'ରେ ବୃଦ୍ଧି ଘଟିଛି, ଯେଉଁଠାରେ ଓବିସି, ଦଳିତ ଓ ଆଦିବାସୀ ଭଳି ବ୍ୟାପକ ବର୍ଗ ମଧ୍ୟରେ ଉପଜାତିଗୁଡ଼ିକ ଏବେ ଉତ୍ତମ ପ୍ରତିନିଧିତ୍ୱ ଦାବି କରିବା ପାଇଁ ରଣନୈତିକ ମେଣ୍ଟ ଗଠନ କରିବା ପାଇଁ ପ୍ରସ୍ତୁତ ହେଉଛନ୍ତି। ଉପଜାତି ମେଣ୍ଟ ସବୁ ସମୟରେ 'ସଂସ୍କୃତୀକରଣ'କୁ ଅନୁସରଣ କରେ ନାହିଁ, ବରଂ ଏକ 'ପ୍ରତିଫଳକ ଆଚରଣ' ଦ୍ୱାରା ଏହା ନିଜକୁ ଶକ୍ତ କରେ, ଯେଉଁଠାରେ ଅନୁସୂଚିତ ଜାତି ବର୍ଗ ମଧ୍ୟରେ ଏକ ବୃହତ ଗୋଷ୍ଠୀ ସେମାନଙ୍କର ସାମାଜିକ ପ୍ରତିଷ୍ଠା ବଜାୟ ରଖିବା ପାଇଁ ପ୍ରଭାବଶାଳୀ ଜାତିର ବହିଷ୍କାରକାରୀ ପ୍ରଥାଗୁଡ଼ିକୁ ଗ୍ରହଣ କରନ୍ତି।

ପରିଶେଷରେ, ଅନ୍ତଃ ଜାତି ସମ୍ପର୍କ ଆମକୁ ମନେ ପକାଇ ଦେଉଛି ଯେ ପ୍ରଭୁତ୍ୱ ପାଇଁ ସଂଘର୍ଷ କୌଣସି ଜାତିର ସୀମାରେ ସୀମିତ ନୁହେଁ। ଜାତି ବାହାରର ଲଢ଼େଇ ହେଉଛି ଅନ୍ୟଜାତିଙ୍କ ଉପରେ ଶ୍ରେଷ୍ଠତା ଓ ପ୍ରାଧାନ୍ୟ ପ୍ରମାଣ କରିବା ପାଇଁ ଏବଂ ଜାତି ଭିତରେ ଏହି ଅଦୃଶ୍ୟ ସଂଘର୍ଷ ଦର୍ଶାଉଛି ଯେ କିଏ ନିଜ ଜାତିଭାଇଙ୍କଠାରୁ ଅଧିକ ଶକ୍ତିଶାଳୀ, ଅଧିକ ପବିତ୍ର ଓ ଅଧିକ ପ୍ରଭାବଶାଳୀ। ଉତ୍ତର-ଆଧୁନିକତାର କଥା କହୁଥିବା ସମାଜ ପାଇଁ ଏହା ହିଁ ତ ବିଡ଼ମ୍ବନା।

ଭୁବନେଶ୍ୱର, ମୋ:୮୪୫୬୮୭୯୫୨୨

## 'ଲୋକଙ୍କ ସରକାର' ବନାମ 'କଲ୍ୟାଣମୟୀ ସରକାର'

ଭଗବାନ ଦାଶ

ଓଡ଼ିଶାରେ ବିଜେପି ସରକାର ଆସିବା ପରେ କାର୍ଯ୍ୟାବଳୀରେ ବହୁ ପରିବର୍ତ୍ତନ ପରିଲକ୍ଷିତ ହେଉଛି। ସହରରେ ସରକାରୀ ଜମିକୁ ମାଡ଼ିବସି ଜୀବନଯାପନ କରୁଥିବା ବହୁସଂଖ୍ୟକ ଲୋକ ଏବେ ବେଘର ହେଲେଣି। ଭୁଲ ପଦକ୍ଷେପ ବୋଲି ଏହାକୁ ତ କହି ହେବନି, କିନ୍ତୁ ଏତିକି କହି ହେବ ଯେ ଆଗ ସରକାର ସହି ଯାଉଥିଲେ, କିଛି କହୁ ନ ଥିଲେ କି ବିତାଡ଼ିତ କରୁ ନ ଥିଲେ। ଏବେ ଆତ୍ମଘୋଷିତ 'ଲୋକଙ୍କ ସରକାର'। ଇଏ ବୋଧେ ଲୋକଙ୍କୁ ସରକାରୀ ଜମି ଦଖଲରୁ ବେଦଖଲ କରାଇ ବେଘର କରିପାରିଲେ ବାହାବା ନେବେ! ଉଦ୍ଦେଶ୍ୟ ସନ୍ଦେହାତ୍ମକ ମନେହୁଏ।

କୁହାଯାଉଛି, ଯାହାର ଚାରି ଡିସିମିଲରୁ କମ ଜମିଥିବ ତା'କୁ ଭୂମିହୀନ ଆଖ୍ୟା ଦିଆଯିବ। ଆଉ ଖଣ୍ଡେ ଜାଗା ଦିଆଯିବ। ଆବଶ୍ୟକ ହେଲେ ସେଠି ଖଣ୍ଡେ ଘର ବି ତୋଳିବାର ବନ୍ଦୋବସ୍ତ କରାଯିବ। ଭାଙ୍ଗିବାର ନିର୍ଦ୍ଦୟତା ବେଳେ ଗଢ଼ିବାର ସହୃଦୟତା ଲୋକଙ୍କ ପାଇଁ କେତେ ଯୁକ୍ତିଯୁକ୍ତ, ଆଶ୍ୱସ୍ତିମୂଳକ ତାହା ସରକାର ତାଙ୍କର ସୁଚିନ୍ତିତ ଯୋଜନାରୁ ଜାଣି ପାରୁଥିବେ। କୁଆଡ଼େ ସରକାରୀ ଜାଗାଗୁଡ଼ିକ ଆଣି ବିଭିନ୍ନ ଉନ୍ନୟନମୂଳକ କାର୍ଯ୍ୟରେ ନିୟୋଜିତ କରି ଦେଶର ଅର୍ଥନୀତିରେ ବୃଦ୍ଧି ଅଣାଯାଇପାରି। ଅବଶ୍ୟ ଆଜିକାର ରାଜନୀତି ଜଳବାୟୁରେ ନିଜର ଉନ୍ନତି ଅପେକ୍ଷା ଅନ୍ୟର ଅହିତ ଅଧିକ ଆକର୍ଷଣୀୟ ହେଲାଣି।

ସ୍ୱାଧୀନ ଗଣତନ୍ତ୍ର ଦେଶରେ ବୁଲଡୋଜର ଚାଲିବ, ତାହା ପୁଣି କୌଣସି ଗୁଣ୍ଡାହୁଣ୍ଡା ଲୋକ ନୁହନ୍ତି, ସରକାରୀ କଳ ଦ୍ୱାରା। ଏହା କେତେଦୂର ସମୀଚୀନ ତାହାର ବିଚାର ସରକାରଙ୍କର। ଯଦି 'ଲୋକଙ୍କର ସରକାର' ଲୋକଙ୍କୁ ବେଘର କରିବାକୁ ସରକାରୀ କଳର ପ୍ରୟୋଗ କରିବାକୁ ଆଗଭର ହୁଅନ୍ତି, ତେବେ ନିଜେ ଜନକଲ୍ୟାଣକାରୀ ନା ବିନାଶକାରୀ ସେକଥା ସେମାନେ ହେଜନ୍ତୁ। ସରକାରୀ ଜାଗାର ପୁନରୁଦ୍ଧାର ଉଦ୍ଦେଶ୍ୟ ଥିଲେ ତାହା ବୁଦ୍ଧି ବିବେକ ବଳରେ ଶାନ୍ତିରେ ଉତ୍ତେଜନାରହିତ ହୋଇ କରାଯାଇ ପାରନ୍ତା। ପ୍ରତ୍ୟେକ ଜବରଦଖଲକାରୀ ଆପେ ଆପେ ଯଥା ସମୟରେ ଥଇଥାନ ହୁଅନ୍ତେ। ସରକାରୀ ଜାଗା ମଧ୍ୟ ସ୍ୱତଃ ଫେରି ଆସନ୍ତା। ଏପରିକି ଯେଉଁମାନେ ଭୂମିହୀନ ନୁହନ୍ତି, କିନ୍ତୁ ଘରଦ୍ୱାର କରି ଜବରଦଖଲ ସୂତ୍ରରେ ଅଛନ୍ତି, ସେମାନେ ମଧ୍ୟ କିଛି ସୀମିତ ବର୍ଷ ପାଇଁ ରୁହନ୍ତେ ଏବଂ ଘରତୋଳା ଖର୍ଚ୍ଚ ସହ ଘରେ ରହୁଥିବା କିଛିଦିନ ପାଇଁ ଭଡ଼ା ଦିଅନ୍ତେ। ପରେ ନିଜର ଥଇଥାନ କରି ସରକାରୀ ନିର୍ଦ୍ଧାରିତ ସମୟ ଭିତରେ ଘର ଖାଲି କରିଦିଅନ୍ତେ। ଫଳରେ ନା ସେମାନେ ଅସନ୍ତୁଷ୍ଟ ହୁଅନ୍ତେ ନା ସରକାର। ଲୋକମନରେ ସରକାରୀ କଠୋରତା ରହନ୍ତା ନାହିଁ। କଲ୍ୟାଣକାରୀ ଏବଂ ଲୋକଙ୍କ ସରକାର ବୋଲି ଡିଣ୍ଡିମ ବାଜନ୍ତା। ଆକ୍ଷେପମୂଳକ ପଦକ୍ଷେପ ଅପେକ୍ଷା ଅନୁକମ୍ପାମୂଳକ କାର୍ଯ୍ୟଶୈଳୀ କେଡ଼େ ସୁନ୍ଦର ହୁଅନ୍ତା!

ଆଜିକାଲି ଗାନ୍ଧୀ ଗୋପବନ୍ଧୁ ନାହାନ୍ତି। ଦରଦୀ ନେତା ସ୍ୱପ୍ନ। କୁହାଳିଆ, ତୋଷାମଦିଆ ନେତା ମାଳ ମାଳ। ଗାନ୍ଧୀ, ଗୋପବନ୍ଧୁ ଗରିବ ନ ଥିଲେ। ତାଙ୍କ ଦେଶବାସୀ ଗରିବ ଥିବାରୁ ସେ ଆଣ୍ଠୁ ନ ଲୁଚିଲା ଭଳି ପୋଷାକ ପିନ୍ଧୁଥିଲେ। ମନରେ ଥାଏ, ମୋ ଦେଶବାସୀ ଯେତେବେଳେ ଗଣ୍ଡେ ଖାଇ ଖଣ୍ଡେ ପିନ୍ଧିବାକୁ ସମର୍ଥ ନୁହନ୍ତି, ଆମେ କିପରି ଲମ୍ବା ସାର୍ଟ ପଟାବୃତ୍ତ ହୋଇ ବୁଲିବା? ତେଣୁ ଦେଶବାସୀଙ୍କ ସମ୍ମାନ ରକ୍ଷାପୂର୍ବକ ସହଭାଗୀ ହୋଇ ଆଣ୍ଠୁ ନ ଲୁଚିବା ଭଳି ପୋଷାକ ପିନ୍ଧୁଥିଲେ। କିନ୍ତୁ ଲୋକଙ୍କ ସରକାର ଲୋକଙ୍କୁ ହାତରେ ନ ମାରି ଭାତରେ ମାରିବା ଭଳି ହେଉଛି। ଶାସନ ପାଇଁ ବହୁତ କିଛି କରିବାକୁ ଅଛି। ଦର ଦାମ ଆକାଶ ଛୁଇଁଲାଣି। ସୁନା ଉଚ୍ଚ ମଧ୍ୟବିତ୍ତଙ୍କ ପାଇଁ ମଧ୍ୟ ସାତସପନ। ଘରେ ଘରେ ଶିକ୍ଷିତ ବେକାର। ସେମାନଙ୍କ କଥା ବୁଝିବ କିଏ? ଗଠନମୂଳକ ଚିନ୍ତାଧାରାକୁ ଆଦର୍ଶ ନ କରି ସଂହାରମୂଳକ ଭାବନା ଗ୍ରହଣ କେତେଦୂର ଯୁକ୍ତିଯୁକ୍ତ?

ନିର୍ଦ୍ଧାରିତ ସମୟରେ ସରକାରଙ୍କଠାରୁ ଦରଖାସ୍ତର ଉତ୍ତର ମିଳୁଛି କି? ତହସିଲ, ଚକବନ୍ଦୀ ଅଫିସରେ ବିନା ଲାଞ୍ଚରେ କିଛି କାର୍ଯ୍ୟ ହେଉଛି କି? ସାଧାରଣ ଜନତା ତୁଣ୍ଡରୁ ବାହାରି ପାରିବ କି ମୁଁ ବିନା ପଇସାରେ କାଗଜ ଖଣ୍ଡିଏ ପାଇ ପାରୁଛି? ଆଖି ବୁଜି ବିରାଡ଼ି ଦୁଧ ପିଇଲେ କ'ଣ ବା କରାଯାଇ ପାରିବ! ନେତା ଏହି ଜନସମୁଦ୍ରର ବି ଅଂଶ। ନିଜକୁ ସାଧାରଣରେ ରଖି ପରଖି ନିଅନ୍ତୁ, ସତରେ କ'ଣ ଏହା 'ଲୋକଙ୍କ ସରକାର'? ମନ କହେ, ଆମ ସରକାର ଏକ ସୁରକ୍ଷିତ ରକ୍ଷା କବଚ ସାଜୁ। ଲୋକଙ୍କୁ ରୋଜଗାରକ୍ଷମ କରୁ। ଆମେ ଆଣିଥିବା ସରକାର ଆମକଥାର ଗୁରୁତ୍ୱ ବହନ କରୁ। ଆମ ସରକାରର ବାହାବା ଆମ ତୁଣ୍ଡରୁ ବାହାରୁ। ସରକାର ଦୀର୍ଘସ୍ଥାୟୀ ରହୁ। ନିଜ ଚିନ୍ତାଧାରା ଅପେକ୍ଷା ଜନତାର ନ୍ୟୂନତମ ଆବଶ୍ୟକତା ଯଥା ଶିକ୍ଷା, ସ୍ୱାସ୍ଥ୍ୟ, ରୋଜଗାର ପ୍ରାଥମିକତା ଲାଭକରୁ। ଜନତା ଜନାର୍ଦ୍ଦନର ଆଶୀର୍ବାଦ ଅଜାଡ଼ି ପଡୁ। ନାଗରିକ ସୁଖୀ ରହିବା ସଂଗେ ସଂଗେ ସରକାର କଲ୍ୟାଣମୟୀ ହୁଅନ୍ତୁ।

ପୁରୀ, ମୋ: ୮୨୪୯୦୮୨୪୦୦

## ବେଦୁଇନର ବୁଲବୁଲ ବିନୋଦ: ଗ୍ରାମପଥର ନାୟକ

ସାହିତ୍ୟ ସରିତ୍

ପ୍ରଫେସର ମଣୀନ୍ଦ୍ର କୁମାର ମେହେର

ମଣିଷର ଆକୃତିଟି ସିନା କ୍ଷୁଦ୍ର। କିନ୍ତୁ ତା'ର ମନର ପରିସୀମା ଅକଳନୀୟ। ତେଣୁ ଏକ ନିର୍ଦ୍ଦିଷ୍ଟ ପରିସର ମଧ୍ୟରେ ନିଜକୁ ଅବରୁଦ୍ଧ କରି ରଖିବାକୁ ନ ଚାହିଁବାରେ କବି ବିନୋଦ ଚନ୍ଦ୍ର ନାୟକ ବୈଦେଶିକୀ ହୋଇଯିବେ ବା କାହିଁକି? ତାଙ୍କ ମୁକ୍ତପ୍ରାଣର ସ୍ୱରଝଙ୍କାର ଓଡ଼ିଆ ପାଠକଙ୍କୁ ମୁଗ୍ଧ, ମୋହାଚ୍ଛନ୍ନ, ସ୍ୱପ୍ନପ୍ରବଣ କରି ତୋଳିଛି। ସେ ନିଜ ପ୍ରିୟ ପାଠକକୁ କେତେବେଳେ ନେଇଯା'ନ୍ତି ଆରବୀୟ ମରୁଭୂମିର କ୍ଷୁଦ୍ରଦ୍ୱୀପ ମଧ୍ୟକୁ। 'ବେଦୁଇନର ଦେଶେ', 'ଅଷ୍ଟ୍ରେଲିଆ', 'ନନ୍ଦାଦେବୀ', 'ସାତ ତାରାର ଦୀପ', 'ପୋହଳା ଦ୍ୱୀପର ଇତିକଥା', 'ନୀଳଚନ୍ଦ୍ରର ଉପତ୍ୟକା' ସବୁଠି ରୋମାଣ୍ଟିକ ଭାବର ତରଳ ଉଚ୍ଛଳତାରେ ପାଠକଙ୍କୁ ରୋମାଞ୍ଚିତ ଓ ଉଲ୍ଲସିତ କରିଛନ୍ତି। ମୌରବରଜନୀର ନିଃସଙ୍ଗତା, ଅରୋରାବରିଆଲିସର ଆଲୋକ ଛଟା, ବିଷୁବୀୟ ଆଫ୍ରିକାରେ ବାମନମାନଙ୍କର ନୃତ୍ୟ ବା ଜାଂଜିବର ଦ୍ୱୀପ-ସୁନ୍ଦରୀମାନଙ୍କର ଲବଙ୍ଗ ପୁଷ୍ପ ତୋଳିବା ବେଳର ସ୍ମିତହାସ୍ୟ, ଅଙ୍ଗୁର କ୍ଷେତର ଚିତ୍ତ ସମ୍ମୋହକ ଦୃଶ୍ୟ, ଅଫିମ ଫୁଲର ମହକ, ନୀଳନଦୀର ଜଳସ୍ରୋତ, ମିଶର ଆକାଶର ତୋଫା ଜହ୍ନକୁ ସେ ରୂପାୟିତ କଲେ ବୋଲି ଓଡ଼ିଆ ପାଠକ ନୂତନ ଭାବ, ନବୀନ ଛନ୍ଦ ଓ ସଂବେଗରେ ସ୍ପନ୍ଦିତ ହୋଇପାରିଲା। ମଣିଷର ପ୍ରେମ-ବିରହ ଯେ ପୃଥିବୀର ସର୍ବତ୍ର ସମାନ, ଏହା ଅନୁଭବ କରିପାରିଲେ ସ୍ୱଦେଶର ମଣିଷ ପ୍ରତି ପାଠକ ଯେତିକି ସମ୍ବେଦନଶୀଳ ହୋଇପାରେ ଦୂର ଦେଶ କି ଅଦୂର ବିଦେଶର ମଣିଷ ପ୍ରତି ସମପରିମାଣରେ ଆତ୍ମୀୟତାର ଭାବ ପ୍ରକଟ କରିପାରେ। ଆରବଭୂମିରେ ବିରହୀ ପ୍ରେମିକ ସେଲିମର ବଂଶୀଧ୍ୱନି ଶୁଣି ବିନୋଦ ନାୟକଙ୍କ ହୃଦୟର ଲତାକୁଞ୍ଜରେ ଯେ କମ୍ପନ ସୃଷ୍ଟି ହୋଇଯାଇପାରେ ତାହା କ'ଣ ଅସମ୍ଭବ ନା ଅବାସ୍ତବ?

ପ୍ରତ୍ୟେକ ଉଚ୍ଚକୋଟୀର କବିଆତ୍ମାର ଏକ ମହାନ ବିଶେଷତ୍ୱ ହେଉଛି, ସେ ସ୍ୱକୀୟ ପ୍ରାଣିକ କାବ୍ୟିକ ଉପାଦାନ ଅବଲମ୍ବନରେ ନିର୍ମାଣ କରିପାରନ୍ତି ଏକ ସ୍ୱତନ୍ତ୍ର ଯାଦୁଜଗତ। ଏ ଦୁନିଆର କେତେ ଦୁଃଖଦଗ୍ଧ, କେତେ ଅବସାଦଗ୍ରସ୍ତ, ଯନ୍ତ୍ରଣାନିପୀଡ଼ିତ ଆତ୍ମାକୁ ସାଂସାରିକ ଜଞ୍ଜିରର କଣ୍ଟକିତ ବନ୍ଧନରୁ ମୁକ୍ତ କରି ସେ ନେଇଯା'ନ୍ତି ସ୍ୱନିର୍ମିତ ପୃଥିବୀର ସୁକୁମାର ବକ୍ଷକୁ। ସେଠି ଦେଶ-ବିଦେଶର ଭେଦଭାବ ନଥାଏ। ତେଣୁ ମୁକ୍ତପକ୍ଷୀର ମମତା ନେଇ ସ୍ୱାଧୀନ ଭାବରେ ସେ ଦେଶରୁ ଦେଶାନ୍ତର ଘୂରି ବୁଲୁଥାଏ। ଦୁର୍ଭାଗ୍ୟର ବିଷୟ ଯେ ସେହିପରି ପୁଣି ସର୍ବତ୍ର ହିଂସା, ଘୃଣା, ପ୍ରତିଶୋଧ ପରାୟଣତା, ନିରୀହ ଉପରେ ସବଳ ଦୁର୍ଦ୍ଦାନ୍ତ ମଣିଷର ଅତ୍ୟାଚାର ମଧ୍ୟ ସମାନ! ତା'ହେଲେ ମଣିଷ ନିରାପଦରେ ରହିବ କେଉଁଠି? ପ୍ରକୃତିରେ ଏମିତି ଏକ ସ୍ୱତନ୍ତ୍ର ପରିସର କେଉଁଠି ଥା'ନ୍ତା କି ଯେଉଁଠି କେବଳ ପରିଶୁଦ୍ଧ ପ୍ରେମ, ନିବିଡ଼ ଆତ୍ମୀୟତାର ମଧୁର ବନ୍ଧନ, ମଳୟର ସୁଶୀତଳ ସମୀରଣ, ଯୌବନର ଅମ୍ଳାନ ସୌନ୍ଦର୍ଯ୍ୟ ଥା'ନ୍ତା ନିତ୍ୟ ବିଦ୍ୟମାନ। ନଥା'ନ୍ତା ସେଠି ଈର୍ଷା, ଅସୂୟା, ବିଦ୍ୱେଷ, ଆତ୍ମବଡ଼ିମା, ଅହଂକାରର ବିଷ ଦଂଶନ। କବି ବିନୋଦ ଚନ୍ଦ୍ର ନାୟକ 'ଇଳାବୃତ୍ତ' କବିତାରେ ସେଇ ସ୍ୱତନ୍ତ୍ର ଚିରହରିତ ଜଗତକୁ ନେଇ ଯିବା ପାଇଁ ଆକାଶ ରୂପକ ନାବିକାକୁ ନିବେଦନ କରୁଛନ୍ତି। ଭାବବିହ୍ୱଳ କଣ୍ଠରେ କହୁଛନ୍ତି: 'ବାହିନେ ବାହିନେ ଆକାଶ ନାବିକ ତରୀ ମୋର ଇଳାବୃତ୍ତର ପରପାରେ।' ସତକୁ ସତ ଏ ପୃଥିବୀର ପରିସୀମାକୁ ଅତିକ୍ରମ କରି ନାବିକ ତାଙ୍କୁ ନେଇଯାଇଛି ଦୂରଦୂରାନ୍ତର। ସେଇଠି ଅବତରଣ କଲେ ସମସ୍ତ ବିଷାଦଯୋଗରୁ ମୁକ୍ତି। ସଂକୀର୍ଣ୍ଣତାର ସଂଘାତଲଂଘନ କରି ପରମ ସୌହାର୍ଦ୍ଦ ପ୍ରାପ୍ତି।

ଚିର ଅଭିଳଷିତ ସ୍ୱପ୍ନର ସ୍ୱତନ୍ତ୍ର ଜଗତ ଆସିଗଲା ବୋଲି କବି ଯେତେବେଳେ ବିମୋହିତ, ଯେତେବେଳେ ସେ ଅବର୍ଣ୍ଣନୀୟ ଆନନ୍ଦରେ ବୁଜି ରଖିଥିବା ଚକ୍ଷୁଯୁଗଳ ଉନ୍ମୀଳିତ କରିଦିଅନ୍ତି, ସେତେବେଳେ ଦେଖନ୍ତି ଯେଉଁ ଗ୍ରାମରେ ତାଙ୍କର ଜନ୍ମ ସେହି ପବିତ୍ର ପଥରେ ହିଁ ସେ ଉପସ୍ଥିତ। ବିଶ୍ୱବ୍ରହ୍ମାଣ୍ଡ ପରିକ୍ରମା କରିବା ପରେ ମଣିଷ ଯେତେବେଳେ କ୍ଳାନ୍ତ, ଅବସନ୍ନ ସେତେବେଳେ ତା'ର ପ୍ରିୟ ଜନ୍ମଭୂମି ହିଁ ମାତୃକୋଳ ରୂପରେ ଆଶ୍ରୟ ଦେବା ପାଇଁ ସମ୍ପ୍ରସାରିତ। ବେଦୁଇନର ବୁଲବୁଲ ତେଣୁ ଗ୍ରାମପଥରେ ଅବତୀର୍ଣ୍ଣ। ଏହାଠାରୁ ଆଉ ଶ୍ରେଷ୍ଠ ସୌନ୍ଦର୍ଯ୍ୟ କେଉଁଠି ନାହିଁ ବୋଲି ସେ ଜାଣିପାରନ୍ତି। ଆହା! ପଲ୍ଲୀବଧୂ ଉଦ୍ଦେଶ୍ୟରେ ମା' ବୋଲି ଡାକିଦେଲେ ପ୍ରାଣତନ୍ତ୍ରୀ ଯେ ପରିପୂର୍ଣ୍ଣ ହୋଇଯାଉଛି! ଅନ୍ତର ଗାନ କରି ଉଠୁଛି: 'ବନ୍ଦନା ତୋତେ କରଇରେ ଗ୍ରାମ ପଥ, ବାଳକ ବେଳର ହେ ମୋ ପ୍ରିୟ ସାଥୀ ଅୟୁତ ଦଣ୍ଡବତ / ତରୁଣ ଦିନର କେଳି କୁଞ୍ଜ ତୋ ତନୁ କର୍ପୁର ରେଣୁ, ତୋର ବେଣୁ ବନବିତାନେ ଆଜି ମୁଁ କ୍ଳାନ୍ତ ଦିବସ ଯାପନରେ ଉପଗତ।'

ଭୁବନେଶ୍ୱର, ମୋ: ୭୦୭୭୫୫୩୭୦୭

## ଲେଖକ/ଲେଖିକାଙ୍କ ନିମନ୍ତେ ସୂଚନା

୧. 'ସକାଳ'ର ସମ୍ପାଦକୀୟ ପୃଷ୍ଠା ପାଇଁ ପ୍ରଥମ ଲେଖା ସର୍ବାଧିକ ୯୦୦ ଶବ୍ଦ ଏବଂ ଦ୍ୱିତୀୟ ଲେଖା ସର୍ବାଧିକ ୫୦୦ ଶବ୍ଦ ମଧ୍ୟରେ ସୀମିତ ରଖିବା ବାଞ୍ଛନୀୟ।
୨. ଲେଖା ପ୍ରକାଶନ ସମ୍ପର୍କରେ ସମ୍ପାଦନା ମଣ୍ଡଳିର ନିଷ୍ପତ୍ତି ଚୂଡ଼ାନ୍ତ। ଲେଖାର କେବଳ ସମ୍ପାଦିତ ଅଂଶ ହିଁ ପ୍ରକାଶିତ ହେବ।
୩. 'ସକାଳ'କୁ ପଠାଇଥିବା ସମାନ ଲେଖା ଏକାଧିକ ଖବରକାଗଜ/ପତ୍ରପତ୍ରିକାରେ ପ୍ରକାଶିତ ହେଲେ ଏବଂ ଅତୀତରେ ପ୍ରକାଶିତ ଲେଖାକୁ ପୁଣି ଥରେ ପଠାଇବା ଜଣାପଡ଼ିଲେ ଭବିଷ୍ୟତରେ ସମ୍ପୃକ୍ତ ଲେଖକ/ଲେଖିକାଙ୍କ ଲେଖା ଆଉ ବିଚାରକୁ ନିଆଯିବ ନାହିଁ।
୪. ଲେଖା ପଠାଇବାର ୭ ଦିନ ମଧ୍ୟରେ ପ୍ରକାଶିତ ନ ହେଲେ ଲେଖକ/ଲେଖିକା ତାହାକୁ ଅନ୍ୟ ଖବରକାଗଜ/ପତ୍ରପତ୍ରିକାକୁ ପଠାଇ ପାରିବେ।
୫. ସାମ୍ପ୍ରଦାୟିକ ଉତ୍ତେଜନା ସୃଷ୍ଟିକାରୀ, ବ୍ୟକ୍ତିଗତ ଆକ୍ରୋଶମୂଳକ ଓ ପ୍ରଶଂସାସୂଚକ ଲେଖା ପ୍ରକାଶିତ ହେବ ନାହିଁ। ପ୍ରସଙ୍ଗଭିତ୍ତିକ, ସୁସ୍ଥ ଓ ବୌଦ୍ଧିକ ସମାଲୋଚନାମୂଳକ ଲେଖାକୁ ଅଗ୍ରାଧିକାର ଦିଆଯିବ।
୬. ଲେଖା ପ୍ରକାଶନର ଅନ୍ତର ଅନ୍ୟୂନ ୧୫ ଦିନ ରହିବ।
୭. 'ସକାଳ' ଓଡ଼ିଶାର ବୃହତ୍ ପାଠକବର୍ଗଙ୍କର। ସେମାନଙ୍କ ରୁଚି, ଆଗ୍ରହ ଓ ଚାହିଦାକୁ ସମ୍ମାନ ଜଣାଇବା ଆମ ସମସ୍ତଙ୍କର କର୍ତ୍ତବ୍ୟ। ଏହାକୁ ହୃଦୟଙ୍ଗମ କରି ଉପରୋକ୍ତ ମାର୍ଗଦର୍ଶିକାକୁ ସଯତ୍ନ ଅନୁପାଳନ ପାଇଁ ଲେଖକ/ଲେଖିକାଙ୍କୁ ପୁଣି ଥରେ ବିନମ୍ର ଓ ସଶ୍ରଦ୍ଧ ଅନୁରୋଧ କରୁଛୁ।

କାର୍ଯ୍ୟନିର୍ବାହୀ ସମ୍ପାଦକ



ଦୈନିକ 'ସକାଳ' ଓ ଏହାର ବିଶେଷ ଅଧିପତ୍ର, ପତ୍ରିକା ଆଦିରେ ପ୍ରକାଶିତ ଆଲେଖ୍ୟର ଉଦ୍ଧୃତି, ତଥ୍ୟ, ମତାମତ, ବିଶ୍ଳେଷଣ ସମ୍ପୃକ୍ତ ଲେଖକଙ୍କ ସମ୍ପୂର୍ଣ୍ଣ ନିଜସ୍ୱ। ସେଥିପାଇଁ 'ସକାଳ' କର୍ତ୍ତୃପକ୍ଷ ଉତ୍ତରଦାୟୀ ହେବେ ନାହିଁ।

# ୬ରୁ କମିବ ତାପମାତ୍ରା

ଭୁବନେଶ୍ୱର,୪।୨(ସମିସ): ରାଜ୍ୟରେ ବର୍ତ୍ତମାନ କିଛିକାଂଶରେ ଶୀତ କମ୍ ରହିଛି। ପଶ୍ଚିମାଝଡ଼ ପ୍ରଭାବରେ ରାଜ୍ୟକୁ ଜଳୀୟବାଷ୍ପପୂର୍ଣ୍ଣ ବାୟୁ ପ୍ରବାହିତ ହେତୁ ତାପମାତ୍ରା ହ୍ରାସ ସହ କୁହୁଡ଼ି ସ୍ଥିତି ପାଇଁ ପାଗ ଅନୁକୂଳ ରହିଛି। ତେବେ ଆସନ୍ତା ୬ ତାରିଖଠାରୁ ରାଜ୍ୟରେ ତାପମାତ୍ରାରେ ହ୍ରାସ ହେବା ସହ ଥଣ୍ଡା ବଢ଼ିବାର ସମ୍ଭାବନା ରହିଛି। ଭୁବନେଶ୍ୱର ଆଞ୍ଚଳିକ ପାଣିପାଗ କେନ୍ଦ୍ର କହିଛି, ଆସନ୍ତା ୩ ଦିନ ପରେ ରାଜ୍ୟରେ ୨ରୁ ୩ ଡିଗ୍ରୀ ପର୍ଯ୍ୟନ୍ତ ତାପମାତ୍ରା ହ୍ରାସ ପାଇବ। ଫଳରେ କିଛି ପରିମାଣରେ ଥଣ୍ଡା ବଢ଼ିବ। ଏହି ସ୍ଥିତି ପ୍ରାୟ ୧୦ ତାରିଖ ପର୍ଯ୍ୟନ୍ତ ଜାରି ରହିବାର ସମ୍ଭାବନା ରହିଛି। ଅନ୍ୟପଟେ ରାଜ୍ୟରେ ୪ ଦିନ ପର୍ଯ୍ୟନ୍ତ ସ୍ୱଳ୍ପରୁ ମଧ୍ୟମ ଧରଣର କୁହୁଡ଼ି ନେଇ ପାଣିପାଗ କେନ୍ଦ୍ର ଆକଳନ କରିଛି। ଜଳୀୟବାଷ୍ପପୂର୍ଣ୍ଣ ବାୟୁର ଉପସ୍ଥିତି ଯୋଗୁଁ କୁହଡ଼ି ପାଇଁ ପାଗ ଅନୁକୂଳ ରହୁଛି। ଗୁରୁବାର ମୟୂରଭଞ୍ଜ, କେନ୍ଦୁଝର, କଳାହାଣ୍ଡି, ପୁରୀ, କଟକ, ଖୋର୍ଦ୍ଧା ଓ ସୁନ୍ଦରଗଡ଼ ଜିଲ୍ଲାରେ କୁହୁଡ଼ି ହେବା ନେଇ ପାଣିପାଗ କେନ୍ଦ୍ର କହିଛି। ସେହିପରି ଗତ ୨୪ ଘଣ୍ଟାରେ ଜି. ଉଦୟଗିରିରେ ସର୍ବନିମ୍ନ ତାପମାତ୍ରା ୯ ଡିଗ୍ରୀ ରେକର୍ଡ ହୋଇଛି।

# ବେଆଇନ ଖଣି ଉତ୍ତୋଳନ ନେଇ ହାଇକୋର୍ଟ କ୍ଷୁବ୍ଧ

 କଟକ, ୪।୨(ସମିସ): ମୟୂରଭଞ୍ଜ ଏବଂ ବାଲେଶ୍ୱର ଜିଲ୍ଲାରେ ଚାଲିଥିବା ବେଆଇନ ଖଣି ଖନନକୁ ନେଇ ଓଡ଼ିଶା ହାଇକୋର୍ଟ ଗଭୀର ଉଦ୍‌ବେଗ ପ୍ରକାଶ କରିଛନ୍ତି। ସଂପୃକ୍ତ ଖଣି ଅଞ୍ଚଳରେ ପର୍ଯ୍ୟାପ୍ତ ପୁଲିସ ଫୋର୍ସ ମୁତୟନ କରିବାକୁ ମୟୂରଭଞ୍ଜ ଏବଂ ବାଲେଶ୍ୱର ଏସ୍‌ପିଙ୍କୁ କଡ଼ା ନିର୍ଦ୍ଦେଶ ଦେଇଛନ୍ତି ହାଇକୋର୍ଟ। ଜୟନ୍ତ କୁମାର ରାଉତ ଏବଂ ଅନ୍ୟମାନଙ୍କ ତରଫରୁ ଦାୟର ଏକ ଜନସ୍ୱାର୍ଥ ମାମଲାର ଶୁଣାଣି କରି ମୁଖ୍ୟ ବିଚାରପତି ଜଷ୍ଟିସ ହରୀଶ ଟଣ୍ଡନ ଓ ଜଷ୍ଟିସ ଏମ.ଏସ.ରମଣଙ୍କୁ ନେଇ ଗଠିତ ଖଣ୍ଡପୀଠ ଏପରି ନିର୍ଦ୍ଦେଶ ପ୍ରଦାନ କରିଛନ୍ତି। ଏକ ସ୍ୱତନ୍ତ୍ର ଟିମ୍ ଗଠନ କରି ଖଣିଜଦ୍ରବ୍ୟ ବହନ କରୁଥିବା ପ୍ରତ୍ୟେକ ଗାଡ଼ି ଯାଞ୍ଚ କରିବାକୁ ଆର୍‌ଟିଓଙ୍କୁ ନିର୍ଦ୍ଦେଶ ଦେଇଛନ୍ତି ଖଣ୍ଡପୀଠ।

କୌଣସି ବେଆଇନ ଖଣିଜ ପଦାର୍ଥ ପରିବହନ ଚାଲିଥିବା ଦେଖିଲେ ତୁରନ୍ତ ଦସ୍ତାବିଜ୍ ଯାଞ୍ଚ କରି ପଦକ୍ଷେପ ନେବାକୁ ନିର୍ଦ୍ଦେଶ ରହିଛି। ବେଆଇନ ଖଣିଖନନ ବିରୋଧରେ ନିଆଯାଇଥିବା ପଦକ୍ଷେପ ସମ୍ପର୍କରେ ତିନି ସପ୍ତାହ ମଧ୍ୟରେ ସତ୍ୟପାଠ

■ ଖଣି ଅଞ୍ଚଳରେ ପୁଲିସ ମୁତୟନ ପାଇଁ ମୟୂରଭଞ୍ଜ ଓ ବାଲେଶ୍ୱର ଏସପିଙ୍କୁ ନିର୍ଦ୍ଦେଶ

■ ଖଣିଜ ଦ୍ରବ୍ୟ ପରିବହନ କରୁଥିବା ଗାଡ଼ି ଯାଞ୍ଚ କରିବେ ଆର୍‌ଟିଓ

ଦାଖଲ କରିବାକୁ ନିର୍ଦ୍ଦେଶ ପ୍ରଦାନ କରିଛନ୍ତି ଖଣ୍ଡପୀଠ। ପୂର୍ବରୁ 'କମନ କଜ୍' ମାମଲାରେ ସୁପ୍ରିମକୋର୍ଟ ଓଡ଼ିଶାର କେନ୍ଦୁଝର, ସୁନ୍ଦରଗଡ଼ ଏବଂ ମୟୂରଭଞ୍ଜ ଜିଲ୍ଲାରେ ହେଉଥିବା ବେଆଇନ ଖଣି ଖନନ ଉପରେ ଚିନ୍ତା ପ୍ରକଟ କରିବା ସହ ଅନେକ ନିର୍ଦ୍ଦେଶ ଦେଇଥିଲେ। ମାତ୍ର ବର୍ତ୍ତମାନର ସେହି ନିର୍ଦ୍ଦେଶାବଳୀକୁ କଡ଼ାକଡ଼ି ଭାବେ ପାଳନ କରାଯାଉନାହିଁ। ବିଶେଷକରି, ମୟୂରଭଞ୍ଜ ସମେତ ବାଲେଶ୍ୱର ଜିଲ୍ଲାରେ ମଧ୍ୟ ବେଆଇନ ଖଣି କାରବାର ବୃଦ୍ଧି ପାଉଛି ବୋଲି ହାଇକୋର୍ଟ କହିଛନ୍ତି।

ଆବେଦନକାରୀଙ୍କ ପକ୍ଷରୁ ଅଭିଯୋଗ କରାଯାଇଛି ଯେ ଖଣି ମାଫିଆମାନେ ଅବାଧରେ ବିସ୍ଫୋରଣ କରି ଖଣିଜ ପଥର ଉତ୍ତୋଳନ କରୁଛନ୍ତି। ମୟୂରଭଞ୍ଜ ଖଣି ଅଧିକାରୀଙ୍କ ପକ୍ଷରୁ ବାଲେଶ୍ୱର ଖଣି ଅଧିକାରୀଙ୍କୁ ଦିଆଯାଇଥିବା ଏକ ଚିଠି ଅନୁଯାୟୀ, ବାଲେଶ୍ୱରର ଖଣିକୁ ଲିଜ୍ ନେଇଥିବା କିଛି ମାଫିଆ ମୟୂରଭଞ୍ଜ ଅଞ୍ଚଳରୁ ମେସିନ ସାହାଯ୍ୟରେ ବେଆଇନ ଭାବେ ପଥର ଖନନ କରୁଛନ୍ତି ବୋଲି ହାଇକୋର୍ଟଙ୍କୁ ଅବଗତ କରାଯାଇଥିଲା। ମାମଲାର ପରବର୍ତ୍ତୀ ଶୁଣାଣି ମାର୍ଚ୍ଚ୧୦ ରେ ହେବ।

# ୭୦୯ ନାବାଳିକା ସମେତ ୫୪୫୧ ନିଖୋଜ ଉଦ୍ଧାର

କଟକ, ୪।୨ (ସମିସ): ନିଖୋଜ ବ୍ୟକ୍ତିଙ୍କୁ ଉଦ୍ଧାର କରିବା ପାଇଁ ଓଡ଼ିଶା ପୁଲିସ ପକ୍ଷରୁ ଚାଲିଥିବା ରାଜ୍ୟବ୍ୟାପୀ 'ଅପରେସନ୍ ଅନ୍ୱେଷଣ-୨' ଅଭିଯାନକୁ ବଡ଼ ସଫଳତା ମିଳିଛି। ଏହି ଅଭିଯାନ ଜରିଆରେ ରାଜ୍ୟର ସମସ୍ତ ଜିଲ୍ଲା ଓ ସହରାଞ୍ଚଳ ପୁଲିସ ସାମିଲ ହୋଇ ରେକର୍ଡ ସଂଖ୍ୟକ ୫୪୫୧ଜଣ ନିଖୋଜ ବ୍ୟକ୍ତିଙ୍କୁ ସୁରକ୍ଷିତ ଭାବେ ଉଦ୍ଧାର କରାଯାଇଛି। ଉଦ୍ଧାର ବ୍ୟକ୍ତିଙ୍କ ମଧ୍ୟରେ ୭୦୯ ଜଣ ନାବାଳିକା ଅଛନ୍ତି। ଏହା ବାଦ୍ ଉଦ୍ଧାରଙ୍କ ମଧ୍ୟରେ ୭୭ଜଣ ନାବାଳକ ଓ ୪୬୬୫ ଜଣ ମହିଳା ଅଛନ୍ତି। ଡିଜିପି ଯୋଗେଶ ବାହାଦୂର ଖୁରାନିଆଙ୍କ ନିର୍ଦ୍ଦେଶକ୍ରମେ ଗତ ଜାନୁଆରି୨୧ରୁ ଜାନୁଆରି ୩୦ ପର୍ଯ୍ୟନ୍ତ ଓଡ଼ିଶା ପୁଲିସ ପକ୍ଷରୁ ରାଜ୍ୟବ୍ୟାପୀ 'ଅପରେସନ୍ ଅନ୍ୱେଷଣ–୨' ଅଭିଯାନ କରାଯାଇଥିଲା।

ମିଳିଥିବା ସୂଚନାନୁଯାୟୀ, ପୁରୀ ଜିଲ୍ଲା ପୁଲିସ୍ ସର୍ବାଧିକ ୬୧୩ଜଣ ନିଖୋଜ ବ୍ୟକ୍ତିଙ୍କୁ ଉଦ୍ଧାର କରିଛି। ସେହିଭଳି କଟକ ଜିଲ୍ଲା ୫୦୧ଜଣ, ଭଦ୍ରକ ଜିଲ୍ଲା ୪୨୯ଜଣ ,ଗଞ୍ଜାମ ଜିଲ୍ଲା ୪୧୩ଜଣ, କେନ୍ଦ୍ରାପଡ଼ା ୩୪୬ଜଣ, ଯାଜପୁର ୨୭୧ଜଣ, ବରଗଡ଼ ୨୩୬ଜଣ, ଅନୁଗୋଳ ୨୧୦ଜଣ, ଢେଙ୍କାନାଳ ୨୦୬ଜଣ, ଜଗତସିଂହପୁର ୧୭୭ଜଣ, ନୂଆପଡ଼ା ୧୭୩ଜଣ, ବ୍ରହ୍ମପୁର ୧୭୦ଜଣ, କେଉଁଝର ୧୬୧ଜଣ, ସୁନ୍ଦରଗଡ଼ ୧୩୫ଜଣ, କଟକ ସହରାଞ୍ଚଳ ପୁଲିସ ୧୩୪ଜଣ, କଳାହାଣ୍ଡି ୧୩୩ଜଣ, ନୟାଗଡ଼ ୧୨୭ଜଣ, ବାଲେଶ୍ୱର ୧୨୫ଜଣ ଓ ମୟୂରଭଞ୍ଜ ଜିଲ୍ଲା ପୁଲିସ ୧୧୯ଜଣ ନିଖୋଜ ବ୍ୟକ୍ତିଙ୍କୁ ସୁରକ୍ଷିତ ଭାବେ ଉଦ୍ଧାର କରିବାରେ ସକ୍ଷମ ହୋଇଛି। ନିଖୋଜ ଶିଶୁ ଓ ମହିଳାମାନଙ୍କୁ ସୁରକ୍ଷିତ ଭାବେ ଉଦ୍ଧାର କରି ସେମାନଙ୍କୁ ପରିବାର ସହ ପୁନଃମିଳନ କରାଇବା ସହ ଆବଶ୍ୟକ ସୁବିଧା ସୁଯୋଗ ନିଶ୍ଚିତ କରିବା ଏହି ଅଭିଯାନର ପ୍ରମୁଖ ଉଦ୍ଦେଶ୍ୟ। ଡିଜିପି ଶ୍ରୀ ଖୁରାନିଆ ଓଡ଼ିଶା ପୁଲିସର ଏହି ସଫଳତା ପାଇଁ ସମସ୍ତ ସଂପୃକ୍ତ ଅଧିକାରୀ ଓ କର୍ମଚାରୀଙ୍କୁ ପ୍ରଶଂସା କରିବା ସହ ଆଗାମୀ ଦିନରେ ମଧ୍ୟ ନିଖୋଜ ଶିଶୁ ଓ ମହିଳାଙ୍କ ସୁରକ୍ଷା, ଉଦ୍ଧାର ପାଇଁ ଏପରି ଅଭିଯାନକୁ ଆହୁରି ଜୋରଦାର୍ କରାଯିବ ବୋଲି ସୂଚନା ଦେଇଛନ୍ତି।

## ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ

### ମୋବାଇଲ୍ ଗେମ୍...

ଗାଧୋଉଥିଲେ ଓ ଏକାଠି ଶୌଚାଳୟ ମଧ୍ୟ ଯାଉଥିଲେ। ଗେମ୍ ନିଶା ଏପରି ଥିଲା ଯେ ସେମାନେ ସ୍କୁଲ ଯିବା ମଧ୍ୟ ଛାଡ଼ି ଦେଇଥିଲେ। ୩ ବର୍ଷ ହେବ ସେମାନେ ଗମ୍ ଖେଳୁଥିଲେ ଓ କୋରିଆ ଯିବୁ ବୋଲି କହୁଥିଲେ। ୩ ଝିଅଙ୍କୁ ଗେମ୍ ଖେଳିବାକୁ ବାରଣ କରି ସେ ଗାଳିଗୁଲଜ କରିଥିଲେ। ଯେଉଁଥିପାଇଁ ସେମାନେ ଏହି ଚରମ ପଦକ୍ଷେପ ନେଇଛନ୍ତି। ପୁଲିସ ସେମାନଙ୍କ ଶୋଇବା ଘରୁ ଏକ ଡାଏରୀ ଜବତ କରିଛି ଓ ଏଥିରେ ୧୮ ପୃଷ୍ଠାର ସୁସାଇଡ୍ ନୋଟ୍ ରହିଛି। ସେଥିରେ ଲେଖା ଅଛି, 'ମମି-ପାପା ସରି... ଗେମ୍ ଛାଡ଼ି ପାରିବୁନାହିଁ, ଏବେ ଆପଣଙ୍କୁ ଅନୁଭବ ହେବ ଯେ ଆମେ କେତେ ଗେମ୍‌କୁ ଭଲ ପାଉଥିଲୁ, ଯାହାକୁ ଆପଣ ଛଡ଼ାଇବାକୁ ଚାହିଁଥିଲେ'। ଏହି ୩ ଭଉଣୀଙ୍କ ନାମ ହେଉଛି, ନିଶିଶ (୧୬), ପ୍ରାଚୀ (୧୪) ଓ ପାଖୀ (୧୨)। ଏମାନଙ୍କ ପିତା ଜଣେ ଅନ୍‌ଲାଇନ ସେୟାର ଟ୍ରେଡର। ତାଙ୍କର ଦୁଇ ପତ୍ନୀ, ୭ ବର୍ଷରୁ ପୁଅ ଓ ୪ ଝିଅ ଥିଲେ। ଘଟଣା ସମୟରେ ପରିବାରର ସମସ୍ତ ସଦସ୍ୟ ଏକାଠି ଗୋଟିଏ ରୁମ୍‌ରେ ଶୋଇଥିଲେ।

### ସୌର ଝଡ଼...

ବିଚ୍ଛିନ୍ନ ହୋଇପାରେ। ବିଶେଷ କରି ମେରୁ ଅଞ୍ଚଳ ଦେଇ ଯାଉଥିବା ବିମାନଗୁଡ଼ିକ ଉପରେ ଏହାର ବଡ଼ ପ୍ରଭାବ ପଡ଼ିବ। ଅତ୍ୟଧିକ ଶକ୍ତିଶାଳୀ ଝଡ଼ କାରଣରୁ ବିଦ୍ୟୁତ ଟ୍ରାନ୍ସଫରମରଗୁଡ଼ିକ ଜଳିଯିବାର ସମ୍ଭାବନା ମଧ୍ୟ ରହିଛି। ଫଳରେ ବଡ଼ ଧରଣର ବ୍ଲାକଆଉଟ ହେବ ବୋଲି ସତର୍କ କରାଯାଉଛି।

ସୂଚନାଯୋଗ୍ୟ ଯେ ପୃଥିବୀ ନିଜସ୍ୱ ଚୁମ୍ବକୀୟ କ୍ଷେତ୍ର ଥାଏ ଓ ଏହା ଆମକୁ ସୌର ବିକିରଣରୁ ରକ୍ଷା କରେ। କିନ୍ତୁ ଯେତେବେଳେ ସୌର ଝଡ଼ର ମାତ୍ରା ଅଧିକ ହୁଏ, ସେତେବେଳେ ଏହା ବାୟୁମଣ୍ଡଳର ଉପରି ଭାଗରେ ଥିବା ଆୟୋନୋସ୍ଫିୟରକୁ ପ୍ରଭାବିତ କରିଥାଏ। ବୈଜ୍ଞାନିକମାନଙ୍କ ଅନୁଯାୟୀ, ଏହି ଝଡ଼ର ପ୍ରଭାବରେ ଆକାଶରେ ଚମତ୍କାର ରଙ୍ଗୀନ ଆଲୋକ ବା ଏରୋରା ମଧ୍ୟ ଦେଖିବାକୁ ମିଳିବ। ସୌର ଝଡ଼ ଯେତେବେଳେ ପୃଥିବୀ ଆଡ଼କୁ ଆସିଥାଏ, ସେତେବେଳ ଉପଗ୍ରହ, ଟେଲିଭିଜନ ସିଗନାଲଗୁଡ଼ିକ ବିପର୍ଯ୍ୟସ୍ତ କରେ ଓ ରାଡ଼ାର, ପାୱାରଗ୍ରୀଡ଼କୁ ପ୍ରଭାବିତ କରିଥାଏ।

### କେନ୍ଦ୍ରର ମଧ୍ୟସ୍ଥତା...

ରାଜ୍ୟ ମଧ୍ୟରେ ଆପୋଷ ବୁଝାମଣା ପଦକ୍ଷେପରେ ରାଜ୍ୟ ସରକାରଙ୍କୁ ଆଶା ଅନୁଯାୟୀ ସଫଳତା ମିଳିପାରି ନାହିଁ। ଇତିମଧ୍ୟରେ ଦୁଇରାଜ୍ୟ ମଧ୍ୟରେ ଗଠିତ ବୈଷୟିକ କମିଟି ଏକାଧିକ ଥର ବୈଠକ ସାରିଥିଲେ ହେଁ ଅଣମୌସୁମୀ ଋତୁରେ ମହାନଦୀକୁ ଜଳ ପ୍ରବାହ ନେଇ ଉଭୟ ରାଜ୍ୟ ମଧ୍ୟରେ ପ୍ରାଥମିକ ସହମତି ଆସିପାରି ନାହିଁ। ଯାହାଫଳରେ ବାଧ ହୋଇ ଓଡ଼ିଶା ସରକାର କେନ୍ଦ୍ର ସରକାରଙ୍କ ମଧ୍ୟସ୍ଥତା ପାଇଁ ନିଷ୍ପତ୍ତି ନେଇଛନ୍ତି। ଆଗକୁ ଅଣମୌସୁମୀ ଋତୁ ଆସୁଥିବା ବେଳେ ମହାନଦୀ ଏବେ ପ୍ରାୟତଃ ଶୁଖିଲା ପଡ଼ିଛି। କଲମା ବ୍ୟାରେଜର ୬୬ଟି ଫାଟକ ମଧ୍ୟରୁ ମାତ୍ର ଗୋଟିଏ ଫାଟକ ଅଧା ଖୋଲା ଯାଇଛି। ଯାହା ଛତିଶଗଡ଼ର ମନୋମୁଖୀ ତଥା ଅବିଚାର ପ୍ରତି ସ୍ପଷ୍ଟ ଭାବେ ଅଙ୍ଗୁଳି ନିର୍ଦ୍ଦେଶ କରୁଛି। ତେଣୁ ରାଜ୍ୟ ସରକାର ନିଜର ନିର୍ବାଚନୀ ପ୍ରତିଶ୍ରୁତି ମୁତାବକ ତୁରନ୍ତ ମହାନଦୀ ସମସ୍ୟାରେ ଯବନିକା ଟାଣନ୍ତୁ ବୋଲି ସାଧାରଣରେ ମତପ୍ରକାଶ ପାଇଛି।

### ମୁଖ୍ୟମନ୍ତ୍ରୀ ଭାବେ...

ଏନ୍‌ଡିଏର ସହଯୋଗୀ ଦଳଙ୍କ ସହ ବୈଠକ କରି ମୁଖ୍ୟମନ୍ତ୍ରୀ ଏବଂ ଉପମୁଖ୍ୟମନ୍ତ୍ରୀଙ୍କ ନାମରେ ମୋହର ମରା ଯାଇଥିଲା। ଖେମଚାନ୍ଦ ସିଙ୍ଗଜାମେଇ କ୍ଷେତ୍ର (ଇମ୍ଫାଲ ପଶ୍ଚିମ) ରୁ ବିଧାୟକ ଅଛନ୍ତି। ସେ ୨୦୧୭ ରୁ ୨୦୨୨ ପର୍ଯ୍ୟନ୍ତ ବାଚସ୍ପତି ଥିଲେ। ୨୦୨୨ରେ ବିରେନ ସିଂହଙ୍କ ସରକାରରେ ମନ୍ତ୍ରୀ ଥିଲେ। ସେ ଦୀର୍ଘ ଦିନ ହେଲା ଶାନ୍ତି ପ୍ରକ୍ରିୟାରେ ସକ୍ରିୟ ଭୂମିକା ଗ୍ରହଣ କରିଥିଲେ। ସୂଚନାଯୋଗ୍ୟ ଯେ ୨୦୨୩ ଏପ୍ରିଲ ୧୪ରେ ହାଇକୋର୍ଟ ମେଇତି ସମ୍ପ୍ରଦାୟକୁ ଏସ୍‌ଟି ମାନ୍ୟତା ଦେବା ପାଇଁ ସରକାରଙ୍କୁ ସୁପାରିସ କରିଥିଲେ। ଏହି ନିର୍ଦ୍ଦେଶକୁ ନେଇ କୁକି ସମ୍ପ୍ରଦାୟ ମଧ୍ୟରେ ଅସନ୍ତୋଷ ତୀବ୍ର ହୋଇଥିଲା ଏବଂ ସେହି ବର୍ଷ ମେ' ୩ରୁ ହିଂସା ହୋଇଥିଲା। କୁକି ସମ୍ପ୍ରଦାୟର ଅଧିକାଂଶ ଲୋକେ ଧର୍ମ ବଦଳାଇ ଖ୍ରୀଷ୍ଟ ଧର୍ମାବଲମ୍ବୀ ହୋଇଥିଲେ। ଏହା ସତ୍ତ୍ୱେ ବି ସେମାନେ ଏସ୍‌ଟି ବର୍ଗର କହି ସଂରକ୍ଷଣର ଲାଭ ନେଉଥିଲେ। ଏହାକୁ ମେଇତି ସମ୍ପ୍ରଦାୟ ବିରୋଧ କରି ହାଇକୋର୍ଟ ଯାଇଥିଲା। ଏହି ହିଂସାରେ ପ୍ରାୟ ୨୫୮ ଜଣ ପ୍ରାଣ ହରାଇଛନ୍ତି। ୬୦ ହଜାରରୁ ଉର୍ଦ୍ଧ୍ୱ ବାସଚ୍ୟୁତ ହୋଇଛନ୍ତି। ସେହିପରି କୁକି ସମ୍ପ୍ରଦାୟ ନିଶାଦ୍ରବ୍ୟ ଚାଲାଣ କରୁଥିବା ଅଭିଯୋଗ ଲାଗି ଆସିଛି। ସରକାର ମଧ୍ୟ ଏହା ମାନିଛନ୍ତି। ଅବୈଧ ଭାବେ ଅଫିମ ଚାଷ କରି କୁକି ଏହାର ବ୍ୟାପାର କରୁଥିବା ସରକାର ମାନିଥିଲେ। ଏହା ଦ୍ୱାରା ସରକାରଙ୍କଠାରୁ କୁକି ସମ୍ପ୍ରଦାୟର ଭରସା ଉଠି ଯାଇଥିଲା। ସେମାନେ ଅଲଗା ଭାବେ ପାହାଡ଼ିଆ ଅଞ୍ଚଳକୁ ନେଇ କୁକି ଲାଣ୍ଡ ଦାବି କରିଥିଲେ।

### ଲୋକସଭା ଅଚଳ...

ଧରି ଗୃହମଧ୍ୟଭାଗକୁ ଯାଇ ହଟ୍ଟଗୋଳ କରିଥିଲେ। ଗତକାଲି ବିରୋଧୀ ଦଳର ୮ ସାଂସଦଙ୍କ ନିଲମ୍ବନର ପ୍ରତିବାଦ ମଧ୍ୟ କରିଥିଲେ। ଏହି ସମୟରେ ବାଚସ୍ପତି ବିଜେପି ସାଂସଦ ନିଶିକାନ୍ତ ଦୁବେଙ୍କୁ କହିବାକୁ ଡାକିଥିଲେ। ଦୁବେ କେତେକ ପୁସ୍ତକ ହାତରେ ଧରି ଗାନ୍ଧୀ ପରିବାର ପ୍ରତି କିଛି ଆପତ୍ତିଜନକ ମନ୍ତବ୍ୟ ଦେଇଥିଲେ। ଗୃହର ଅଧ୍ୟକ୍ଷତା କରୁଥିବା କେପି ଟେନ୍ନେଟି ଏଥିପାଇଁ ଦୁବେଙ୍କୁ ବାରଣ କରିଥିଲେ। ଏଭଳି ପୁସ୍ତକକୁ ସେ ଉଦ୍ଧାର କରିପାରିବେ ନାହିଁ ବୋଲି ଦୁବେଙ୍କୁ କହିଥିଲେ। ଏହାସତ୍ତ୍ୱେ ଦୁବେ ପୁସ୍ତକ ପଢ଼ିବା ଜାରି ରଖିବାକୁ ବିରୋଧୀ ସଭ୍ୟ ହଙ୍ଗାମା କରିଥିଲେ। ସେମାନେ ଗୃହର ମଧ୍ୟଭାଗକୁ ଯାଇ ପାଟିତୁଣ୍ଡ କରିବା ସହିତ ସ୍ଲୋଗାନ ଦେଇଥିଲେ। ବିରୋଧୀ ଦଳର ମହିଳା ସାଂସଦ ହାତରେ ପ୍ଲାକାର୍ଡ ଧରି ସ୍ଲୋଗାନ ଜାରି ରଖିବା ସହିତ ପ୍ରଧାନମନ୍ତ୍ରୀଙ୍କ ଆସନକୁ ଅବରୋଧ କରିଥିଲେ। ତେବେ ଏହି ସମୟରେ ଗୃହରେ ପ୍ରଧାନମନ୍ତ୍ରୀ, ସ୍ୱରାଷ୍ଟ୍ର ମନ୍ତ୍ରୀ କିମ୍ବା ପ୍ରତିରକ୍ଷା ମନ୍ତ୍ରୀ ନଥିଲେ। ଏହାପରେ ସେମାନେ ପ୍ରଧାନମନ୍ତ୍ରୀଙ୍କ ଆସନ ପଛରେ ଦୁଇ ଧାଡ଼ି ପରେ ଥିବା ଦୁବେଙ୍କ ଆସନ ଆଡ଼କୁ ମାଡ଼ିଯାଇଥିଲେ। ରେଳ ମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବ, ସଂସଦୀୟ ବ୍ୟାପାର ମନ୍ତ୍ରୀ କିରଣ ରିଜିଜୁଙ୍କ ସମେତ ଅନେକ ମନ୍ତ୍ରୀ ସେମାନଙ୍କୁ ପଛକୁ ହଟିଯିବା ଲାଗି ଅନୁରୋଧ କରିଥିଲେ ମଧ୍ୟ ମହିଳା ସାଂସଦ ଶୁଣିନଥିଲେ। ଏହାପରେ ଶାସକ ଦଳର କେତେକ ମହିଳା ସାଂସଦ ମଧ୍ୟ ବିରୋଧୀଙ୍କ ଆଡ଼କୁ ମାଡ଼ି ଆସିଥିଲେ। ଦୁଇ ପକ୍ଷର ମହିଳା ସାଂସଦ କିଛି ସମୟ ପାଇଁ ମୁହାଁମୁହିଁ ହୋଇରହିଥିଲେ। ତେବେ କଂଗ୍ରେସ ସାଂସଦ ଦିପେନ୍ଦର ହୁଡାଙ୍କ ଅନୁରୋଧ ପରେ ସେମାନେ ପଛକୁ ହଟିଥିଲେ।

ଲୋକସଭା ମୁଲତବୀ ହେବାପରେ ବିରୋଧୀ ଦଳର ସଭ୍ୟମାନେ ବାଚସ୍ପତିଙ୍କୁ ଭେଟି ପ୍ରତିବାଦ ଜଣାଇଥିଲେ। ସେମାନେ କହିଥିଲେ ଯେ ଜେନେରାଲ ନରବାଣେଙ୍କ ପୁସ୍ତକର କିଛି ଅଂଶ ପଢ଼ିବା ଲାଗି ଯଦି ରାହୁଲ ଗାନ୍ଧୀଙ୍କୁ ବାରଣ କରାଗଲା, ତାହାହେଲେ ଅନ୍ୟ ପୁସ୍ତକର ଅଂଶ ପଢ଼ିବା ଲାଗି ଦୁବେଙ୍କୁ କେମିତି ଅନୁମତି ମିଳିଲା। ଅନ୍ୟପକ୍ଷରେ କଂଗ୍ରେସ ସାଂସଦ ପ୍ରିୟଙ୍କା ଗାନ୍ଧୀ ଅଭିଯୋଗ କରିଥିଲେ ଯେ ପ୍ରତିବାଦ ଭୟରେ ପ୍ରଧାନମନ୍ତ୍ରୀ ଗୃହକୁ ଆସିଲେ ନାହିଁ କି ଉତ୍ତର ଦେଲେ ନାହିଁ।

### ଡିଜିଙ୍କୁ ଚିଠି...

ସମ୍ପୃକ୍ତ ଆଇଆଇସିଙ୍କ ବିରୋଧରେ କଡ଼ା କାର୍ଯ୍ୟାନୁଷ୍ଠାନ ପାଇଁ ବନ ବିଭାଗର ଅଧିକାରୀ ଓ କର୍ମଚାରୀ ଅଡ଼ି ବସିଛନ୍ତି। ଏହିକ୍ରମରେ ବୁଧବାର ପ୍ରଧାନ ମୁଖ୍ୟ ସଂରକ୍ଷକ ଓ ବନ ବାହିନୀ ମୁଖ୍ୟ ରାଜ୍ୟ ପୁଲିସ ମହାନିର୍ଦ୍ଦେଶକଙ୍କୁ ଚିଠି ଲେଖି ଘଟଣା ସମ୍ପର୍କରେ ଅବଗତ କରାଇବା ସହ ନିରପେକ୍ଷ ତଦନ୍ତ କରି ପଟାମୁଣ୍ଡାଇ ଆଦର୍ଶ ଥାନାର ଆଇଆଇସି ବନ୍ଦନା ପାତ୍ରଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ନେବାକୁ ଜଣାଇଛନ୍ତି। ଏହା ପୂର୍ବରୁ ଅର୍ଥାତ୍ ମଙ୍ଗଳବାର ରାଜ୍ୟ ଜଙ୍ଗଲ ପରିବେଶ ଓ ଜଳବାୟୁ ପରିବର୍ତ୍ତନ ବିଭାଗର ସ୍ୱତନ୍ତ୍ର ସଚିବ କେନ୍ଦ୍ରୀୟ ରେଞ୍ଜ ଆଇଜିଙ୍କୁ ଚିଠି ଲେଖି ଘଟଣାର ତଦନ୍ତ କରିବା ସହ ଆବଶ୍ୟକ କାର୍ଯ୍ୟାନୁଷ୍ଠାନ ନେବା ପାଇଁ ଜଣାଇଥିଲେ।

ସୂଚନା ଥାଉ କି, ଜାନୁୟାରୀ ୨୧ ତାରିଖ ଦିନ ରାଜନଗର ବନ ବିଭାଗ ପକ୍ଷରୁ ପାଟାମୁଣ୍ଡାଇ ଥାନା ଅନ୍ତର୍ଗତ ଷଣ୍ଢପଲ୍ଲି କେନାଲ ରୋଡ୍‌ରୁ ବିରଳ ବଜ୍ରକାପ୍ଟା କାତି ଚୋରା କାରବାର କରୁଥିବା ୩ ଜଣ ଆନ୍ତଃରାଜ୍ୟ ବେପାରୀଙ୍କୁ ଧରି ରାଜନଗର ରେଞ୍ଜ କାର୍ଯ୍ୟାଳୟ ଭିତରେ ଏସିଏଫ ଗଗନ କୁମାର ମଲ୍ଲିକ ପଚରାଉଚରା କରୁଥିଲେ। ଏହି ସମୟରେ ହଠାତ୍ ପଟାମୁଣ୍ଡାଇ ଆଦର୍ଶ ଥାନା ଆଇଆଇସି ବନ୍ଦନା ପାତ୍ର ପହଞ୍ଚି ମୋତେ ନ ଜଣାଇ ମୋ ଥାନା ଏରିଆରୁ ଅଭିଯୁକ୍ତଙ୍କୁ କାହିଁକି ଉଠାଇ ଆଣିଲ କହି ଏସିଏଫ୍‌ଙ୍କ ସମେତ ବନ କର୍ମଚାରୀଙ୍କ ଉପରେ ବର୍ଷିଥିଲେ। ଏପରିକି ମିଛ ମାମଲାରେ ଛନ୍ଦି ଦେବାକୁ ଏସିଏଫଙ୍କୁ ଧମକ ଦେଇଥବା ନେଇ ମଧ୍ୟ ପରବର୍ତ୍ତୀ ସମୟରେ ବନ ବିଭାଗ ପକ୍ଷରୁ ଅଭିଯୋଗ କରାଯାଇଛି।

ସାଧାରଣ ଭାବେ ବନ୍ୟପ୍ରାଣୀ (ସୁରକ୍ଷା) ଆଇନ, ୧୯୭୨ ଅନୁଯାୟୀ କୌଣସି ମାମଲାରେ ତଦନ୍ତ ଅର୍ଥାତ ସେମାନଙ୍କର ସାମ୍ବିଧାନିକ କର୍ତ୍ତବ୍ୟ ପାଳନ କରିବାରେ ବାଧା ସୃଷ୍ଟି କରି ହେବ ନାହିଁ। ହେଲେ ଥାନା ଅଧିକାରିଣୀ ଏସିଏଫ୍ ଓ ଅନ୍ୟ ଅଧିକାରୀମାନଙ୍କୁ ଭୟଭୀତ କରିବାକୁ ଚେଷ୍ଟା କରିଥିଲେ ଏବଂ ସେମାନଙ୍କୁ ମିଥ୍ୟା ଏବଂ ମନଗଢ଼ା ଅପରାଧିକ ମାମଲାରେ ଫସାଇବାକୁ ଧମକ ଦେଇଥିଲେ। ଏହା ବନ୍ୟପ୍ରାଣୀ (ସୁରକ୍ଷା) ଆଇନ, ୧୯୭୨ର ଉଲ୍ଲଂଘନକୁ ଦର୍ଶାଉଛି। ଯଦି ଏପରି ଆଚରଣର ସମାଧାନ ନ କରାଯାଏ, ତେବେ ଏହା ଏକ ବିପଦପୂର୍ଣ୍ଣ ଉଦାହରଣ ସୃଷ୍ଟି କରିବ ଏବଂ ବନ୍ୟପ୍ରାଣୀ (ସୁରକ୍ଷା) ଆଇନ, ୧୯୭୨ କାର୍ଯ୍ୟକାରୀ କରିବାରେ ନିୟୋଜିତ କ୍ଷେତ୍ର ଅଧିକାରୀଙ୍କୁ ଅନ୍ୟ ଥାନା ଅଞ୍ଚଳରେ ମଧ୍ୟ ଏଭଳି ସମସ୍ୟା ଭୋଗିବାକୁ ପଡ଼ିବାର ଆଶଙ୍କା ସୃଷ୍ଟି ହୋଇଛି।

### ଚାଷୀ ଓ କୃଷିଶିଳ୍ପ...

ଆମେରିକୀୟ ସାମଗ୍ରୀ ଡମ୍ପିଂର ଭୟ ଜାରି ରହିଛି। ବିଲିୟନ୍ ବିଲିୟନ ଡଲାରରୁ ଅଧିକ ମୂଲ୍ୟର ସାମଗ୍ରୀ କ୍ରୟ କରିବାର ବୋଝ ମଧ୍ୟ ଭାରତୀୟ ଅର୍ଥନୀତି ପାଇଁ ଏକ ବଡ଼ ଆହ୍ୱାନ ସୃଷ୍ଟି କରିପାରେ।

ଟ୍ରମ୍ପ କହିଛନ୍ତି ଯେ ଭାରତ ଆମେରିକୀୟ ସାମଗ୍ରୀ ଉପରେ ଶୁଳ୍କ ଏବଂ ଅଣ-ଶୁଳ୍କ ବାଧାକୁ ଶୂନ୍ କରିବ। ଭାରତ ପ୍ରଧାନମନ୍ତ୍ରୀ ଆମେରିକାରୁ କ୍ରୟ ବୃଦ୍ଧି କରିବାକୁ ରାଜି ହୋଇଛନ୍ତି, ଯେଉଁଥିରେ ୫୦୦ ବିଲିୟନ ଡଲାରରୁ ଅଧିକ ମୂଲ୍ୟର ଆମେରିକୀୟ ଶକ୍ତି, ପ୍ରଯୁକ୍ତିବିଦ୍ୟା, କୃଷି, କୋଇଲା ଏବଂ ଅନ୍ୟାନ୍ୟ ଅନେକ ଉତ୍ପାଦ କ୍ରୟ ଅନ୍ତର୍ଭୁକ୍ତ। ପରବର୍ତ୍ତୀ ସମୟରେ, ଆମେରିକାର କୃଷି ସଚିବ ବ୍ରୁକ୍ ରୋଲିନ୍ସ ମଧ୍ୟ ଏହି ଚୁକ୍ତିକୁ ଆମେରିକୀୟ ଚାଷୀଙ୍କ ପାଇଁ ଲାଭଦାୟକ ବୋଲି ବର୍ଣ୍ଣନା କରି କହିଛନ୍ତି ଯେ ଏହା ଭାରତର ବିଶାଳ ବଜାରରେ ଆମେରିକୀୟ କୃଷି ଉତ୍ପାଦର ପ୍ରବେଶ ବୃଦ୍ଧି କରିବ ଏବଂ ଭାରତ ସହିତ ଆମେରିକାର ୧.୩ ବିଲିୟନ ଡଲାରର କୃଷି ବାଣିଜ୍ୟ ନିଅଣ୍ଟକୁ ହ୍ରାସ କରିବାରେ ସାହାଯ୍ୟ କରିବ ବୋଲି କହିଛନ୍ତି। ଅପରପକ୍ଷେ ଆମେରିକା ବହୁ ବର୍ଷ ଧରି ଭାରତ ଉପରେ ବାଣିଜ୍ୟ ପାଇଁ ତା'ର କୃଷି କ୍ଷେତ୍ରକୁ ଖୋଲିବା ପାଇଁ ଚାପ ପକାଇ ଆସୁଛି। କାରଣ ଆମେରିକା ଭାରତକୁ ଏକ ପ୍ରମୁଖ ବଜାର ଭାବରେ ଦେଖେ, କିନ୍ତୁ ଭାରତ ଖାଦ୍ୟ ସୁରକ୍ଷା, ଜୀବିକା ଏବଂ ଲକ୍ଷ ଲକ୍ଷ ଚାଷୀଙ୍କ ସ୍ୱାର୍ଥକୁ ଦର୍ଶାଇ ଏହାକୁ ଏଡାଇଆସୁଛି। ଏଥିରେ ଆଲୋଚନାରେ ସବୁଠାରୁ ବଡ଼ ପ୍ରସଙ୍ଗ ହେଉଛି କୃଷି ଉତ୍ପାଦର ରପ୍ତାନି। ଭାରତ ଏବଂ ଆମେରିକା ମଧ୍ୟରେ କୃଷି ବାଣିଜ୍ୟ ୮ ବିଲିୟନ ଡଲାର ମୂଲ୍ୟର। ଭାରତ ଆମେରିକାକୁ ଚାଉଳ, ଚିଙ୍ଗୁଡ଼ି ଏବଂ ମସଲା ରପ୍ତାନି କରୁଛି ଏବଂ ଆମେରିକା ଭାରତକୁ ବାଦାମ, ସେଓ ଏବଂ ଡାଲି ରପ୍ତାନି କରୁଛି। ଆମେରିକା ଦାବି କରିଆସୁଛି ଯେ ଭାରତ ସହିତ ଏହାର ୪୫ ବିଲିୟନ ଡଲାର ବାଣିଜ୍ୟ ନିଅଣ୍ଟକୁ ହ୍ରାସ କରିବା ପାଇଁ ମକା, ସୋୟାବିନ୍ ଏବଂ କପା ପ୍ରମୁଖ କୃଷି ରପ୍ତାନି ପାଇଁ ନୂଆ ବଜାର ଖୋଲିଦେଉ।

### ୬ ନାବାଳକ...

ନ କହିବାକୁ ନାବାଳିକା ଓ ତାଙ୍କ ପରିବାରଲୋକଙ୍କୁ ଧମକ ଦେଇଥିଲେ। ସେମାନଙ୍କ ଭୟରେ ପରିବାରଲୋକ ବି ଥାନାରେ ଅଭିଯୋଗ କରିବାକୁ ସାହସ ଜୁଟାଇ ପାରିନଥିଲେ। ତେବେ, ଗତକାଲି ଭାଇରାଲ ଭିଡିଓରୁ ଏହି ଘଟଣା ଲୋକଲୋଚନକୁ ଆସିବା ପରେ ପୁଲିସ ତନାଘନା ଆରମ୍ଭ କରିଥିଲା। ନିଜ ଆଡ଼ୁ ମାମଲା ରୁଜୁ କରି ତଦନ୍ତ ଆରମ୍ଭ କରିଥିଲା। ଅପରପକ୍ଷେ, ଏହି ଘଟଣାରେ ଜିଲ୍ଲା ଶିଶୁ ସୁରକ୍ଷା ୟୁନିଟ୍, ଶିଶୁ ମଙ୍ଗଳ ସମିତି ପୁଲିସ ବିଭାଗର ବରିଷ୍ଠ ଅଧିକାରୀଙ୍କ ସହ ଆଲୋଚନା କରିଛି। ଏହି ମାମଲାରେ ବଲାଙ୍ଗିର ପୁଲିସର କାର୍ଯ୍ୟାନୁଷ୍ଠାନକୁ ଉତ୍ତରାଞ୍ଚଳ ଆଇଜି ହିମାଂଶୁଲାଲ ପ୍ରଶଂସା କରିଛନ୍ତି। ଏହା ଏକ ସମ୍ବେଦନଶୀଳ ଘଟଣା ହୋଇଥିବା ବେଳେ ପୁଲିସ ଉଚିତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିଛି। ତେବେ ଏହି ମାମଲାର ଅଭିଯୁକ୍ତମାନେ ନାବାଳକ ହୋଇଥିବାରୁ ସେମାନଙ୍କ ମନରେ ଏହିଭଳି ଅପରାଧିକ ମନୋଭାବ ସୃଷ୍ଟି ହେବା ପଛରେ ସାମାଜିକ ଗଣମାଧ୍ୟମର ପ୍ରଭାବ ରହିଛି। ଏଦିଗରେ ପୁଲିସ ପକ୍ଷରୁ ଆଗକୁ ସଚେତନ କରିବାକୁ ଯୋଜନା କରାଯାଉଥିବା ଆଇଜି ପ୍ରତିକ୍ରିୟାରେ କହିଛନ୍ତି।


25001/26/2526

GOVERNMENT OF ODISHA
OFFICE OF THE SUPERINTENDING ENGINEER
RURAL WORKS DIVISION-II, NAYAGARH

E-Mail:- nayagarhrw2@yahoo.in

"e" Procurement Notice for Road works
Identification No. Online Tender / 09 / RWD – II / 2025-26

1. Name of the work : Road works.
2. Total Number of works : 1 No
3. Approx. Estimated cost : Rs. 32.03 lakhs
4. Class of Contractor : C & B Class of Contractor
5. Period of Completion : 1 month
6. Other details:

| Procurement Officer | Bid Identification No. | Availability of tender On-line for bidding From | Availability of tender On-line for bidding To | Last Date & Time of seeking Tender Clarification. | Date and time of opening of Tender |
|---|---|---|---|---|---|
| 1 | 2 | 3 | 4 | 5 | 6 |
| Superintending Engineer, Rural Works Division-II, Nayagarh | Online Tender / 09/RWD-II/ 2025-26 | Dt. 05.02.2026 at 11.00 A.M. | Dt. 16.02.2026 upto 4.00 P.M. | Dt. 15.02.2026 upto 5.00 P.M | Dt. 16.02.2026 at 5.00 P.M. |

Further details can be seen from the website www.tendersodisha.gov.in

Superintending Engineer
R.W. Division-II, Nayagarh

OIPR-25001/25144/1/25-26/0026



19001/8/2526

ରାଜ୍ୟ ଗ୍ରାମ୍ୟ ଉନ୍ନୟନ ଓ ପଞ୍ଚାୟତିରାଜ ପ୍ରତିଷ୍ଠାନ
ପଞ୍ଚାୟତିରାଜ ଓ ପାନୀୟ ଜଳ ବିଭାଗ, ଓଡ଼ିଶା ସରକାର
STATE INSTITUTE FOR RURAL DEVELOPMENT & PANCHAYATI RAJ
PANCHAYATI RAJ AND DRINKING WATER DEPARTMENT, GOVT OF ODISHA

REQUEST FOR PROPOSAL

No. 254, SIRD&PR; Dated 03.02.2026

Request for proposals (RFP) are invited from the interested reputed hotels/Academic Institutions relating to the matter as given below

Expression of Interest (EoI) for Empanelment of Academic Institution and Hotel for logistic support including accommodation of elected representatives and officials of 3-tier PRIs .

The details of ToR for the respective RFP has been uploaded in the office website https://panchayat.odisha.gov.in. & https://pmssird.odisha.gov.in.

Interested institutions / hotels may visit the office website as mentioned above for downloading the details of ToR. Further, addendum / corrigendum / cancellation if any, in this context can be seen in the office website only. The EoI documents should reach addressing the Director, SIRD&PR, Unit-VIII, Gopabandhu Nagar, Bhubaneswar–751012 with the requisite documents through Registered Post / Speed Post / Courier Service within the scheduled date and time mentioned below:-

**Last date of receipt of Bid: 24.02.2026 - up to 05: 30 P.M.**
**Date & Time of Opening of Technical Bid: 25.02.2026 at 11: 30 A.M.**

OIPR-19001/19012/1/25-26/0008 Sd- DIRECTOR



34001/18/2526

obcc

OFFICE OF THE GENERAL MANAGER
ODISHA BRIDGE & CONSTRUCTION CORPORATION LIMITED
(A Government of Odisha Undertkaing)
PURI PROJECT DIVISION NO.- 11, PURI
Email Id: puridiv2@obcc.in

NOTICE INVITING TENDER

| | | | |
|---|---|---|---|
| 1. | Name of Work | : | Supply and Fixing of SS grills 316 grade in newly constructed SJTA Staff Quarters, Puri |
| 2. | Bid Identification No | : | 03/OBCC/PPDII/2025-26 |
| 3. | Class of Contractor | : | C & D |
| 4. | Bid Processing fee (only in online mode) | : | ₹ 7,080.00 (Including GST) |
| 5 | EMD (LS) Online | | ₹ 19,230.00 |
| 6. | Date of availability of bid document in e-procurement portal | : | From Dt.05.02.2026 |
| 7. | Last Date & time of receipt of online bid | : | Up to 5.00 PM on 11.02.2026 |
| 8. | Date of Bid Opening | : | 11.02.2026 at 5.30 PM |
| 9. | Project Completion Duration | | 1(One) Calendar Month |

10. Further details can be seen from the e-Procurement portal https://www.tendersodisha.gov.in.
11. OBCC has the right to accept or reject the Notice / RFP without assigning any reasons thereof.

General Manager,
Puri Project Division-II, OB&CC

OIPR-34001/34152/1/25-26/0018



AFFIDAVIT

By virtue of an affidavit (CF No. 01, dtd- 30/01/2026) sworn before The Executive Magistrate, Padampur. I, **Padmini Kalet,** W/o- Prakash Kalet, permanent & current resident of At- Kendmundi, Po- Rengali, Ps- Sohela, Dist-Bargarh, PIN- 768033, Odisha declare that I have changed my name from **Neelima Kalet** to **Padmini Kalet.** Henceforth, I shall be known as **Padmini Kalet** (new name) for all purposes.

**Padmini Kalet**

AFFIDAVIT

By virtue of an affidavit (Sl No123, dated- 22/01/2026) sworn before the Executive Magistrate, Begunia. I, **Santosh Kumar Nayak,** aged about 41 years, S/o-Manab Kumar Nayak, resident of Vill: Radhakantapur, PO: Chakapada, PS: Begunia, Dist: Khurda, PIN 752062, Odisha have changed my minor daughter's name from **Lovely Nayak** (old name) to **Sujata Nayak** (new name). Henceforth, she shall be known as **Sujata Nayak** (new name) for all future purposes

**Santosh Kumar Nayak**

ଘୋଷଣା

ମୁଁ ପ୍ରତାପ ପ୍ରଧାନ, ପି- ଶତ୍ରୁଘ୍ନ ପ୍ରଧାନ, ଗ୍ରାମ-ନୀଳାଦ୍ରୀପୁର, ପୋ- ମହିପୁର, ଥାନା-ନୂଆଗାଁ, ଜିଲ୍ଲା-ନୟାଗଡ଼, ପିନ-୭୫୨୦୯୪। ଗତତା୨୮.୧.୨୦୨୬ରିଖ ମୁଁ ନୀଳାଦ୍ରୀପୁରଠାରୁ ନୂଆଗାଁ ବାଇକ ଯୋଗେ ଯିବା ସମୟରେ ବ୍ୟାଗ ଏବଂ ସେଥିରେ ରହିଥିବା ଏକ କବଲା ନଂ – ୧୧୩୭୧୧୦୫୩୧୦, ତା୧୪.୧୦.୨୦୧୧ ରିଖ ଏବଂ ଅନ୍ୟାନ କିଛି ଗୁରୁତ୍ୱପୂର୍ଣ୍ଣ କାଗଜପତ୍ର କୌଣସି ସ୍ଥାନରେ ପଡ଼ି ଯାଇଛି। ବହୁତ ଖୋଜାଖୋଜି କରିବା ପରେ ବି ବ୍ୟାଗ ସମ୍ପର୍କରେ କୌଣସି ସୂଚନା ମିଳି ପାରି ନାହିଁ। ଯଦି କୌଣସି ବ୍ୟକ୍ତି ଉକ୍ତ ବ୍ୟାଗଟିକୁ ପାଇବେ, ତେବେ ମୋବାଇଲ ନଂ - ୯୯୩୮୧୪୭୯୮୪ରେ ଯୋଗାଯୋଗ କରିବାକୁ ଅନୁରୋଧ।

ପ୍ରତାପ ପ୍ରଧାନ

AFFIDAVIT

By virtue of an affidavit sworn before The Notary Public, Titilagarh, on dated-03/02/2026. I, **Arachita Tandi** (applicant name), S/o Raemal Tandi, permanent & current resident of AT: Dangarpada, PO: Kuskela, PS: Sindhekela, Dist: Balangir, State: Odisha, PN: 767066 declare that I have changed my minor son's name from **Sumit Tandi to Manoj Tandi.** Henceforth, I shall be known as **Manoj Tandi** (new name) for all future purposes.

**Arachita Tandi**

AFFIDAVIT

By virtue of an affidavit sworn before the **Notary Public, Sonepur, dtd. 02.02.2026,** I, **Kumari Lalita Bargei,** resident of Rengali, P.O.- Rengali, P.S.-Lachhipur, Dist- Subarnapur, Odisha, do hereby declare that I have changed my name from **Lalita Bargei to Kumari Lalita Bargei.** Henceforth I shall be known as **Kumari Lalita Bargei** for all purposes.

**Sd/- Kumari Lalita Bargei**

AFFIDAVIT

By virtue of an affidavit sworn before the **Executive Magistrate, Kodinga, dtd. 03.02.2026,** I, Sri Lakshmichandra Mirgan @ Chandra Panaka, S/o Janardhan Mirgan, Vill- Sanagumuda, P.O.-Badagumuda, P.S.–Kodinga, Dist- Nabarangpur hereby declare that **"Lakshmichandra Mirgan" and "Chandra Panaka"** are one and the same person, i.e., myself.

AFFIDAVIT

By virtue of an affidavit sworn before the **Notary Public, Kodinga, dtd. 29.01.2026,** I, **Sri Manu Majhi,** S/o Lachaman Majhi, At- Alupadar, P.O.- Binjili, P.S.- Kosagumuda, Dist-Nabarangpur do hereby declare that my correct name is Manu Majhi. But my name has been wrongly recorded as Manu Bhatra in my SBI Account. That **"Manu Majhi" & "Manu Bhatra"** refer to one and the same person, i.e., myself.

AFFIDAVIT

I, Kirti Gupta Mohanty, D/o: Shri Satya Narayan Gupta, resident of D-40 Padmapani Vihar AWHO Colony, Near Eshaneswari Temple, Shileshwari Vihar, Sailashree Vihar, Bhubaneswar-751021, Odisha declare by this **Affidavit No.: 02, dated: 02.01.2020** that now onwards I shall be known as **Kirti Gupta** for all future purposes.

AFFIDAVIT

By virtue of an affidavit **no. 2** sworn before the **Executive Magistrate, Phiringia, dtd. 03.02.2026,** I, Sri Bibhuti Bhusan Kanhar, At-Telapali, P.O.-Telapali, P.S.-Phiringia, Dist-Kandhamal, do hereby declare that I have changed my name from **Bibhutti Kanhar to Bibhuti Bhusan Kanhar.** Henceforth I shall be known as **Bibhuti Bhusan Kanhar** for all purposes.

**Sd/- Bibhuti Bhusan Kanhar**



32001/16/2526

GOVERNMENT OF ODISHA
DEPARTMENT OF WATER RESOURCES
OFFICE OF THE SUPERINTENDING ENGINEER
MINOR IRRIGATION DIVISION, KHARIAR
eemidivisionkhariar@gmail.com
e-PROCUREMENT NOTICE
Bid Identification Notice No.: -05/SE MIDKHR/2025-26
Letter No:-177 Dt.: -02/02/2026

The Superintending Engineer, M.I. Division, Khariar, Dist-Nuapada on behalf of Governor of Odisha invites Percentage Rate Bids in (**Single Cover & Double Cover**) System through e-procurement to be received in online mode only for the works as detailed in the table below. The bid should be submitted online in the web site www.tendersodisha.gov.in by eligible contractors.

| | |
|---|---|
| Name of the work: | Construction of Check Dams under MATY Scheme & Construction of Canal Lining under MIP-SP Scheme in different Blocks of Nuapada District for the year 2025-26. |
| No. of Works: | 04 (Four) Nos. only |
| Estimated Cost: | Varies from Rs.37.14 lakh to Rs.71.18 lakh (Approximately) |
| Cost of Tender Paper: | Rs.6,000/- & Rs.10,000/- (Non-Refundable) |
| Period of Completion: | As Mentioned against Work |
| Availability of bid documents for sale and receipt through on-line | From dt. **06.02.2026, 10.00 A.M,** to dt. **16.02.2026, up to 5.00 P.M.** |
| Last date / time of receipt of bids in the portal | **16.02.2026 (5.00PM)** |
| Date of opening of technical bid through online | On dt. 17.02.2026 at 11.00 A.M in the Office of the S.E, M.I. Division, Khariar. |
| Mode of payment of Bid Cost | Online |
| Digital Signature Certificate of Bidder: | The Bidder must possess compatible digital signature certificate (DSC). Of class-II Or Class-III |
| The detail tender call notice can also be seen in the DoWR web site http://dowrorissa.gov.in | |
| Name & Address of the OIT: | Superintending Engineer, Minor Irrigation Division, Khariar. At/P.O-Khariar / District – Nuapada. Email ID: eemidivisionkhariar@gmail.com |
| Further details can be seen from the e-market place web site www.tendersodisha.gov.in | |

**Note: Corrigendum/ Addendum/ Modifications/ Additions if any can be seen through on-line only.**

Superintending Engineer
M.I. Dviision, Khariar

OIPR-32001/32090/1/25-26/0016

# ନିର୍ବାହୀ ଅଧିକାରୀଙ୍କ ବିରୋଧରେ ଜିଲ୍ଲାପାଳଙ୍କୁ ଦାବିପତ୍ର

ଝାରସୁଗୁଡ଼ା,୪।୨(ସମିସ): ଝାରସୁଗୁଡ଼ା ପୌର ପରିଷଦର ନିର୍ବାହୀ ଅଧିକାରୀ ମାନସରଞ୍ଜନ ମଲ୍ଲିକଙ୍କ ବିରୁଦ୍ଧରେ ଜିଲ୍ଲାପାଳଙ୍କୁ ଝାରସୁଗୁଡ଼ା ପୌରାଧକ୍ଷା ଏବଂ କାଉନସିଲରଙ୍କ ପକ୍ଷରୁ ଏକ ଦାବିପତ୍ର ପ୍ରଦାନ କରାଯାଇଛି। ନିର୍ବାହୀ ଅଧିକାରୀ ଟେଣ୍ଡର ଫିକ୍ସିଂ, କମ୍ପାନୀ ଗୁଡିକୁ ହୋଲଡିଂ ଚାର୍ଜରେ ଅନୁକମ୍ପା ପ୍ରଦାନ, ସମସ୍ତ ଉନ୍ନୟନମୂଳକ କାର୍ଯ୍ୟରେ ପିସି କାରବାର ସହିତ ବିଭିନ୍ନ ଦୁର୍ନୀତିରେ ଲିପ୍ତ ଥିବା ନେଇ ଝାରସୁଗୁଡ଼ା ପୌର ପରିଷଦ ଅଧକ୍ଷା ଏବଂ କାଉନସିଲର ମାନେ ଅଭିଯୋଗ କରିଛନ୍ତି। ନିର୍ବାହୀ ଅଧିକାରୀଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ପାଇଁ ଜିଲ୍ଲାପାଳଙ୍କୁ ବୁଧବାର ଦାବିପତ୍ର ପ୍ରଦାନ କରିଛନ୍ତି।

ଅଭିଯୋଗ ଅନୁସାରେ ନିର୍ବାହୀ ଅଧିକାରୀ ମାନସରଞ୍ଜନ ପୌର ପରିଷଦର କିଛି ଅଧିକାରୀଙ୍କୁ ନିଜ ଦଳରେ ସଂଶ୍ଳିଷ୍ଟ କରି ବିଭିନ୍ନ ଟେଣ୍ଡର ପ୍ରକ୍ରିୟାରେ ଫିକ୍ସିଂ କରି ଆସୁଛନ୍ତି। ନିର୍ଦ୍ଦିଷ୍ଟ ଜଣେ




ବ୍ୟକ୍ତିଙ୍କୁ ହିଁ ପୌର ପରିଷଦର ବିଭିନ୍ନ କାମ ପ୍ରଦାନ କରିବା, ପୌର ପରିଷଦରେ କାର୍ଯ୍ୟ କରୁଥିବା ପରିମଳ ଠିକାଦାରଙ୍କୁ ଅନୁକମ୍ପା ପ୍ରଦାନ କରି ତାଙ୍କ ଠାରୁ ମୋଟା ଅଙ୍କର ଟଙ୍କା ଆଦାୟ କରିବା, ବିଭିନ୍ନ ଉନ୍ନୟନ କାର୍ଯ୍ୟରେ ୧୦ ପ୍ରତିଶତ ପିସି ନେବା, ବିଭିନ୍ନ କୋଠା ନିର୍ମାଣ ପାଇଁ ଡିଡ ସ୍ୱାକ୍ଷର ବେଳେ ଲାଞ୍ଚ ଦାବି କରିବା, ତୃତୀୟ ପକ୍ଷକୁ ଲଗାଇ ଲକ୍ଷାଧିକ ଟଙ୍କା ସଂଗ୍ରହ କରିବା, ପ୍ରତି ମାସ ରାଜ୍ୟ ନଗର ଉନ୍ନୟନ ଏବଂ ଗୃହ ନିର୍ମାଣ ବିଭାଗର ଉଚ୍ଚସ୍ତରୀୟ ଅଧିକାରୀଙ୍କୁ ଟଙ୍କା ପଠାଉଛି କହି ପୌର ପରିଷଦର ବିଭିନ୍ନ କର୍ମଚାରୀଙ୍କୁ କହି ବିଭିନ୍ନ ବିଭାଗରୁ ଟଙ୍କା ଆଦାୟ କରାଇବା, ଝାଡେଶ୍ୱର ମନ୍ଦିର ନିକଟରେ ଥିବା ଇକୋ ପାର୍କ ଏବଂ ଅନ୍ୟାନ୍ୟ ପର୍ଯ୍ୟଟନ କାର୍ଯ୍ୟର ଇ-ଟେଣ୍ଡର ପୋର୍ଟାଲରେ ଅଣ ସୂଚୀବଦ୍ଧ ଜିନିଷର ନିର୍ଦ୍ଦିଷ୍ଟ କରଣ ବିନା ଟେଣ୍ଡର ଆହ୍ୱାନ, ଓପିଡବ୍ଲ୍ୟୁଡି କୋଡକୁ ସମ୍ପୂର୍ଣ୍ଣ ଉଲ୍ଲଙ୍ଘନ କରି ଟେଣ୍ଡର ପ୍ରକ୍ରିୟାକୁ ଦୁର୍ନୀତିଯୁକ୍ତ କରିବା ଆଦି ଅଭିଯୋଗ ହୋଇଛି। ଏହାସହ

## ପୌରାଧକ୍ଷା ଓ କାଉନସିଲର ଆଣିଲେ ଦୁର୍ନୀତି ଅଭିଯୋଗ

ନିର୍ବାହୀ ଅଧିକାରୀ ଅନେକ ବେଆଇନ କାର୍ଯ୍ୟକଳାପରେ ନିଜେ ଲିପ୍ତରହି ପୌରପରିଷଦର କିଛି କର୍ମଚାରୀଙ୍କୁ ମଧ ଏହି କାର୍ଯ୍ୟରେ ସାମିଲ କରାଇଛନ୍ତି। ନିର୍ବାହୀ ଅଧିକାରୀ ମଲ୍ଲିକ ଆଗରୁ ଏକ କମ୍ପାନୀରେ କାର୍ଯ୍ୟ କରୁଥିବା ବେଳେ ଉକ୍ତ କମ୍ପାନୀର ଟାଉନସିପ ହୋଲଡିଂ ଚାର୍ଜର ମୂଲ୍ୟାୟନ ଉଦ୍ଦେଶ୍ୟମୂଳକ ଭାବେ କରି ଉକ୍ତ କମ୍ପାନୀର କୋଟି କୋଟି ହୋଲଡିଂ ଚାର୍ଜକୁ ହ୍ରାସ କରିବା, କମ୍ପାନୀରେ ବେଆଇନ ନିର୍ମାଣକୁ ବନ୍ଦ ନ କରିବା, କମ୍ପାନୀକୁ ବିଭିନ୍ନ ସୂତ୍ରରୁ ଲାଭବାନ କରି ଉକ୍ତ କମ୍ପାନୀ ଠାରୁ ନିଜେ କୋଟି କୋଟି ଟଙ୍କା ରୋଜଗାର କରିବା ଆଦି ଦୁର୍ନୀତି କାର୍ଯ୍ୟରେ ଲିପ୍ତ ଥିବା କଥା ଉଲ୍ଲେଖ କରି ପୌରାଧକ୍ଷା ଓ କାଉନସିଲର ଜିଲ୍ଲାପାଳଙ୍କୁ ଅଭିଯୋଗ କରିଛନ୍ତି। ଦାବିପତ୍ରରେ ଝାରସୁଗୁଡ଼ାବାସୀଙ୍କ ସ୍ୱାର୍ଥ ଏବଂ ପୌର ପାଳିକାର ସମ୍ମାନରେ ଏପରି କାର୍ଯ୍ୟକଳାପ କ୍ଷତି କରୁଛି କହି ପୌରାଧକ୍ଷା ରାନୀ ହାତୀଙ୍କ ସହିତ କାଉନସିଲର ଗୀତାଞ୍ଜଳି ପଣ୍ଡା, ବାସନ୍ତୀ ଟପ୍ପୋ, ପ୍ରତିମା ଭଙ୍ଗସା, ସୁନିତା ମିରିଗ, ପଵନ ଶର୍ମା, ବୈଶାଳୀ, କୈଳାଶ ନନ୍ଦ, ନବନୀତ କୌର, ବବିତାରନବିଡା, ନିତୁରାଣୀ ସେଠ, ମନୀଷା ଚୌହାନ, ଝରଣା ଭୋଇ, ସୁଷମା ବରାଡ଼, ଜୟନ୍ତୀ ନାୟକ, ବିମା ପଟେଲ ପ୍ରମୁଖ ଝାରସୁଗୁଡ଼ା ଜିଲ୍ଲାପାଳ କୁଣାଲ ମୋତିରାମ ଚହ୍ୱାଣଙ୍କୁ ଦାବିପତ୍ର ପ୍ରଦାନ କରିଛନ୍ତି। ସମ୍ପୃକ୍ତ ନିର୍ବାହୀ ଅଧିକାରୀ ମଲ୍ଲିକ କରୁଥିବା ଦୁର୍ନୀତିର ତଦନ୍ତ ସହ ତାଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ କରାଇବା ପାଇଁ ଦାବି କରିଛନ୍ତି।

**ବିଶ୍ୱ କର୍କଟ ଦିବସ**

# ଯାଜ୍ଞସେନୀ ହସ୍ପିଟାଲରେ ନିଃଶୁଳ୍କ କର୍କଟ ପରୀକ୍ଷା ଶିବିର



ଝାରସୁଗୁଡ଼ା,୪।୨(ସମିସ): ଝାରସୁଗୁଡ଼ା ଜିଲ୍ଲା ଯାଜ୍ଞସେନୀ ହସ୍ପିଟାଲ ଠାରେ ବୁଧବାର ବିଶ୍ୱ କର୍କଟ ଦିବସ ପାଳିତ ହୋଇଯାଇଛି। ଏହି ଅବସରରେ ମାଗଣା କର୍କଟ ପରୀକ୍ଷା ଶିବିର ଆୟୋଜନ କରାଯାଇଥିଲା। କର୍କଟରୋଗ ବିଶେଷଜ୍ଞ ଡାକ୍ତର ଗୋପାଳ ମହାନ୍ତି ଏବଂ ଡାକ୍ତର ବିକାଶ ନାୟକ ଜନସାଧାରଣଙ୍କ ନିଃଶୁଳ୍କରେ କର୍କଟରୋଗ ପରୀକ୍ଷା କରିଥିଲେ। କର୍କଟରୋଗର ଲକ୍ଷଣ ଦେଖାଯାଉଥିବା ଲୋକଙ୍କ ନିରୀକ୍ଷଣ କରିବା ସହିତ ଆବଶ୍ୟକ ସ୍ଥଳେ ସେମାନଙ୍କ ଚିକିତ୍ସା ଓ ଔଷଧ ଦେବା ବ୍ୟବସ୍ଥା କରାଯାଇଥିଲା। କର୍କଟ ଭଳି ମାରାତ୍ମକ ରୋଗକୁ ବିଶେଷଜ୍ଞ ଡାକ୍ତରଙ୍କ ପରାମର୍ଶରେ ଲଢ଼ିବା ପାଇଁ ଆହ୍ୱାନ ଦିଆଯାଇଥିଲା। କାର୍ଯ୍ୟକ୍ରମରେ ଯାଜ୍ଞସେନୀ ହସ୍ପିଟାଲର ସ୍ତ୍ରୀ ଓ ପ୍ରସୂତିରୋଗ ବିଶେଷଜ୍ଞ ଡାକ୍ତର ଏସଜେ ପଟେଲ ଓ ରୀନା ନାୟକ ଉପସ୍ଥିତ ଥିଲେ।

# ପୁଲିସ ପକ୍ଷରୁ ଉଦ୍ଧାର ଚୋରି ମୋବାଇଲ ହସ୍ତାନ୍ତର



ଝାରସୁଗୁଡ଼ା,୪।୨(ସମିସ): ଜିଲ୍ଲା ପୁଲିସ୍ ପ୍ରଶାସନ ପକ୍ଷରୁ ଉଦ୍ଧାର ହୋଇଥିବା ଚୋରି ମୋବାଇଲ ହସ୍ତାନ୍ତର ମେଳା ଅନୁଷ୍ଠିତ ହୋଇଛି। ଆରକ୍ଷୀ ଅଧୀକ୍ଷକଙ୍କ କାର୍ଯ୍ୟାଳୟ ପରିସରରେ ଆୟୋଜିତ କାର୍ଯ୍ୟକ୍ରମରେ ଆରକ୍ଷୀ ଅଧୀକ୍ଷକ ଗୁଣ୍ଡଲା ରେଡ୍ଡୀ ରାଘବେନ୍ଦ୍ର ଯୋଗ ଦେଇ ଉଦ୍ଧାର ମୋବାଇଲ ହସ୍ତାନ୍ତର କରିଥିଲେ। ବିଗତ ଦିନରେ ଜିଲ୍ଲାର ବିଭିନ୍ନ ଥାନା ଅଞ୍ଚଳରେ ମୋବାଇଲ ଚୋରି ମାମଲାର ଲିଷ୍ଟ ପ୍ରସ୍ତୁତ କରିବା ସହ ସମସ୍ତ ମୋବାଇଲ ଗୁଡିକୁ ଉଦ୍ଧାର କରିବା ପାଇଁ ଏସ୍‌ପି ରାଘବେନ୍ଦ୍ର ବରିଷ୍ଠ ପୁଲିସ୍ ଅଧିକାରୀଙ୍କୁ ନିର୍ଦ୍ଦେଶ ଦେଇଥିଲେ। ଏସ୍‌ପିଙ୍କ ନିର୍ଦ୍ଦେଶ ପରେ ଏକ ସ୍ୱତନ୍ତ୍ର ଟିମ୍ ଗଠନ କରି ବିଭିନ୍ନ ସ୍ଥାନରୁ ୧୦୨ଟି ମୋବାଇଲ ଉଦ୍ଧାର ହୋଇଥିଲା। ଉଦ୍ଧାର ମୋବାଇଲ ଗୁଡିକୁ ଆଜି ମୋବାଇଲ ମାଲିକଙ୍କୁ ହସ୍ତାନ୍ତର କରାଯାଇଛି। ଆଗାମୀ ଦିନରେ କାହାରି ମୋବାଇଲ ଚୋରି ଅବା ହଜିଗଲେ ସାଇବର କ୍ରାଇମ୍ ପୋର୍ଟାଲ ଅବା ଜିଲ୍ଲା ସାଇବର ସେଲଙ୍କୁ ଯୋଗାଯୋଗ କରିବାକୁ ଏସ୍‌ପି ରାଘବେନ୍ଦ୍ର ପରାମର୍ଶ ଦେଇଛନ୍ତି। ଏହି କାର୍ଯ୍ୟକ୍ରମରେ ଅତିରିକ୍ତ ଏସ୍‌ପି ମଧୁସିକ୍ତା ମିଶ୍ର, ଏସଡିପିଓ ଉମା ଶଙ୍କର ସିଂ, ବ୍ରଜରାଜନଗର ଏସଡିପିଓ ଚିନ୍ତାମଣି ପ୍ରଧାନଙ୍କ ସହ ବିଭିନ୍ନ ଥାନାର ଥାନାଧିକାରୀ ଓ ବହୁ ପୁଲିସ୍ ଅଧିକାରୀ ଉପସ୍ଥିତ ଥିଲେ।

# ବରିକେଲ ଉଚ୍ଚ ବିଦ୍ୟାଳୟ ପୁରାତନ ବ୍ୟାଚ୍‌ର ବନ୍ଧୁମିଳନ

ପଦ୍ମପୁର,୪।୨(ସମିସ): ପଦ୍ମପୁର ଉପଖଣ୍ଡ ଶୈବ ପୀଠ ଦେବଦର୍ହା ପରିସରରେ ବୁଧବାର ୧୯୯୩ର ବରିକେଲ ଉଚ୍ଚ ବିଦ୍ୟାଳୟର ଦଶମ ଶ୍ରେଣୀର ପୂର୍ବତନ ଛାତ୍ରଛାତ୍ରୀଙ୍କର ବନ୍ଧୁମିଳନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଛି। ପୂର୍ବତନ ଛାତ୍ରଛାତ୍ରୀ ନିଜ ନିଜ ପରିବାର ସଦସ୍ୟଙ୍କ ସହ ଉପସ୍ଥିତ ହେବା ସହ ଦୀର୍ଘ ୩୩ ବର୍ଷ ପରେ ବିଦ୍ୟାଳୟର ସ୍ମୃତିଚାରଣ କରିଥିଲେ। ଗୁରୁଜନଙ୍କ ମଧ୍ୟରୁ ପୂର୍ବତନ ପ୍ରଧାନଶିକ୍ଷକ ପରକ୍ଷିତ ବେହେରା, ସହକାରୀ ଶିକ୍ଷକ ହେମଶାଗର ସାହୁ, ଗୋପାଳଜୀ ପାଣିଗ୍ରାହୀ, ସଂସ୍କୃତ ଶିକ୍ଷୟିତ୍ରୀ ଭାରତୀ ସାମନ୍ତରାୟ, ଚତୁର୍ଥ ଶ୍ରେଣୀ କର୍ମଚାରୀ ନିର୍ମଳ ବାଙ୍କ ଓ ଦିଲୀପ ସାହୁ ଏବଂ ଅତିଥି ଖେଳ ଶିକ୍ଷକ କ୍ଷୀରୋଦ ସାହୁ ପ୍ରମୁଖ ଯୋଗ ଦେଇଥିଲେ। କାର୍ଯ୍ୟକ୍ରମ ଆରମ୍ଭରେ ସ୍ୱର୍ଗତ ବିଜ୍ଞାନ ଶିକ୍ଷକ ଭାଗବତିଆ ସାହୁ ଓ ଚତୁର୍ଥ କର୍ମଚାରୀ ଗୋପୀ ଭୁଏଁଙ୍କ ଆତ୍ମାର ସଦ୍‌ଗତି ପାଇଁ ଦୁଇ



ମିନିଟ ନୀରବ ପ୍ରାର୍ଥନା କରିଥିଲେ। ଗଙ୍ଗାଧର ଜାଲ, ନବୀନ ମେହେର, ରମେଶ ମେହେର, ତୃପ୍ତି ମହାନ୍ତି, ପ୍ରଶନ୍ନ ମେହେର, କ୍ଷେତ୍ରପାଳ ସାହୁ, ନିରୋଜ କୁମ୍ଭାର, ରାଜୀବ ଲୋଚନ ପାଣ୍ଡେ, ସୁଷମା ମେହେର, ସୁଭାଗିନୀ ବିଶି, ସନ୍ତୋଷିନୀ ଶତପଥୀ, ଦିଲୀପ ସାହୁ, ସୁଭାଷିନୀ ସାହୁ, ବେଦମତି ସାହୁ, ଅକ୍ଷୟ ସାହୁ, ଦ୍ରୌପଦୀ କୁମ୍ଭାର, ଗୁଜରାମ ରଣା, ସବିତା ବେହେରା, ଅଶୋକ ସାହୁ, ସୁଷମା ବଡଗୁଛିଆ, ରେବତୀ ସାହୁ, ରାଜକିଶୋର ସାହୁ, ବାବୁଲାଲ ସାହୁ, ପ୍ରଶାନ୍ତ ବେହେରା, ହସ୍ମିତା ସୁନା, ବନମାଳୀ ସାହୁ, ଧନମତି ମହାନନ୍ଦ, ରୁଦ୍ର ପୁରୋହିତ, ରାଜୁ ସାହୁ, ବୁଦ୍ଧଦେବ ସାହୁ, ସୁରେଶ ସାହୁ ପ୍ରମୁଖ ଉପସ୍ଥିତ ଥିଲେ। ସଭା ପରିଚାଳନା ରମେଶ ମେହେର କରିଥିବା ବେଳେ ଦିଲୀପ ସାହୁ ଧନ୍ୟବାଦ ଅର୍ପଣ କରିଥିଲେ।

# ଗୌଡ଼ମାଲରେ ସାପ୍ତାହିକ ବଜାର ଶୁଭାରମ୍ଭ

ଝାରବନ୍ଧ,୪।୨(ସମିସ): ଝାରବନ୍ଧ ବ୍ଲକ୍ ଅଧୀନ ଗୌଡମାଲ ଗାଁରେ ବୁଧବାର ନୂତନ ସାପ୍ତାହିକ ବଜାରର ଆରମ୍ଭ ହୋଇଛି। ଏନେଇ ସ୍ଥାନୀୟ ଅଞ୍ଚଳର ଲୋକଙ୍କ ମଧ୍ୟରେ ଉତ୍ସାହ



ଦେଖାଦେଇଛି। ଝାରବନ୍ଧ ବିଡିଓ ପର୍ଶୁରାମ ପଣ୍ଡା ବଜାରର ଶୁଭାରମ୍ଭ କରିଥିଲେ। ଗାଁ ଝାଁକରଙ୍କ ଦ୍ୱାରା ମାଁ ସମଲେଇଙ୍କ ପୂଜାର୍ଚ୍ଚନା କରାଯାଇ ଶୁଭସ୍ତମ୍ଭ ସ୍ଥାପନ ସହ ବଜାର କାର୍ଯ୍ୟକ୍ରମ ଆରମ୍ଭ ହୋଇଥିଲା। ପ୍ରଥମ ଦିନରୁ ହିଁ ବଜାରରେ ବ୍ୟବସାୟୀମାନଙ୍କ ଭିଡ଼ ଲାଗିଥିଲା। କୃଷି ଉତ୍ପାଦ, ଘରୋଇ ସାମଗ୍ରୀ ଓ ଦୈନିକ ପ୍ରୟୋଜନୀୟ ଜିନିଷର ବ୍ୟାପକ କ୍ରୟବିକ୍ରୟ ହୋଇଥିଲା। ଏହି ବଜାର ଆରମ୍ଭ ପାଇଁ ପଦ୍ମନ ରଣା, ଧନଞ୍ଜୟ ପ୍ରଧାନ, ସ୍ୱଦେଶ ପ୍ରଧାନ, ନାରାୟଣ ମେହେର, ମଦନ ଜାଲ, କୂଳମଣି ପ୍ରଧାନ ଓ ବସନ୍ତ ବାଗଙ୍କ ସମେତ ଗ୍ରାମବାସୀ ପ୍ରୟାସ କରିଥିଲେ। ସମସ୍ତଙ୍କ ଦୃଢ଼ଇଚ୍ଛା ଶକ୍ତି ବଳରେ ସାପ୍ତାହିକ ବଜାର ଆରମ୍ଭ ହୋଇଥିବ ସୂଚନା ରହିଛି। ଗୌଡମାଲ ସମଲେଶ୍ୱରୀ ମନ୍ଦିର ପାଖରେ ବଜାର ବସିବା ଦ୍ୱାରା ଆଖପାଖ ଗ୍ରାମବାସୀମାନଙ୍କୁ ଏବେ ଦୂରକୁ ଯିବାର ଆବଶ୍ୟକ ହେବନାହିଁ। ଏହି ବଜାର ଗ୍ରାମୀଣ ଜୀବନଜୀବିକାରେ ଉନ୍ନତି ଆଣିବା ସହ ସ୍ଥାନୀୟ ଅର୍ଥନୀତିକୁ ଶକ୍ତିଶାଳୀ କରିବ ବୋଲି ମତ ପ୍ରକାଶ ପାଉଛି।

## ବ୍ରହ୍ମା କୁମାରୀ ଈଶ୍ୱରୀୟଙ୍କୁ ସ୍ୱାଗତ ସମ୍ବର୍ଦ୍ଧନା



ପାଇକମାଲ,୪।୨(ସମିସ): ପାଇକମାଲ ବ୍ଲକ୍ ମାଣ୍ଡୋସିଲରେ ଗୀତା ପାଠଶାଳ ମାଉସୀ ମନ୍ଦିରରେ ସମସ୍ତ ବ୍ରହ୍ମା କୁମାରୀ ଈଶ୍ୱରୀୟ ପରିବାରର ଭାଇଭଉଣୀମାନେ ତଥା ବଲାଙ୍ଗିରରୁ ବ୍ରହ୍ମ ସୂରୁ ଭାଇ, ସୁଧାକର ଭାଇଙ୍କ ସହାୟତାରେ ପାଇକମାଳ ସଞ୍ଚାଳିକା ବ୍ରହ୍ମା କୁମାରୀ ଝୁନା ଭଉଣୀ ଓ ସନ୍ଧ୍ୟା ଭଉଣୀଙ୍କୁ ପୁଷ୍ପଗୁଚ୍ଛ ସହ ଉପଢୌକନ ଦେଇ ସ୍ୱାଗତ କରିଛନ୍ତି।

## ୨୦ରେ ଜଡା ଗାଁରେ ଧବଳେଶ୍ୱରଙ୍କ ମନ୍ଦିର ପ୍ରତିଷ୍ଠା

ବରଗଡ଼,୪।୨(ସମିସ): ଭଟଲି ବ୍ଲକ୍ ଜଡାଗାଁରେ ବାବା ଧବଳେଶ୍ୱରଙ୍କ ମନ୍ଦିର ପ୍ରତିଷ୍ଠା କାର୍ଯ୍ୟକ୍ରମ ଆସନ୍ତା ୨୦ରୁ ୨୪ ତାରିଖ ପର୍ଯ୍ୟନ୍ତ ବୈଦିକ ରୀତିରେ ପୂଜାର୍ଚ୍ଚନା ସହ ଅନୁଷ୍ଠିତ ହେବ। ଆଜି ମନ୍ଦିର ପ୍ରତିଷ୍ଠା ପାଇଁ କର୍ତ୍ତାଭାବେ ଜଡା ଗାଁର ଗୌନ୍ତିୟା ପ୍ରଶାନ୍ତ ଆଚାର୍ଯ୍ୟଙ୍କୁ ବରଣ କରାଯାଇଛି। ବାବା ଧବଳେଶ୍ୱର ମନ୍ଦିର ପ୍ରତିଷ୍ଠାରେ ପ୍ରଧାନ ଆଚାର୍ଯ୍ୟ ଭାବେ ପଣ୍ଡିତ ବୈଷ୍ଣବ ଷଡଙ୍ଗୀଙ୍କୁ ନିମନ୍ତ୍ରଣ କରାଯାଇଛି। ଚଣ୍ଡିପ୍ରସାଦ ଷଡଙ୍ଗୀ, ହିମାଂଶୁ ଆଚାର୍ଯ୍ୟ, ପ୍ରଶାନ୍ତ ମହାପାତ୍ର, ଶେଷଦେବ ଷଡଙ୍ଗୀ, ପଦ୍ମଲୋଚନ ନନ୍ଦ, ବିଶ୍ୱନାଥ ଆଚାର୍ଯ୍ୟ, ଆଲୋକ ନନ୍ଦଙ୍କୁ ସହଯୋଗୀ ପଣ୍ଡିତ ଭାବେ ନିମନ୍ତ୍ରଣ ଦିଆଯାଇଛି। ଶୁଭସ୍ତମ୍ଭ ରୋପଣ କର୍ମ ପୂଜାର୍ଚ୍ଚନା ସହ ଅନୁଷ୍ଠିତ ହୋଇଯାଇଛି।

## ଅର୍ଡା ଆଶ୍ରମ ବିଦ୍ୟାଳୟର ବାର୍ଷିକ ଉତ୍ସବ

ଝାରସୁଗୁଡ଼ା,୪।୨(ସମିସ): ଝାରସୁଗୁଡ଼ା ଜିଲ୍ଲା କିର୍ମିରା ବ୍ଲକ୍ ଅର୍ଡା ଆଶ୍ରମ ସ୍କୁଲରେ ବାର୍ଷିକ ଉତ୍ସବ ମହାସମାରୋହରେ ପାଳିତ ହୋଇଯାଇଛି। ବିଦ୍ୟାଳୟ ପ୍ରଧାନଶିକ୍ଷକ ପ୍ରଦିପ ପଧାନଙ୍କ ସଭାପତିତ୍ୱରେ ଆୟୋଜିତ ଉତ୍ସବରେ ମୁଖ୍ୟ ଅତିଥି ଭାବେ ଜିଲ୍ଲା ମଙ୍ଗଳ ଅଧିକାରିଣୀ ଜୟଶ୍ରୀ, ମୁଖ୍ୟବକ୍ତା ଭାବେ ସମ୍ବଲପୁର ବିଶ୍ୱ ବିଦ୍ୟାଳୟ ପ୍ରଫେସର ଡ.ଯୁବରାଜ ଖମାରୀ, ସମ୍ମାନିତ ଅତିଥି ଭାବେ କିର୍ମିରା ଏକଲବ୍ୟ ସ୍କୁଲ ଅଧକ୍ଷ ଅରବିନ୍ଦ ସିଂହ, କିର୍ମିରା ବିଇଓ ଜୟନାରାୟଣ ପଣ୍ଡା, ଲଇକେରା ବିଇଓ ହିମାଂଶୁ ବାଗ, ବ୍ଲକ୍ ମଙ୍ଗଳ ଅଧିକାରିଣୀ ସଞ୍ଜିତା ମହାନ୍ତ, ଏସଏମସି ସଭାପତି ବିଭୀଷଣ ବାଗ ପ୍ରମୁଖ କାର୍ଯ୍ୟକ୍ରମକୁ ଉଦ୍‌ଘାଟନ କରିଥିଲେ। ପ୍ରଧାନଶିକ୍ଷକ ବାର୍ଷିକ ବିବରଣୀ ଉପସ୍ଥାପନ କରିଥିଲେ। ଅତିଥି ମାନେ କୃତୀ ଛାତ୍ରଛାତ୍ରୀଙ୍କୁ ପୁରସ୍କାର ପ୍ରଦାନ କରିଥିଲେ। ବଞ୍ଜାରୀ ଆଶ୍ରମ ସ୍କୁଲ ପ୍ରଧାନଶିକ୍ଷକ କୁମୋଦ ଚନ୍ଦ୍ର ପ୍ରଧାନ, ସୋଡ଼ାମାଲ ପ୍ରଧାନଶିକ୍ଷକ ସୁଦର୍ଶନ ସରାଫ୍, ଅବସରପ୍ରାପ୍ତ ଶିକ୍ଷକ ଲକ୍ଷ୍ମୀନାରାୟଣ ସିଂହ ଅତିଥି ଭାବେ ମଞ୍ଚାସୀନ ଥିଲେ। ଛାତ୍ରଛାତ୍ରୀଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ ହୋଇଥିଲା। ଶିକ୍ଷୟିତ୍ରୀ ଦମୟନ୍ତୀ ଗୁରୁ ମଞ୍ଚ ପରିଚାଳନା କରିଥିଲେ। ଶିକ୍ଷକ ସଞ୍ଜୀବ ତ୍ରିପାଠୀ, ପୁରୁଷୋତ୍ତମ ନାୟକ, ଚନ୍ଦ୍ରଶେଖର ଭଏଁଷା, ନିର୍ମଳ ସାହୁ, ସୁଭାଷ ଦାଶ, ବସନ୍ତ ବିଶ୍ୱାଳ, ଶିକ୍ଷୟିତ୍ରୀ ତୁଳସା ମହାନନ୍ଦ, ଉଷାରାଣୀ ବେହେରା, କଲ୍ୟାଣୀ ମିଶ୍ର, ଟଙ୍କଧର ମଲ୍ଲିକ, ସୁଶାନ୍ତ ଝାଙ୍କର ପ୍ରମୁଖ ସହଯୋଗ କରିଥିଲେ। ଶିକ୍ଷୟିତ୍ରୀ ସ୍ୱର୍ଣ୍ଣପ୍ରଭା ଭୂୟାଁ ଧନ୍ୟବାଦ ଜ୍ଞାପନ କରିଥିଲେ।

## ଭରତ ଦାସଙ୍କ ପରଲୋକ

ଅତାବିରା,୪।୨(ସମିସ): ଅତାବିରାର ବିଶିଷ୍ଟ ବ୍ୟବସାୟୀ କଂସାରୀ ସମାଜର ଅନ୍ୟତମ ମୁଖ୍ୟ ଭରତ ଦାସ(୭୫)ଙ୍କ ବୁଧବାର ପରଲୋକ ଘଟିଛି।



ସେ ଫୁସଫୁସ୍ କର୍କଟ ରୋଗରେ ଆକ୍ରାନ୍ତ ହୋଇ ରାୟପୁରର ଏକ ଘରୋଇ ହସ୍ପିଟାଲରେ ଚିକିତ୍ସିତ ହେଉଥିଲେ। ଅତାବିରା ସ୍ଥିତ ନିଜ ବାସଭବନରେ ତାଙ୍କର ଅବସ୍ଥା ଗୁରୁତର ହେବାରୁ ଗତକାଲି ବରଗଡ଼ର ଏକ ଘରୋଇ ହସ୍ପିଟାଲକୁ ନିଆଯାଇଥିଲା। ଆଜି ସକାଳେ ତାଙ୍କ ଦେହାନ୍ତ ହୋଇଥିଲା। ଅନ୍ତିମ ସଂସ୍କାର ପାଇଁ ତାଙ୍କ ପ୍ରାର୍ଥୀବ ଶବକୁ ପୁରୀ ସ୍ୱର୍ଗଦ୍ୱାରକୁ ନିଆଯାଇଛି। ତାଙ୍କ ମୃତ୍ୟୁ ଖବର ପ୍ରଚାରିତ ପରେ ଅତାବିରା ଦୁର୍ଗା ମନ୍ଦିର କମିଟିର କର୍ମକର୍ତ୍ତା, ଅତାବିରାର ମାନ୍ୟଗଣ୍ୟ ବ୍ୟକ୍ତିମାନେ ତାଙ୍କ ଘରକୁ ଯାଇ ଅନ୍ତିମ ଦର୍ଶନ କରିଥିଲେ। ବଡ଼ପୁତ୍ର ଡ.ତ୍ରିବିକ୍ରମ ମୁଖାଗ୍ନି ଦେଇଥିଲେ।

## ଖଗେଶ୍ୱର ସାହିତ୍ୟ କଳା ପରିଷଦର ବଛରକିଆ ଉଛବର ପ୍ରସ୍ତୁତି



ବିଜେପୁର,୪।୨(ସମିସ): ବରଗଡ଼ ଜିଲ୍ଲାର ଅଗ୍ରଣୀ ଅନୁଷ୍ଠାନ ଖଗେଶ୍ୱର ସାହିତ୍ୟ କଳା ପରିଷଦର ବଛରକିଆ ଉଛବ ପାଇଁ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। ସଭାପତି ମୋହନ ସିଂ କହ୍ନେଇଙ୍କ ଅଧ୍ୟକ୍ଷତାରେ ପ୍ରାଧ୍ୟାପକ ଡକ୍ଟର ପ୍ରଦୀପ ପ୍ରଧାନ, ସାବିତ୍ରୀ ମେହେର, କିଶୋର ଗଡତୀୟା, ଦେବେନ୍ଦ୍ର ମଟାରୀ, ବିଜୟ ବେଶ୍ରା, ବୁଲୁ ପ୍ରଧାନ, ଯୁଗେଶ୍ୱର ତାଣ୍ଡି, ପୂର୍ଣ୍ଣ ଚନ୍ଦ୍ର ମେହେର, ମନୋଜ ପାଣ୍ଡେ, ହେମରେଣୁ ମେହେର ପ୍ରମୁଖ ଆଲୋଚନାରେ ସାମିଲ ହୋଇଥିଲେ। ସମ୍ପାଦକ ରାଜେଶ୍ୱର ବେହେରା ବୈଠକରେ ଉଦ୍ଦେଶ୍ୟ ଜ୍ଞାପନ କରିଥିଲେ। ଫେବୃଆରୀ ୧୮ରେ ପରିଷଦର ବଛରକିଆ ଉଛବ ଅବସରରେ ବିଶିଷ୍ଟ କଳାକାର ତୁଳସୀ ପ୍ରସାଦ ଗଡତୀୟାଙ୍କର ଜୟନ୍ତୀ ଓ ସାହିତ୍ୟାପ୍ରାଣ କବି ଖଗେଶ୍ୱର ଶେଠଙ୍କର ପୁଣ୍ୟ ତିଥି ପାଳନ କରାଯିବାକୁ ନିଷ୍ପତ୍ତି ହୋଇଛି। ପ୍ରଥମ ପର୍ଯ୍ୟାୟରେ ବିଶିଷ୍ଟ ଚିତ୍ରଶିଳ୍ପୀ ତୁଳସୀ ପ୍ରସାଦ ଗଡତୀୟା ବ୍ଲକସ୍ତରୀୟ ଚିତ୍ରାଙ୍କନ ପ୍ରତିଯୋଗିତାରେ ଚତୁର୍ଥରୁ ନବମ ଶ୍ରେଣୀର ଶିକ୍ଷାର୍ଥୀ ଅଂଶଗ୍ରହଣ କରିବେ। ଏହାପରେ ଉଭୟ ପ୍ରତିଭାଙ୍କ ଜୟନ୍ତୀ ଓ ପୁଣ୍ୟ ତିଥି ପାଳନ, ସମ୍ବଲପୁରୀ କବିତା ଆସର, ନୃତ୍ୟ ମହୋଛବ, ସଙ୍ଗୀତ ସମାରୋହ, ସମ୍ବଲପୁରୀ ଲୋକନୃତ୍ୟ, ନାଟକ ଆଦି ପରିବେଷଣ ହେବ ବୋଲି ସୂଚନା ମିଳିଛି। ସହ ସମ୍ପାଦକ ମକରଧ୍ୱଜ ସାହୁ ଧନ୍ୟବାଦ ଅର୍ପଣ କରିଥିଲେ।

## ବୁର୍ଦା ହାଇସ୍କୁଲ ପ୍ରଧାନଶିକ୍ଷକ ନିଲମ୍ବିତ

**● ବରପାଲି ବିଇଓ ଅଫିସରେ ଯୋଗ ଦେବାକୁ ନିର୍ଦ୍ଦେଶ**

ଭେଡେନ,୪।୨(ସମିସ): ଭେଡେନ ବ୍ଲକ୍ ଅଧୀନ ବୁର୍ଦା ହାଇସ୍କୁଲର ବହୁ ଚର୍ଚ୍ଚିତ ପକ୍ସୋ ଆକ୍ଟ ମାମଲାରେ ଗିରଫ ଅଭିଯୁକ୍ତ ପ୍ରଧାନଶିକ୍ଷକ ରମେଶ ଚନ୍ଦ୍ର ମେହେରଙ୍କୁ ସ୍କୁଲରୁ ନିଲମ୍ବନ କରାଯାଇଛି। ବରପାଲି ବ୍ଲକ୍ ଶିକ୍ଷାଧିକାରୀଙ୍କ କାର୍ଯ୍ୟାଳୟରେ ଯୋଗ ଦେବାକୁ ଜିଲ୍ଲା ଶିକ୍ଷାଧିକାରୀ ନିର୍ଦ୍ଦେଶ ଦେଇଛନ୍ତି। ଜିଲ୍ଲା ଶିକ୍ଷାଧିକାରୀଙ୍କ ବିନା ଅନୁମତିରେ ହେଡକ୍ୱାର୍ଟର ନ ଛାଡ଼ିବାକୁ ନିର୍ଦ୍ଦେଶ ଦେଇଛନ୍ତି। ପ୍ରକାଶ ଯେ, ହାଇସ୍କୁଲର ପ୍ରଧାନଶିକ୍ଷକ ରମେଶଚନ୍ଦ୍ର ମେହେର ଏକ ଛାତ୍ରୀଙ୍କୁ ଫୋନ ମାଧ୍ୟମରେ ଅଶ୍ଳୀଳ ଇଙ୍ଗିତ କରିଥିବା ଛାତ୍ରୀ ଜଣକ ଥାନାରେ ଅଭିଯୋଗ କରିଥିଲେ। ଏ ନେଇ ଭେଡେନ ଥାନାରେ ଅଭିଯୋଗ ହେବା ପରେ ଏକ ମାମଲା ହୋଇ ତାଙ୍କୁ ପକ୍ସୋ ଆଇନ ଅନୁଯାୟୀ ପୁଲିସ ଗିରଫ କରି କୋର୍ଟ ଚାଲାଣ କରିଥିଲା। ଜେଲରୁ ଫେରିଲା ପରେ ପରେ ସ୍କୁଲ ପରିଚାଳନା କମିଟିର ଗତ ୩୦ ଜାନୁଆରୀରେ ଏକ ବୈଠକ ହୋଇ ସମ୍ପୃକ୍ତ ପ୍ରଧାନଶିକ୍ଷକଙ୍କ ବିରୋଧରେ ବିହିତ ପଦକ୍ଷେପ, ଶୃଙ୍ଖଳାଗତ କାର୍ଯ୍ୟାନୁଷ୍ଠାନ ନେବାକୁ ପ୍ରସ୍ତାବ ନେଇଥିଲେ। କମିଟିର ପ୍ରସ୍ତାବ, ବର୍ତ୍ତମାନର ପ୍ରଧାନଶିକ୍ଷକଙ୍କ ପତ୍ର ସଂଖ୍ୟା-୦୪/ ତା.୩୦.୧.୨୦୨୬ ଭିତ୍ତିରେ ଜିଲ୍ଲା ଶିକ୍ଷାଧିକାରୀ ଏହି ନିର୍ଦ୍ଦେଶନାମା ଦେଇଛନ୍ତି।

## ଅଲ୍‌ଟ୍ରାଟେକ୍ ସିମେଣ୍ଟ ପକ୍ଷରୁ ସଡ଼କ ସୁରକ୍ଷା ମାସ ଉଦ୍‌ଯାପିତ

ଝାରସୁଗୁଡ଼ା,୪।୨(ସମିସ): ଝାରସୁଗୁଡ଼ା ଜିଲ୍ଲା କିର୍ମିରା ବ୍ଲକ୍ ଅର୍ଡା ପଞ୍ଚାୟତ ଧୁତରା ନିକଟସ୍ଥ ଅଲ୍‌ଟ୍ରାଟେକ୍ ସିମେଣ୍ଟ କାରଖାନା ଝାରସୁଗୁଡ଼ା ୟୁନିଟରେ ୩୭ତମ ସଡକ ସୁରକ୍ଷା ମାସ ପାଳନ ଉପଲକ୍ଷେ ଆୟୋଜିତ ବିଭିନ୍ନ କାର୍ଯ୍ୟକ୍ରମ ସଫଳତାର ସହ ସମାପ୍ତ ହୋଇଛି। ଉଦ୍‌ଯାପନୀ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ତପନ ବିଶ୍ୱାଳ, ଅତିରିକ୍ତ ଆଞ୍ଚଳିକ ପରିବହନ ଅଧିକାରୀ ସଡକ ସୁରକ୍ଷା ଓ ଚାଳକଙ୍କ ସଚେତନତା ଉପରେ ଆଲୋକପାତ କରିଥିଲେ। କାର୍ଯ୍ୟକ୍ରମରେ ଅଲ୍‌ଟ୍ରାଟେକ୍ ସିମେଣ୍ଟ କାରଖାନା ଝାରସୁଗୁଡ଼ା ୟୁନିଟର ହେଡ ପୁରୁଷୋତ୍ତମ ୱେମୁରୀ ସଡକ ସୁରକ୍ଷାକୁ ସଂସ୍ଥାର ମୂଳ ମୂଲ୍ୟବୋଧର ଏକ ଅଂଶ ବୋଲି କହିଥିଲେ। ଅନ୍ୟାନ୍ୟ ସମ୍ମାନିତ ଅତିଥିମାନଙ୍କ ମଧ୍ୟରେ ଶ୍ରୀ ବାରିକ ସହକାରୀ ଉପ ନିରୀକ୍ଷକ (ଏଏସ୍‌ଆଇ) ବାଗଡିହି ପୁଲିସ ଥାନା ଏବଂ ଆର୍‌ଟିଓ କାର୍ଯ୍ୟାଳୟର ଶ୍ରୀ ଲେଙ୍କା ସଡକ ସୁରକ୍ଷା ଉପରେ ମତାମତ ରଖିଥିଲେ। ସଡକ ସୁରକ୍ଷା ମାସ ଅବଧିରେ ଅଲ୍‌ଟ୍ରାଟେକ୍ ସିମେଣ୍ଟ ଦ୍ୱାରା ବିଭିନ୍ନ ସଚେତନତା ମୂଳକ କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା। ବିଦ୍ୟାଳୟ ଛାତ୍ରଛାତ୍ରୀଙ୍କ ପାଇଁ ଚିତ୍ରାଙ୍କନ ପ୍ରତିଯୋଗିତା, କର୍ମଚାରୀମାନଙ୍କ ଦ୍ୱାରା ସଚେତନତା ରାଲି, ଟ୍ରକ୍ ଚାଳକମାନଙ୍କ ପାଇଁ ସଡକ ସୁରକ୍ଷା ଶିବିର ଓ ଅନ୍ୟାନ୍ୟ ଜାଗୃକତା କାର୍ଯ୍ୟକ୍ରମ ସମ୍ମିଳିତ ଥିଲା। ମୁଖ୍ୟ ସୁରକ୍ଷା ଅଧିକାରୀ ଦେବାନନ୍ଦ ବିଶ୍ୱାଳ, ସେଫ୍ଟି ଅଫିସର ଘନଶ୍ୟାମ ପାଣ୍ଡା ଏବଂ ଲଜିଷ୍ଟିକ୍ସ ଅଫିସର ରାକେଶ ସାହୁ କାର୍ଯ୍ୟକ୍ରମ ସଞ୍ଚାଳନ କରିଥିଲେ।

# ଜାତୀୟ ଜନଗଣନା ପାଇଁ ସମୀକ୍ଷା ଓ ପ୍ରଶିକ୍ଷଣ ଶିବିର

**ଡିଜିଟାଲ ଜନଗଣନା ପାଇଁ ଜିଲ୍ଲା ପ୍ରଶାସନର ପ୍ରସ୍ତୁତି** | **ଏପ୍ରିଲ ୧୬ରୁ ଗୃହ ତାଲିକାକରଣ**

ଝାରସୁଗୁଡ଼ା,୪।୨(ସମିସ)

ଜିଲ୍ଲାରେ ଆଗାମୀ 'ଜନଗଣନା-୨୦୨୭'କୁ ସୂଚାରୁ ରୂପେ ପରିଚାଳନା କରିବା ନିମନ୍ତେ ବୁଧବାର ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ସ୍ଥିତ ଜିଲ୍ଲା ଖଣିଜ ପାଣ୍ଠି ସମ୍ମିଳନୀ କକ୍ଷରେ ଜିଲ୍ଲାସ୍ତରୀୟ ସମୀକ୍ଷା ବୈଠକ ଓ ପ୍ରଶିକ୍ଷଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଜିଲ୍ଲାପାଳ ତଥା ମୁଖ୍ୟ ଜନଗଣନା ଅଧିକାରୀ କୁଣାଲ ମୋତିରାମ ଚହ୍ୱାଣ ଏଥିରେ ଅଧକ୍ଷତା କରିଥିଲେ। ଜନଗଣନା କାର୍ଯ୍ୟକୁ ସଠିକ୍ ସମୟରେ ଓ ନିର୍ଭୁଲ ଭାବେ ସମ୍ପାଦନ କରିବାକୁ ଜିଲ୍ଲାପାଳ ସମସ୍ତ ଅଧିକାରୀଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ଆସନ୍ତା ଏପ୍ରିଲ ୧୬ ରୁ ମଇ ୧୫ ପର୍ଯ୍ୟନ୍ତ ଜନଗଣନାର ପ୍ରଥମ ପର୍ଯ୍ୟାୟରେ 'ଗୃହ ତାଲିକାକରଣ ଓ ଗୃହ ଗଣନା' କାର୍ଯ୍ୟକ୍ରମ ହେବ। ସାଧାରଣ ଜନତାଙ୍କ ସୁବିଧା ପାଇଁ ଏପ୍ରିଲ ୧ ରୁ ୧୫ ପର୍ଯ୍ୟନ୍ତ ନିଜସ୍ୱ ଗଣନା ବ୍ୟବସ୍ଥା ଉପଲବ୍ଧ ହେବ। ଯେଉଁଠାରେ ନାଗରିକମାନେ ନିଜେ ନିଜର ତଥ୍ୟ ପ୍ରଦାନ



କରିପାରିବେ। ଏହା ଦେଶର ପ୍ରଥମ 'ଡିଜିଟାଲ ଜନଗଣନା' ହୋଇଥିବାରୁ ଏଥିରେ ବୈଷୟିକ ଜ୍ଞାନକୌଶଳର ବ୍ୟବହାର ଉପରେ ସର୍ବାଧିକ ଗୁରୁତ୍ୱ ଦିଆଯାଇଛି। ବୈଠକରେ ଜିଲ୍ଲାର ସମସ୍ତ ତହସିଲଦାର ଓ ପୌର ନିର୍ବାହୀ ଅଧିକାରୀ (ଚାର୍ଜ ଜନଗଣନା ଅଧିକାରୀ) ଏବଂ ଅତିରିକ୍ତ ତହସିଲଦାରମାନଙ୍କୁ (ଅତିରିକ୍ତ ଚାର୍ଜ ଜନଗଣନା ଅଧିକାରୀ) ମୋବାଇଲ ଆପ୍ ବ୍ୟବହାର ଓ 'ଜନଗଣନା ପରିଚାଳନା ଓ ନିରୀକ୍ଷଣ ପୋର୍ଟାଲ' (ସିଏମ୍ଏମ୍ଏସ୍) ସମ୍ପର୍କରେ ବିଧିବଦ୍ଧ ପ୍ରଶିକ୍ଷଣ ପ୍ରଦାନ କରାଯାଇଛି। ଏହି କାର୍ଯ୍ୟକ୍ରମରେ ଅତିରିକ୍ତ ଜିଲ୍ଲାପାଳ (ସାଧାରଣ) ତଥା ଜିଲ୍ଲା ଜନଗଣନା ଅଧିକାରୀ ବ୍ରଜବନ୍ଧୁ ଭୋଇ, ଉପଜିଲ୍ଲାପାଳ ସବ୍ୟସାଚୀ ପଣ୍ଡା ଏବଂ ଡେପୁଟି କଲେକ୍ଟର (ଜନଗଣନା) ଲୋପାମୁଦ୍ରା କାଲୋ ପ୍ରମୁଖ ଉପସ୍ଥିତ ଥିଲେ।

ଅନ୍ୟମାନଙ୍କ ମଧ୍ୟରେ ଉପନିର୍ଦ୍ଦେଶକ (ଯୋଜନା ଓ ସଂଖ୍ୟାୟନ) ଦେବେନ୍ଦ୍ର ମଲ୍ଲିକ, ତାରିଣୀ ବେହେରା ଓ ଅତିରିକ୍ତ ଜିଲ୍ଲା ଶିକ୍ଷା ଅଧିକାରୀ ପ୍ରମୁଖ ଯୋଗ ଦେଇଥିଲେ। ଓଡ଼ିଶା ଜନଗଣନା କାର୍ଯ୍ୟ ନିର୍ଦ୍ଦେଶାଳୟର ସହକାରୀ ନିର୍ଦ୍ଦେଶକ ଉମାକାନ୍ତ ସାହୁ ଏବଂ ଜିଲ୍ଲା ଦାୟିତ୍ୱରେ ଥିବା ଅଧିକାରୀ ରବିରଞ୍ଜନ ପ୍ରଶିକ୍ଷାର୍ଥୀମାନଙ୍କୁ ତଥ୍ୟ ସଂଗ୍ରହର ବୈଷୟିକ ଦିଗ ଉପରେ ତାଲିମ ଦେଇଥିଲେ।

# ଯୁବକଙ୍କୁ ଛୁରାମାଡ଼

**ସିନାପାଲି, ୪।୨(ସମିସ):** ନୂଆପଡ଼ା ଜିଲ୍ଲା ସିନାପାଲି ଥାନା କାପସି ଗ୍ରାମର ଜଣେ ଯୁବକଙ୍କୁ ଛୁରା ମାଡ ହୋଇଥିବା ସିନାପାଲି ଥାନାରେ ଅଭିଯୋଗ ହୋଇଛି। ଛୁରାମାଡ ପରେ ଯୁବକ



ଜଣକ ଗୁରୁତର ହୋଇ ପଡ଼ିଛନ୍ତି। ଗୁରୁତର ଯୁବକ କାପସି ଗ୍ରାମର ଶମ୍ଭୁ ପ୍ରସାଦ ମାଝି। ଅଭିଯୋଗ ଅନୁସାରେ ଗତ ୨୯ତାରିଖ ଶମ୍ଭୁ ଓ ଆଲୋକ ଦାସ ମଧ୍ୟରେ ଏକ ବାଇକ୍ କିଣାବିକା କାଗଜପତ୍ର ନେଇ କଥା କଟାକଟି ହୋଇଥିଲା। ସେଠୁ ଆଲୋକ ଏକ ଛୁରିରେ ଶମ୍ଭୁଙ୍କୁ ଆକ୍ରମଣ କରି ଲହୁଲୁହାଣ କରିଥିଲା। ରକ୍ତାକ୍ତ ଅବସ୍ଥାରେ ଶମ୍ଭୁ ନିଜ ବଡଭାଇ ଦୁର୍ଯ୍ୟୋଧନ ମାଝିଙ୍କୁ ଫୋନକରି ଘଟଣା ବାବଦରେ କହିଥିଲା। ଦୁର୍ଯ୍ୟୋଧନ ପହଞ୍ଚି ଭାଇର ରକ୍ତାକ୍ତ ଅବସ୍ଥା ଦେଖି ତୁରନ୍ତ ଚିକିତ୍ସା ପାଇଁ ସିନାପାଲି ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ର ନେଇଥିଲେ। ହେଲେ ତାଙ୍କ ଦେହ ଅଧିକ ସଙ୍କଟାପନ୍ନ ଥିବାରୁ ଭବାନିପାଟଣା ଚିକିତ୍ସା କେନ୍ଦ୍ରକୁ ସ୍ଥାନାନ୍ତର କରାଗଲା। ଏବେ ତାଙ୍କ ସ୍ୱାସ୍ଥ୍ୟ ଅବସ୍ଥା ଠିକ୍ ଥିବା ପରିବାର ପକ୍ଷରୁ ଜଣାପଡ଼ିଛି। ଏହି ଘଟଣା ନେଇ ବଡ଼ଭାଇ ଦୁର୍ଯ୍ୟୋଧନ ମାଝି ସିନାପାଲି ଥାନାରେ ଅଭିଯୋଗ କରିଥିବା ସୂଚନା ମିଳିଛି। ଏନେଇ ସିନାପାଲି ଥାନାରେ ମାମଲା ରୁଜୁ ହୋଇଛି। କିନ୍ତୁ ଏପର୍ଯ୍ୟନ୍ତ ଅଭିଯୁକ୍ତଙ୍କ ଉପରେ କୌଣସି ପ୍ରକାର ଆଖିଦିଶିଆ ପଦକ୍ଷେପ ପ୍ରଶାସନ ପକ୍ଷରୁ ନେଇନଥିବା ଯୋଗୁଁ ଅଭିଯୋଗକାରୀଙ୍କ ପରିବାର ଅସନ୍ତୁଷ୍ଟ ପ୍ରକାଶ କରୁଛନ୍ତି।

# ସୁନାବେଡା ଅଭୟାରଣ୍ୟରେ ହାତୀ ଆତଙ୍କ
# ୮ ପରିବାରର ଘର ଭାଙ୍ଗିଦେଲେ





**କୋମନା, ୪।୨(ସମିସ)**

ସୁନାବେଡା ବନ୍ୟପ୍ରାଣୀ ଅଭୟାରଣ୍ୟ ଅଞ୍ଚଳରେ ହାତୀପଲଙ୍କ ଉପଦ୍ରବ ଦେଖିବାକୁ ମିଳିଥିଲା। ମଙ୍ଗଳବାର ବିଳମ୍ବିତ ରାତିରେ ସୁନାବେଡା ଓ ଗାତିବେଡା ଗ୍ରାମରେ ୨୭ ଟିକିଆ ହାତୀପଲ ପଶି ୮ ଜଣ ଗରିବ ପରିବାରର ବାସଗୃହକୁ ସମ୍ପୂର୍ଣ୍ଣ ଭାବେ ଭାଙ୍ଗି ଚୁରମାର କରିଦେଇଛନ୍ତି। କ୍ଷତିଗ୍ରସ୍ତ ପରିବାର ହେଲେ ମକରମ ପହରିଆ, ଦୁକାଲୁ ପହରିଆ, ପୂରନ ପହରିଆ, ଚଏଟି ପହରିଆ, ମଙ୍ଗଳ ପହରିଆ, ଦୁତିବାଇ ପହରିଆ, ଲଖମଣ ପହରିଆ, ସୁକଟୁ ପହରିଆ ବୋଲି ଜଣାପଡ଼ିଛି।ଏହାଫଳରେ ଅଞ୍ଚଳରେ ଭୟର ବାତାବରଣ ଖେଳିଯାଇଛି। ଛତିଶଗଡ଼ରୁ ଆସିଥିବା ଏହି ହାତୀପଲା ଭଙ୍ଗାରୁଜା କରିବା ପରେ ପୁଣି ଛତିଶଗଡ଼ ଚାଲିଯାଇଥିବା ଜଣାପଡ଼ିଛି। ଖବର ପାଇବା ପରେ ଜିଲ୍ଲାପାଳ ମଧୁସୂଦନ ଦାସଙ୍କ ନିର୍ଦ୍ଦେଶକ୍ରମେ କୋମନା ତହସିଲଦାର ସର୍ବେଶ୍ୱର ଜାଲ, ବିଡ଼ିଓ ପବିତ୍ର ସାମଲ, ରାଜସ୍ୱ ସୁପରଭାଇଜର ଓ ପିଇଓ ଘଟଣାସ୍ଥଳ ପରିଦର୍ଶନ କରିଛନ୍ତି। ସେଠାରେ ସେମାନେ କ୍ଷତିଗ୍ରସ୍ତ ପରିବାରଙ୍କୁ ଭେଟି ସମବେଦନା ଜଣାଇବା ସହ ତୁରନ୍ତ ସହାୟତା ସ୍ୱରୂପ ପଲିଥିନ ଓ ଶୁଖିଲା ଖାଦ୍ୟ ପ୍ରଦାନ କରିଛନ୍ତି।କେବଳ ପ୍ରଶାସନ ନୁହେଁ, ବରଂ ଦାଥୁନାମାସ୍ଥିତ ଉଜଚର କ୍ୟାମ୍ପ ପକ୍ଷରୁ ମଧ୍ୟ ମାନବିକତା ପ୍ରଦର୍ଶନ କରାଯାଇଛି। ପ୍ରଭାବିତ ୮ ଟି ପରିବାରର ପ୍ରାୟ ୩୫ ଜଣ ସଦସ୍ୟଙ୍କୁ କ୍ୟାମ୍ପ ତରଫରୁ ରନ୍ଧା ଖାଦ୍ୟ ଓ ପାନୀୟ ଜଳ ଯୋଗାଇ ଦିଆଯାଇଛି। ଏନେଇ ତହସିଲଦାର ସୂଚନା ଦେଇଛନ୍ତି ଯେ, କ୍ଷୟକ୍ଷତିର ସଠିକ୍ ଆକଳନ କରାଯାଇ ତଦନ୍ତ ରିପୋର୍ଟ ଖୁବଶୀଘ୍ର ଜିଲ୍ଲାପାଳଙ୍କୁ ପ୍ରଦାନ

## ପ୍ରଭାବିତ ପରିବାରର ସଦସ୍ୟଙ୍କୁ ରନ୍ଧାଖାଦ୍ୟ ପ୍ରଦାନ

କରାଯିବ, ଯାହାଫଳରେ ବିପନ୍ନ ପରିବାରଙ୍କୁ ସରକାରୀ ସହାୟତା ମିଳିପାରିବ। ଅପରପଟରେ ସୁନାବେଡା ରେଞ୍ଜରଙ୍କ ସୂଚନା ଅନୁଯାୟୀ, ବନ୍ୟପ୍ରାଣୀ ବିଭାଗ ହାତୀପଲଙ୍କ ଗତିବିଧି ଉପରେ କଡ଼ା ନଜର ରଖିଛି ଏବଂ ଗ୍ରାମବାସୀଙ୍କୁ ସତର୍କ ରହିବାକୁ ପରାମର୍ଶ ଦିଆଯାଇଛି। ଘରଦ୍ୱାର ହରାଇଥିବା ପରିବାରଗୁଡ଼ିକ ଏବେ ଖୋଲା ଆକାଶ ତଳେ ଆଶ୍ରୟ ନେଇଥିବା ବେଳେ, ସରକାରୀ କ୍ଷତିପୂରଣକୁ ଚାହିଁ ରହିଛନ୍ତି।

# ଆମ୍ବଖୋଲା ଗାଁରେ ଭୈରବ ଦେବଙ୍କ ଝାମୁଯାତ୍ରା

**ଥୁଆମୂଳରାମପୁର, ୪।୨(ସମିସ):** କଳାହାଣ୍ଡି ଜିଲ୍ଲା ଥୁଆମୂଳରାମପୁର ବ୍ଲକ ନାକୁରୁଣ୍ଡି ପଞ୍ଚାୟତର ଆମ୍ବଖୋଲା ଗାଁରେ ଆସ୍ଥା, ପରମ୍ପରା ଓ ଭକ୍ତିଭାବର ଅଦ୍ଭୁତ ସମନ୍ୱୟ ସହିତ ଭୈରବ ଦେବଙ୍କ ପବିତ୍ର ଝାମୁଯାତ୍ରା ଉତ୍ସବ ଅନୁଷ୍ଠିତ



ହୋଇଯାଇଛି। ଉତ୍ସବ ଅବସରରେ ମନ୍ଦିରର ପୂଜକ ହାଦାନ ମାଝୀଙ୍କୁ ଭୈରବ ଦେବଙ୍କ କାଳିସୀ ଲାଗି ହେବା, କଣ୍ଟା ଦୋଳିରେ ବସିବା ଓ ନିଆଁରେ ଚାଲିବାର ପାରମ୍ପରିକ ଦୃଶ୍ୟ ଭକ୍ତମାନଙ୍କ ମନର ଗଭୀର ଆସ୍ଥା ଓ ବିଶ୍ୱାସକୁ ଆହୁରି ଦୃଢ଼ କରିଥିଲା। ଅନ୍ୟ ପୁଜାରୀ ନିଳସିଂ ମାଝୀ ଓ ବେତାଙ୍ଗ ମାଝୀଙ୍କୁ ମଧ୍ୟ କାଳିସୀ ହେଲାପରେ ମୁଖ୍ୟ ପୂଜକଙ୍କ ସହିତ ନିଆଁରେ ଚାଲିବା ଦୃଶ୍ୟ ଶ୍ରଦ୍ଧାଳୁଙ୍କ ବିଶ୍ୱାସକୁ ଟାଣିନେଇଥିଲା। ଗାଁର ଭୈରବ ଦେବ ପୂଜା କମିଟି ପକ୍ଷରୁ ବ୍ୟାପକ ବ୍ୟବସ୍ଥା ହୋଇଥିଲା। କମିଟିର ପ୍ରମୁଖ ସଞ୍ଜୀବ ମାଝୀ, ସାନୁ ମାଝୀ, ସୁବାସ ଚନ୍ଦ୍ର ମାଝୀ, ଜୟସିଂ ମାଝୀ, ଧନେଶ୍ୱର ନାଏକଙ୍କ ଭଳି କମିଟିର ଅନ୍ୟ ସଦସ୍ୟଙ୍କ ଦାୟିତ୍ୱରେ ପରିଚାଳିତ ହୋଇଥିଲା। ପ୍ରାତଃକାଳରୁ ମନ୍ଦିର ପରିସରରେ ବିଶେଷ ପୂଜା-ଅର୍ଚ୍ଚନା ଧାର୍ମିକ ରୀତିନୀତି ସମ୍ପନ୍ନ ହୋଇଥିଲା। ସନ୍ଧ୍ୟାବେଳେ ଢୋଲନିଶାନ ଓ ଘଣ୍ଟାଘଣ୍ଟିର ଶବ୍ଦ ମଧ୍ୟରେ ଝାମୁଯାତ୍ରା ଆରମ୍ଭ ହୋଇ ଗାଁ ପରିକ୍ରମା କରାଯାଇଥିଲା। ରାତିରେ ଦୂରଦୂରାନ୍ତରୁ ଆସିଥିବା ଶ୍ରଦ୍ଧାଳୁ ଓ ଦର୍ଶକଙ୍କ ମନୋରଞ୍ଜନ ପାଇଁ ସାଂସ୍କୃତିକ ଗୀତିନାଟ୍ୟ ପରିବେଷଣ ହୋଇଥିଲା। ଝାମୁଯାତ୍ରାରେ ବିଭିନ୍ନ ରାଜନୈତିକ ଦଳର ସ୍ଥାନୀୟ ବ୍ୟକ୍ତି ବିଶେଷଙ୍କୁ ଅତିଥି ଭାବେ ଆମନ୍ତ୍ରିତ କରାଯାଇଥିଲା। ଉତ୍ସବ ମାଧ୍ୟମରେ ଗ୍ରାମବାସୀଙ୍କ ମଧ୍ୟରେ ଏକତା, ସାମୂହିକତା ଓ ପାରମ୍ପରିକ ସଂସ୍କୃତିର ସୁରକ୍ଷାର ସନ୍ଦେଶ ପ୍ରକାଶ ପାଇଥିଲା।

## ନିଃସ୍ୱାର୍ଥପର ବନ୍ଧୁତ୍ୱର ନିଚ୍ଛକ ଉଦାହରଣ
# ବନ୍ଧୁଙ୍କ ଶେଷ ବିଦାୟରେ ସାଥୀ ସାଜିଲେ ବନ୍ଧୁ



**କୋମନା, ୪।୨(ସମିସ):** ସମାଜରେ ମାନବିକତା ଏବଂ ବନ୍ଧୁତ୍ୱ ଏବେ ବି ଜୀବନ୍ତ। ଏହାର ଜ୍ୱଳନ୍ତ ଉଦାହରଣ କୋମନା ସ୍ଥିତ ଭଗବାନ ସିଂ ଠାକୁର ୫ଙ୍କ ଅନ୍ତେଷ୍ଟି କ୍ରିୟା ସମୟରେ ଦେଖିବାକୁ ମିଳିଛି। ଭଗବାନଙ୍କ ପରିବାରରେ କେହି ନଥିବା ବେଳେ, ତାଙ୍କୁ ଶେଷ ବିଦାୟ ଦେବା ପାଇଁ ଆଗେଇ ଆସିଥିଲେ ତାଙ୍କର ପୁରାତନ ସ୍କୁଲ ବନ୍ଧୁମାନେ। ୧୯୮୭ ମାଟ୍ରିକ ବ୍ୟାଚ୍‌ର ବନ୍ଧୁମାନେ ପ୍ରମାଣ କରିଦେଇଛନ୍ତି ଯେ, ସମ୍ପର୍କ କେବଳ ରକ୍ତର ନୁହେଁ ବରଂ ହୃଦୟର ମଧ୍ୟ ହୋଇଥାଏ। ଖବର ଅନୁଯାୟୀ, ଭଗବାନଙ୍କ ମୃତ୍ୟୁ ପରେ ଶବ ସତ୍କାର ପାଇଁ କେହି ନିକଟତର ଆତ୍ମୀୟ ନଥିଲେ। ଏହି ସମୟରେ ତାଙ୍କର ସ୍କୁଲ ସମୟର ସାଥୀ ପବିତ୍ର ମିର୍ଦ୍ଧା, ନୀଳକଣ୍ଠ ପ୍ରଧାନ ଏବଂ ଭୋଳାନାଥ ଖମାରୀ ପ୍ରମୁଖ ସାମିଲ ହୋଇଥିଲେ। ପରିବାର ସଦସ୍ୟଙ୍କ ଉପସ୍ଥିତିରେ ବନ୍ଧୁମାନେ ନିଜେ ଶବକୁ କାନ୍ଧେଇ ଶ୍ମଶାନ ପର୍ଯ୍ୟନ୍ତ ନେଇଥିଲେ।କେବଳ ଶବ ସତ୍କାର ନୁହେଁ, ବରଂ ଜଣେ ଭାଇ ଓ ପରିବାରର ସଦସ୍ୟ ଭାବେ ସମସ୍ତ ଅନ୍ତେଷ୍ଟି କ୍ରିୟାକୁ ବନ୍ଧୁମାନେ ସୂଚାରୁରୂପେ ସମ୍ପନ୍ନ କରିଥିଲେ। ଯାହାକି ସ୍ୱାର୍ଥପର ଦୁନିଆରେ ବନ୍ଧୁତ୍ୱର ଏହି ପବିତ୍ର ରୂପ ସ୍ଥାନୀୟ ଅଞ୍ଚଳରେ ଚର୍ଚ୍ଚାର ବିଷୟ ପାଲଟିଛି। ଭଗବାନଙ୍କ ବିୟୋଗରେ ତାଙ୍କ ବନ୍ଧୁ ମହଲରେ ଶୋକର ଛାୟା ଖେଳିଯାଇଛି।

# ହନୁମାନ ମୂର୍ତ୍ତି ସ୍ଥାପନ ପାଇଁ ଭୂମିପୂଜା

**ଲାଞ୍ଜିଗଡ଼, ୪।୨(ସମିସ):** କଳାହାଣ୍ଡି ଜିଲ୍ଲା ଲାଞ୍ଜିଗଡ଼ ବ୍ଲକ ଲାଞ୍ଜିଗଡ଼ରୋଡ଼ ଭୈରବ ମନ୍ଦିରଛକ ଠାରେ ବିଶିଷ୍ଟ ସମାଜସେବୀ ତଥା ପ୍ରତିଷ୍ଠାତା ଟି. ପ୍ରଭାକର ରାଓଙ୍କ ପକ୍ଷରୁ ନୂତନ ଭାବେ ହନୁମାନ ମୂର୍ତ୍ତି ସ୍ଥାପନ ପାଇଁ ଭୂମି ପୂଜା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। କର୍ତ୍ତା ଭାବେ ଟି. ପ୍ରଭାକର ରାଓ ଓ ତାଙ୍କ ଧର୍ମପତ୍ନୀ ଟି. ସିଲା ରାଓ ରହିଥିବା ବେଳେ ପୂଜକ ଲମ୍ବୋଦର ପାଢ଼ୀ ମନ୍ତ୍ର ଧ୍ୱନୀ ମଧ୍ୟରେ ଭୂମିପୂଜା ନିତିକ୍ରାନ୍ତିରେ ସମାପନ କରିଥିଲେ। ଟି. ଆପଲା, ମନୋଜ କୁମାର ରାଉତ, ଟଙ୍କଧର ମାଝୀ, କେ ବୈକୁଣ୍ଠ ରାଜୁ, ଗୋପାଳ ଖୁରା, ଉପେନ୍ଦ୍ର ଦାଶ, ଶଶିକାନ୍ତ ଓଝା, ଅନଙ୍ଗ ମାଝୀ, କୌନୁଜ ରାଉତଙ୍କ ସମେତ ଅନ୍ୟମାନେ ଉପସ୍ଥିତ ଥିଲେ।ଆସନ୍ତା ହନୁମାନ ଜୟନ୍ତୀ ଏବଂ ପଣା



ସଂକ୍ରାନ୍ତି ଦିନ ହନୁମାନଙ୍କ ବିଗ୍ରହ ପ୍ରତିଷ୍ଠା ହେବ ବୋଲି ପ୍ରତିଷ୍ଠାତା ଶ୍ରୀ ଟି.ପ୍ରଭାକର ରାଓ ପ୍ରକାଶ କରିଛନ୍ତି।

# ବିଦ୍ୟାଳୟ ହିଁ ଶିକ୍ଷା, ସଂସ୍କାର, କଳା ସଂସ୍କୃତିର ପ୍ରୟୋଗଶାଳା



**ଭବାନୀପାଟଣା, ୪।୨ (ସମିସ):** ଭବାନୀପାଟଣା ପୌରାଞ୍ଚଳ ଇରିଗେସନ କଲୋନୀସ୍ଥିତ ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ବାର୍ଷିକଉତ୍ସବ ଅନୁଷ୍ଠିତ ହୋଇଯାଇଛି। ବିଦ୍ୟାଳୟର ପ୍ରଧାନଶିକ୍ଷକ ନକୁଳ ବେହେରାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତଉତ୍ସବରେ ମୁଖ୍ୟଅତିଥି ଭାବେ ଅତିରିକ୍ତ ଗୋଷ୍ଠୀ ଶିକ୍ଷା ଅଧିକାରୀ ଜୟ କୁମାର ମାଝୀ, ସମ୍ମାନିତ ଅତିଥି ଭାବେ ଏବିଇଓ ଜଗଦିଶ ମୁଣ୍ଡ, ଶିକ୍ଷକ ନେତା ଧିରେନ୍ଦ୍ର ପଟ୍ଟନାୟକ, ସିଆରସିସି. ପ୍ରଫୁଲ୍ଲ ଠାକୁର, ପରିଚାଳନା କମିଟୀ ସଭାପତି, ସ୍ଥାନୀୟ ୱାର୍ଡ଼ ମେମ୍ବର ଏବଂ ମୁଖ୍ୟବକ୍ତା ଭାବେ ବିଶିଷ୍ଟ ଶିକ୍ଷାବିତ ପ୍ରକୃତି ବନ୍ଧୁ ପ୍ରଦୀପ କୁମାର ସାହୁ ପ୍ରମୁଖ ଯୋଗଦାନ କରିଥିଲେ। ଛାତ୍ର ଛାତ୍ରୀଙ୍କ କ୍ଷେତ୍ରରେ ଶିକ୍ଷା ସହିତ ସଂସ୍କାର ଓ ସଂସ୍କୃତି ଏବଂ କଳାର ପ୍ରୟୋଗଶାଳା ହିଁ ବିଦ୍ୟାଳୟ। ବାର୍ଷିକଉତ୍ସବ ଏକ ମାଧ୍ୟମରୂପେ ଛାତ୍ରଛାତ୍ରୀଙ୍କ ଅନ୍ତର୍ନିହିତ ପ୍ରତିଭାକୁ ପ୍ରସ୍ଫୁଟିତ କରିବାରେ ସହାୟକ ହୋଇଥାଏ ବୋଲି ଉଦ୍‌ବୋଧନ ଦେଇଥିଲେ ଏବଂ କୃତୀ ପ୍ରତିଯୋଗୀଙ୍କୁ ପୁରସ୍କାର ପ୍ରଦାନ କରିଥିଲେ। ଛାତ୍ରଛାତ୍ରୀଙ୍କ ଦ୍ୱାରା ଚିତ୍ତାକର୍ଷକ ରଙ୍ଗାରଙ୍ଗ ସାଂସ୍କୃତିତ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା। ଅବସରପ୍ରାପ୍ତ ଶିକ୍ଷକ ରାଧେଶ୍ୟାମ ଦାସ ମଞ୍ଚ ସଂଯୋଜନା କରିଥିବାବେଳେ ସମସ୍ତ ଶିକ୍ଷକଶିକ୍ଷୟିତ୍ରୀ ସହଯୋଗ କରିଥିଲେ। ପ୍ରଧାନଶିକ୍ଷକ ନକୁଳ ବେହେରା ଧନ୍ୟବାଦ ଅର୍ପଣ କରିଥିଲେ।

# ଜାତୀୟ ଜନଗଣନା ପାଇଁ ସମୀକ୍ଷା ଓ ତାଲିମ କାର୍ଯ୍ୟକ୍ରମ

**ଭବାନୀପାଟଣା, ୪।୨(ସମିସ):** କଳାହାଣ୍ଡି ଜିଲାରେ ଜାତୀୟ ଜନଗଣନା-୨୦୨୭ର ସଫଳ ରୂପାୟନ ପାଇଁ ଓଡ଼ିଶା ଜନଗଣନା ନିର୍ଦ୍ଦେଶାଳୟ ଏବଂ ସ୍ଥାନୀୟ ପ୍ରଶାସନର ମିଳିତ ଉଦ୍ୟମରେ ବୁଧବାର ଭବାନୀପାଟଣାସ୍ଥିତ ଜିଲ୍ଲାପାଳଙ୍କ ସମ୍ମିଳନୀ କକ୍ଷରେ ସମୀକ୍ଷା ଓ ତାଲିମ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଜିଲାପାଳ ପାୱାର ସଚିନ ପ୍ରକାଶଙ୍କ



ଅଧ୍ୟକ୍ଷତାରେ ସମୀକ୍ଷା ଓ ତାଲିମ କାର୍ଯ୍ୟକ୍ରମରେ ବିଭାଗୀୟ ଯୁଗ୍ମ ନିର୍ଦ୍ଦେଶକ ଡ.ଅଭୟ ନାରାୟଣ ନାୟକ ଯୋଗଦେଇ ସମ୍ପୃକ୍ତ ଅଧିକାରୀମାନଙ୍କୁ ଜନଗଣନାର ପ୍ରକ୍ରିୟା, ଡିଜିଟାଲ ଉପକରଣ, ଗୃହତାଲିକା ବ୍ଲକ (ଏଚଏଲବି) ଗଠନ ଏବଂ ଦାୟିତ୍ୱ ସମ୍ପର୍କରେ ବିସ୍ତୃତ ତାଲିମ ପ୍ରଦାନ କରିଥିଲେ।ଜନଗଣନା ଦୁଇଟି ପର୍ଯ୍ୟାୟରେ ସମ୍ପନ୍ନ ହେବ। ପ୍ରଥମ ପର୍ଯ୍ୟାୟରେ ଗୃହତାଲିକା ଓ ଗୃହଗଣନା ସବୁ ଆସନ୍ତା ଏପ୍ରିଲ ୧୬ ତାରିଖ ରୁ ୧୫ ମଇ ପର୍ଯ୍ୟନ୍ତ ହେବ। ପୂର୍ବରୁ ଏପ୍ରିଲ ୧ ରୁ ୧୫ ତାରିଖ ମଧ୍ୟରେ ଜନସାଧାରଣଙ୍କ ପାଇଁ ସ୍ୱ-ଗଣନା ସୁବିଧା ଉପଲବ୍ଧ ରହିବ, ଯାହା ମାଧ୍ୟମରେ ନାଗରିକମାନେ ନିଜ ତଥ୍ୟ ଅନଲାଇନ ୱେବସାଇଟ ଜରିଆରେ ପ୍ରଦାନ କରିପାରିବେ। ଦ୍ୱିତୀୟ ପର୍ଯ୍ୟାୟରେ ଜନସଂଖ୍ୟା ଗଣନା ଫେବୃଆରୀ ୯ ରୁ ୨୮ ପର୍ଯ୍ୟନ୍ତ ହେବ ଏବଂ ୨୦୨୭ ମାର୍ଚ୍ଚ ୧ ରୁ ୫ ମଧ୍ୟରେ ପୁନର୍ବୀକ୍ଷଣ କରାଯିବ। ପ୍ରଥମ ଥର ପାଇଁ ସମ୍ପୂର୍ଣ୍ଣ ଡିଜିଟାଲ ପ୍ରଣାଳୀରେ ଜନଗଣନା କରାଯିବା ଜନଗଣନା ପରିଚାଳନା, ପର୍ଯ୍ୟାଲୋଚନା ବ୍ୟବସ୍ଥା ଓ ମୋବାଇଲ ଆପ୍ ମାଧ୍ୟମରେ ଗଣନାକାରୀମାନେ ଘର ଘର ଯାଇ ତଥ୍ୟ ସଂଗ୍ରହ କରିବେ। ଜିଲ୍ଲା ଭାରପ୍ରାପ୍ତ ପରିସଂଖ୍ୟାନ ଅଧିକାରୀ ପାଠକ ତାଲିମ ପ୍ରଦାନରେ ସହଯୋଗ କରିଥିଲେ। ସମୀକ୍ଷା ତାଲିମ କାର୍ଯ୍ୟକ୍ରମରେ ଭାରତୀୟ ପ୍ରଶାସନିକ ସେବା ଅଧିକାରୀ (ପ୍ରୋବେଶନ) ଅନିମେସ ପ୍ରଧାନ, ଭବାନୀପାଟଣା ଉପଜିଲ୍ଲାପାଳ ପ୍ରଭାତ କୁମାର ପରିଡ଼ା, ଧର୍ମଗଡ଼ ଅତିରିକ୍ତ ଉପ ଜିଲାପାଳ ଅଜୟ ପ୍ରକାଶ ତିର୍କୀ, ଡେପୁଟି କଲେକ୍ଟର (ନିର୍ବାଚନ) ମନୀଷା ଗୁପ୍ତା, ଜିଲାର ସମସ୍ତ ତହସିଲଦାର, ମୁନିସିପାଲିଟି, ଏନ୍‌ଏସିର ନିର୍ବାହୀ ଅଧିକାରୀ, ସମ୍ପୃକ୍ତ ବିଭାଗୀୟ ଅଧିକାରୀ ପ୍ରମୁଖ ଯୋଗଦେଇ ଥିଲେ। ଜିଲ୍ଲାରେ ୩୬୦୦ ଜଣ ଅଧିକାରୀ, କର୍ମଚାରୀ ଜାତୀୟ ଜନଗଣନା କାର୍ଯ୍ୟକ୍ରମରେ ନିୟୋଜିତ ହେବେ। ସେଥିମଧ୍ୟରୁ ୧୯ ଜଣ

## ଜିଲ୍ଲାରେ ୩୬୦୦ ଅଧିକାରୀ ନିୟୋଜିତ ହେବେ

ଚାର୍ଜ ଅଧିକାରୀ, ୧୯ ଜଣ ଅତିରିକ୍ତ ଚାର୍ଜ ଅଧିକାରୀ ଏବଂ ୨ ଜଣ ଉପଖଣ୍ଡ ଚାର୍ଜ ଅଧିକାରୀ ରହିବେ। ଜିଲ୍ଲା ମୁଖ୍ୟ ଜନଗଣନା ଅଧିକାରୀ ଭାବେ ଜିଲ୍ଲାପାଳ ତଥା ଜିଲ୍ଲା ମାଜିଷ୍ଟ୍ରେଟ, ଜିଲ୍ଲା ଜନଗଣନା ଅଧିକାରୀ ଭାବେ ଅତିରିକ୍ତ ଜିଲ୍ଲାପାଳ ଦାୟିତ୍ୱରେ ରହିବେ। ଏହି ଜାତୀୟ ଜନଗଣନା କାର୍ଯ୍ୟକ୍ରମରେ ସମସ୍ତ ସମ୍ପୃକ୍ତ ଅଧିକାରୀ ନିଜର ଦାୟିତ୍ୱ ସୁଚାରୁରୂପେ ତୁଲାଇବା ପାଇଁ ଜିଲାପାଳ ନିର୍ଦ୍ଦେଶ ଦେଇଥିଲେ। ଜନଗଣନା କାର୍ଯ୍ୟକ୍ରମରେ ସଫଳ ରୂପାୟନରେ ସମସ୍ତ ଜଣସାଧାରଣ ସଠିକ ଓ ସମ୍ପୂର୍ଣ୍ଣ ତଥ୍ୟ ପ୍ରଦାନ କରିବାରେ ସହଯୋଗ କରିବା ପାଇଁ ଅନୁରୋଧ କରିଥିଲେ। ତାଲିମ ଓ ସମୀକ୍ଷା କାର୍ଯ୍ୟକ୍ରମକୁ ଡେପୁଟି କଲେକ୍ଟର ମନୀଷା ଗୁପ୍ତା ପରିଚାଳନା କରିଥିଲେ।

## ଜୁନାଗଡ଼ ମହୋତ୍ସବ ଦ୍ୱିତୀୟ ସାଂସ୍କୃତିକ ସନ୍ଧ୍ୟା
# ପଦ୍ମିନୀ ଦୋରାଙ୍କ ନାଚଗୀତରେ ଝୁମିଲେ ଦର୍ଶକ



**ଜୁନାଗଡ଼, ୪।୨(ସମିସ):** ଜୁନାଗଡ଼ ମହୋତ୍ସବର ଦ୍ୱିତୀୟ ସାଂସ୍କୃତିକ ସନ୍ଧ୍ୟାରେ ଆୟୋଜକ କମିଟିର ଅଧକ୍ଷ ଦୁର୍ଗା ପ୍ରସାଦ ନଏକ, ସମ୍ପାଦକ ହିମାଂଶୁ ଶେଖର ବରାଡ଼ ସମେତ କୋର କମିଟିର ଈଶ୍ୱର ପୁଝାରି, ଅଶୋକ ପଟ୍ଟନାୟକଙ୍କ ଦ୍ୱାରା ଦ୍ୱିତୀୟ ସନ୍ଧ୍ୟାର ମୁଖ୍ୟଅତିଥି ଭାବେ ଜୁନାଗଡ଼ର ପୂର୍ବତନ ବିଧାୟକ ଗୋବର୍ଦ୍ଧନ ଦାସ, ମୁଖ୍ୟବକ୍ତା ନିହାରେନ୍ଦ୍ର ପଣ୍ଡା, ସମ୍ମାନିତ ଅତିଥି ଭାବେ ଧର୍ମଗଡ଼ ଉପଖଣ୍ଡ ପୁଲିସ ଅଧିକାରୀ ଡ଼ୋଲାମଣୀ ଭୋଇ, ବ୍ଲକ ଅଧକ୍ଷା ସବିତା ମେହେର, ପୂର୍ବତନ ଜିଲ୍ଲା ପରିଷଦ ଉପଉପାଧକ୍ଷ ଭବସିନ୍ଧୁ ମଙ୍ଗରାଜ, ଜିଲ୍ଲା ପରିଷଦ ସଭ୍ୟା ଶାମୁକା ରାଣୀ କୁମାର, ଲାଲବହାଦୁର ଜାନି, ସମ୍ବାଦକ ଦେବେନ୍ଦ୍ର ବିଶି, ମିଡିଆ କ୍ଲବ୍ ସଭାପତି ଆଦିତ୍ୟ ପ୍ରସାଦ ମହାନ୍ତି, ଏନଏସି ଅଧକ୍ଷା ହିମାଦ୍ରୀ ନାଏକ, ପୂର୍ବତନ ଏନ୍‌ଏସି ଅଧକ୍ଷକ୍ଷ ବିଜୟ ଲକ୍ଷ୍ମୀ କନ୍ଦପାନ, ଏନ୍‌ଏସିର ପୂର୍ବତନ ଅଧକ୍ଷ ସୁଧାଂଶୁ ବରାଡ, ବହୁ ଜନ ସଂଗ୍ରାମ ସମିତି ସଭାପତି ରଞ୍ଜନ ଜାଲ ପ୍ରମୁଖ ଉପସ୍ଥିତ ରହି ଜୁନାଗଡ଼ ମହୋତ୍ସବର ମହତ୍ୱ ସମ୍ପର୍କରେ ଅବଗତ କରାଇଥିଲେ। ସନ୍ଧ୍ୟାରେ ବିଭିନ୍ନ ସାଂସ୍କୃତିକ କାର୍ଯ୍ୟକ୍ରମ ସହ କଲବିକାଶ କେନ୍ଦ୍ର ଜୁନାଗଡ଼ ଓ ପଦ୍ମିନୀ ଦୋରାଙ୍କ ଅର୍କେଷ୍ଟ୍ରା ସମ୍ବଲପୁର ଦର୍ଶକଙ୍କୁ ବିମୋହିତ କରିଥିଲା। ପଦ୍ମିନୀ ଦୋରାଙ୍କ ସମ୍ବଲପୁରୀ ଗୀତ ଓ ନାଚରେ ଦର୍ଶକମାନେ ଝୁମିଥିଲେ।ସାଂସ୍କୃତିକ କାର୍ଯ୍ୟକ୍ରମର ଅଧକ୍ଷ ମାନସ ରଞ୍ଜନ ସେଠି ସମେତକୋର କମିଟିର ସମସ୍ତ ସଦସ୍ୟ ସହଯୋଗ କରିଥିଲେ। ଜୁନାଗଡ଼ ମହୋତ୍ସବର ଅଧକ୍ଷ ଦୁର୍ଗକ୍ଷ ପ୍ରସାଦ ନାଇକ ଧନ୍ୟବାଦ ଅର୍ପଣ କରିଥିଲେ।

# ଜିଲ୍ଲାସ୍ତରୀୟ ପିଏମ୍‌ଶ୍ରୀ ଉତ୍ସବ ଉଦ୍‌ଘାଟିତ

**ନୂଆପଡ଼ା, ୪।୨(ସମିସ)**

ସ୍ଥାନୀୟ ପିଏମ୍‌ଶ୍ରୀ ନ୍ୟାସନାଲ ଉଚ୍ଚ ବିଦ୍ୟାଳୟରେ ଜିଲ୍ଲାସ୍ତରୀୟ ପିଏମ୍‌ଶ୍ରୀ ଉତ୍ସବ ଉଦ୍‌ଘାଟିତ ହୋଇଯାଇଛି। କାର୍ଯ୍ୟକ୍ରମର ଆବାହକ ଜିଲ୍ଲା ଶିକ୍ଷା ଅଧିକାରୀ ଡ.ପ୍ରଶାନ୍ତ କୁମାର ମହାନ୍ତି ସ୍ୱାଗତ ସମ୍ଭାଷଣ ପ୍ରଦାନ କରିଥିଲେ। ଅନୁଷ୍ଠିତ ସମାରୋହରେ ନୂଆପଡ଼ା ଜିଲ୍ଲାପାଳ ମଧୁସୂଦନ ଦାସ ଅଧ୍ୟକ୍ଷତା କରି ପିଏମଶ୍ରୀ ଉତ୍ସବ ଛାତ୍ରଛାତ୍ରୀଙ୍କ ସର୍ବାଙ୍ଗୀନ ବିକାଶରେ ଏକ ପ୍ରକୃଷ୍ଟ କ୍ଷେତ୍ର ବୋଲି ମତବ୍ୟକ୍ତ କରିଥିଲେ। ଖଡିଆଳ ବିଧାୟକ ଅଧିରାଜ ମୋହନ ପାଣିଗ୍ରାହୀ ମୁଖ୍ୟ ଅତିଥି ଭାବରେ ଯୋଗଦେଇ କାର୍ଯ୍ୟକ୍ରମକୁ ଉଦ୍‌ଘାଟନ କରି ଶିକ୍ଷକମାନେ ଦେଶର ମେରୁଦଣ୍ଡ ଓ ପିଏମ୍‌ଶ୍ରୀ ଯୋଜନା ଶିକ୍ଷାର ଗୁଣାତ୍ମକ ବିଭବକୁ ଆହୁରି ବୃଦ୍ଧି କରିବା ବୋଲି ମତ ଦେଇଥିଲେ। ବିଶିଷ୍ଟ ସଂସ୍କୃତି ଗବେଷକ ପଦ୍ମଶ୍ରୀ ଡ. ମହେନ୍ଦ୍ର ମିଶ୍ର ମୁଖ୍ୟବକ୍ତା ଭାବେ ଯୋଗଦେଇ ଜାତୀୟ ଶିକ୍ଷାନୀତି ଉପରେ ନିଜର ବକ୍ତବ୍ୟ ରଖିଥିଲେ। ବିଶିଷ୍ଟ ଅତିଥି ଭାବରେ ବିଧାୟକ ନୂଆପଡ଼ା ଜୟ ଢୋଲକିଆ, ବନଖଣ୍ଡ ଅଧିକାରୀ ଅଜିଜ ଖାଁ, ସମ୍ମାନିତ ଅତିଥି ଭାବରେ ଜିଲ୍ଲାପରିଷଦ ଉପାଧ୍ୟକ୍ଷା ଦୀପିକା ଦୀପ, ସାଂସଦ ପ୍ରତିନିଧି ପ୍ରେମ ଅଗ୍ରୱାଲ, ପଞ୍ଚାୟତ ସମିତି ଅଧ୍ୟକ୍ଷା ନୂଆପଡ଼ା ତାରେଶ୍ୱରୀ ସାହୁ, ଅବସରପ୍ରାପ୍ତ



ଅଧ୍ୟକ୍ଷ ଡ଼.ଶିବ ପ୍ରସାଦ ବେହେରା, ଅତିରିକ୍ତ ଜିଲ୍ଲା ଶିକ୍ଷା ଅଧିକାରୀ ନୂଆପଡ଼ା ସୁଧାଂଶୁ ଶେଖର ମିଶ୍ର, ଡ. ରେଶମ ଲାଲ ନାଏକ, ଜିଲ୍ଲା ବିଜ୍ଞାନ ନିରୀକ୍ଷକ ନୂଆପଡ଼ା ଗିରିଧାରୀ ସା। ଏହି ଅବସରରେ ପିଏମଶ୍ରୀ ରାଜଏଟି ଐତିହ୍ୟ ବିଦ୍ୟାଳୟର ଶିକ୍ଷକ ଗୌରାଙ୍ଗ ସାହୁ ମଞ୍ଚ ପରିଚାଳନା କରିଥିଲେ। ଶିକ୍ଷକ ରାମେଶ୍ୱର ଦାସ ଓ ଶଙ୍କର୍ଷଣ ପୁରୋହିତଙ୍କ ତତ୍ତ୍ୱାବଧାନରେ ପିଏମ୍‌ଶ୍ରୀ ଉଚ୍ଚ ବିଦ୍ୟାଳୟ ନୂଆପଡ଼ା ଛାତ୍ରୀମାନେ ପ୍ରାରମ୍ଭିକ ସଙ୍ଗୀତ ଗାନ କରିଥିଲେ। ଅତିଥିମାନେ ଉତ୍ସବର ବିଭିନ୍ନ ଷ୍ଟଲ ପରିଦର୍ଶନ କରିଥିଲେ। ଅପରାହ୍ନରେ ଅନୁଷ୍ଠିତ ବିଜ୍ଞାନ ଭିତ୍ତିକ ଆଲୋଚନା ଚକ୍ରରେ ଅବସରପ୍ରାପ୍ତ ପ୍ରାଧ୍ୟାପକ ଚନ୍ଦ୍ରଶେଖର ଚନ୍ଦ୍ରକାର ଯୋଗଦେଇ କ୍ୱାଣ୍ଟମ କମ୍ପ୍ୟୁଟର ବିଷୟରେ ଆଲୋଚନା କରିଥିଲେ। ସନ୍ଧ୍ୟାକାଳୀନ ସାଂସ୍କୃତିକ ବିଚିତ୍ରା କାର୍ଯ୍ୟକ୍ରମକୁ ଶିକ୍ଷକ ଶଙ୍କର୍ଷଣ ପୁରୋହିତ, ରାମେଶ୍ୱର ଦାସ ଓ ଶିକ୍ଷୟିତ୍ରୀ ପ୍ରଜ୍ଞାପରମିତା ବିଶ୍ୱାଳ ପରିଚାଳନା କରିଥିଲେ। ଛାତ୍ରଛାତ୍ରୀମାନେ ନୃତ୍ୟ, ସଙ୍ଗୀତ, ନାଟକ, ପାଲା ପରିବେଷଣ କରିଥିଲେ। ସେହିପରି ସନ୍ଧ୍ୟାକାଳୀନ ଦ୍ୱିତୀୟ ଅଧିବେଶନରେ ଅତିରିକ୍ତ ଜିଲ୍ଲା ଶିକ୍ଷା ଅଧିକାରୀ ଡ. ରେଶମ ଲାଲ ନାଏକ ସ୍ୱାଗତ ସମ୍ଭାଷଣ ସହ ଉତ୍ସବର ଉଦ୍ଦେଶ୍ୟ ଜ୍ଞାପନ କରିଥିଲେ। ଜିଲ୍ଲା ଶିକ୍ଷା ଅଧିକାରୀଙ୍କ ସଭାପତିତ୍ୱରେ ଆୟୋଜିତ କାର୍ଯ୍ୟକ୍ରମରେ ସମ୍ମାନିତ ଅତିଥି ଭାବରେ ଏନ୍‌ଏସି ଅଧ୍ୟକ୍ଷା ଖରିଆର ରୋଡ ଡ. ସୋନିଆ ଜୈନ, ଜିଲ୍ଲାପରିଷଦ ସଦସ୍ୟା ଉମା ଠାକୁର, ଜିଲ୍ଲା ପରିଷଦ ସଭ୍ୟ ଅବନୀ ରଞ୍ଜନ ଯୋଶୀ, ଭାରତ ଲାଲ ରାଉତ, ଅତିରିକ୍ତ ଜିଲ୍ଲା ଶିକ୍ଷା ଅଧିକାରୀ ସୁଧାଂଶୁ ଶେଖର ମିଶ୍ର, ସ୍ଥାନୀୟ ବିଦ୍ୟାଳୟର ପ୍ରଧାନଶିକ୍ଷକ ଗୋଲାପ ଚନ୍ଦ୍ର ସାହୁ ମଞ୍ଚାସୀନ ହୋଇ ଛାତ୍ରଛାତ୍ରୀଙ୍କୁ ଉତ୍ସାହିତ କରିଥିଲେ। ଗୋଷ୍ଠୀ ଶିକ୍ଷା ଅଧିକାରୀ ନୂଆପଡ଼ା ଗୀତାରାଣୀ ଯୋଶୀ, କୋମନା ଅନୀତା ପଣ୍ଡା, ଖଡିଆଳ କାହ୍ନୁ ଚରଣ ନାଏକ, ସିନାପାଲି ଯତୀନ୍ଦ୍ର କୁମାର ସେଠ ତଥା ଦାୟିତ୍ୱରେଥିବା ଆୟୋଜକ ପିଏମଶ୍ରୀ ଉତ୍ସବ ପାଳନ କମିଟି, ସାଧନ କେନ୍ଦ୍ର ସଂଯୋଜକ, ଜିଲ୍ଲାର ଶିକ୍ଷକ ଶିକ୍ଷୟିତ୍ରୀ, ସ୍ଥାନୀୟ ପିଏମଶ୍ରୀ ନ୍ୟାସନାଲ ଉଚ୍ଚ ବିଦ୍ୟାଳୟ ନୂଆପଡ଼ାର ଶିକ୍ଷକ ଶିକ୍ଷୟିତ୍ରୀ ଓ ଶିକ୍ଷା ବିଭାଗର କର୍ମଚାରୀ ସହଯୋଗ କରିଥିଲେ।

# ଆକାଂକ୍ଷୀ ଜିଲ୍ଲା ନୂଆପଡ଼ାରେ ସମ୍ପୂର୍ଣ୍ଣତା ଅଭିଯାନ-୨ର ଶୁଭାରମ୍ଭ

**ନୂଆପଡ଼ା, ୪।୨(ସମିସ):** ନୂଆପଡ଼ା ଜିଲ୍ଲାପାଳ ମଧୁସୂଦନ ଦାଶ ନୀତି ଆୟୋଗଙ୍କ ଆକାଂକ୍ଷୀ ଜିଲ୍ଲା କାର୍ଯ୍ୟକ୍ରମ ଏବଂ ଆକାଂକ୍ଷୀ ବ୍ଲକ କାର୍ଯ୍ୟକ୍ରମ ଅଧୀନରେ'ସମ୍ପୂର୍ଣ୍ଣତା ଅଭିଯାନ-୨ର ଶୁଭାରମ୍ଭ କରିଛନ୍ତି। ସ୍ଥାନୀୟ ପଲସାଗୁଡା ସ୍ଥିତ ବହୁମୁଖୀ ହଲରେ ଆୟୋଜିତ କାର୍ଯ୍ୟକ୍ରମରେ କଳାହାଣ୍ଡି ସାଂସଦଙ୍କ



ପ୍ରତିନିଧି ପ୍ରେମ ଅଗ୍ରୱାଲ, ଜିଲ୍ଲା ପରିଷଦ ଉପାଧ୍ୟକ୍ଷା ଦୀପିକା ଦିପ, ଖରିଆରରୋଡ ଏନ୍‌ଏସି ଅଧ୍ୟକ୍ଷା ଡା.ସୋନିଆ ଜୈନ, ନୂଆପଡ଼ା ପଞ୍ଚାୟତ ସମିତି ଅଧ୍ୟକ୍ଷା ତାରେଶ୍ୱରୀ ସାହୁ, ଜିଲ୍ଲା ପରିଷଦ ସଭ୍ୟା ଉମା ଠାକୁର, ଜିଲ୍ଲା ମୁଖ୍ୟ ଉନ୍ନୟନ ଅଧିକାରୀ ଲମ୍ବୋଧର ଧରୁଆ, ଜିଲ୍ଲା ମୁଖ୍ୟ ଚିକିତ୍ସାଧିକାରୀ ଡ. ଧନେଶ୍ୱର ସେଠୀ, ସିଡିଭିଓ ଡ.ସୁଖେନ୍ଦୁ ରାୟ, ଜିଲ୍ଲା କୃଷୀ ଅଧିକାରୀ ପ୍ରଦୀପ କୁମାର ନାୟକ, ଜିଲ୍ଲା ସମାଜ ମଙ୍ଗଳ ଅଧିକାରୀ ଶ୍ରୀମତୀ ଏସ. ଗୀତା ପ୍ରମୁଖ ଯୋଗ ଦେଇଥିଲେ। ଅତିରିକ୍ତ କାର୍ଯ୍ୟନିର୍ବାହୀ ଅଧିକାରୀ ଜିଲ୍ଲା ପରିଷଦ, କ୍ଷମାନିଧି ଭୋଇ ଅତିଥିମାନଙ୍କୁ ସ୍ୱାଗତ କରି ପରିଚୟ ପ୍ରଦାନ କରିଥିଲେ।ଜିଲ୍ଲା ମୁଖ୍ୟ ଉନ୍ନୟନ ଅଧିକାରୀ ଶ୍ରୀ ଧରୁଆ ସମ୍ପୂର୍ଣ୍ଣତା ଅଭିଯାନ-୨ର ଉଦ୍ଦେଶ୍ୟ ଓ ଜିଲ୍ଲାର ସଫଳତା ଉପସ୍ଥାପନ କରିଥିଲେ।ଏହି ଅବସରରେ ସମ୍ପୂର୍ଣ୍ଣତା ଅଭିଯାନ-୨ ଉପରେ ଆଧାରିତ ମାର୍ଗଦର୍ଶୀ ପୁସ୍ତିକା ମଧ୍ୟ ଉନ୍ମୋଚନ କରାଯାଇଥିଲା। ଜିଲ୍ଲାପାଳ ଉପସ୍ଥିତ ଅଧିକାରୀ, ଆଶା କର୍ମୀ, ଅଙ୍ଗନୱାଡି କର୍ମୀ ଓ ଅନ୍ୟାନ୍ୟ ଅଂଶଗ୍ରହଣକାରୀଙ୍କୁ ଅଭିଯାନ ସଫଳତା ପାଇଁ ଶପଥ ପଠାଇଥିଲେ। ସମ୍ପୂର୍ଣ୍ଣତା ଅଭିଯାନ-୨ର ଉଦ୍ଦେଶ୍ୟ ହେଉଛି ସ୍ୱାସ୍ଥ୍ୟ, ପୁଷ୍ଟି, ଶିକ୍ଷା, କୃଷି, ପ୍ରାଣୀ ସମ୍ପଦ, ସାମାଜିକ ବିକାଶ ଓ ଭିତ୍ତିଭୂମି ସୂଚକାଙ୍କରେ ସମୟସୀମା ମିଶନ ମୋଡରେ ପରିପୂର୍ଣ୍ଣତା ହାସଲ କରିବା।। ଗତ ବର୍ଷର ହାସଲ ହୋଇଥିବା ପ୍ରଗତିକୁ ବଜାୟ ରଖିବା, ସଫଳ ଅଭ୍ୟାସଗୁଡ଼ିକୁ ସଂସ୍ଥାଗତ କରିବା ଏବଂ ଜନସାଧାରଣ, ସ୍ୱୟଂ ସହାୟକ ଗୋଷ୍ଠୀ ଓ ତୃଣମୂଳ ସଂଗଠନମାନଙ୍କ ଅଂଶଗ୍ରହଣ ମାଧ୍ୟମରେ ସାମଗ୍ରିକ ଉନ୍ନତି ସୁନିଶ୍ଚିତ କରିବା।ଅଭିଯାନ ୨୮ ଜାନୁଆରୀ ୨୦୨୬ ରୁ ୧୪ ଏପ୍ରିଲ ୨୦୨୬ ପର୍ଯ୍ୟନ୍ତ ଚାଲିବ।କାର୍ଯ୍ୟକ୍ରମକୁ ଅନିଲ ଲେଙ୍କା ସଂଯୋଜନା କରିଥିବା ବେଳେ ବୋଡ଼େନ ବିଡ଼ିଓ ସୁଶାନ୍ତ କୁମାର ରଣା ଧନ୍ୟବାଦ ଅର୍ପଣ କରିଥିଲେ। କାର୍ଯ୍ୟକ୍ରମରେ ଜିଲ୍ଲା ପ୍ରଶାସନର ବିଭିନ୍ନ ବରିଷ୍ଠ ଅଧିକାରୀ, ବ୍ଲକସ୍ତରୀୟ ଅଧିକାରୀ, ଲୋକପ୍ରତିନିଧି, ଆଶା ଓ ଅଙ୍ଗନବାଡ଼ି କର୍ମୀ, ସ୍ୱୟଂ ସହାୟକ ଗୋଷ୍ଠୀ ମହିଳା ବହୁ ସଂଖ୍ୟାରେ ଉପସ୍ଥିତ ଥିଲେ।






# ୨୩ ବିଶ୍ୱସ୍ତ ଜେନେରାଲଙ୍କୁ ହଟାଇଲେ ଜିନ୍‌ପିଙ୍ଗ୍

ବେଜିଂ,୪ ।୨(ଏଜେନ୍ସି):

ଗତ ୩ ବର୍ଷ ମଧ୍ୟରେ ଚୀନ୍ ସେନାରେ ବହୁତ ବଡ଼ ପରିବର୍ତ୍ତନ ଦେଖିବାକୁ ମିଳିଛି। ଦେଶର ଇତିହାସରେ ପୂର୍ବରୁ କେବେ ଏପରି ଘଟି ନ ଥିଲା। ୨୦୨୩ ଆରମ୍ଭରେ ଅତିକମ୍‌ରେ ଚୀନ୍ ପାଖରେ ୩୦ ଜଣ ଜେନେରାଲ ଓ ଆଡମିରାଲ ଥିଲେ। ଏମାନେ ବିଭିନ୍ନ ଗୁରୁତ୍ୱପୂର୍ଣ୍ଣ ବିଭାଗ ଓ ଥିଏଟର କମାଣ୍ଡରର ନେତୃତ୍ୱ ନେଉଥିଲେ। ସେମାନଙ୍କ ମଧ୍ୟରୁ ପ୍ରାୟ ସମସ୍ତଙ୍କୁ ବାହାର କରିଦିଆଯାଇଛି କିମ୍ବା ସେମାନେ ହଠାତ ନିଖୋଜ ହୋଇଯାଇଛନ୍ତି। ନ୍ୟୁୟର୍କ ଟାଇମ୍ସର ଏକ ଅନୁସନ୍ଧାନରୁ ଜଣାଯାଇଛି ଯେ, ମାତ୍ର ୭ ଜଣ ଜେନେରାଲ ଏବେ ସକ୍ରିୟ ଅଛନ୍ତି। ଅନେକ ଅଧିକାରୀମାନଙ୍କୁ ଆଉ ସାର୍ବଜନୀନ ଭାବେ ଦେଖିବାକୁ ମିଳୁନାହିଁ। ଆଧୁନିକ ଚୀନ୍ ଇତିହାସରେ ଏତେ ବଡ଼ ବିଶୃଙ୍ଖଳା କେବେ ଦେଖାଯାଇ ନ ଥିଲା। ଏହି ବହିଷ୍କାର କାରଣରୁ ବିଶ୍ୱର ସବୁଠାରୁ ବଡ଼ ସେନାର ଶୀର୍ଷସ୍ତରର ନେତୃତ୍ୱରେ ଏକ ବଡ଼ ଶୂନ୍ୟସ୍ଥାନ ସୃଷ୍ଟି ହୋଇଛି। ଆମେରିକୀୟ ଗୁଇନ୍ଦା ସଂସ୍ଥାର ବିଶେଷଜ୍ଞମାନଙ୍କ ମତରେ, ସି ଜିନପିଙ୍ଗ୍ ଏବେ ଆବଶ୍ୟକତାଠାରୁ ଅଧିକ ସନ୍ଦେହୀ ହୋଇପଡ଼ିଛନ୍ତି। ଏଥିପାଇଁ ବିଶ୍ୱର ଦ୍ୱିତୀୟ ଶକ୍ତିଶାଳୀ ସେନାର ଅନେକ ପଦ ଖାଲି ପଡ଼ିଛି।

**ସେମାନଙ୍କ ମଧ୍ୟରୁ ଅନେକ ନିଖୋଜ**


**ସନ୍ଦେହୀ ହୋଇପଡ଼ିଛନ୍ତି ଚୀନ ରାଷ୍ଟ୍ରପତି**

ଉଲ୍ଲେଖଥାଉ କି, ୨୦୧୬ରେ ଜିନପିଙ୍ଗ୍ ସମ୍ପୂର୍ଣ୍ଣ ସାମରିକ ବ୍ୟବସ୍ଥାକୁ ବଦଳାଇ ଦେଇଥିଲେ। ପୂର୍ବରୁ ଚୀନର ସେନା ୭ଟି ମିଲିଟାରୀ ଜୋନରେ ବିଭକ୍ତ ଥିଲା। ମାତ୍ର ଜିନପିଙ୍ଗ ଏହାକୁ ଉଚ୍ଛେଦ କରି ୫ଟି ଥିଏଟର କମାଣ୍ଡରେ ବିଭକ୍ତ କରିଥିଲେ। ଏହା ଦ୍ୱାରା ବିଭିନ୍ନ ସାମ୍ମୁଖ୍ୟରେ ଶୀଘ୍ର ନିଷ୍ପତ୍ତି ନିଆଯାଇପାରୁଥିଲା। ବର୍ତ୍ତମାନ ସୁଦ୍ଧା ୬ ଜଣଙ୍କ ମଧ୍ୟରୁ ୫ ଜଣ ଜେନେରାଲଙ୍କୁ ହଟା ଗଲାଣି। ଯେଉଁ ଜେନେରାଲମାନେ ଜିନପିଙ୍ଗଙ୍କୁ ରାଷ୍ଟ୍ରପତି ହେବାକୁ ସାହାଯ୍ୟ କରିଥିଲେ ସେମାନଙ୍କୁ ହିଁ ସେ ବାହାର କରିଛନ୍ତି ବୋଲି କୁହାଯାଇଛି।



# ଲିବ୍ୟାର ପୂର୍ବତନ ଏକଛତ୍ରବାଦୀ ଶାସକ ଗଦ୍ଦାଫିଙ୍କ ପୁଅଙ୍କୁ ହତ୍ୟା

ତ୍ରିପୋଲି,୪ ।୨(ଏଜେନ୍ସି): ଉତ୍ତର ଆଫ୍ରିକୀୟ ଦେଶ ଲିବ୍ୟାର ପୂର୍ବତନ ଏକଛତ୍ରବାଦୀ ଶାସକ ମୁଅମ୍ମର ଗଦ୍ଦାଫିଙ୍କ ପୁଅ ସୈଫ୍ ଅଲ- ଇସଲାମ ଗଦ୍ଦାଫିଙ୍କୁ ମଙ୍ଗଳବାର ହତ୍ୟା କରାଯାଇଛି। ଲିବ୍ୟା ନ୍ୟୁଜ ଚ୍ୟାନେଲ ଅନୁଯାୟୀ, ଜିଣ୍ଟାନ ସହରରେ ଥିବା ତାଙ୍କ ବାସଭବନରେ ୪ଜଣ ଆତତାୟୀ ଗୁଳି କରି ତାଙ୍କୁ ମାରି ଦେଇଛନ୍ତି। ମୃତ ଗଦ୍ଦାଫିଙ୍କ ପୁଅଙ୍କ ଓକିଲ ଖାଲିଦ ଅଲ-ଜୈଦି ଓ ରାଜନୈତିକ ପରାମର୍ଶଦାତା ଅବଦୁଲ୍ଲା ଓଥମାନ ସାମାଜିକ ଗଣମାଧ୍ୟମରେ ପୋଷ୍ଟ କରି ତାଙ୍କ ମୃତ୍ୟୁ ସମ୍ପର୍କରେ ସୂଚନା ଦେଇଛନ୍ତି। ତେବେ ହତ୍ୟାର କାରଣ କିମ୍ବା ଆକ୍ରମଣକାରୀଙ୍କ ପରିଚୟ ସମ୍ପର୍କରେ କୌଣସି ସୂଚନା ଦିଆଯାଇନାହିଁ। କିନ୍ତୁ ସୈଫ୍‌ଙ୍କ ମୃତ୍ୟୁକୁ ନେଇ ତାଙ୍କ ଭଉଣୀ ଭିନ୍ନ ଦାବି କରିଛନ୍ତି। ବିବିସି ଲିବ୍ୟା ଟିଭି ସୂତ୍ରରୁ ପ୍ରକାଶ କରିଛି ଯେ, ସୈଫ୍ ଅଲ- ଇସ୍‌ଲାମଙ୍କ ମୃତ୍ୟୁ ଲିବ୍ୟା-ଆଲଜେରିଆ ସୀମା ନିକଟରେ ହୋଇଛି। ସୈଫଙ୍କୁ ୫୩ ବର୍ଷ ହୋଇଥିଲା ଓ ଏକଦା ତାଙ୍କୁ ପିତା ଗଦାଫିଙ୍କ ଉତ୍ତରାଧିକାରୀ ବିବେଚନା କରାଯାଉଥିଲା। ଗଦ୍ଦାଫି ଲିବ୍ୟାରେ ଦଶନ୍ଧି ଦଶନ୍ଧି ଧରି ଶାସନ କରୁଥିଲେ। ସୈଫ୍ ଏହି ଶକ୍ତିଶାଳୀ ପରିବାରର ସବୁଠାରୁ ଶିକ୍ଷିତ ଓ ଅନ୍ତର୍ଜାତୀୟସ୍ତରରେ ସବୁଠାରୁ ଜଣାଶୁଣା ଚେହେରା ଥିଲେ। ସେ ଲଣ୍ଡନ ସ୍କୁଲ ଅଫ୍ ଇକୋନୋମିକ୍ସରେ ପାଠ ପଢିଥିଲେ। ନିର୍ବାଚନ ଲଢ଼ିବା ପାଇଁ ସେ ପ୍ରସ୍ତୁତ ହେଉଥିବାବେଳେ ଏହି ଘଟଣା ଘଟିଛି। ଏହା ପଛରେ ଏକ ଗଭୀର ଷଡ଼ଯନ୍ତ୍ର ଥିବା ସନ୍ଦେହ କରାଯାଉଛି।



## ୨ ଜୈଶ ଆତଙ୍କବାଦୀ ନିପାତ

ନୂଆଦିଲ୍ଲୀ,୪ ।୨(ଏଜେନ୍ସି): ଜମ୍ମୁ-କଶ୍ମୀରର ଉଧମପୁରରେ ବୁଧବାର ସୁରକ୍ଷା ବାହିନୀ ସହ ଏନକାଉଣ୍ଟରରେ ଜୈଶ-ଇ- ମହମ୍ମଦର ଦୁଇ ଆତଙ୍କବାଦୀ ପ୍ରାଣ ହରାଇଛନ୍ତି। ଏହି ସଂଘର୍ଷ ମଙ୍ଗଳବାରଠାରୁ ଚାଲିଥିଲା। ଏହି ସମୟରେ ଜଣେ ଆତଙ୍କବାଦୀକୁ ଗୁଳି ଲାଗିଥିଲା। ଉଭୟ ଆତଙ୍କବାଦୀ ଗୁମ୍ଫାରେ ଲୁଚି ରହିଥିଲେ। ସେନାର 'ହ୍ୱାଇଟ୍ ନାଇଟ୍ କ୍ରପ' ଅଧିନରେ ଥିବା ସିଆଇଏଫ୍ ଡେଲ୍ଟା, ଜମ୍ମୁ-କଶ୍ମୀର ପୁଲିସ ଓ ସିଆରପିଏଫ୍‌ର ଏକ ମିଳିତ ଟିମ୍ ଆତଙ୍କବାଦୀଙ୍କ ଉପସ୍ଥିତି ସୂଚନା ପାଇବା ପରେ ବସନ୍ତଗଡ଼ ଅଞ୍ଚଳରେ ସର୍ଚ୍ଚ ଅପରେସନ ଆରମ୍ଭ କରିଥିଲେ। ରାମନଗରର ଜାଫର ଜଙ୍ଗଲ ଅଞ୍ଚଳରେ ଲୁଚି ରହିଥିବା ଆତଙ୍କବାଦୀମାନେ ସୁରକ୍ଷା ବାହିନୀ ଉପରକୁ ଗୁଳି ଚଳାଯାଇଥିଲେ। ପ୍ରାୟ ଏକ ଘଣ୍ଟା ଧରି ଚାଲିଥିବା ଏହି ମୁହାଁମୁହିଁ ସଂଘର୍ଷରେ ଜଣେ ଆତଙ୍କବାଦୀଙ୍କୁ ଗୁଳି ଲାଗିଥିଲା, କିନ୍ତୁ ସେ ନିଜ ସାଥୀ ସହିତ ଗୁମ୍ଫା ଭିତରକୁ ପଳାଇ ଯାଇଥିଲା। ଏହି ଗୁମ୍ଫାରୁ ବାହରିବା ପାଇଁ ଦୁଇଟି ରାସ୍ତା ଥିଲା। ଏଠାରୁ ବାହାରିବା ସମୟରେ ୨ ଆତଙ୍କବାଦୀଙ୍କୁ ନିପାତ କରାଯାଇଥିଲା।

## ୱାଙ୍ଗଚୁକ୍‌ଙ୍କ ଜାମିନ ଉପରେ କେନ୍ଦ୍ର ବିଚାର କରୁ: ସୁପ୍ରିମକୋର୍ଟ

ନୂଆଦିଲ୍ଲୀ, ୪ ।୨(ଏଜେନ୍ସି): ସୁପ୍ରିମକୋର୍ଟ ବୁଧବାର ଦିନ କେନ୍ଦ୍ର ସରକାରଙ୍କୁ ବିଶିଷ୍ଟ ପରିବେଶବିତ୍ ତଥା ବୈଜ୍ଞାନିକ ସୋନମ ୱାଙ୍ଗଚୁକଙ୍କୁ ଜାମିନ ଦେବା ନେଇ ବିଚାର କରିବାକୁ କହିଛନ୍ତି। କେବଳ ଆଇନଗତ ଯୁକ୍ତି କିମ୍ବା ଦଲିଲ ନୁହେଁ, ମାନବିକତା ଦୃଷ୍ଟିକୋଣରୁ ବିଚାର କରିବାକୁ ନିର୍ଦ୍ଦେଶ ଦେଇଛନ୍ତି। ସେ ଗତ ୫ ମାସ ହେବ ଜେଲ୍‌ରେ ଅଛନ୍ତି ଓ ତାଙ୍କ ସ୍ୱାସ୍ଥାବସ୍ଥା ମଧ୍ୟ ଭଲ ନାହିଁ। ତେଣୁ ସରକାର ତାଙ୍କୁ ହେପାଜତରେ ରଖିବା ନେଇ ପୁନର୍ବିଚାର କରନ୍ତୁ। ଜଷ୍ଟିସ ଅରବିନ୍ଦ କୁମାର ଓ ପିବି ବରାଲେଙ୍କ ଖଣ୍ଡପୀଠ କହିଛନ୍ତି ଯେ, ୱାଙ୍ଗଚୁକଙ୍କ ଉପରେ ଦଲିଲ ବାହାରକୁ ଯାଇ କେନ୍ଦ୍ର ନିଷ୍ପତ୍ତି ନେଉ। ୱାଙ୍ଗଚୁକ୍ ୨୦୨୫ ସେପ୍ଟେମ୍ବର ୨୬ରୁ ଗିରଫ ହୋଇ ଜେଲ୍‌ରେ ଅଛନ୍ତି। ଲେହରେ ହୋଇଥିବା ହିଂସାକୁ ଉସୁକାଇବା ଅଭିଯୋଗରେ ତାଙ୍କ ଗିରଫ କରାଯାଇଥିଲା। ସେବେଠାରୁ ସେ ଯୋଧପୁର ଜେଲ୍‌ରେ ଅଛନ୍ତି। ତାଙ୍କ ବିରୋଧରେ କଠୋର ଜାତୀୟ ସୁରକ୍ଷା ଆଇନ (ଏନ୍‌ଏସ୍‌ଏ) ଲଗାଯାଇଥିଲା। ସୁପ୍ରିମକୋର୍ଟଙ୍କ ଏହି ଟିପ୍ପଣୀ ଦର୍ଶାଉଛି ଯେ, କେବଳ ଆଇନଗତ ଦିଗ ନୁହେଁ, ବରଂ ବ୍ୟକ୍ତିର ସ୍ୱାସ୍ଥ୍ୟ ଓ ମାନବିକ ଅଧିକାରକୁ ମଧ୍ୟ ପ୍ରାଧାନ୍ୟ ଦେଉଛନ୍ତି। ଏନ୍‌ଏସ୍‌ଏ ଭଳି କଠୋର ଆଇନ ଲାଗୁ ହୋଇଥିଲେ ମଧ୍ୟ କୋର୍ଟ ସରକାରଙ୍କୁ ୱାଙ୍ଗଚୁକଙ୍କ ମୁକ୍ତି ସମ୍ପର୍କରେ ପୁନଃବିଚାର କରିବାକୁ ପ୍ରୋତ୍ସାହିତ କରିଛନ୍ତି।

## ଏପଷ୍ଟିନ ନା ଶୁଣି ଚିଡ଼ିକି ଗଲେ ରସିକିଆ ଟ୍ରମ୍ପ

ୱାଶିଂଟନ, ୪।୨ (ଏଜେନ୍ସି): ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପଙ୍କ ରସିକିଆ ଗୁଣ କାହାକୁ ଅଛପା ନାହିଁ। ସେ ଯାହାକୁ ସହ୍ୟ କରିପାରନ୍ତି ନାହିଁ ତାହା ପଛରେ ଲାଗିଥାନ୍ତି। ମାତ୍ର ଏବେ ଟ୍ରମ୍ପ ଜଣେ ସାମ୍ବାଦିକାଙ୍କ ଆଗରେ ଫସି ଯାଇଛନ୍ତି। ହ୍ୱାଇଟ ହାଉସର ଓଭାଲ ଅଫିସରେ ଅନୁଷ୍ଠିତ ସାମ୍ବାଦିକ ସମ୍ମିଳନୀରେ ଯୌନ ଅପରାଧୀ ଜେଫରି ଏପଷ୍ଟିନ ବିଷୟରେ ସିଏନଏନ ସାମ୍ବାଦିକ କ୍ୟାଟଲିନ କଲିନ୍ସ ପଚାରିବାରୁ ସେ ଚିଡ଼ିକି ଯାଇଥିଲେ। ଏତେ ମାତ୍ରାରେ ରାଗି ଯାଇଥିଲେ ଯେ କ୍ୟାଟଲିନଙ୍କୁ ବ୍ୟକ୍ତିଗତ ଆକ୍ଷେପ କରିବାରେ ଲାଗିଥିଲେ। ତୁମେ କାହିଁକି ଶେଷରେ ପ୍ରଶ୍ନବାଣରେ ଘାଇଲା ହୋଇ ଟ୍ରମ୍ପ ପ୍ରସଙ୍ଗ ବଦଳାଇ ଦେଇଥିଲେ। ସୂଚନା ଅନୁଯାୟୀ, କ୍ୟାଟଲିନ ପଚାରି ଥିଲେ ଯେ ଏପଷ୍ଟିନ ଫାଇଲକୁ ଟ୍ରମ୍ପ କେବଳ ଡେମୋକ୍ରାଟ୍ସ ବିରୋଧୀ କହିବା ଅନୁଚିତ। ଏଥିରେ ରାଷ୍ଟ୍ରପତିଙ୍କ ଘନିଷ୍ଠ ବ୍ୟବସାୟୀ ଏଲନ ମସ୍କ ଓ ବାଣିଜ୍ୟ ମନ୍ତ୍ରୀ ହାଓ୍ୱର୍ଡ ଲୁଟନିକଙ୍କ ନାମ ରହିଛି। ଏହା ପରେ ସାମ୍ବାଦିକା ପୀଡ଼ିତାଙ୍କ କଥା ଉଠାଇ ଅନେକ ଦଲିଲକୁ ସରକାର ହଟାଇ ଥିବା କହିଥିଲେ। ଏଥିରେ ଟ୍ରମ୍ପ ରାଗି ଯାଇ ବ୍ୟକ୍ତିଗତ ଆକ୍ଷେପ କରି କହିଥିଲେ ଏହି ସାମ୍ବାଦିକା କେବେ ହସୁ ନାହାନ୍ତି। କାରଣ ମିଛ କହୁଛନ୍ତି। ତୁମେ ସବୁଠୁ ଖରାପ ସାମ୍ବାଦିକା। ଏଥିପାଇଁ ସିଏନଏନକୁ ଲଜ୍ଜା ଲାଗିବା କଥା। ପରେ ମହିଳା ଧୈର୍ଯ୍ୟର ସହ କହିଥିଲେ ଯେ ସେ କେବଳ ପୀଡ଼ିତା କଥା ଉଠାଉଛନ୍ତି। ଏହା ସତ୍ତ୍ୱେ ଟ୍ରମ୍ପ ତାଙ୍କ କଥା ଶୁଣି ନ ଥିଲେ।

# ସୁପ୍ରିମକୋର୍ଟରେ ମମତାଙ୍କ ଏସ୍‌ଆଇଆର୍ ଲଢ଼େଇ

## ପ୍ରଥମ ମୁଖ୍ୟମନ୍ତ୍ରୀ ଭାବେ କୋର୍ଟରେ ଦଲିଲ ରଖିଲେ



ନୂଆଦିଲ୍ଲୀ, ୪।୨ (ଏଜେନ୍ସି): ପଶ୍ଚିମବଙ୍ଗ ମୁଖ୍ୟମନ୍ତ୍ରୀ ମମତା ବାନାର୍ଜୀ ସ୍ପେସିଆଲ ଇଣ୍ଟେନସିଭ ରିଭିଜନ (ଏସଆଇଆର) ବିରୋଧୀ ଲଢ଼େଇକୁ ଜୋରଦାର କରିଛନ୍ତି। ଏହି କ୍ରମରେ ମମତା ସୁପ୍ରିମକୋର୍ଟରେ ଏସଆଇଆର ସମ୍ବନ୍ଧିତ ଶୁଣାଣିରେ ସାମିଲ ହୋଇ ଦଲିଲ ଉପସ୍ଥାପନ କରିଛନ୍ତି। ପ୍ରଥମ ମୁଖ୍ୟମନ୍ତ୍ରୀ ଭାବେ ସେ ଏପରି କରିଛନ୍ତି। ଏସଆଇଆରକୁ ନେଇ ରୁଦ୍ଧ ଦ୍ୱାର ପଛରେ ନ୍ୟାୟ କାନ୍ଦୁଛି ବୋଲି ମମତା କହିଛନ୍ତି।

ଶୁଣାଣି ସମୟରେ ମମତା ବିରୋଧର ପ୍ରତୀକ ଭାବେ ଧଳା ଶାଢ଼ୀ ଉପରେ କଳା ସାଲ ଘୋଡ଼େଇ ହୋଇ ଓକିଲଙ୍କ ସହ ନିଜ ପକ୍ଷ ରଖିଥିଲେ। ସେ ଅଭିଯୋଗ କରିଥିଲେ ଯେ ନିର୍ବାଚନ କମିଶନ (ଇସି) ପଶ୍ଚିମବଙ୍ଗକୁ ନିଶାଣ କରୁଛନ୍ତି। ନିର୍ବାଚନର ଠିକ୍ ପୂର୍ବରୁ ଏସଆଇଆର କରାଯାଉଛି। ଯେଉଁ କାମ ଦୁଇ ବର୍ଷରେ ହେବା କଥା ତାହାକୁ ତିନି ମାସ ମଧ୍ୟରେ କରାଯାଉଛି। ତରବରିଆ ଭାବେ ଏଭଳି କାହିଁକି କରାଯାଉଛି? ଚାଷ କାମ ଲାଗି ରହିଥିବାବେଳେ ଲୋକଙ୍କୁ ସମସ୍ୟାରେ ପକାଯାଉଛି। ଏଥିପାଇଁ ଶହେରୁ ଅଧିକ ଲୋକଙ୍କ ଜୀବନ ପଳାଇଲାଣି। ଇସିଙ୍କ ପ୍ରତାଡ଼ନାରେ ବିଏଲଓ ପ୍ରାଣ ହାରୁଛନ୍ତି। ଆସାମ ଏବଂ ଉତ୍ତର-ପୂର୍ବରେ ଏସଆଇଆର କାହିଁକି କରାଯାଉ ନାହି ବୋଲି ଦିଦି ପଚାରିଛନ୍ତି। ଭୋଟରଙ୍କୁ ସାମିଲ ପାଇଁ ନୁହେଁ, ବରଂ ହଟାଇବାକୁ ଏସଆଇଆର ପ୍ରକ୍ରିୟା କରାଯାଉଛି। ଏ ପର୍ଯ୍ୟନ୍ତ ୫୮ ଲକ୍ଷ ଲୋକଙ୍କ ନାମ ହଟାଇ ଦିଆଯାଇଛି। ବିଜେପିରୁ ମାଇକ୍ରୋ ଅବଜରଭର ନିଯୁକ୍ତି କରାଯାଇଛି। ସେମାନେ ବିଏଲଓଙ୍କୁ ଅଣଦେଖା କରି ନାମ ହଟାଉଛନ୍ତି। ମମତା ଏହାକୁ ବେଆଇନ କହି ନାମ ଭୁଲ ଥିବା ନୋଟିସକୁ ପ୍ରତ୍ୟାହାର ପାଇଁ ଦାବି କରିଛନ୍ତି। ଝିଅ ବିବାହ ପରେ ଶଶୁର ଘରକୁ ଯାଇଥାଏ। ସେ ସ୍ୱାମୀର ସାଙ୍ଗିଆ ବ୍ୟବହାର କରିଥାଏ। ଏହା କ'ଣ ଭୁଲ କି? ଶଶୁର ଘର ଯାଇଥିବା କିଛି ଝିଅଙ୍କ ନାମ ମଧ୍ୟ ହଟାଇ ଦିଆଯାଇଛି। ଇସିଙ୍କୁ ଦିଦି ହ୍ୱାଟ୍ସଆପ୍ କମିଶନ କହିଛନ୍ତି। କାରଣ ମୋବାଇଲ ବ୍ୟବହାର ଜାଣି ନ ଥିବା ଲୋକଙ୍କୁ ଇସି ହ୍ୱାଟସଆପରେ ନୋଟିସ ପଠାଉଛନ୍ତି।

**ନିର୍ବାଚନ କମିସନଙ୍କୁ ଜବାବ ମାଗିଲେ ସୁପ୍ରିମକୋର୍ଟ**

**ବନାନରେ ତ୍ରୁଟି ଥିଲେ ନୋଟିସ ଜାରି ନ କରିବାକୁ ନିର୍ଦ୍ଦେଶ**

ଦିଦି କ୍ଷୋଭର ସହ କହିଛନ୍ତି ଯେ ସବୁ ପ୍ରକ୍ରିୟା ଶେଷ ହୋଇଯିବା ପରେ ବି ନ୍ୟାୟ ମିଳୁ ନାହିଁ। ନ୍ୟାୟର ଦ୍ୱାର ପଛରେ ଚିତ୍କାର କରୁଥିଲେ ବି କବାଟ ଖୋଲୁନାହିଁ। ସେତେବେଳେ କେଉଁଠି ନ୍ୟାୟ ମିଳିବନି ବୋଲି ଲାଗୁଛି। ପ୍ରଧାନ ବିଚାରପତି (ସିଜେଆଇ)ଙ୍କ ନେତୃତ୍ୱାଧୀନ ଖଣ୍ଡପୀଠ ତାର୍କିକ ବିସଙ୍ଗତିକୁ ନେଇ ମମତା କରିଥିବା ଦିବାକୁ ଯୁକ୍ତିଯୁକ୍ତ ଦର୍ଶାଇ ଥିଲେ। କୋର୍ଟ କହିଥିଲେ ଯେ ପ୍ରକୃତ ଲୋକ ଭୋଟର ତାଲିକାରେ ରହିବା ଉଚିତ। ଏହାକୁ ନେଇ ସୁପ୍ରିମକୋର୍ଟ ଇସି ଏବଂ ରାଜ୍ୟ ନିର୍ବାଚନ ଅଧିକାରୀ (ସିଇଓ)ଙ୍କୁ ଜବାବ ମାଗିଛନ୍ତି। ୯ ତାରିଖ ସୁଦ୍ଧା ପକ୍ଷ ରଖିବାକୁ କହିଛନ୍ତି। ସିଜେଆଇ କହିଛନ୍ତି ଯେ ସବୁ ନୋଟିସ ପ୍ରତ୍ୟାହାର କରିବା ଅବାସ୍ତବ। ନାମ ବନାନରେ ତ୍ରୁଟି ଥିଲେ ନୋଟିସ ଜାରି ନ କରିବାକୁ ନିର୍ଦ୍ଦେଶ ଦେଇଛନ୍ତି। ଅଧିକାରୀଙ୍କୁ ସମ୍ବେଦନଶୀଳ ହେବାକୁ ଇସି ନିର୍ଦ୍ଦେଶ ଦିଅନ୍ତୁ। ରାଜ୍ୟ ସରକାର ବଙ୍ଗଳା ଏବଂ ସ୍ଥାନୀୟ ଭାଷା ଜାଣିଥିବା ଲୋକଙ୍କ ଟିମ ଗଠନ କରି ଇସିଙ୍କୁ ସହଯୋଗ କରିପାରିବେ। ସେମାନେ ତଦନ୍ତ କରି ସ୍ଥାନୀୟ ସମ୍ବୋଧନ କାରଣରୁ ତ୍ରୁଟି ରହୁଛି ବୋଲି ଜଣାଇଲେ ଏଥିରେ ସହଯୋଗ ମିଳିବ। ସ୍ଥାନୀୟ ଭାଷାର ଅନୁବାଦ ପାଇଁ ଏଆଇର ସହାୟତା ନେଉଥିବାରୁ ଏପରି ହେଉଥିଲେ ତାହାର ସମାଧାନ କରାଯିବ। ଏହି କାରଣରୁ ଭୋଟରଙ୍କୁ ତାଲିକାରୁ ବାଦ ଦିଆ ନ ଯିବା ଉଚିତ।

**ନାଇଜେରିଆରେ ଆତଙ୍କବାଦୀଙ୍କ କ୍ରୂରତା**

## ୧୬୨ ଜଣଙ୍କୁ ହତ୍ୟା କଲେ, ରାଜପ୍ରାସାଦରେ ନିଆଁ ଲଗାଇଲେ

ନୂଆଦିଲ୍ଲୀ,୪ ।୨(ଏଜେନ୍ସି): ପଶ୍ଚିମ ତଥା କେନ୍ଦ୍ର ଆଫ୍ରିକୀୟ ଦେଶ ନାଇଜେରିଆରେ ଏକ ବଡ଼ଧରଣର ଆତଙ୍କବାଦୀ ଆକ୍ରମଣ ଘଟିଛି। ନାଇଜେରିଆର ପଶ୍ଚିମରେ ଥିବା କ୍ୱାରା ରାଜ୍ୟର ଏକ ଗାଁରେ ବନ୍ଧୁକଧାରୀ ଆକ୍ରମଣ କରି ଅତିକମ୍‌ରେ ୧୬୨ ଜଣ ନାଗରିକଙ୍କୁ ନିର୍ମମ ଭାବେ ହତ୍ୟା କରିଛନ୍ତି। ରେଡକ୍ରସର ଜଣେ ଅଧିକାରୀ ଏହି ସୂଚନା ଦେଇଛନ୍ତି। ନିକଟ ଅତୀତରେ ନାଇଜେରିଆର ହୋଇଥିବା ସବୁଠାରୁ ବଡ଼ ଓ ଭୟଙ୍କର ଆକ୍ରମଣ ମଧ୍ୟରୁ ଏହା ଅନ୍ୟତମ। ନାଇଜେରିଆରେ ଅନେକ ସଶସ୍ତ୍ର ଗୋଷ୍ଠୀ ସକ୍ରିୟ ଅଛନ୍ତି। ଏହାକୁ ସ୍ଥାନୀୟ ଲୋକ ବ୍ୟାଣ୍ଡିଟ୍ସ ବୋଲି କହିଥାନ୍ତି। ଏହି ଗୋଷ୍ଠୀଗୁଡ଼ିକ ଟଙ୍କା ପାଇଁ ଲୁଟ୍‌ପାଟ୍ କରିଥାନ୍ତି ଓ ଲୋକଙ୍କୁ ଅପହରଣ କରି ନେଇଥାନ୍ତି। ଅନେକ ନିଖୋଜ ଥିବାରୁ ମୃତ୍ୟୁସଂଖ୍ୟା ଆହୁରି ବୃଦ୍ଧି ପାଇପାରେ ବୋଲି ଆଶଙ୍କା କରାଯାଉଛି। ସ୍ଥାନୀୟ ବିଧାୟକ ସଇଦୁ ବାବା ଅହମ୍ମଦଙ୍କ ଅନୁଯାୟୀ, ମଙ୍ଗଳବାର ସନ୍ଧ୍ୟା ୬ଟାରେ ଆକ୍ରମଣକାରୀମାନେ ୱୋରନ ଗାଁରେ ପଶିଥିଲେ। ସେମାନେ ଦୋକାନ ବଜାର ଓ ଗାଁର ରାଜପ୍ରାସାଦରେ ନିଆଁ ଲଗାଇ ଦେଇଥିଲେ। ଏବେ ଗୁଳିମାଡ଼ ଭୟରେ ଅନେକ ଲୋକ ଜଙ୍ଗଲ ଭିତରକୁ ଚାଲିଯାଇଛନ୍ତି। ଗାଁର ପାରମ୍ପରିକ ରାଜାଙ୍କ ବିଷୟରେ ଏ ପର୍ଯ୍ୟନ୍ତ କୌଣସି ସୂଚନା ମିଳନାହିଁ। ଏହି ଆକ୍ରମଣ ପଛରେ ଆତଙ୍କବାଦୀଙ୍କ ହାତ ଥିବା ରାଜ୍ୟ ସରକାରଙ୍କ ତରଫରୁ କୁହାଯାଇଛି। ଏହି ଘଟଣାକୁ ରାଜ୍ୟ ଗଭର୍ଣ୍ଣର ନିନ୍ଦା କରିଛନ୍ତି।

## ଇରାନ ଡ୍ରୋନକୁ ଖସାଇଲା ଆମେରିକା

ୱାଶିଂଟନ, ୪।୨ (ଏଜେନ୍ସି): ଆମେରିକା ଏବଂ ଇରାନ ମୁହାଁମୁହିଁ ସ୍ଥିତିରେ ଅଛନ୍ତି। ଏପରି ସମୟରେ ଆରବ ସାଗରରେ ଇରାନର ଏକ ସାହେଦ-୧୩୯ ଡ୍ରୋନକୁ ଆମେରିକା ନୌସେନା ଉଡ଼ାଇ ଦେଇଛି। ଏହି ଡ୍ରୋନଟି ନୌସେନାର ପରମାଣୁ ଶକ୍ତି ଚାଳିତ ଯୁଦ୍ଧ ଜାହାଜ 'ୟୁଏସଏସ ଆବ୍ରାହାମ ଲିଙ୍କନ' ନିକଟରେ ପଇଁତରା ମାରୁଥିଲା। ସତର୍କ ସୂଚନା ଦେଇଥିଲେ ବି ଦିଗ ବଦଳାଇ ନ ଥିଲା। ଡ୍ରୋନ ଆକ୍ରାମକ ବ୍ୟବହାର କରିଥିଲା। ତେଣୁ ଆତ୍ମରକ୍ଷା ପାଇଁ ଏହି ଜାହାଜରେ ମୁତୟନ ଏଫ-୩୫ସି ଉକ୍ତ ଡ୍ରୋନକୁ ଖସାଇ ଦେଇଥିଲା ବୋଲି ଆମେରିକା ସେଣ୍ଟ୍ରାଲ କମାଣ୍ଡ ପକ୍ଷରୁ କୁହାଯାଇଛି। ମାତ୍ର ଇରାନ ପକ୍ଷରୁ ଏ ନେଇ କୌଣସି ବିବୃତ୍ତି ଆସି ନାହିଁ। ଦୁଇ ଦେଶ ମଧ୍ୟରେ ଉତ୍ତେଜନା ବୃଦ୍ଧି ଏବଂ ଆଲୋଚନା ପାଇଁ ପ୍ରୟାସ ଆରମ୍ଭ ହୋଇଥିବାବେଳେ ଏପରି ହୋଇଛି।

## ରାହୁଲ ଗାନ୍ଧୀ-ରବ୍‌ନୀତ୍ ବିଟ୍ଟୁ ମୁହାଁମୁହିଁ

**ରବନୀତ ଜଣେ ବିଶ୍ୱାସଘାତକ: ରାହୁଲ**





**ରାହୁଲ ଦେଶ ବିରୋଧୀ: କେନ୍ଦ୍ରମନ୍ତ୍ରୀ**

ନୂଆଦିଲ୍ଲୀ, ୪।୨ (ଏଜେନ୍ସି): ସଂସଦ ଭବନ ବାହାରେ ଥିବା ମକରଦ୍ୱାରରେ ବୁଧବାର ତୁତୁ ମେଁମେଁ ଦେଖିବାକୁ ମିଳିଛି। କୌଣସି ସାଧାରଣ ବ୍ୟକ୍ତି ନୁହଁନ୍ତି, ବରଂ ଏଠାରେ ଲୋକସଭା ବିରୋଧୀ ଦଳ ନେତା ରାହୁଲ ଗାନ୍ଧୀ ଏବଂ କେନ୍ଦ୍ର ରାଷ୍ଟ୍ରମନ୍ତ୍ରୀ ରବନୀତ ସିଂହ ବିଟ୍ଟୁଙ୍କ ମଧ୍ୟରେ କଥା କଟାକଟି ହୋଇଛି। ରବନୀତଙ୍କୁ କଂଗ୍ରେସ ନେତା ରାହୁଲ ବିଶ୍ୱାସଘାତକ କହିଛନ୍ତି। ଏହାର ଜବାବରେ କେନ୍ଦ୍ରମନ୍ତ୍ରୀ ତାଙ୍କୁ ଦେଶର ଶତ୍ରୁ କହିଥିଲେ। ସୂଚନା ଅନୁଯାୟୀ, ରାହୁଲଙ୍କ ନେତୃତ୍ୱରେ ବିରୋଧୀ ସାଂସଦ ମକର ଦ୍ୱାରରେ ବିକ୍ଷୋଭ କରୁଥିଲେ। ଏହି ସମୟରେ ରେଳ ରାଷ୍ଟ୍ରମନ୍ତ୍ରୀ ତଥା ଲୁଧିୟାନା ସାଂସଦ ରବନୀତ ସଂସଦ ଭବନକୁ ଯିବା ପାଇଁ ସେହି ବାଟରେ ଯାଇଥିଲେ। ଏହା ଦେଖି ରାହୁଲ କହିଥିଲେ ଯେ ବିଶ୍ୱାସଘାତକ ଯାଉଛି। ଦେଖ ତା ମୁହଁ କେମିତି ଦିଶୁଛି। ଏହା ପରେ ରାହୁଲ ବିଟ୍ଟୁଙ୍କ ଅଭିମୁଖେ ହାତ ବଢ଼ାଇ 'ହେଲୋ ବ୍ରଦର ଏବଂ ବିଶ୍ୱାସଘାତ କରିଥିବା ମୋର ବନ୍ଧୁ' କହିଥିଲେ। ମାତ୍ର ବିଟୁ ହାତ ମିଳାଇ ନ ଥିଲେ। ଏହା ଶୁଣି ରବନୀତ ଅଙ୍ଗୁଳି ନିର୍ଦ୍ଦେଶ କରିବାରୁ 'ଚିନ୍ତା କର ନାହିଁ, ତୁମେ ପୁଣି କଂଗ୍ରେସ ଫେରିବ' ବୋଲି ରାହୁଲ କହିଥିଲେ। ଏହାର ଜବାବରେ ବିଟ୍ଟୁ କହିଥିଲେ ଯେ ଆପଣ ଦେଶ ପାଇଁ କିଛି ଭଲ କରୁନାହାନ୍ତି। ଦେଶର ଶତ୍ରୁ ସହ ମୋର କିଛି ଦେବାନେବା ନାହିଁ। ଏହା ପରେ ବିଟୁ ପାହାଚ ଚଢ଼ି ଚାଲି ଯାଉଥିଲେ। ମାତ୍ର ରାହୁଲ ଚିଡ଼ାଇବାରୁ ଉଭୟଙ୍କ ମଧ୍ୟରେ ପୁଣି ଯୁକ୍ତିତର୍କ ହୋଇଥିଲା। ଶେଷରେ ରବନୀତ ସଂସଦ ଭିତରକୁ ପଳାଇ ଥିଲେ। ଏହି ସମୟରେ ସାଂସଦ ଅମରିନ୍ଦର ସିଂହ ରାଜା ୱଡିଂ, ଗୁରଦାସପୁରରୁ ସାଂସଦ ସୁଖଜିନ୍ଦର ରନ୍ଧୱା ଏବଂ ଅମୃତସର ସାଂସଦ ଗୁରଜିତ ଔଜଲା ଉପସ୍ଥିତ ଥିଲେ।

## ମା, ଭାଇଭଉଣୀଙ୍କ ଜୀବନ ବଞ୍ଚାଇଲା ୧୩ ବର୍ଷୀୟ ବାଳକ

**ସମୁଦ୍ରରେ ୪ ଘଣ୍ଟାର ସଂଘର୍ଷ**

ମେଲବୋର୍ଣ୍ଣ,୪ ।୨(ଏଜେନ୍ସି): ଅଷ୍ଟ୍ରେଲିଆର ଜଣେ ୧୩ ବର୍ଷୀୟ ବାଳକ ଅଷ୍ଟି ଆପଲବି ଏକ ଅସମ୍ଭବକୁ ସମ୍ଭବ କରି ଦେଖାଇଛନ୍ତି। ସେ ସମୁଦ୍ରରେ କ୍ରମାଗତ ୪ ଘଣ୍ଟା ପହଁରି ନିଜ ମା' ଓ ଦୁଇ ଛୋଟ ଭାଇ-ଭଉଣୀଙ୍କ ଜୀବନ ବଞ୍ଚାଇବାକୁ ସକ୍ଷମ ହୋଇଛନ୍ତି। ସେ ନିଜ ପରିବାର ସହ ସମୁଦ୍ରକୁ ବୁଲିବାକୁ ଯାଇଥିଲେ। ହଠାତ ସମୁଦ୍ରରେ ଢେଉ ପ୍ରଖର ହେବା କାରଣରୁ ସେମାନଙ୍କ ବୋଟ୍ ଓଲଟି ପଡ଼ିଥିଲା ଓ ସମସ୍ତେ ସମୁଦ୍ର ମଝିକୁ ଭାସି ଯାଇଥିଲେ। ଅଷ୍ଟିନଙ୍କ ପରିବାର ପଶ୍ଚିମ ଅଷ୍ଟ୍ରେଲିଆର କ୍ୱିଣ୍ଡାଲୁପ ନିକଟରେ ଛୁଟି କାଟିବାକୁ ଆସିଥିଲେ। ପର୍ଥରୁ ଆସିଥିବା ଏହି ପରିବାର ହୋଟେଲ ନିକଟରୁ କିଛି ପ୍ୟାଡଲ ବୋଟ ଭଡ଼ାରେ ନେଇଥିଲେ। ପ୍ରବଳ ପବନ ଓ ଉଚ୍ଚ ଢେଉ ଯୋଗୁ ବୋଟ୍‌ଟି ଓଲଟି ପଡ଼ିଥିଲା। ଅଷ୍ଟିନ କହିଛି ଯେ, ବଡ଼ ବଡ଼ ଢେଉ ଆସୁଥିଲା। ପହଁରି ପହଁରି କୂଳରେ ପହଞ୍ଚିବା ପରେ ମୁଁ ପଡ଼ିଗଲି।



କୂଳରେ ପହଞ୍ଚିବା ପରେ ସେ ପୁଲିସ ଓ ଉଦ୍ଧାରକାରୀ ଦଳକୁ ସୂଚନା ଦେଇଥିଲା। ଏହାପରେ ଉଦ୍ଧାରକାରୀ ଦଳ ସମସ୍ତଙ୍କୁ ସୁରକ୍ଷିତ ଭାବେ ସମୁଦ୍ରରୁ ବାହାରକୁ ଆଣିଥିଲା। ଅଷ୍ଟିନର ମା' ଓ ଦୁଇ ଭାଇ- ଭଉଣୀ ୧୪ କିମି ଦୂରକୁ ଭାସିଯାଇଥିଲେ। ସେମାନେ ପ୍ରାୟ ୧୦ ଘଣ୍ଟା ଧରି ସମୁଦ୍ରରେ ରହିଥିଲେ। ୧୩ ବର୍ଷର ଏହି ବାଳକଙ୍କ ସାହସିକ କାର୍ଯ୍ୟ ଅତ୍ୟନ୍ତ ପ୍ରଶଂସନୀୟ ବୋଲି କୁହାଯାଇଛି। ତା'ର ସାହସ ଯୋଗୁ ହିଁ ତା'ର ମା ଓ ଭାଇ- ଭଉଣୀଙ୍କ ଜୀବନ ବଞ୍ଚିଯାଇଛି।

## ବିବାହ ବିଚ୍ଛେଦର କାରଣ ଏପ୍‌ଷ୍ଟିନ: ବିଲ୍ ଗେଟ୍ସଙ୍କ ପତ୍ନୀ

ନୂଆଦିଲ୍ଲୀ,୪ ।୨(ଏଜେନ୍ସି): ମାଇକ୍ରୋସଫ୍ଟର ସହ ପ୍ରତିଷ୍ଠାତା ତଥା ବିଶିଷ୍ଟ ବ୍ୟବସାୟୀ ବିଲ୍ ଗେଟ୍ସଙ୍କ ପତ୍ନୀ ମେଲିଣ୍ଡା ଫ୍ରେଞ୍ଚ୍ ଗେଟ୍ସ ଦୀର୍ଘ ବର୍ଷ ପରେ ସ୍ୱାମୀଙ୍କ ଗୁମର ଖୋଲିଛନ୍ତି। ଯୌନ ଅପରାଧୀ ଜେଫ୍ରି ଏପଷ୍ଟିନ୍‌ଙ୍କ ସହ ବିଲ୍‌ଙ୍କ ଘନିଷ୍ଠତା କାରଣରୁ ହିଁ ଆମର ବିବାହ ବିଚ୍ଛେଦ ହୋଇଥିଲା ବୋଲି କହିଛନ୍ତି। ଆମେରିକୀୟ ରେଡ଼ିଓ ଏନ୍‌ପିଆର ପୋଡକାଷ୍ଟରେ ମେଲିଣ୍ଡା କହିଛନ୍ତି ଯେ, 'ଏପଷ୍ଟିନ ଫାଇଲରେ ବିଲ୍‌ଙ୍କ ନାମ ଦେଖିବା ପରେ ତାଙ୍କୁ ନିଜ ବିବାହର ସେହି ଅତି କଷ୍ଟଦାୟକ ଦିନଗୁଡ଼ିକ ମନେ ପଡ଼ି ଯାଇଥିଲା।' ମେଲିଣ୍ଡା ଏହି ସମ୍ପୂର୍ଣ୍ଣ ସାକ୍ଷାତକାର ଗୁରୁବାର ପ୍ରସାରଣ କରାଯିବ। ଏପଷ୍ଟିନ ଫାଇଲରେ କରାଯାଇଥିବା ସେହି ଦାବି ଉପରେ ମଧ୍ୟ ମେଲିଣ୍ଡା କଥା ହୋଇଛନ୍ତି। ଯେଉଁଥିରେ କୁହାଯାଇଛି ଯେ, ରୁଷୀୟ ଯୁବତୀଙ୍କ ସହ ସମ୍ପର୍କ ରଖିବା ପରେ ବିଲ୍‌ଙ୍କୁ ଯୌନ ସଂକ୍ରମଣ ରୋଗ (ଏସ୍‌ଟିଡି) ହୋଇଥିଲା। ଏହାପରେ ବିଲ ଆଣ୍ଟି ବାୟୋଟିକ୍ସ ମାଗିଥିଲେ। ମେଲିଣ୍ଡାଙ୍କୁ ସେହି ଔଷଧ ଚୁପ୍‌ଚାପ ଦେବା ପାଇଁ ଏପରି କରିଥିଲେ। ମେଲିଣ୍ଡା କହିଛନ୍ତି ଯେ, ଏହି ତଥ୍ୟ ତାଙ୍କୁ ଗଭୀର ଭାବେ ଆଘାତ ଦେଇଥିଲା। ମୋତେ ଛାଡ଼ପତ୍ର ନେବାକୁ ପଡ଼ିଥିଲା ଓ ଶେଷରେ ଫାଉଣ୍ଡେସନ ମଧ୍ୟ ଛାଡ଼ିବାକୁ ପଡ଼ିଥିଲା।





# ମହିଳାଙ୍କ ଶାସନ

ସାଧାରଣତଃ ପୁରୁଷମାନଙ୍କୁ ସମାଜର ନେତୃତ୍ୱ, ସମ୍ପତ୍ତି ଏବଂ ନିଷ୍ପତ୍ତି ନେବାର ଅଧିକାର ପ୍ରଦାନ କରାଯାଇଛି । ହେଲେ ବିଶ୍ୱରେ ଏପରି କିଛି ଗାଁ ତଥା ସମ୍ପ୍ରଦାୟ ରହିଛି, ଯେଉଁଠି ଏହାର ବିପରୀତ ଦୃଶ୍ୟ ଦେଖିବାକୁ ମିଳେ । ଏଠାରେ ମହିଳାମାନେ ସର୍ବେସର୍ବା ହୋଇଥାନ୍ତି । ସମାଜର ନେତୃତ୍ୱ ନେବା ସହ ସଂସ୍କୃତି, ପରମ୍ପରା ଏବଂ ପରିବାରର ଦାୟିତ୍ୱଭାର ସେମାନେ କାନ୍ଧକୁ ନେଇଥାନ୍ତି । କେବଳ ସେତିକି ନୁହେଁ, ଆଧ୍ୟାତ୍ମିକ, ଧାର୍ମିକ ଏବଂ ସାଂସ୍କୃତିକ ନିର୍ଣ୍ଣୟରେ ମଧ୍ୟ ଏଠାରେ ମହିଳାଙ୍କର ଗୁରୁତ୍ୱପୂର୍ଣ୍ଣ ଭୂମିକା ରହିଛି । ମହିଳାଙ୍କ ନେତୃତ୍ୱରେ ପରିଚାଳିତ ସେହିଭଳି କିଛି ସମ୍ପ୍ରଦାୟ ଏବଂ ଗାଁକୁ ନେଇ ଏହି ଉପସ୍ଥାପନା

## ଖାସି, ମେଘାଳୟ

ମେଘାଳୟର ଖାସି ଜନଜାତି ଅନନ୍ୟ ମାତୃକୈନ୍ଦ୍ରିକ ପରମ୍ପରା ପାଇଁ ପ୍ରସିଦ୍ଧ । ଏଠାରେ ଜମିଜମା, କୋଠାବାଡ଼ି, ପରିବାର ଦାୟିତ୍ୱଭାର ମହିଳାଙ୍କ ହାତରେ ଥାଏ । ପରିବାରର ସବୁଠୁ ସାନ ଝିଅକୁ ଘରର ଉତ୍ତରାଧିକାରୀ ଭାବେ ବିବେଚନା କରାଯାଏ । ମହିଳାମାନେ ଘରର ଦାୟିତ୍ୱ ନେବା ସହ ସମାଜର ଦାୟିତ୍ୱ ବହନ କରିବାରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ନିର୍ବାହ କରିଥାନ୍ତି । ସେହିପରି ବିବାହ ତଥା ଛାଡ଼ପତ୍ର ଭଳି ଘଟଣାରେ ମହିଳାଙ୍କୁ ସ୍ୱାଧୀନତା ଦିଆଯାଏ । ସମାଜରେ ମହିଳାଙ୍କୁ ସମ୍ମାନଜନକ ଉପାଧି ମିଳିଥାଏ ।

## ବ୍ରିବ୍ରି, କୋଷ୍ଟାରିକା

କୋଷ୍ଟାରିକା ବ୍ରିବ୍ରି ଜନଜାତିରେ ମାତୃକୈନ୍ଦ୍ରିକ ପରମ୍ପରା ଦେଖିବାକୁ ମିଳିଥାଏ । ଏହି ଜନଜାତିରେ ମହିଳାମାନେ ସଂସ୍କୃତି ଏବଂ ପରମ୍ପରାର ରକ୍ଷକ ଭାବେ ଜଣାଯାନ୍ତି । ଏଥିସହ ଆଧ୍ୟାତ୍ମିକ ଉପଚାରରେ ମହିଳାମାନେ ଗୁରୁତ୍ୱ ବହନ କରିଥାନ୍ତି । ଏହି ଜନଜାତିର ଲୋକେ କୃଷିକାର୍ଯ୍ୟ କରି ଜୀବିକା ନିର୍ବାହ କରିଥାନ୍ତି । ଏଠାରେ ଉତ୍ତରାଧିକାରୀ ଭାବେ ମହିଳାଙ୍କୁ ଘର, ଧାର୍ମିକ ଦାୟିତ୍ୱ ଆଦି ପ୍ରଦାନ କରାଯାଇଥାଏ ।



## ମିନାଙ୍ଗକବାଉ, ଇଣ୍ଡୋନେସିଆ

ଇଣ୍ଡୋନେସିଆ ପଶ୍ଚିମ ସୁମାତ୍ରାର ମିନାଙ୍ଗକାବାଉ, ବିଶ୍ୱର ସର୍ବବୃହତ୍ ମାତୃକୈନ୍ଦ୍ରିକ ଜନଜାତି ଭାବେ ପରିଚିତ । ଏଠାରେ ଧନ ସଂପତ୍ତି, ମାଆଙ୍କ ଅନୁସାରେ ପରିଚାଳିତ ହୋଇଥାଏ । ମହିଳାମାନେ ପାରିବାରିକ ନିଷ୍ପତ୍ତିରେ ନେବାରେ ଅଗ୍ରଣୀ ଭୂମିକା ନିର୍ବାହ କରିଥାନ୍ତି । ପୁରୁଷମାନେ ଧାର୍ମିକ ଏବଂ ପ୍ରସାଶନିକ ଦାୟିତ୍ୱ ବହନ କରିଥାନ୍ତି । ଏଥିପାଇଁ ସମାଜରେ ଲିଙ୍ଗଗତ ସମନ୍ୱୟ ବଜାୟ ରହିଥାଏ । ମହିଳାମାନଙ୍କୁ ପୁରୁଷଙ୍କ ତୁଳନାରେ ଅଧିକ ସମ୍ମାନ ଦିଆଯାଏ ।

## ଅକାନ, ଘାନା

ଏହି ଜନଜାତିରେ ବଂଶରକ୍ଷା , ଜମିବାଡ଼ି ଏବଂ ସମ୍ପତ୍ତି ମହିଳାଙ୍କ ଦ୍ୱାରା ଆଗକୁ ବଢ଼ିଥାଏ । ଏଠାରେ ପରିବାର ଏବଂ ସାମାଜିକ ନିଷ୍ପତ୍ତିରେ ମହିଳାମାନେ ଗୁରୁତ୍ୱପୂର୍ଣ୍ଣ ଭୂମିକା ନିର୍ବାହ କରିଥାନ୍ତି । ଅବଶ୍ୟ ପୁରୁଷମାନେ ଧାର୍ମିକ ଏବଂ ରାଜନୈତିକ ପଦବୀରେ ଦେଖିବାକୁ ମିଳନ୍ତି । ସମାଜର ଶକ୍ତି, ସାମର୍ଥ୍ୟ ମହିଳାଙ୍କ ଠାରୁ ମିଳିଥାଏ । ସାମାଜିକ ସରଞ୍ଚନାରେ ଏଠାରେ ମହିଳାଙ୍କ ସ୍ଥାୟୀ ପ୍ରଭାବ ରହିଛି । ଏଥିରେ ମହିଳାଙ୍କୁ ସମ୍ମାନ ଓ ଅଧିକାର ଦୁଇଟି ଯାକ ମିଳିଥାଏ ।

## ଉମୋଜା, କେନିଆ

ଉତ୍ତର କେନିଆରେ ଅବସ୍ଥିତ ଉମୋଜା ମହିଳାଙ୍କ ଗାଁ ଭାବେ ପରିଚିତ । ୧୯ ୯୦ ମସିହାରେ ମହିଳାଙ୍କ ଦ୍ୱାରା ଏହି ଗାଁ ପ୍ରତିଷ୍ଠା ହୋଇଥିଲା । ଏଠାରେ ମହିଳାମାନେ ଶାସନ କରନ୍ତି । ଏଠାରେ ପୁରୁଷ ପ୍ରବେଶକୁ ସମ୍ପୂର୍ଣ୍ଣ ନିଷେଧ କରାଯାଇଛି । ମହିଳାମାନେ ପର୍ଯ୍ୟଟନ, ହସ୍ତଶିଳ୍ପ ଏବଂ ମହିଳା ଅଧିକାର ଜଡ଼ିତ କାର୍ଯ୍ୟ କରି ଜୀବିକା ନିର୍ବାହ କରିଥାନ୍ତି । ଏହି ଗାଁ ମହିଳା ସୁରକ୍ଷା ତଥା ସମ୍ମାନର ବାର୍ତ୍ତା ପ୍ରଦାନ କରିଥାଏ ।

# ଅଫ୍ ସୋଲ୍‌ଡର୍ ବ୍ଲାଉଜ୍

ସମୟାନୁସାରେ ଫେଶନ୍ ଟ୍ରେଣ୍ଡରେ ଅନେକ ପରିବର୍ତ୍ତନ ଦେଖିବାକୁ ମିଳିଥାଏ । ଏହି କ୍ରମରେ ଏବେ ଅଫ୍‌ସୋଲଡର୍ ବ୍ଲାଉଜ ଟ୍ରେଣ୍ଡରେ ରହିଛି । ଏହା ଉଭୟ ପାରମ୍ପରିକ ଏବଂ ଆଧୁନିକ ଲେହେଙ୍ଗାକୁ ଭଲ ମାନିଥାଏ । ବିବାହ ପାର୍ଟି, ଫଙ୍କ୍‌ସନ୍‌ରେ ମହିଳାମାନେ ଏହି ବ୍ଲାଉଜ୍ ପିନ୍ଧି ନିଜକୁ ନୂଆ ଲୁକ୍ ଦେଇପାରିବେ ।

## କ୍ଲାସିକ୍ ଅଫ୍‌ସୋଲଡର୍

ନିଜକୁ ଷ୍ଟାଇଲିଶ୍ ତଥା ଆଧୁନିକ ଲୁକ୍ ଦେବାକୁ ଚାହୁଁଥିବା ମହିଳାଙ୍କ ପାଇଁ ଏହି ଡିଜାଇନ୍ ଖୁବ୍ ଲାଭଦାୟକ ହୋଇଥାଏ । ଏଥିରେ ଅଧିକ ଏମ୍ବ୍ରୋଡୋରୀ କିମ୍ବା ମାଳି କାମ ନ ଥାଏ । ଏହା ଦେଖିବାକୁ ସାଧା, ସିମ୍ପଲ୍ ହୋଇଥାଏ ।

## ରଫଲ୍‌ଡ

ଆକର୍ଷଣୀୟ ଲୁକ୍ ଚାହୁଁଥିଲେ, ରଫଲ୍‌ଡ ଅଫ୍‌ସୋଲଡର୍ ବ୍ଲାଉଜ୍ ଭଲ ବିକଳ୍ପ ହୋଇଥାଏ । ଏଥିରେ କାନ୍ଧରେ ଥିବା ରଫଲ୍‌ଡ ଡିଜାଇନ୍‌ରୁ ଏକ ଭିନ୍ନ ଲୁକ୍ ମିଳିଥାଏ । ହାଲୁକା ଶାଢ଼ି ଫ୍ୟାବ୍ରିକ୍ ସହ ଏହି ଡିଜାଇନ୍ ଖୁବ୍ ସୁନ୍ଦର ମାନିଥାଏ । ଏହା ଫଙ୍କ୍‌ସନ୍ ତଥା ମେହେନ୍ଦୀ ଉତ୍ସବରେ ଭଲ ଦିଶିଥାଏ ।



## ଏମ୍ବ୍ରୋଡୋରୀ ଅଫ୍ ସୋଲ୍‌ଡର୍

ବିବାହ ଉତ୍ସବରେ କିଛି ଭିନ୍ନ ତଥା ନୂଆ ଡିଜାଇନ୍ ଦେବାକୁ ଚାହୁଁଥିଲେ, ଏମ୍ବ୍ରୋଡୋରୀ ଅଫ୍‌ସୋଲଡର୍ ବ୍ଲାଉଜ୍ ପିନ୍ଧିପାରିବେ । ଏଥିରେ ଜରି, ଏମ୍ବ୍ରୋଡୋରୀ ଭଳି ସୂତା କାମ ଥାଏ । ଯାହା ଏହାକୁ ରାଜକୀୟ ଲୁକ୍ ଦେଇଥାଏ । ଏହା ଭାରୀ ଶାଢ଼ି ଏବଂ ଲେହେଙ୍ଗାକୁ ଖୁବ୍ ସୁନ୍ଦର ମାନିଥାଏ ।

## କର୍ସେଟ୍ ଷ୍ଟାଇଲ୍

ବର୍ତ୍ତମାନ ସମୟରେ ଏ ପ୍ରକାର ବ୍ଲାଉଜ୍‌ର ଖୁବ୍ ଚାହିଦା ରହିଛି । ଲେହେଙ୍ଗା ତଥା ହାଇୱେଷ୍ଟ ଶାଢ଼ି ସହ ଏହା ଖୁବ୍ ସୁନ୍ଦର ମାନିଥାଏ । ଏହା ପିନ୍ଧିବାକୁ ଆରାମଦାୟକ ହେବା ସହ ଷ୍ଟାଇଲିଶ୍ ଦେଖାଯାଏ ।

## ସ୍ଲିଭ୍ ଅଫ୍‌ସୋଲଡର୍

ସ୍ଲିଭ୍‌ଲେସ୍ ବ୍ଲାଉଜ୍ ପିନ୍ଧିବାକୁ ପସନ୍ଦ କରୁ ନ ଥିବା ମହିଳାଙ୍କ ପାଇଁ ଏହା ବେଶ୍ ଲାଭଦାୟକ ହୋଇଥାଏ । ଏଥିରେ ହାତରେ ହାଲୁକା ସ୍ଲିଭ୍ ଦିଆଯାଇଥାଏ । ଏଥିରୁ ଏକ ବାଲାନ୍ସ ଲୁକ୍ ମିଳିଥାଏ । ଏହି ଡିଜାଇନ୍ ସବୁ ବୟସର ମହିଳାଙ୍କୁ ମାନିଥାଏ ।

## ପ୍ରିଣ୍ଟେଡ୍ ଅଫ୍‌ସୋଲଡର୍

ଅନେକ ମହିଳା ଭାରୀ କାମ ବ୍ଲାଉଜ୍ ପିନ୍ଧିବାକୁ ପସନ୍ଦ କରନ୍ତିନି । ଏପରିସ୍ଥଳେ ହାଲୁକା ପ୍ରିଣ୍ଟଯୁକ୍ତ ବ୍ଲାଉଜ୍ ପିନ୍ଧିପାରିବେ । ଏହା ହାଲୁକା ହେବା ସହ ପିନ୍ଧିବାକୁ ଆରାମଦାୟକ ଲାଗିଥାଏ । ଏହାକୁ ଉଭୟ ଶାଢ଼ି ଏବଂ ଲେହେଙ୍ଗାରେ ମଧ୍ୟ ପିନ୍ଧିପାରିବେ ।

ମୋ ହାଣ୍ଡିଶାଳରୁ...

# ପାଳଙ୍ଗ ମସଲା ଇଡ୍‌ଲୀ

## ଆବଶ୍ୟକ ସାମଗ୍ରୀ

ସୁଜି - ଏକ କପ୍ , ଦହି – ଏକ କପ୍, ପାଳଙ୍ଗ ଶାଗ– ଏକବିଡ଼ା, କଟା ପିଆଜ – ଏକ କପ୍, ଟମାଟୋ – ଏକ କପ୍, ଗାଜର – ଏକ କପ୍, ଗ୍ରୀନ୍ ମଟର୍ – ଏକ କପ୍, ସିମ୍‌ଲା ଲଙ୍କା – ଏକ କପ୍, ଲଙ୍କା ଗୁଣ୍ଡ – ଏକ ଚାମଚ, ହଳଦୀଗୁଣ୍ଡ –ଏକ ଚାମଚ, ଧନିଆ ଗୁଣ୍ଡ- ଏକ ଚାମଚ, ଅଦା – ଖଣ୍ଡେ, ଜୀରା – ଏକ ଚାମଚ, ଇନୋ – ଏକ ପ୍ୟାକେଟ୍, ଲୁଣ – ସ୍ୱାଦ ଅନୁସାରେ, ତେଲ – ଆବଶ୍ୟକତା ଅନୁସାରେ ।

## ପ୍ରସ୍ତୁତି ପ୍ରଣାଳି

ଗୋଟିଏ ବାଉଲ୍‌ରେ ସୁଜି ନେଇ ସେଥିରେ ଏକ କପ୍ ଦହି ମିଶାଇ ଏକ ଘୋଳ ପ୍ରସ୍ତୁତ କରନ୍ତୁ । ଏହାପରେ ପାଳଙ୍ଗ ଶାଗକୁ ଧୋଇ ଏକ ହାଣ୍ଡିରେ ଅଳ୍ପ ପାଣି ଏବଂ ଚିନି ଦେଇ ସିଝାନ୍ତୁ । ପରେ ଥଣ୍ଡା ହୋଇଗଲେ ଏହାକୁ ଜାର୍‌ରେ କାଢ଼ି କଞ୍ଚାଲଙ୍କା, ଅଦା ପକାଇ ଏକ ପେଷ୍ଟ ପ୍ରସ୍ତୁତ କରନ୍ତୁ । ଏହାକୁ ପୂର୍ବରୁ ରଖିଥିବା ସୁଜିରେ ମିଶାନ୍ତୁ । ଏହାପରେ ସେଥିରେ କ୍ୟାପ୍‌ସିକମ୍, ଗାଜର, ଟମାଟୋ, ଗ୍ରୀନ୍‌ମଟର୍ ଦେଇ ହଳଦୀଗୁଣ୍ଡ , ଲଙ୍କା ଗୁଣ୍ଡ, ଜିରା ମିଶାଇ ଦିଅନ୍ତୁ । ଏହାପରେ ଏଥିରେ ଏକ ପ୍ୟାକେଟ୍ ଇନୋ ପକାଇ ଭଲରେ ଘାଣ୍ଟନ୍ତୁ । ପରେ ଏକ ଇଡ୍‌ଲି ଛାଞ୍ଚ ନେଇ ସେଥିରେ ହାଲୁକା ତେଲ ଲଗାଇ ସୁଜିକୁ ଦେଇ ଷ୍ଟିମ୍ କରନ୍ତୁ । ଏହାକୁ ୨୦-୩୦ ମିନିଟ୍ ପରେ କାଢ଼ନ୍ତୁ । ପ୍ରସ୍ତୁତ ହୋଇଗଲା ସ୍ୱାଦିଷ୍ଟ 'ପାଳଙ୍ଗ ମସଲା ଇଡ୍‌ଲୀ' ।





# ଆଇବ୍ରୋ ଷ୍ଟିକର୍

ଭ୍ରୂଲତା ମୁହଁର ସୌନ୍ଦର୍ଯ୍ୟ ବୃଦ୍ଧି କରିଥାଏ । ପତଳା, ଛୋଟ ଆଇବ୍ରୋ ଥିଲେ ଏହା ଦେଖିବାକୁ ଭଲ ଲାଗେନି । ଏହାଦ୍ୱାରା ମୁହଁର ସୌନ୍ଦର୍ଯ୍ୟ ବିଗିଡ଼ିଯାଏ । ଏପରିସ୍ଥଳେ, ଚାହିଁଲେ ଷ୍ଟିକର୍ ଆଇବ୍ରୋ ଲଗାଇପାରିବେ । ଏହା ଏକ ପ୍ରକାର କୃତ୍ରିମ ଭ୍ରୂଲତା । ଏହାକୁ ତ୍ୱଚାରେ ଚିପ୍‌କାଇ ଲଗାଇବାକୁ ପଡ଼ିଥାଏ । ଏହା ଅବିକଳ ଭ୍ରୂଲତା ଭଳି ଦେଖାଯାଏ । ଜାଣିବା ସେ ବିଷୟରେ...

## ୱାଟର୍ ଟ୍ରାନ୍ସଫର୍ ଟାଟୁ

ଏହି ଷ୍ଟିକର୍ କାଗଜସିଟ୍‌ରେ ଉପଲବ୍ଧ ଥାଏ । ଏହାକୁ ପାଣି ସାହାଯ୍ୟରେ ଭ୍ରୂଲତାରେ ଛପାଯାଏ । ତେବେ ଏହି ଷ୍ଟିକର୍ ପଛରେ ଏକ ଅଠା ଥାଏ । ଏହା ପାଣି ସଂସ୍ପର୍ଶରେ ଆସିଲେ ସକ୍ରିୟ ହୋଇଥାଏ । ଏହା ପତଳା ଭ୍ରୂଲତାକୁ ସୁନ୍ଦର ଏବଂ ଘନ ଦେଖାଇ ଥାଏ ।

## ଲଗାଇବା ବିଧି

ପ୍ରଥମେ ମୁହଁକୁ ଭଲ ଭାବେ ଧୋଇ ଦିଅନ୍ତୁ । ଏହାପରେ ଆଇବ୍ରୋରୁ କାଗଜ ଛଡ଼ାଇ ଭ୍ରୂଲତାରେ ଲଗାନ୍ତୁ । ଏହାପରେ ଏକ ଓଦା କପଡ଼ା ନେଇ ଷ୍ଟିକର୍ ଉପରେ ୧୦-୧୫ଥର ଦବାନ୍ତୁ । ଏହାପରେ ଧୀରେ ଧୀରେ କାଗଜ କାଢ଼ି ସେଥିରୁ ଏକ ନୂଆ ଲୁକ୍ ପାଇପାରିବେ ।

## ଛଡ଼ାଇବା ପ୍ରକ୍ରିୟା

ସେହିପରି ଏହି ଷ୍ଟିକର୍‌କୁ ଛଡ଼ାଇବା ମଧ୍ୟ ଖୁବ୍ ସହଜ । ଏହାକୁ ନଡ଼ିଆ ତେଲ, ବେବି ଅଏଲ୍ କିମ୍ବା ଫେସ୍‌ୱାସ୍ ଲଗାଇ ଛଡ଼ାଇପାରିବେ ।

# ହେୟାର୍ ବୋଟକ୍ସ

ଧୂଳି, ମଳି ପ୍ରଦୂଷଣ ଯୋଗୁଁ ଅନେକ ସମୟରେ କେଶ ରୁକ୍ଷ, ଶୁଷ୍କ ହୋଇଯାଏ । ଏପରି ସ୍ଥଳେ ହେୟାର୍ ବୋଟକ୍ସ କେଶକୁ ସୁରକ୍ଷା ଦେଇଥାଏ । ଏହା କେଶକୁ ଭିତରୁ ମଜ୍‌ଭୁତ କରିବା ସହ ନରମ, ଉଜ୍ଜ୍ୱଳ କରିଥାଏ ।



## ହେୟାର ବୋଟକ୍ସ କ'ଣ

ହେୟାର୍ ବୋଟକ୍ସ ଏକ ପ୍ରକାର ଡିପ୍ କଣ୍ଡିସନିଙ୍ଗ୍ ଟ୍ରିଟ୍‌ମେଣ୍ଟ । ଏଥିରେ ଭିଟାମିନ – ସି, ଏମିନୋ ଏସିଡ୍, କୋଲେଜନ୍ ଏବଂ ପ୍ରୋଟିନ୍‌ର ମିଶ୍ରଣ ଥାଏ । ଏହା ଫଟାକେଶକୁ ଠିକ୍ କରି ଚିକ୍କଣ ଏବଂ ମଜଭୁତ କରିଥାଏ ।

## ଟ୍ରିଟ୍‌ମେଣ୍ଟ

ଏଥିରେ କେଶକୁ ପ୍ରଥମେ ଭଲକରି ସଫା କରାଯାଏ । ଏହାପରେ ହେୟାର୍ ବୋଟକ୍ସ କ୍ରିମ୍ ଲଗାଯାଏ । କେଶକୁ ପରସ୍ତ ପରସ୍ତ କରି ଏହି କ୍ରିମ୍ ଲଗାଯାଏ । ଏହାକୁ କିଛି ସମୟ ପାଇଁ କେଶରେ ଛାଡ଼ି ଦିଆଯାଏ । ଏହାପରେ ଷ୍ଟିମ୍ ତଥା ହିଟ୍ ଦିଆଯାଏ । ଏହି ଟ୍ରିଟ୍‌ମେଣ୍ଟ କେଶର ଗଭୀରକୁ ଯାଇଥାଏ । ଶେଷରେ କେଶକୁ ହାଲୁକା ଧୋଇ କେଶକୁ ବ୍ଲୋ ଡ୍ରାଏ, ତଥା ଫ୍ଲାଟ୍ ଆଇରନରେ ଦିଆଯାଏ ।

## ଫାଇଦା

ଏହା କେଶର ହଜିଯାଇଥିବା ଚମକକୁ ଫେରାଇ କେଶକୁ ହାଇଡ୍ରେଟ୍ ରଖିଥାଏ । ଏଥିରୁ କେଶ ମଜଭୁତ ହେବା ସହ କେଶରେ ପ୍ରାକୃତିକ ଚମକ ଆସିଥାଏ । କେଶଝଡ଼ା ଏବଂ ଜଟ ସମସ୍ୟା ଦୂର ହୋଇଥାଏ । କେଶରେ କରିଥିବା ରଙ୍ଗ ଦୀର୍ଘସ୍ଥାୟୀ ରହିଥାଏ । କେଶରେ ଏକ ଭଲ୍ୟୁମ୍ ଆସିଥାଏ ।

## ସୁରକ୍ଷିତ କି ନାହିଁ

ଏହା କେରାଟିନ୍ ଭଳି ଫର୍ମାଲଜିହାଇଡ୍ ଉପରେ ଆଧାରିତ ନୁହେଁ । ତେଣୁ ଏହା ଏକ ନିରାପଦ କେଶ ଉପଚାର ଭାବେ ବିବେଚନା କରାଯାଏ । ଅବଶ୍ୟ ସମ୍ବେଦନଶୀଳ ସ୍କାଲ୍‌ପ ଥିଲେ ଜ୍ୱଳନ ତଥା ସଂକ୍ରମଣ ସମସ୍ୟା ହୋଇପାରେ । ତେଣୁ ଏହା ଲଗାଇବା ପୂର୍ବରୁ ଡାକ୍ତରଙ୍କ ପରାମର୍ଶ ନେବା ଜରୁରୀ ।

## ଉପଚାରର ପରବର୍ତ୍ତୀ ଯତ୍ନ

ସଲ୍‌ଫେଟ୍ ମୁକ୍ତ ସାମ୍ପୁ ଏବଂ କଣ୍ଡିସନର୍ ବ୍ୟବହାର କରନ୍ତୁ । ବାରମ୍ବାର ହିଟ୍ ପ୍ରୟୋଗରୁ ଦୂରେଇ ରୁହନ୍ତୁ । ସପ୍ତାହରେ ଥରେ କିମ୍ବା ଦୁଇଥର ହେୟାର୍‌ମାସ୍କ ଲଗାନ୍ତୁ । ସେହିପରି ଏହି ବୋଟୋକ୍ସ ଟ୍ରିଟ୍‌ମେଣ୍ଟର ପ୍ରଭାବ କେଶରେ ଦୁଇରୁ -ଚାରିମାସ ଥାଏ । ତେବେ ଏହା ସୁରକ୍ଷିତ ଏବଂ ଦୀର୍ଘସମୟ ଚାଲୁଥିବା ସମାଧାନ ଭାବେ ଜଣାଯାଏ । ଏହାକୁ ଏକ ଭଲ ପାର୍ଲର ତାଲିମ ପ୍ରାପ୍ତ ହେୟାର୍ ଷ୍ଟାଇଲିଷ୍ଟଙ୍କ ପାଖରେ କଲେ ସୁଫଳ ମିଳିଥାଏ ।

# ଓଭର୍ ସ୍କିନ୍‌କେୟାର୍ ସିଣ୍ଡ୍ରୋମ୍

ମହିଳାମାନେ ସୌନ୍ଦଯ୍ୟଚର୍ଯ୍ୟାକୁ ନେଇ ଅଧିକ ସଚେତନ ଥାନ୍ତି । ଏଥିପାଇଁ ଭଳିକି ଭଳି ସିରମ୍, ଟୋନର୍, ମଏଶ୍ଚରାଇଜର୍ ଆଦି ଲଗାଇଥାନ୍ତି । ଅନେକେ ମହିଳା ତ୍ୱଚାକୁ ସୁସ୍ଥ ରଖିବାକୁ ଯାଇ ଆବଶ୍ୟକତାଠୁ ଅଧିକ ପ୍ରସାଧନ ସାମଗ୍ରୀ ଲଗାଇଥାନ୍ତି । ଏହା ତ୍ୱଚାକୁ କ୍ଷତି ପହଞ୍ଚାଇଥାଏ । ଏହାକୁ ଓଭର୍ ସ୍କିନ୍‌କେୟାର୍ ସିଣ୍ଡ୍ରୋମ୍ କୁହାଯାଏ । ଏହି ସ୍ଥିତି, ତ୍ୱଚାକୁ ଭଲ କରିବା ବଦଳରେ ଅଧିକ ଖରାପ କରିଥାଏ ।

## ଓଭର୍ ସ୍କିନ୍ କେୟାର୍ କ' ଣ

ତ୍ୱଚାରେ ଆବଶ୍ୟକତା ଠାରୁ ଅଧିକ ପ୍ରସାଧନ ଲଗାଇଲେ ଏହି ସମସ୍ୟା ଉପୁଜିଥାଏ । ପ୍ରତି ନୂଆ ଟ୍ରେଣ୍ଡ ଆପଣାଇବା, ଦିନରାତି କିଛି ନା କିଛି ନୂଆ ପ୍ରସାଧନ ଲଗାଇବା, ସ୍କିନ୍ ଟାଇପ୍ ନ ଜାଣି ତ୍ୱଚାରେ ବିଭିନ୍ନ ପ୍ରସାଧାନ ଲଗାଇବା ଦ୍ୱାରା ତ୍ୱଚା ଖରାପ ହୋଇଥାଏ । ତେଣୁ ତ୍ୱଚାକୁ ମଧ୍ୟ ମଝିରେ ବିରତି ଦେବା ଜରୁରି ।

## ଲକ୍ଷଣ

ତ୍ୱଚାରେ ଏକାଧିକ ପ୍ରସାଧନ ଲଗାଇ ପରୀକ୍ଷା କଲେ, ଏହା ମଧ୍ୟ ନକାରାତ୍ମକ ଲକ୍ଷଣ ଦର୍ଶାଇଥାଏ । ଯଥା – ଛୋଟ ଦାନା ହୋଇଯିବା, ଜ୍ୱଳନ, ସଂକ୍ରମଣ ଭଳି ନାନା ସମସ୍ୟା ଉପୁଜିଥାଏ । ଫଳରେ ଏହା ତ୍ୱଚାକୁ କ୍ଷତି ପହଞ୍ଚାଇଥାଏ ।

## ମିନିମଲ୍ ସ୍କିନ୍‌କେୟାର୍


ସୁସ୍ଥ ତ୍ୱଚାର ଅର୍ଥ କେବଳ ଚମକ, ନୁହେଁ ଏହାର ଅର୍ଥ ତ୍ୱଚାରେ ନିୟନ୍ତ୍ରଣ ବଜାୟ ରଖିବା । ଏଥିପାଇଁ ଗୋଟିଏ ଭଲ ଫେସ୍‌ୱାସ୍, ମଏଶ୍ଚରାଇଜର୍ ଏବଂ ଏକ ସନ୍‌ସ୍କ୍ରିନ୍‌ର ଆବଶ୍ୟକତା ଥାଏ ।

## ଓଭର୍ ସ୍କିନ୍‌କେୟାର୍ ଦୂରାନ୍ତୁ

ତ୍ୱଚାର ଆବଶ୍ୟକତାକୁ ବୁଝନ୍ତୁ । ଦୁଇତିନି ସପ୍ତାହରେ ଭଳିକି ଭଳି ପ୍ରସାଧନ ଲଗାଇବା ପୂର୍ବରୁ ପ୍ୟାଚ୍ ଟେଷ୍ଟ କରନ୍ତୁ । ସଙ୍ଗେ ସଙ୍ଗେ କୌଣସି ନୂଆ ପ୍ରଡକ୍ଟ ଲଗାନ୍ତୁ ନାହିଁ । ଗୋଟିଏ ପ୍ରସାଧନକୁ ଅତି ବେଶୀରେ ଏକ ସପ୍ତାହ ଲଗାଇ ପରୀକ୍ଷା କରନ୍ତୁ ।



# ସୋଫା ଡ୍ରାଏ କ୍ଲିନ୍



ସମୟ ଅନୁସାରେ ସୋଫାରେ ଧୂଳି, ମଳି ଜମିଯାଏ । ଏହାଦ୍ୱାରା ସୋଫା ମଇଳା ଦିଶିଥାଏ । ଏଥିପାଇଁ ଅନେକ ଦାମୀ ସର୍ଭିସିଙ୍ଗ୍‌ର ସାହାରା ନେଇଥାନ୍ତି । ଚାହିଁଲେ ଏହାକୁ ଘରେ ସହଜରେ ସଫା କରିପାରିବେ ।

## ଡ୍ରାଏ କ୍ଲିନ୍

ପ୍ରଥମେ ସୋଫାରୁ ଧୂଳି ଝାଡ଼ିବା ପାଇଁ ଭ୍ୟାକ୍ୟୁମ୍ କ୍ଲିନର୍ ବ୍ୟବହାର କରନ୍ତୁ । ଏହାପରେ ଶୁଖିଲା କପଡ଼ାରେ କୁଶନ ସଫା କରନ୍ତୁ । ଏହାପରେ ଗରମପାଣି ନେଇ ସେଥିରେ ଅଳ୍ପ ସୋଡ଼ା ଏବଂ ସର୍ଫ ମିଶାଇ ଘୋଳ ପ୍ରସ୍ତୁତ କରନ୍ତୁ । ଏଥିରେ କୁଶନକୁ ବୁଡ଼ାଇ ଧୁଅନ୍ତୁ । ଏହା ଦୁର୍ଗନ୍ଧ ଦୂର କରିଥାଏ ।

## ସ୍ପଞ୍ଜରେ ସଫା

ସୋଫାକୁ ସଫା କରିବା ପାଇଁ ଅଧବାଲ୍‌ଟିରୁ କମ୍ ପାଣିରେ ସାମ୍ପୁ ଏବଂ ଲେମ୍ବୁରସ ମିଶାନ୍ତୁ । ଏଥିରେ ସ୍ପଞ୍ଜକୁ ବୁଡ଼ାଇ ଚିପୁଡ଼ି ଦିଅନ୍ତୁ । ଏହାକୁ ଧୀରେ ଧୀରେ ସୋଫାରେ ଘଷି ସଫା କରନ୍ତୁ । ଧ୍ୟାନ ରଖିବେ ସ୍ପଞ୍ଜ ଯେପରି ଅଧିକ ନ ଭିଜେ ନହେଲେ ସୋଫା ଓଦା ହେବାର ସମ୍ଭାବନା ଅଛି ।

## ବିଶ୍ୱକପ୍ ୱାର୍ମଅପ୍ ମୁକାବିଲା

# ଭାରତଠୁ ହାରିଲା ଦ.ଆଫ୍ରିକା



ମୁମ୍ବଇ,୪।୨(ଏଜେନ୍ସି): ଦକ୍ଷିଣ ଆଫ୍ରିକାକୁ ୩୦ ରନ୍‌ରେ ହରାଇ ଭାରତ ଏଠାରେ ଆଜି ଅନୁଷ୍ଠିତ ୱାର୍ମ ଅପ୍ ମ୍ୟାଚ୍‌ରେ ବିଜୟୀ ହୋଇ ଫେବୃଆରୀ ୭ରୁ ଆରମ୍ଭ ହେବାକୁ ଯାଉଥିବା ଟି-୨୦ ବିଶ୍ୱକପ୍ କ୍ରିକେଟ ଲାଗି ପ୍ରସ୍ତୁତି ଶେଷ କରିଛି। ଏହି ମ୍ୟାଚ୍‌ରେ ଟସ୍ ଜିତିବା ପରେ ପ୍ରଥମେ ବ୍ୟାଟିଂ କରିବାକୁ ନିଷ୍ପତ୍ତି ନେଇ ଭାରତ ନିର୍ଦ୍ଧାରିତ ୨୦ ଓଭରରେ ୬ ୱିକେଟ ହରାଇ ୨୪୦ ରନ୍ କରିଥିଲା। ଦଳ ପକ୍ଷରୁ ଦୁଇ ବିସ୍ଫୋରକ ବ୍ୟାଟର ଇଶାନ କିଶାନ ଓ ଅଭିଷେକ ଶର୍ମା ଇନିଂସ ଓପନର କରି ପ୍ରଥମ ୱିକେଟରୁ ୩୪ ବଲ୍‌ରେ ୮୦ ରନ୍ ଉଠାଇଥିଲେ। ସଞ୍ଜୁ ସାମସନଙ୍କ ପରିବର୍ତ୍ତେ ପ୍ରଥମଥର ଇନିଂସ ଓପନ କରିଥିବା ଇଶାନ ୨୦ ବଲ୍‌ରେ ୨ ଚୌକା ଓ ୭ ଛକା ସହ ୫୩, ଅଭିଷେକ ୧୮ ବଲ୍‌ରେ ୩ ଚୌକା ଓ ୧ ଛକା ସହ ୨୪ ରନ୍ କଲାପରେ ରିଟାୟର୍ଡ ଆଉଟ ହୋଇଥିଲେ। ଫିଟ୍ ହୋଇ ଖେଳୁଥିବା ତିଲକ ବର୍ମା ୧୯ ବଲ୍‌ରେ ୪୫, ଅଧିନାୟକ ସୂର୍ଯ୍ୟକୁମାର ଯାଦବ ୧୬ ବଲ୍‌ରେ ୩୦, ଅକ୍ଷର ପଟେଲ ୨୩ ବଲ୍‌ରେ ଅପରାଜିତ ୩୫, ରିଙ୍କୁ ସିଂ ୧୬, ହାର୍ଦ୍ଦିକ ପାଣ୍ଡ୍ୟା ୧୦ ବଲ୍‌ରେ ୨ ଚୌକା ଓ ୩ ଛକା ସହ ୩୦ ରନ୍ କରିଥିଲେ। ଜବାବରେ ଦକ୍ଷିଣ ଆଫ୍ରିକା ସମାନ ସଂଖ୍ୟକ ଓଭର ଖେଳି ୭ ୱିକେଟରେ ୨୧୦ ରନ୍ କରିବାକୁ ସମର୍ଥ ହୋଇଥିଲା। ଦଳ ପକ୍ଷରୁ ଟ୍ରିଷ୍ଟାନ ଷ୍ଟବ୍ସ ସର୍ବାଧିକ ଅପରାଜିତ ୪୫, ରିୟାନ ରିକେଲଟନ ୪୪, ରିଟାୟର୍ଡ ଆଉଟ ହୋଇଥିବା ଆଇଡେନ୍ ମାର୍କରାମ ୩୮, ଜେସନ ସ୍ମିଥ୍ ୩୫ ଓ ମାର୍କୋ ଜାନ୍‌ସେନ୍ ୩୧ ରନ୍ କରିଥିଲେ। ଭାରତ ପକ୍ଷରୁ ଅର୍ଶଦୀପ ସିଂହ, ଶିବମ ଦୁବେ, ବରୁଣ ଚକ୍ରବର୍ତ୍ତୀ ଓ ଅକ୍ଷର ପଟେଲ ଗୋଟିଏ ଲେଖାଏଁ, ଅଭିଷେକ ଶର୍ମା ୨ଟି ୱିକେଟ ପାଇଥିଲେ। ଭାରତ ପକ୍ଷରୁ ବୁମ୍‌ରାଙ୍କୁ ଛାଡି ୯ ଜଣ ବୋଲର ଏହି ଇନିଂସରେ ବୋଲିଂ କରିଥିଲେ।

### ● ଇଣ୍ଡିଜ୍‌କୁ ହରାଇଲା ଆଫଗାନିସ୍ତାନ

ବେଙ୍ଗାଲୁରୁ,୪।୨(ଏଜେନ୍ସି): ଟି-୨୦ ବିଶ୍ୱକପ୍‌ର ଆଜି ଖେଳାଯାଇଥିବା ଅନ୍ୟ ୱାର୍ମ ଅପ୍ ମୁକାବିଲା ମଧ୍ୟରୁ ୱେଷ୍ଟଇଣ୍ଡିଜ୍‌କୁ ୨୩ ରନ୍‌ରେ ଆଫଗାନିସ୍ତାନ ହରାଇଦେଇଛି। ଇବ୍ରାହିମ୍ ଜଦ୍ରାନଙ୍କ ୫୧, ରହମନୁଲ୍ଲା ଗୁରବାଜ୍‌ଙ୍କ ୪୩ ଓ ଆମତୁଲ୍ଲା ଓମରଜାଇଙ୍କ ୩୫ ରନ୍ ସହାୟତାରେ ପ୍ରଥମେ ବ୍ୟାଟିଂ କରି ଆଫଗାନିସ୍ତାନ ନିର୍ଦ୍ଧାରିତ ୨୦ ଓଭରରେ ୬ ୱିକେଟ ହରାଇ ୧୮୨ ରନ୍ କରିଥିଲା। ଜବାବରେ ୱେଷ୍ଟଇଣ୍ଡିଜ୍ ପକ୍ଷରୁ ଅଲରାଉଣ୍ଡର ମାଥ୍ୟୁ ଫୋର୍ଡେ ସର୍ବାଧିକ ଅପରାଜିତ ୫୨ ରନ୍ କରିଥିଲେ ମଧ୍ୟ ଦଳ ୭ ୱିକେଟରେ ୧୫୯ ରନ୍ କରିଥିଲା। ଜେସନ ହୋଲ୍ଡର ୨୫, ରୋଭମାନ ପାୱେଲ ୩୨ ଓ ବ୍ରାଣ୍ଡନ କିଙ୍ଗ୍ ୧୧ ରନ୍ କରି ଦୁଇ ଅଙ୍କରେ ପହଞ୍ଚିଥିଲେ। ଆଫଗାନିସ୍ତାନ ପକ୍ଷରୁ ମୁଜୀବ-ଉର-ରହମନ ଓ ଓମରଜାଇ ୨ଟି ଲେଖାଏଁ ୱିକେଟ ପାଇଥିଲେ।

### ● ନାମିବ୍ୟାଠାରୁ ସ୍କଟ୍‌ଲାଣ୍ଡ ପରାସ୍ତ

ବେଙ୍ଗାଲୁରୁ,୪।୨(ଏଜେନ୍ସି): ଏଠାରେ ଆଜି ଖେଳାଯାଇଥିବା ଟି-୨୦ ବିଶ୍ୱକପ୍‌ର ଦ୍ୱିତୀୟ ୱାର୍ମ ଅପ୍ ମୁକାବିଲାରେ ନାମିବ୍ୟା ମାତ୍ର ୬ ରନ୍‌ରେ ସ୍କଟଲାଣ୍ଡକୁ ପରାସ୍ତ କରିଛି। ଦଳ ଜାନ୍ ଫ୍ରାଇଲିଙ୍କ୍‌ଙ୍କ ୮୮ ଓ ଲୌରେନ ଷ୍ଟିନ୍‌କ୍ୟାମ୍ପଙ୍କ ୫୧ ରନ୍ ସହାୟତାରେ ପ୍ରଥମେ ବ୍ୟାଟିଂ କରି ନାମିବ୍ୟା ୪ ୱିକେଟରେ ୨୨୬ ରନ୍‌ର ବିଶାଳ ସ୍କୋର କରିଥିଲା। ଜବାବରେ ସ୍କଟଲାଣ୍ଡ ଲଢୁଆ ବ୍ୟାଟିଂ କରିଥିଲେ ମଧ୍ୟ ନିର୍ଦ୍ଧାରିତ ୨୦ ଓଭରରେ ୫ ୱିକେଟ ହରାଇ ୨୨୦ରେ ଅଟକିଥିଲା। ଦଳ ପକ୍ଷରୁ ବ୍ରାଣ୍ଡନ ମ୍ୟାକ୍‌ମୁଲେନ ସର୍ବାଧିକ ୯୫ ଓ ଅଧିନାୟକ ରିଚି ବେରିଂଟନ ୪୬ ରନ୍ କରିଥିଲେ।

### ● ପାକିସ୍ତାନ -ଆୟର୍ଲାଣ୍ଡ ମ୍ୟାଚ୍ ବାତିଲ

କଲମ୍ବୋ,୪।୨(ଏଜେନ୍ସି): ବର୍ଷା ଓ ଓଦା ପଡ଼ିଆ ଯୋଗୁ ଏଠାରେ ଆଜି ପାକିସ୍ତାନ ଓ ଆୟର୍ଲାଣ୍ଡ ମଧ୍ୟରେ ଖେଳାଯିବାକୁ ଥିବା ଟି-୨୦ ବିଶ୍ୱକପ୍‌ର ଅନ୍ୟ ଏକ ୱାର୍ମ ଅପ୍ ମୁକାବିଲାକୁ ବାତିଲ କରିବାକୁ ପଡ଼ିଛି। ବର୍ଷାର ପରିମାଣ ଏତେ ଅଧିକ ଥିଲା ଯେ ପଡ଼ିଆକୁ କର୍ମକର୍ତ୍ତାମାନେ ଯାଇ ପାରି ନ ଥିଲେ। ପାକିସ୍ତାନ ବିନା ୱାର୍ମ ଅପ୍‌ରେ ବିଶ୍ୱକପ୍ ଖେଳିବ। ନାମିବ୍ୟା କିନ୍ତୁ ଭାରତ-ଏ' ସହ ଦ୍ୱିତୀୟ ଅଭ୍ୟାସ ମ୍ୟାଚ୍ ଖେଳିବାର କାର୍ଯ୍ୟକ୍ରମ ରହିଛି। ଏହି ମ୍ୟାଚ୍‌ଟି ଫେବୃଆରୀ ୬ରେ ଖେଳାଯିବ।

## ୧୯ ବର୍ଷରୁ କମ୍ ସାଫ୍ କପ୍ ମହିଳା ଫୁଟବଲ

# ଭାରତ-ବାଂଲାଦେଶ ଫାଇନାଲ୍

ନୂଆଦିଲ୍ଲୀ,୪।୨(ଏଜେନ୍ସି): ଭାରତ ଓ ବାଂଲାଦେଶ ମଧ୍ୟରେ ୧୯ ବର୍ଷରୁ କମ୍ ସାଫ କପ୍ ମହିଳା ଫୁଟବଲ ଟୁର୍ଣ୍ଣାମେଣ୍ଟର ଫାଇନାଲ ମୁକାବିଲା ହେବ। ରାଉଣ୍ଡ ରବିନ ଲିଗ୍ ଭିତ୍ତିରେ ଖେଳାଯାଇଥିବା ଏହି ଟୁର୍ଣ୍ଣାମେଣ୍ଟର ଶେଷ ରାଉଣ୍ଡରେ ଭାରତକୁ ଫାଇନାଲରେ ପ୍ରବେଶ କରିବାକୁ ହେଲେ ଭୁଟାନକୁ ଅତିକମ୍‌ରେ ୪-୦ ଗୋଲରେ ହରାଇବା କିମ୍ବା ବାଂଲାଦେଶ ସହ ନେପାଳ ପଏଣ୍ଟ ଭାଗ କରିବାର ଆବଶ୍ୟକତା ରହିଥିଲା। କିନ୍ତୁ ଆଜିର ମୁକାବିଲାରେ ଭାରତ ୮-୦ ଗୋଲରେ ଭୁଟାନକୁ ଓ ବାଂଲାଦେଶ ୪-୦ ଗୋଲରେ ନେପାଳକୁ ପରାସ୍ତ କରିବା ପରେ ଦୁଇ ଫାଇନାଲିଷ୍ଟ ସ୍ପଷ୍ଟ ହୋଇଯାଇଥିଲା। ଭୁଟାନ ବିପକ୍ଷରେ ପ୍ରଥମାର୍ଦ୍ଧ ସୁଦ୍ଧା ୭-୦ ଗୋଲରେ ଆଗୁଆ ରହିଥିବା ଭାରତ ପକ୍ଷରୁ ପର୍ଲ ଫର୍ଣ୍ଣାଣ୍ଡିଜ୍ ହ୍ୟାଟ୍ରିକ ଗୋଲ ସ୍କୋର କରିଥିଲେ।

## ୧୯ ବର୍ଷରୁ କମ୍ ବିଶ୍ୱକପ୍ କ୍ରିକେଟ

# ଭାରତ- ଇଂଲଣ୍ଡ ଫାଇନାଲ୍ ମୁକାବିଲା

ହରାରେ,୪।୨(ଏଜେନ୍ସି)

ଆଫଗାନିସ୍ତାନକୁ ୭ ୱିକେଟରେ ପରାସ୍ତ କରି ଟାଇଟଲ ଦାବିଦାର ଭାରତ ଏଠାରେ ଚାଲିଥିବା ୧୯ ବର୍ଷରୁ କମ୍ ବିଶ୍ୱକପ୍ କ୍ରିକେଟ ଫାଇନାଲରେ ପ୍ରବେଶ କରିଛି। ଗତକାଲି ଅନୁଷ୍ଠିତ ପ୍ରଥମ ସେମିଫାଇନାଲରେ ଇଂଲଣ୍ଡ ୨୭ ରନ୍‌ରେ ଡିଫେଣ୍ଡିଂ ଚାମ୍ପିଅନ ଅଷ୍ଟ୍ରେଲିଆକୁ ପରାସ୍ତ କରି ପ୍ରଥମ ଦଳ ଭାବେ ଫାଇନାଲରେ ପ୍ରବେଶ କରିଥିଲା। ଭାରତ ଓ ଇଂଲଣ୍ଡ ମଧ୍ୟରେ ଫାଇନାଲ ମୁକାବିଲା ଏଠାରେ ଫେବୃଆରୀ ୬ ତାରିଖ ଶୁକ୍ରବାର ଖେଳାଯିବ। ଦ୍ୱିତୀୟ ସେମିଫାଇନାଲରେ ପ୍ରଥମେ ବ୍ୟାଟିଂ କରି ଆଫଗାନିସ୍ତାନ ନିର୍ଦ୍ଧାରିତ ୫୦ ଓଭରରେ ୪ ୱିକେଟ ହରାଇ ୩୧୦ ରନ୍‌ର ବିଶାଳ ସ୍କୋର କରିଥିଲା। ଦଳ ପକ୍ଷରୁ ଫଇଜଲ ସିନୋଜାଦା ୧୧୦ ଓ ଉଜଇରୁଲ୍ଲା ନିଆଜାଇ ୧୦୧ ରନ୍ କରିଥିଲେ। ଜବାବରେ ଭାରତ ୪୧.୧ ଓଭରରେ ୩ ୱିକେଟ ହରାଇ ବିଜୟୀ ହୋଇଥିଲା। ଭାରତ ପକ୍ଷରୁ ଆରୋନ ଜର୍ଜ ସର୍ବାଧିକ ୧୧୫, ବୈଭବ ସୂର୍ଯ୍ୟବଂଶୀ ୩୩ ବଲ୍‌ରେ ୬୮, ଅଧିନାୟକ ଆୟୁଷ ମାହତ୍ରେ ୬୨ ଓ ବିହାନ ମାଲହୋତ୍ରା ଅପରାଜିତ ୩୮ ରନ୍ କରିଥିଲେ। ଭାରତ ଇନିଂସରେ ଶତକ ହାସଲ କରିଥିବା ଜର୍ଜ (୧୧୫ରନ୍,



ଆୟୁଷ ମାହତ୍ରେ



ବୈଭବ ସୂର୍ଯ୍ୟବଂଶୀ



ଆରୋନ୍ ଜର୍ଜ

୧୦୪ ବଲ, ୧୫ ଚୌକା, ୨ଛକା)ଙ୍କୁ ମ୍ୟାଚ୍‌ର ଶ୍ରେଷ୍ଠ ଖେଳାଳି ବିବେଚିତ କରାଯାଇଛି।

ଏହି ହାଇସ୍କୋରିଂ ସେମି ଫାଇନାଲ ମ୍ୟାଚ୍ ଜିତିବାକୁ ଭାରତ ଆଗରେ ୩୧୧ ରନ୍‌ର ଟାର୍ଗେଟ ଦିଆଯାଇଥିଲା। ଏହି ଲକ୍ଷ୍ୟକୁ ପିଛା କରି ବ୍ୟାଟିଂ ଆରମ୍ଭ କରିବା ମାତ୍ରେ ବିସ୍ଫୋରକ ବ୍ୟାଟର ବୈଭବ ସୂର୍ଯ୍ୟବଂଶୀ ଚୌକା ଛକା ବର୍ଷା କରିଥିଲେ। ଯାହା ଫଳରେ ସେ ମାତ୍ର ୨୪ ବଲ୍‌ରେ ଅର୍ଦ୍ଧଶତକ ପୂରଣ କରିଥିଲେ। ସେ ମୋଟ ୩୩ ବଲ୍ ଖେଳି ୯ ଚୌକା ଓ ୪ଛକା ସହାୟତାରେ ୬୮ ରନ୍ କରି ଆଉଟ ହେଲା ବେଳକୁ ଭାରତ ୯.୩ ଓଭରରେ ୯୦ ରନ୍ କରିଥିଲା। ଏହା ମଧ୍ୟରୁ ବୈଭବଙ୍କ ଅବଦାନ ଥିଲା ୬୮ ରନ୍। ତାଙ୍କ ଆଉଟ ପରେ ଓପନର ଜର୍ଜ ଓ ଅଧିନାୟକ ଆୟୁଷ ଉଭୟ ଧୈର୍ଯ୍ୟ ଓ ଦ୍ରୁତଗତିରେ ଖେଳି ଦ୍ୱିତୀୟ ୱିକେଟରୁ ୧୧୪ ରନ୍ ଉଠାଇଥିଲେ। ଭଲ ଫର୍ମରେ ନ ଥିବା ଆୟୁଷ ୫୯ ବଲ୍ ଖେଳି ୫ ଚୌକା ଓ ୪ଛକା ସହାୟତାରେ ୬୨ ରନ୍ କରିଥିଲେ। ତାଙ୍କ ଆଉଟ ପରେ ଜର୍ଜ ଓ ବିହାନ ମାଲହୋତ୍ରାଙ୍କ ତୃତୀୟ ୱିକେଟ ଭାଗୀଦାରିରୁ ମିଳିଥିଲା ୯୬ ରନ୍। ଜର୍ଜ ଶତକ ସହ ୧୧୫ ରନ୍‌ରେ ଆଉଟ ହୋଇଥିଲେ। ବିହାନ ୩୮ ଓ ବେଦାନ୍ତ ୫ ରନ୍‌ରେ ଅପରାଜିତ ରହି ଦଳକୁ ଜିତାଇଥିଲେ। ଆଫଗାନିସ୍ତାନ ପକ୍ଷରୁ ନୁରିସ୍ତାନି ଓମରଜାଇ ୨ଟି ୱିକେଟ ପାଇଥିଲେ। ଏହି ବିଜୟ ଫଳରେ କ୍ରମାଗତ ୬ଷ୍ଠଥର ଓ ମୋଟରେ ୧୦ମ ଥର ଭାରତ ଫାଇନାଲରେ ପ୍ରବେଶ କରିଛି। ଏହା ମଧ୍ୟରୁ ଭାରତ ୫ଥର ଚାମ୍ପିଅନ ହୋଇଛି।

**ସଂକ୍ଷିପ୍ତ ସ୍କୋର**

**ଆଫଗାନିସ୍ତାନ** : ୩୧୦/୪, ୫୦ ଓଭର (ଫଇଜଲ ସିନୋଜାଦା-୧୧୦, ଉଜଇରୁଲ୍ଲା ନିଆଜାଇ-୧୦୧, କନିସ୍କ ଚୋହାନ-୨/୫୫, ଦୀପେଶ ଦେବେନ୍ଦ୍ରନ-୨/୬୪)।

**ଭାରତ** : ୩୧୧/୩, ୪୧.୧ ଓଭର (ଆରୋନ୍ ଜର୍ଜ-୧୧୫, ବୈଭବ ସୂର୍ଯ୍ୟବଂଶୀ-୬୮, ଆୟୁଷ ମାହତ୍ରେ- ୬୨, ବିହାନ ମାଲହୋତ୍ରା-ଅପରାଜିତ ୩୮, ଉମରଜାଇ-୨/୬୪)।

## ୨୦୩୧ରେ ଏସିଆନ୍ କପ୍ ଲାଗି ବିଡ କରିବ ଭାରତ

ନୂଆଦିଲ୍ଲୀ,୪।୨(ଏଜେନ୍ସି): ଏସୀୟ ଫୁଟବଲ କନ୍‌ଫେଡେରେସନର ଦ୍ୱାରା ଆୟୋଜିତ ହେଉଥିବା ଏସିଆନ୍ କପ୍‌ର ୨୦୩୧ ସଂସ୍କରଣକୁ ଆୟୋଜନ କରିବା ଲାଗି ଭାରତ ବିଡ୍ ଦାଖଲ କରିବ। ଏସୀୟ ଫୁଟବଲ କନ୍‌ଫେଡେରସନ କଂଗ୍ରେସର ହେବାକୁ ଥିବା ପରବର୍ତ୍ତୀ ବୈଠକରେ ୨୦୨୭, ୨୦୩୧ ଓ ୨୦୩୫ରେ ଏସିଆନ୍ କପ୍‌ର ଆୟୋଜକ ଦେଶର ନାମ ଘୋଷଣା କରାଯିବ। ୨୦୨୭ରେ ସାଉଦି ଆରବରେ ଏହି ପ୍ରତିଯୋଗିତା ଆୟୋଜିତ ହେବ। ୨୦୩୧ ସଂସ୍କରଣ ଲାଗି ୬ଜଣ ବିଡ୍ ପକାଇବେ। ସେହି ଦେଶ ଗୁଡିକ ହେଲେ ଅଷ୍ଟ୍ରେଲିଆ, ଦକ୍ଷିଣ କୋରିଆ, କୁଏତ୍, ଇଣ୍ଡୋନେସିଆ ଓ ମିଳିତଭାବେ ଆୟୋଜନ କରିବାକୁ କିରଗିଜସ୍ଥାନ, ତାଜକିସ୍ତାନ ଓ ଉଜ୍‌ବେକିସ୍ତାନ ବିଡ୍ ଦାଖଲ କରିଛନ୍ତି।

## କ୍ରିକେଟର ୭୩ଟି ନିୟମ ପରିବର୍ତ୍ତନ କରିବାକୁ ଏମ୍‌ସିସି ଘୋଷଣା

# ଅକ୍ଟୋବର ୧ରୁ ସବୁ ନିୟମ ଲାଗୁ ହେବ

ମେରିଲ୍‌ବୋର୍ଣ୍ଣ,୪।୨(ଏଜେନ୍ସି)

ବିଶ୍ୱର ଅନ୍ୟତମ ଲୋକପ୍ରିୟ ଖେଳ କ୍ରିକେଟର ନିୟମାବଳୀ ପ୍ରସ୍ତୁତ କରୁଥିବା ସଂସ୍ଥା ମାରିଲବୋନ କ୍ରିକେଟ କ୍ଲବ (ଏମ୍‌ସିସି) ଏକ ବଡ଼ ଧରଣର ନିୟମ ପରିବର୍ତ୍ତନ ନେଇ ଘୋଷଣା କରିଛି। ଏଥର ୭୩ଟି ନିୟମରେ ପରିବର୍ତ୍ତନ କରିବାକୁ ଏମ୍‌ସିସି ଘୋଷଣା କରିଛି। ଏହି ସବୁ ନିୟମ ଆସନ୍ତା ଅକ୍ଟୋବର ପହିଲାରୁ ଲାଗୁ ହେବ। ୨୦୨୨ପରେ କ୍ରିକେଟ ନିୟମାବଳୀରେ ଏହା ସବୁଠାରୁ ବଡ଼ ସଂସ୍କାର ବିବେଚିତ ହେଉଛି। ଏଥିରେ ଟେଷ୍ଟ ମ୍ୟାଚ୍‌ରେ ଶେଷ ଓଭର ସମ୍ପୂର୍ଣ୍ଣ କରିବା ବାଧ୍ୟତାମୂଳକ କରାଯାଇଛି। ପୂର୍ବରୁ ଶେଷ ଓଭରରେ ଯଦି କୌଣସି ୱିକେଟ ପଡୁଥିଲା ସେଠାରେ ହିଁ ଖେଳ ବନ୍ଦ କରାଯାଉଥିଲା। ସେହିପରି ବ୍ୟାଟ ତିଆରି ଖର୍ଚ୍ଚ କମାଇବାକୁ ଲାମିନେଟେଡ ବ୍ୟାଟ (ଏକାଧିକ କାଠଖଣ୍ଡକୁ ଯୋଡ଼ି ତିଆରି ବ୍ୟାଟ)କୁ ଘରୋଇ ଓ ସାଧାରଣ କ୍ରିକେଟରେ ବ୍ୟବହାର କରିବାକୁ ଅନୁମିତ ଦିଆଯାଇଛି। ସେହିପରି ଓଭର ଥ୍ରୋ ଓ ମିସ୍‌ଫିଲ୍ଡର ପରିଭାଷାକୁ ସ୍ପଷ୍ଟ କରାଯାଇଛି। ଥ୍ରୋ ଯଦି ଷ୍ଟମ୍ପରେ ନବାଜି ଆଗକୁ ଯାଏ, ତେବେ ତାହାକୁ ଓଭରଥ୍ରୋ ଏବଂ ବାଉଣ୍ଡାରୀ ପାଖରେ ବଲ ହାତରୁ ଖସିଲେ ତାହାକୁ ମିସଫିଲ୍ଡ କୁହାଯିବ। ସେହିପରି ହିଟ୍ ୱିକେଟ ନିୟମ, ମହିଳା ଓ ଜୁନିଅର କ୍ରିକେଟ ପାଇଁ ବଲ୍‌ର ଆକାର ଓ ଓଜନ, ଡେଡ୍ ବଲ ନିୟମରେ ପରିବର୍ତ୍ତନ କରାଯାଇଛି। ପୁରୁଷ କ୍ରିକେଟ ପାଇଁ ବଲ ଅପରିବର୍ତ୍ତିତ ରହିଛି। କିନ୍ତୁ ମହିଳା ଓ ବରିଷ୍ଠ ଜୁନିଅରଙ୍କ ପାଇଁ ଟିକେ ଛୋଟ ଓ ହାଲକା ଏବଂ କନିଷ୍ଠ ଜୁନିଅର ଖେଳାଳିଙ୍କ ପାଇଁ ସବୁଠାରୁ ଛୋଟ ବଲ ବ୍ୟବହାର ହେବ। ସେହିପରି ବଲ୍‌ଟି ଡେଡ୍ ହେବା ପାଇଁ ବୋଲର କିମ୍ବା ୱିକେଟକିପରଙ୍କ ପାଖକୁ ଆସିବା ଦରକାର ନାହିଁ। ଯଦି ବଲ୍ ପଡ଼ିଆରେ ସ୍ଥିର ହୋଇଯାଏ କିମ୍ବା କୌଣସି ଫିଲ୍ଡରଙ୍କ ନିୟନ୍ତ୍ରଣକୁ ଆସିଯାଏ ଏବଂ ଅମ୍ପାୟାରଙ୍କୁ ଲାଗେ ଯେ, ଆଉ ରନ ହେବାର ସମ୍ଭାବନା ନାହିଁ, ତେବେ ସେ ବଲ୍‌କୁ ଡେଡ୍ ବୋଲି ଘୋଷଣା କରିପାରିବେ।

**୨୦୨୨ ପରେ କ୍ରିକେଟ ନିୟମାବଳୀରେ ସବୁଠାରୁ ବଡ଼ ସଂସ୍କାର**

## ଏସୀୟ ରାଇଫଲ/ ପିସ୍ତଲ ଚାମ୍ପିଅନିସିପ୍

# ଇଶା ଓ ମହିଳା ଟିମ୍‌କୁ ସ୍ୱର୍ଣ୍ଣପଦକ





ନୂଆଦିଲ୍ଲୀ,୪।୨(ଏଜେନ୍ସି): ମାନୁ ଭାକର ଓ ସୁରୁଚି ସିଂଙ୍କ ଭଳି ଚାମ୍ପିଅନ ସୁଟରଙ୍କୁ ପଛରେ ପକାଇ ଇଶା ସିଂ ଏଠାରେ ଚାଲିଥିବା ଏସୀୟ ରାଇଫଲ/ପିସ୍ତଲ ଟୁର୍ଣ୍ଣାମେଣ୍ଟର ମହିଳା ୧୦ ମିଟର ଏୟାର ପିସ୍ତଲରେ ସ୍ୱର୍ଣ୍ଣ ପଦକ ବିଜୟୀ ହୋଇଛନ୍ତି। ପୁରୁଷ ବିଭାଗରେ ବର୍ତ୍ତମାନର ବିଶ୍ୱଚାମ୍ପିନ ଥିବା ସମ୍ରାଟ ରାଣାଙ୍କୁ କାଂସ୍ୟ ପଦକ ମିଳିଛି। ମାନୁ ଓ ସୁରୁଚିଙ୍କ ପ୍ରଦର୍ଶନ ଶ୍ରେଷ୍ଠ ପ୍ରଦର୍ଶନ ମିଳି ନ ଥିଲା। ଫାଇନାଲ ଲଢ଼େଇରେ ଇଶାଙ୍କ ପ୍ରତିଦ୍ୱନ୍ଦ୍ୱୀ ହୋଇଥିଲେ ଚାଇନିଜ୍ ତାଇପେଇର ୟେ ଚିଙ୍ଗ ଚେଙ୍ଗ୍। ତେବେ ସମସ୍ତଙ୍କୁ ପଛରେ ପକାଇ ଇଶା ସିଂ ୨୩୯.୮ପଏଣ୍ଟ ସହ ପ୍ରଥମ ସ୍ଥାନରେ ରହି ସ୍ୱର୍ଣ୍ଣ ପଦକ ବିଜୟୀ ହୋଇଥିଲେ। ଇଶାଙ୍କଠାରୁ ୪.୪ ପଏଣ୍ଟ କମ୍ ପାଇ ଚେଙ୍ଗ ରୌପ୍ୟ ପଦକ ପାଇଥିଲେ। ଭାରତ ପକ୍ଷରୁ ଅନ୍ୟମାନଙ୍କ ମଧ୍ୟରେ ସୁରୁଚି ଚତୁର୍ଥ, ଭାକର ପଞ୍ଚମ ଓ ଇଶା ୮ମ ସ୍ଥାନରେ ରହିଥିଲେ। ଏହା ଫଳରେ ଭାରତ ସର୍ବାଧିକ ପଏଣ୍ଟ ପାଇ ମହିଳା ଦଳଗତ ବିଭାଗରେ ସ୍ୱର୍ଣ୍ଣ ପଦକ ବିଜୟୀ ହୋଇଥିଲା। ପୁରୁଷ ବିଭାଗରେ ସମ୍ରାଟ ରାଣା ତୃତୀୟ ସ୍ଥାନରେ ରହି କାଂସ୍ୟ ପଦକରେ ସନ୍ତୁଷ୍ଟ ହୋଇଥିଲେ। ପୁରୁଷ ଦଳଗତ ବିଭାଗରେ ଭାରତକୁ ରୌପ୍ୟ ପଦକ ମିଳିଛି।

## ପୁଣି ସ୍ଥଗିତ ରହିଲା ସୁଟିଂ ଲିଗ୍

ଭାରତରେ ଆରମ୍ଭ ହୋଇପାରୁନି ସୁଟିଂ ଲିଗ୍। ଗତବର୍ଷ ହେବାକୁ ଥିବା ଏହି ଫ୍ରାଞ୍ଚାଇଜ୍‌ଭିତ୍ତିକ ସୁଟିଂ ଲିଗ୍‌କୁ ଏବେ ଦ୍ୱିତୀୟଥର ଲାଗି ନ୍ୟାସନାଲ ରାଇଫଲ ଆସୋସିଏସନ ଅଫ୍ ଇଣ୍ଡିଆ ପକ୍ଷରୁ ସ୍ଥଗିତ ରଖାଯାଇଛି। କେଉଁ ତାରିଖରେ ଏହା ଆୟୋଜିତ ହେବ ତାହାର କିଛି ସୂଚନା ଦିଆଯାଇନାହିଁ। କେବଳ ଚଳିତବର୍ଷ ପରେ ହେବ ବୋଲି ଆସୋସିଏସନ ପକ୍ଷରୁ କୁହାଯାଇଛି। ସୂଚନାଯୋଗ୍ୟ ଏହି ଲିଗ୍‌ର ପ୍ରଥମ ସଂସ୍କରଣ ଗତବର୍ଷ ଆୟୋଜିତ ହେବାର କାର୍ଯ୍ୟକ୍ରମ ଥିଲା। କିନ୍ତୁ ଏହାକୁ ଚଳିତବର୍ଷ ଫେବୃଆରୀକୁ ଘୁଞ୍ଚାଇଦିଆଗଲା। ଏବେ ଦ୍ୱିତୀୟଥର ଲାଗି ଏହି ଟୁର୍ଣ୍ଣାମେଣ୍ଟକୁ ପୁଣିଥରେ ସ୍ଥଗିତ ରଖାଯାଇଛି।

# ଜାତୀୟ ଖୋ ଖୋରେ ଓଡ଼ିଶାକୁ ସ୍ୱର୍ଣ୍ଣ

ଭୁବନେଶ୍ୱର,୪।୨ (ସମିସ): ଓଡ଼ିଶା ବାଳକ ଦଳ ୩୫ତମ ନ୍ୟାସନାଲ ସବ୍‌ଜୁନିଅର ଖୋ ଖୋ ଚାମ୍ପିଅନ ଆଖ୍ୟା ଅର୍ଜନ କରିଛି। ହରିୟାଣାର କୁରୁକ୍ଷେତ୍ରଠାରେ ବୁଧବାର ଅନୁଷ୍ଠିତ ଫାଇନାଲ ଖେଳରେ ଓଡ଼ିଶା ବାଳକ ଦଳ ପ୍ରତିଦ୍ୱନ୍ଦ୍ୱୀ କୋଲାପୁର ଟିମ୍‌କୁ ପରାସ୍ତ କରି ପ୍ରଥମଥର ଟାଇଟଲ ବିଜୟୀ ହୋଇଛି। ଚାମ୍ପିଅନ ଦଳର ସତ୍ୟରଞ୍ଜନ ବେହେରା ବେଷ୍ଟ ପ୍ଲେୟାର ବିବେଚିତ ହେବା ସହ ନଗଦ ୧୦,୦୦୦ ଟଙ୍କାର ପୁରସ୍କାର ଲାଗି କରିଛନ୍ତି ବୋଲି ଓଡ଼ିଶା ଖୋ ଖୋ ସଂଘ ସମ୍ପାଦକ ପ୍ରଦ୍ୟୁମ୍ନ ମିଶ୍ର ସୂଚନା ଦେଇଛନ୍ତି। ଓଡ଼ିଶା ଦଳର ଖେଳାଳିମାନେ ହେଲେ, ସତ୍ୟରଞ୍ଜନ ବେହେରା, ଅମରଜ୍ୟୋତି ବଳିୟାରସିଂହ, ସାଇପ୍ରକାଶ ପ୍ରଧାନ, ଶୁଭମ ଶତ୍ରୁଜିତ୍ ଦଳାଇ, ସାଇପ୍ରକାଶ ପ୍ରଧାନ, ଶୁଭ୍ରଜିତ ବିଶ୍ୱାଳ, ଚିନ୍ମୟ ଅମାତ, ଧନଞ୍ଜୟ ଦାସ୍, ପବିତ୍ର ଶବର, ସନ୍ଦୀପ ଶବର, ଲକି ସ୍ୱାଇଁ, ପ୍ରସନଜିତ ପାଟମାଝୀ, ବନ୍ଧୁ ସିଂ, ଲବ ମୁର୍ମୁ, କୁଶ ମୁର୍ମୁ, ପିଆର ରୋହନ। ଅନିଲ ଗଜଭିୟେ କୋଚ୍ ଓ ମ୍ୟାନେଜର ଶ୍ରଦ୍ଧାଞ୍ଜଳି ସାହୁ ଦଳ ସହ ଯାଇଥିଲେ।

# ରାଜ୍ୟ କୁସ୍ତି ଚାମ୍ପିଅନ୍‌ସିପ୍ ଆରମ୍ଭ



ଭୁବନେଶ୍ୱର,୪।୨ (ସମିସ): କଟକ ଜବାହରଲାଲ ନେହେରୁ ଇଣ୍ଡୋର ଷ୍ଟାଡିୟମରେ ବୁଧବାରଠାରୁ ରାଜ୍ୟ କୁସ୍ତି ଚାମ୍ପିୟନସିପ୍ ଆରମ୍ଭ ହୋଇଛି। ଓଡ଼ିଶା କୁସ୍ତି ସଂଘ ଆନୁକୂଲ୍ୟରେ ଆୟୋଜିତ ପ୍ରତିଯୋଗିତାରେ ମୋଟ୍ ୨୫୦ ପ୍ରତିଯୋଗୀ ଅଂଶଗ୍ରହଣ କରିଛନ୍ତି। ଏଥିରେ ୧୮୦ଜଣ ପୁରୁଷ ଏବଂ ୭୦ଜଣ ମହିଳା ପ୍ରତିଯୋଗୀ ରହିଛନ୍ତି। ଦୁଇ ଦିନିଆ ଏହି ରାଜ୍ୟ ଚାମ୍ପିୟନଶିପ୍‌ରେ ୨୩ବର୍ଷରୁ କମ୍, ୧୭ବର୍ଷରୁ କମ୍ ଏବଂ ୧୫ବର୍ଷରୁ କମ୍ ବୟସ ବର୍ଗର ଇଭେଣ୍ଟ ଆୟୋଜିତ ହେଉଛି। ଆସନ୍ତା ୨୨ରୁ ୨୫ ତାରିଖ ପର୍ଯ୍ୟନ୍ତ ରାଞ୍ଚିରେ ଜାତୀୟ ପ୍ରତିଯୋଗିତା ହେବା ବେଳେ ପ୍ରଦର୍ଶନ ଭିତ୍ତିରେ ରାଜ୍ୟ ଦଳ ଚୟନ କରାଯିବ ବୋଲି ରାଜ୍ୟ କୁସ୍ତି ସଂଘ ପକ୍ଷରୁ ପ୍ରେସ ବିବୃତି ମାଧ୍ୟମରେ ସୂଚନା ଦିଆଯାଇଛି। ସଂଘ ସମ୍ପାଦକ କିଶୋର ବେହେରାଙ୍କ ଅଧ୍ୟକ୍ଷତାରେ ଆୟୋଜିତ ଉଦ୍‌ଘାଟନୀ କାର୍ଯ୍ୟକ୍ରମରେ ବରିଷ୍ଠ କ୍ରୀଡ଼ା ସଙ୍ଗଠକ ଆଶୀର୍ବାଦ ବେହେରା ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିଲେ । ଓଡ଼ିଶା ଅଲିମ୍ପିକ ସଂଘ ସମ୍ପାଦକ ଅଭିଜିତ ପାଲ ସମ୍ମାନିତ ଅତିଥି ଭାବେ ଉପସ୍ଥିତ ଥିଲେ । ଗୁରୁବାର ଚାମ୍ପିୟନସିପ୍ ଉଦ୍‌ଯାପିତ ହେବ ।

## ମହିଳା ପ୍ରିମିୟର ଲିଗ୍

# ଦିଲ୍ଲୀ- ବେଙ୍ଗାଲୁରୁ ଫାଇନାଲ ଆଜି

ଭଦୋଦାରା,୪।୨(ଏଜେନ୍ସି)



ହାଇପ୍ରୋଫାଇଲ ମହିଳା ପ୍ରିମିୟର ଲିଗ୍ (ଡବ୍ଲ୍ୟୁପିଏଲ)ର ଚଳିତ ଚତୁର୍ଥ ସଂସ୍କରଣ ଅନ୍ତିମ ପର୍ଯ୍ୟାୟରେ ପହଞ୍ଚିଛି। ଗୁରୁବାର ଫାଇନାଲ ମୁକାବିଲାରେ ଜେମିମା ରୋଡ୍ରିଗ୍ସେଜଙ୍କ ନେତୃତ୍ୱରେ ଦିଲ୍ଲୀ କ୍ୟାପିଟାଲ୍ସ ଓ ସ୍ମୃତି ମନ୍ଧାନାଙ୍କ ରୟାଲ ଚ୍ୟାଲେଞ୍ଜର୍ସ ବେଙ୍ଗାଲୁରୁ ପରସ୍ପରକୁ ଭେଟିବେ। ଦିଲ୍ଲୀ କ୍ୟାପିଟାଲ୍ସ ପାଇଁ ଏହି ନିର୍ଣ୍ଣାୟକ ମ୍ୟାଚ୍ ବେଶ୍ ଗୁରୁତ୍ୱ ବହନ କରୁଛି। ଦିଲ୍ଲୀ କ୍ରମାଗତ ୪ର୍ଥ ପାଇଁ ଫାଇନାଲରେ ପ୍ରବେଶ କରିଛି। ତେବେ ଗତ ୩ଟି ଯାକ ସଂସ୍କରଣରେ ଦିଲ୍ଲୀ ଫାଇନାଲରେ ପରାସ୍ତ ହୋଇ ରନର୍ସଅପ୍‌ରେ ସନ୍ତୁଷ୍ଟ ହୋଇଛି। କିନ୍ତୁ ଏଥର ଭାଗ୍ୟ ପରିବର୍ତ୍ତନ କରି ଦିଲ୍ଲୀ ପ୍ରଥମ ଟାଇଟଲ ହାସଲ ଲକ୍ଷ୍ୟରେ ରହିଛି। ଅନ୍ୟପଟେ ବେଙ୍ଗାଲୁରୁ ୨୦୨୪ରେ ଦିଲ୍ଲୀକୁ ୮ ୱିକେଟ ପରାସ୍ତ କରି ବାଜି ମାରିଥିଲା ଓ ଏଥର ଦ୍ୱିତୀୟ ଟାଇଟଲ ହାସଲ କରିବାକୁ ଚେଷ୍ଟା କରିବ। କିନ୍ତୁ ବେଙ୍ଗାଲୁରୁକୁ ହରାଇ ପ୍ରତିଶୋଧ ନେବା ସହ ଦିଲ୍ଲୀ ପ୍ରଥମଥର ପାଇଁ ଡବ୍ଲ୍ୟୁପିଏଲ୍ ତାଜି ପିନ୍ଧିବାକୁ ଚେଷ୍ଟା କରିବ। ଫଳରେ ସ୍ଥାନୀୟ କୋଟାମ୍ବି ଷ୍ଟାଡିୟମରେ ଖେଳାଯିବାକୁ ଥିବା ଏହି ନିର୍ଣ୍ଣାୟକ ମ୍ୟାଚ୍‌ରେ ଜବରଦସ୍ତ ରୋମାଞ୍ଚ ଓ ସଂଘର୍ଷ ଦେଖିବାକୁ ମିଳିବ ବୋଲି ଆଶା କରାଯାଉଛି।

୨୦୨୪ ଭଳି ବେଙ୍ଗାଲୁରୁ ଏଥର ଟେବଲ ଶୀର୍ଷରେ ରହି ଫାଇନାଲକୁ ଉଠିଛି। ସତେଜ ରହିବା ପାଇଁ ବେଙ୍ଗାଲୁରୁ ଖେଳାଳିମାନେ ଗୋଆରେ ୩ ଦିନ ବିଶ୍ରାମ ନେଇସାରିଛନ୍ତି। ଅନ୍ୟପଟେ ଦିଲ୍ଲୀ ପାଇଁ ଏଥର ରାସ୍ତା ଟିକେ କଷ୍ଟକର ଥିଲା। ଗତ ୩ଟି ସଂସ୍କରଣରେ ଟେବଲ ଟପ୍ପର ହୋଇ ଫାଇନାଲରେ ହାରିଥିବା ଦିଲ୍ଲୀ ଏଥର ଏଲିମିନେଟ ଜିତି ଫାଇନାଲ ଟିକଟ ହାସଲ କରିଛି। ଦିଲ୍ଲୀ ଦଳରେ ଅଧିନାୟିକା ଜେମିମା ଚମତ୍କାର ଫର୍ମରେ ରହିଛନ୍ତି। ତାଙ୍କ ସହ ଲିଜେ ଲି, ଶେଫାଳୀ ବର୍ମା ଓ ଲୌରା ଉଲଭାର୍ଡଟ, ସ୍ନେହ ରାଣା, ମାରିଜନେ କ୍ୟାପ୍, ଲକି ହାମିଲଟନ, ତାନିଆ ଭାଟିଆଙ୍କ ଭଳି ଖେଳାଳି ଦଳରେ ଅଛନ୍ତି। ଏମାନେ ସମସ୍ତେ ଟପ୍ ଫର୍ମରେ ରହିଛନ୍ତି ଓ ଦଳକୁ ଜିତାଇବାରେ ପ୍ରମୁଖ ଭୂମିକା ଗ୍ରହଣ କରିବେ ବୋଲି ଆଶା କରାଯାଉଛି।

ଅପରପକ୍ଷରେ ବେଙ୍ଗାଲୁରୁ ଦଳରେ ଅଧିନାୟିକା ମନ୍ଧାନାଙ୍କ ସମେତ ଅନ୍ୟ ତାରକା ଖେଳାଳିମାନେ ଦମ୍‌ଦାର ପ୍ରଦର୍ଶନ କରିଛନ୍ତି। ଗ୍ରେସ ହାରିସ, ଜର୍ଜିଆ ଭୋଲ, ରିଚା ଘୋଷ ବ୍ୟାଟିଂରେ ଦମ୍ ଦେଖାଇଛନ୍ତି। ସେହିପରି ବୋଲିଂରେ ଲରେନ ବେଲ୍, ନାଡିନ ଡି କ୍ଲର୍କ ଓ ଶ୍ରେୟଙ୍କା ପାଟିଲଙ୍କ ଉପରେ ଦଳ ଭରସା କରିଛି। ସେହିପରି ରାଧା ଯାଦବ, ପୂଜା ବସ୍ତ୍ରକାର ମଧ୍ୟ ଚମକ ଦେଖାଇବେ ବୋଲି ଆଶା କରାଯାଉଛି। ମୋଟାମୋଟି ଉପରେ କହିବାଗଲେ ଜେମିମା ଓ ମନ୍ଧାନାଙ୍କ ମଧ୍ୟରେ ଏହି ମୁକାବିଲା ହେବ। ଉଭୟ ବ୍ୟାଟର ଭାବେ ଚମତ୍କାର ଫର୍ମରେ ରହିଛନ୍ତି। ଶେହିପରି ଶେଫାଳୀ ବର୍ମା ଓ ଲିଜେଲ ଲିଙ୍କ ଉପରେ ମଧ୍ୟ ସମସ୍ତଙ୍କ ନଜର ରହିବ। ପିଚ୍‌ରେ ଘାସ ଅଛି। ତେବେ ଏହା ବ୍ୟାଟିଂକୁ ସୁହାଇବ। କାକର ପଡ଼ିବା ସମ୍ଭାବନା ରହିଛି। ଫଳରେ ସ୍ପିନରମାନେ ସହାୟତା ପାଇବେ। ଟସ୍ ଜିତିବା ଦଳ ପଛରେ ବ୍ୟାଟିଂ କରିବାକୁ ଚାହିଁବ। ତେଣୁ ଟସ୍ ନିର୍ଣ୍ଣାୟକ ହେବ ବୋଲି କୁହାଯାଇପାରେ।

**ବେଙ୍ଗାଲୁରୁ ଦଳ (ସମ୍ଭାବ୍ୟ)**: ସ୍ମୃତି ମନ୍ଧାନା (ଅଧିନାୟିକା), ଗ୍ରେସ୍ ହାରିସ, ଜର୍ଜିଆ ଭୋଲ, ରିଚା ଘୋଷ (ୱିକେଟକିପର), ରାଧା ଯାଦବ, ନାଡିନ ଡି କ୍ଲର୍କ, ପୂଜା ବସ୍ତ୍ରକାର, ଶ୍ରେୟଙ୍କା ପାଟିଲ, ସାୟଲି ସତଘରେ, ଅରୁନ୍ଧତୀ ରେଡ୍ଡୀ/ପ୍ରେମା ରାୱତ ଓ ଲରେନ ବେଲ୍।

**ଦିଲ୍ଲୀ ଦଳ (ସମ୍ଭାବ୍ୟ)**: ଶେଫାଳୀ ବର୍ମା, ଲିଜେଲ ଲି (ୱିକେଟକିପର), ଲୌରା ଉଲଭାର୍ଡଟ, ଜେମିମା ରୋଡ୍ରିଗ୍ସେଜ (ଅଧିନାୟିକା), ମାରିଜନେ କ୍ୟାପ୍, ଚିନେଲ ହେନେରୀ, ନିକି ପ୍ରସାଦ, ସ୍ନେହ ରାଣା, ମିନୁ ମଣି, ନନ୍ଦିନୀ ଶର୍ମା ଓ ଶ୍ରୀ ଚରଣୀ।

**ମ୍ୟାଚ୍ ଆରମ୍ଭ: ସନ୍ଧ୍ୟା ୭.୩୦**
**ପ୍ରସାରଣ: ଷ୍ଟାର ସ୍ପୋର୍ଟ୍ସ ନେଟୱର୍କ**
**ସ୍ଥାନ: କୋଟାମ୍ବି ଷ୍ଟାଡିୟମ,ଭଦୋଦାରା**

## ଓପନ୍ ସ୍ନୁକର ଚାମ୍ପିୟନସିପ୍

# ଚନ୍ଦ୍ରଙ୍କ ଠାରୁ ହାରିଲେ ସିଦ୍ଧାର୍ଥ



ଭୁବନେଶ୍ୱର,୪।୨ (ସମିସ): କଟକ ସିଡିଏ ସ୍ଥିତ ଗୋଲ୍ଡେନ କ୍ୟୁ ସ୍ନୁକର କାଫେରେ ଗୋଲ୍ଡେନ କିଙ୍ଗ ଓପନ୍ ସ୍ନୁକର ଚାମ୍ପିୟନଶିପ୍ ଜାରି ରହିଛି। ନବାଗତ ଚନ୍ଦ୍ର ମହାନ୍ତି ୩-୨ ଫ୍ରେମ୍‌ରେ ବହୁବାର ରାଜ୍ୟ ଚାମ୍ପିୟନଶିପ୍ ବିଜେତା ସିଦ୍ଧାର୍ଥ ସେନଙ୍କୁ ପରାସ୍ତ କରି ପ୍ରତିଯୋଗିତାରେ ବିପର୍ଯ୍ୟୟ ସୃଷ୍ଟି କରିଛନ୍ତି। ପ୍ରଥମ ଫ୍ରେମରେ ପରାସ୍ତ ହୋଇଥିବା ସିଦ୍ଧାର୍ଥ ପରବର୍ତ୍ତୀ ଦୁଇଟି ଯାକ ଫ୍ରେମକୁ ଜିତି ୨-୧ରେ ଆଗୁଆ ରହିଥିଲେ। ମାତ୍ର ଅବଶିଷ୍ଟ ୨ଟି ଫ୍ରେମରେ ଚନ୍ଦ୍ର ବିଜୟୀ ହୋଇ ୩-୨ରେ ବିଜୟ ପଏଂଟ ହାସଲ କରିଥିଲେ । ଅନ୍ୟ ମୁକାବିଲା ଗୁଡିକରେ ଚିରାଗ ଅରୋରା ୩-୦ ଫ୍ରେମରେ ବିରାଜ ଦାଶଙ୍କୁ, ବରୁଣ ପୂର୍ବା ୩-୧ ଫ୍ରେମରେ ଶୁଭାଙ୍ଗୀ ରାଓଙ୍କୁ, ସୁବ୍ରତ ଦାସ ୩-୦ ଫ୍ରେମରେ ଅମିତ ସିଂଙ୍କୁ, ସୁଦୀପ୍ତ ଦାଶ ୩-୧ ଫ୍ରେମରେ ଅମୀୟ ରଞ୍ଜନ ନାୟକଙ୍କୁ, ନିଶାନ୍ତ ବିଶ୍ୱାଳ ୩-୦ ଫ୍ରେମରେ ପ୍ରିୟାଂଶୁ ମହାପାତ୍ରଙ୍କୁ, ଚେତନ ଆନନ୍ଦ ୩-୨ ଫ୍ରେମରେ ଉଦଭାସ ମହାପାତ୍ରଙ୍କୁ ପରାସ୍ତ କରିଛନ୍ତି । ନିଶାନ୍ତ ବିଶ୍ୱାଳ, ସୁବ୍ରତ ଦାସ, ଚେତନ ଆନନ୍ଦ ପ୍ରି-କ୍ୱାର୍ଟର ଫାଇନାଲରେ ସ୍ଥାନ ସୁରକ୍ଷିତ କରିଛନ୍ତି ।

PRINTED & PUBLISHED BY AMIT KUMAR MALLICK FOR 'THE SAKALA' A UNIT OF NANDIGHOSHA NETWORK PRIVATE LIMITED.
PRINTED AT THE SAKALA, DENGSARGI, BAREIPALI-768006, DIST: SAMBALPUR, ODISHA
କାର୍ଯ୍ୟନିର୍ବାହୀ ସମ୍ପାଦକ : ସମରେନ୍ଦ୍ର ଦାସ
EXECUTIVE EDITOR: SAMARENDU DAS